RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-314 ♦WEDNESDAY ♦13 MAY 2026 ♦PAGE-12 ♦₹ 7.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୩୧୪ ♦ବୁଧବାର ♦୧୩ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




**ଆର୍ଜେଣ୍ଟିନା ଦଳରେ ମେସି**

▶ପୃଷ୍ଠା ୧୨ ଦେଖନ୍ତୁ...

**ପ୍ରଶ୍ନପତ୍ର ଲିକ୍**

# ନିଟ୍-ୟୁଜି ପରୀକ୍ଷା ବାତିଲ

- ଦେଶରେ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ପ୍ରଭାବିତ
- ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଲେ କେନ୍ଦ୍ର ସରକାର
- ଦଶ ଦିନରେ ଘୋଷଣା ହେବ ପରୀକ୍ଷା ତାରିଖ
- ରାଜ୍ୟରେ ପରୀକ୍ଷା ଦେଇଥିଲେ ୬୫ ହଜାର ଛାତ୍ରଛାତ୍ରୀ





■ ଭୁବନେଶ୍ୱର/ନୂଆଦିଲ୍ଲୀ, ୧୨।୫ (ସମିସ): ଗତ ୩ ତାରିଖରେ ସାରା ଦେଶରେ ଅନୁଷ୍ଠିତ ଡାକ୍ତରୀ ନାମଲେଖା ପ୍ରବେଶିକା ପରୀକ୍ଷାକୁ ବାତିଲ କରିଛି ଏନ୍‌ଟିଏ (ନେସନାଲ ଟେଷ୍ଟିଂ ଏଜେନ୍ସି)। ଏ ସଂକ୍ରାନ୍ତରେ ଏନ୍‌ଟିଏ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିହାରରେ ପରୀକ୍ଷା ସମୟରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ପରେ ଏହି ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ଆସନ୍ତା ୮ରୁ ୧୦ ଦିନ ମଧ୍ୟରେ ପୁନଃ ପରୀକ୍ଷା ସୂଚୀ ପ୍ରକାଶ ପାଇବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଏହି ଘଟଣାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରିଛନ୍ତି। ବିହାରରେ ଏହି ପ୍ରଶ୍ନପତ୍ର ଲିକ୍ ଷଡ଼ଯନ୍ତ୍ରକୁ ପୂର୍ଣ୍ଣାଙ୍ଗ ରୂପ ଦିଆଯାଇଥିଲା ଓ ଜଣେ ଡ଼ାକ୍ତରୀ ଛାତ୍ର ଏହି ଘଟଣାର ମାଷ୍ଟରମାଇଣ୍ଡ ବୋଲି ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ପ୍ରଶ୍ନପତ୍ର ଗୋଟାକୁ ୬୦ ଲକ୍ଷରେ ଡ଼ିଲ୍ ହୋଇଥିବା ତଦନ୍ତ ବେଳେ ଜଣାପଡ଼ିଛି। ତେବେ ପ୍ରବେଶିକା ପରୀକ୍ଷା ପୂର୍ବଦିନ ରାତିରେ ଏହି ଘଟଣା ଜଣା ପଡ଼ିଥିଲେ ହେଁ, ତତ୍‌ପରଦିନ କାହିଁକି ପରୀକ୍ଷା ବାତିଲ କରା ଗଲା ନାହିଁ ବୋଲି ପ୍ରଶ୍ନ ଉଠିଛି। ପରୀକ୍ଷା ବାତିଲ୍ ସମ୍ପର୍କରେ ଏନ୍‌ଟିଏ ପକ୍ଷରୁ କୁହାଯାଇଛି ଯେ ଆଇନ ଶୃଙ୍ଖଳା ରକ୍ଷାକାରୀ ସଂସ୍ଥାଗୁଡ଼ିକ ପକ୍ଷରୁ ▶ପୃଷ୍ଠା-୭

➡ **୨୦୧୫:** ନିଟ୍ ପୂର୍ବରୁ ସାରା ଦେଶରେ ପ୍ରଚଳିତ ଅଲ୍ ଇଣ୍ଡିଆ ପ୍ରି ମେଡ଼ିକାଲ ଟେଷ୍ଟ (ଏଆଇପିଏମ୍‌ଟି)କୁ ୨୦୧୫ ମସିହାରେ ସମ୍ପୂର୍ଣ୍ଣ ବାତିଲ କରାଯାଇଥିଲା। ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ ଓ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଏହାକୁ ବାତିଲ କରାଯାଇଥିଲା।

➡ **୨୦୨୪:** ନିଟ୍ ପରୀକ୍ଷାକୁ ନେଇ ୨୦୨୪ରେ ସାରା ଦେଶରେ ଏକ ବଡ଼ ବିବାଦ ହୋଇଥିଲା। ଅନେକ ପରୀକ୍ଷାର୍ଥୀଙ୍କୁ 'ଗ୍ରେସ ମାର୍କ' ଦିଆଯାଇଥିବା ଅଭିଯୋଗ ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ କେତେକ ପରୀକ୍ଷା କେନ୍ଦ୍ରରେ ପୁନଃ ପରୀକ୍ଷା କରାଯାଇଥିଲା।

➡ **୨୦୨୬:** ଚଳିତ ବର୍ଷ ମଇ ୩ ତାରିଖରେ ନିଟ୍ ପ୍ରବେଶିକା ପରୀକ୍ଷାକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି।

## ଏହା ତ୍ରୁଟି ନୁହେଁ, ସାଂଘାତିକ ବିଶ୍ୱାସଘାତକତା: ନବୀନ



**ଛାତ୍ରଛାତ୍ରୀଙ୍କ ବିଶ୍ୱାସ ପ୍ରତି ଏକ ଶକ୍ତ ଆଘାତ**

**ଅବିଶ୍ୱାସ ବୃଦ୍ଧି କରୁଛି ବାରମ୍ବାର ପ୍ରଶ୍ନପତ୍ର ଲିକ୍**

■ ଭୁବନେଶ୍ୱର, ୧୨।୫ (ସମିସ): ୨୦୨୬ ମସିହାର ନିଟ ପରୀକ୍ଷା ବାତିଲ ହେବାକୁ ନେଇ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନିଟ୍-୨୦୨୬ ରଦ୍ଦ ଆମ ପରୀକ୍ଷା ପରିଚାଳନା ବ୍ୟବସ୍ଥା ଉପରେ ଛାତ୍ରଛାତ୍ରୀମାନେ ରଖିଥିବା ଗଭୀର ବିଶ୍ୱାସ ପ୍ରତି ଏକ ଶକ୍ତ ଆଘାତ ବୋଲି ନବୀନ କହିଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ ସେ କହିଛନ୍ତି ଯେ ଯେତେବେଳେ ପରୀକ୍ଷାର ସ୍ୱଚ୍ଛତା ଓ ପବିତ୍ରତା ସହ ବୁଝାମଣା କରାଯାଏ, ତାହା କେବଳ ଏକ ତ୍ରୁଟି ନୁହେଁ। ଏହା ସେହି ଲକ୍ଷ ଲକ୍ଷ ଆଶାୟୀଙ୍କ ପ୍ରତି ଏକ ▶ପୃଷ୍ଠା-୭

**ଡାକ୍ତରୀ ଛାତ୍ର ମାଷ୍ଟରମାଇଣ୍ଡ**

## ସିଟ୍ ଗୋଟାକୁ ୬୦ ଲକ୍ଷ

■ ନୂଆଦିଲ୍ଲୀ/ନାଳନ୍ଦା, ୧୨।୫(ଏଜେନ୍ସି): ନିଟ୍ ପରୀକ୍ଷା ବାତିଲ ହେବାପରେ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଏହାକୁ ନେଇ ଚାଲିଥିବା ବଡ଼ ଧରଣର ଜାଲିଆତି ମଧ୍ୟ ଧରାପଡ଼ିଛି। ଏହାପଛରେ ବିହାରର ଏକ 'ସଲଭର ଗ୍ୟାଙ୍ଗ'ର ହାତ ରହିଛି ଏବଂ ଏହି ଗ୍ୟାଙ୍ଗ୍ ମେଡିକାଲ ସିଟ୍ ପିଛା ୫୦ ଲକ୍ଷରୁ ୬୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାରବାର କରୁଥିବା ଜଣାପଡ଼ିଛି। ସବୁଠାରୁ ଉଦବେଗର ବିଷୟ ହେଉଛି ଯେ ଏହି ଜାଲିଆତିର ମାଷ୍ଟରମାଇଣ୍ଡ ହେଉଛି ଜଣେ ମେଡିକାଲ ଛାତ୍ର। ଏହି ମାମଲାରେ ଏପର୍ଯ୍ୟନ୍ତ ୭ ଜଣଙ୍କୁ ଗିରଫ କରାଗଲାଣି। ତିନି ତାରିଖରେ ପରୀକ୍ଷା ହୋଇଥିବା ବେଳେ ଏହାପୂର୍ବରୁ ଅର୍ଥାତ୍ ମେ ୨ ତାରିଖ ରାତିରେ ନାଳନ୍ଦା ପୋଲିସ ଗାଡ଼ି ଯାଞ୍ଚ ସମୟରେ ଦୁଇଟି ଦାମୀ ଗାଡ଼ିକୁ ଅଟକାଇଥିଲା। ସେଥିରୁ ଜଣେ ମେଡିକାଲ କଲେଜର ଦ୍ୱିତୀୟ ବର୍ଷର ଡାକ୍ତରୀ ଛାତ୍ର ଅବଧେଶ କୁମାରଙ୍କୁ ଗିରଫ କରାଯାଇଥିଲା। ତାଙ୍କ ମୋବାଇଲ୍ ଫୋନ୍ ଯାଞ୍ଚ କରିବା ପରେ ପୋଲିସ ସ୍ତବ୍ଧ ହୋଇଯାଇଥିଲା। ସେଥିରେ ଅନେକ ପରୀକ୍ଷାର୍ଥୀଙ୍କ ପ୍ରବେଶ ପତ୍ର, ଟଙ୍କା କାରବାରର ତଥ୍ୟ ଏବଂ ଚାଟ୍ ମିଳିଥିଲା। ଏହି ଘଟଣାରେ ପୋଲିସ ବର୍ତ୍ତମାନ ସୁଦ୍ଧା ୭ ଜଣଙ୍କୁ ଗିରଫ କରି ଜେଲ୍ ପଠାଇଛି। ତଦନ୍ତରୁ ଜଣାପଡ଼ିଛି ଯେ ଏହି ସମଗ୍ର ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ ହେଉଛନ୍ତି ପାୱାପୁରୀ ମେଡିକାଲ ▶ପୃଷ୍ଠା-୭


**ତାମିଲନାଡୁରେ ହଟଚମଟ**

## ଆନ୍ନାଡିଏମ୍‌କେ ଦୁଇ ଫାଳ

**ସନ୍‌ମୁଗମ୍‌ଙ୍କ ନେତୃତ୍ୱରେ ବିଜୟଙ୍କୁ ୩୦ ବିଧାୟକଙ୍କ ସମର୍ଥନ**



■ ଚେନ୍ନଇ, ୧୨।୫(ଏଜେନ୍ସି): ତାମିଲନାଡୁରେ ନବଗଠିତ ବିଜୟଙ୍କ ନେତୃତ୍ୱାଧୀନ ଟିଭିକେ ସରକାର ଆସନ୍ତାକାଲି ବିଧାନସଭାରେ ଆସ୍ଥା ଭୋଟର ସମ୍ମୁଖୀନ ହେବାକୁ ଯାଉଛି। ତେବେ ଏହା ପୂର୍ବରୁ ରାଜ୍ୟ ରାଜନୀତିରେ ବଡ଼ ଧରଣର ହଟଚମଟ ଦେଖିବାକୁ ମିଳିଛି। ନିର୍ବାଚନରେ ୪୭ଟି ଆସନ ପାଇ ତୃତୀୟ ସ୍ଥାନରେ ଥିବା ଆନ୍ନାଡିଏମକେ ଦୁଇ ଭାଗ ହୋଇଯାଇଛି। ବରିଷ୍ଠ ନେତା ସି.ଭି. ସନ୍‌ମୁଗମଙ୍କ ନେତୃତ୍ୱରେ ଦଳର ୩୦ ଜଣ ବିଧାୟକ ଅଲଗା ▶ପୃଷ୍ଠା-୭



# ପୁଲିସ ଛବି ସୁଧାରିବ 'ମିଶନ ଏନ୍‌କାଉଣ୍ଟର' !




■ ଭୁବନେଶ୍ୱର ୧୨।୫ (ସମିସ): ରାଜ୍ୟରେ ଅପରାଧ ଉପରମୁହାଁ। ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି। ଅପରାଧ ନିୟନ୍ତ୍ରଣ ତ ଦୂରର କଥା, ଅପରାଧୀଙ୍କୁ ନିୟନ୍ତ୍ରଣରେ ରଖିବାରେ ପୁଲିସ ବ୍ୟବସ୍ଥା ବ୍ୟର୍ଥ ହୋଇଛି। ଅପରାଧୀମାନେ ପୁଲିସକୁ ଡ଼ରୁ ନାହାନ୍ତି, ସାଧାରଣ ଲୋକ ପୁଲିସ ବ୍ୟବସ୍ଥା ଉପରୁ ବିଶ୍ୱାସ ହରାଇ ସାରିଛନ୍ତି। କଥାକଥାରେ ଲୋକମାନେ ଆଇନକୁ ହାତକୁ ନେବାକୁ ଭୟ କରୁନାହାନ୍ତି। ପୁଲିସ ସାମ୍ନାରେ ଦିନ ଦି'ପହରରେ ଲୋକେ କାହାକୁ ପିଟି ପିଟି ମାରି ଦେଉଛନ୍ତି ତ ଆଉ କେଉଁଠି ପନିକିରେ ହାଣିବା ପରେ ଗାଡ଼ି ଚଢ଼ାଇ ଦେଉଛନ୍ତି। ପୁଣି କେଉଁଠି ହାତଗୋଡ଼ ବାନ୍ଧି ଗାଁ ଦାଣ୍ଡରେ ନିର୍ମମ ଭାବେ ପିଟୁଛନ୍ତି। ରାଜ୍ୟ ସାରା ଏବେ ଅତ୍ୟନ୍ତ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟରେ ଅପରାଧ ଗ୍ରାଫ୍ ଏବେ ଉପର ମୁହାଁ। ପ୍ରତିଦିନ କିଛି ନା କିଛି ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରୁଛି। ଦୁଷ୍କର୍ମ, ଗଣଦୁଷ୍କର୍ମ, ରାହାଜନୀ, ହତ୍ୟା ଆଦି ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ପୁଲିସ ବିଫଳ ହେଉଥିବା ବେଳେ ରାଜନୈତିକ ହସ୍ତକ୍ଷେପ ପୁଲିସ ବ୍ୟବସ୍ଥାକୁ ଆହୁରି ଦୁର୍ବଳ କରୁଥିବା ଅଭିଯୋଗ ହେଉଛି। କଣାସ, ବାଲିଅନ୍ତା, ହିଞ୍ଜିଳିକାଟୁ ସହ ଅନେକ ଅପରାଧିକ ଘଟଣାରେ ପୁଲିସ ଏକପ୍ରକାର ▶ପୃଷ୍ଠା-୭

**ବେଲପାହାଡ଼ ଫାଟକରେ ଯୁବକଙ୍କୁ ହତ୍ୟା ଘଟଣା**

## ଜଙ୍ଗଲ ମଝିରେ ଦୁଇ ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର୍

■ ଝାରସୁଗୁଡ଼ା, ୧୨।୫ (ସମିସ): ଝାରସୁଗୁଡ଼ା ଜିଲ୍ଲା ଗାନ୍ଧୀନଗର ବେଲପାହାଡ଼ ଫାଟକ ନିକଟରେ ଦିନ ଦି'ପହରେ ଜଣେ ଯୁବକଙ୍କୁ ଭୁଜାଲିରେ ହାଣି ହତ୍ୟା ଘଟଣାରେ ପୁଲିସକୁ ସଫଳତା ମିଳିଛି। ଏହି ଘଟଣାରେ ପୁଲିସ ପୂର୍ବରୁ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଦୁଇ ଅଭିଯୁକ୍ତଙ୍କୁ ଆଜି ସକାଳେ ଏନ୍‌କାଉଣ୍ଟର୍ କରି ଧରିଛି। ଅଭିଯୁକ୍ତଦ୍ୱୟ ହେଲେ, ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଗୌରପାଲି ଅଞ୍ଚଳର ସୁନୀଲ ମହାନନ୍ଦ ଓରଫ୍ ଟାବୁ(୨୨) ଏବଂ ଚାନ୍ଦ ବନଛୋର୍ (୨୫)। ଉଭୟଙ୍କ ଗୋଡ଼ରେ ଗୁଳି ବାଜିଛି। ସେମାନଙ୍କୁ ଚିକିତ୍ସା ଲାଗି ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୁଲିସ୍‌କୁ ଗୁଳି କରି ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ୍ ଏନ୍‌କାଉଣ୍ଟର୍‌ରେ ଆହତ ହୋଇଥିଲେ ବୋଲି ପୁଲିସ୍ ତରଫରୁ ସୂଚନା ଦିଆଯାଇଛି।



ସୂଚନାନୁଯାୟୀ, ସୋମବାର ବେଲପାହାଡ଼ ଫାଟକ ନିକଟରେ ଏକ କାର୍ ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଉଭୟପକ୍ଷ ମଧ୍ୟରେ ବଚସା ହୋଇଥିଲା। ପରେ କାର୍‌ରେ ଥିବା ଅଭିଯକ୍ତମାନେ ବିଚ୍ ରାସ୍ତାରେ ରାହୁଲ ମହାତୋ(୨୨)ଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଲଖନପୁର ହସ୍ପିଟାଲକୁ ନିଆଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ଆହତ ଯୁବକ ଆକାଶ ସାହୁଙ୍କୁ ଗୁରୁତର ଅବସ୍ଥାରେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣାକୁ ଗମ୍ଭୀରତାର ସହ ନେଇ ପୁଲିସ ନିଜ ତରଫରୁ ମାମଲା ରୁଜୁ କରି ସିସିଟିଭି ଫୁଟେଜ୍ ଓ ଟେକ୍ନିକାଲ ସର୍ଭେଲାନ୍ସ ଆଧାରରେ ଘଟଣାରେ ବ୍ୟବହୃତ ▶ପୃଷ୍ଠା-୭





INDIA'S FIRST 5 YEAR WARRANTY* *Conditions apply

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorized outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. *Finance offer is at the sole discretion of the Financier, subject to its respective T&Cs, Available at select dealerships. *Limited period offer, T&C apply. #To avail corporate offer employee ID card is mandatory. T&C Apply. *Ex-Showroom Price of Hf Deluxe Self Start in Bhubaneswar.

| କମ ଡାଉନ୍ ପେମେଣ୍ଟ | କର୍ପୋରେଟ୍ ଅଫର୍ | ସୁଧର ହାର | TOLL FREE |
|---|---|---|---|
| ₹4,999* | ₹1,800# ପର୍ଯ୍ୟନ୍ତ | 7.99%* | 1800 266 0018 |

Authorized Dealers: **Jeypore:** Supreme Hero - 9289922183, **Raygada:** Ajit Hero - 9289922819, Associate Dealers: **Laxmipur:** Tarini Motors - 7205862853, **Semiliguda:** K P Enterprises - 9437233464, **Nabarangpur:** Arun Sales & Service - 9437174795, **Gunpur:** M/s Sai Sharan Automobiles - 9437234012, **Malkangiri:** Kanishka Automobiles - 9437181980, **Kotpad:** Shai Automobiles - 7205593156, **Umerkote:** Bharat Sales - 9937455659/9777765563, **Kalimela:** Laxminiyati Motors - 9861002055, **Bissam cuttack:** Patnaik Motors - 7008615208, **Muniguda:** Sandeep Automobiles - 9668388730, **Raighar:** Raj Laxmi Auto - 9777563641, **Koraput:** Santosh Tyres - 9438021999.

VML.5794.2025ODI

# ବିଶାଖାପାଟନାରେ ୬୫ ଫୁଟର ବିଶାଳ ତ୍ରିଶୂଳ

ବିଶାଖାପାଟନା, ୧୨।୫(ଏଜେନ୍ସି): ଆନ୍ଧ୍ରପ୍ରଦେଶର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ କୈଳାସଗିରି ପାହାଡ଼ ଉପରେ ଏକ ୬୫ ଫୁଟ ଉଚ୍ଚତା ବିଶିଷ୍ଟ ବିଶାଳ ତ୍ରିଶୂଳ ସ୍ଥାପିତ ହୋଇଛି। ବିଶାଖାପାଟନା ମହାନଗର ଅଞ୍ଚଳ ବିକାଶ ପ୍ରାଧିକରଣ (ଭିଏମ୍ଆରଡିଏ) ଦ୍ୱାରା ନିର୍ମିତ ଏହି ଭବ୍ୟ ସଂରଚନା ସହରର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଛି। ରାତି ସମୟରେ ଏଲଇଡି ଆଲୋକରେ ଝଲସୁଥିବା ଏହି ତ୍ରିଶୂଳ ସହରର ବିଭିନ୍ନ ସ୍ଥାନରୁ ସ୍ପଷ୍ଟ ଦେଖାଯାଉଛି। ପ୍ରାୟ ୩୦ ଫୁଟର ଏକ ବିଶାଳ ପିଣ୍ଡି ଉପରେ ଏହି ତ୍ରିଶୂଳ ନିର୍ମାଣ କରାଯାଇଛି, ଯେଉଁଠାରୁ ପର୍ଯ୍ୟଟକମାନେ ସମୁଦ୍ରର ମନୋରମ ଦୃଶ୍ୟ ଉପଭୋଗ କରିପାରିବେ। ଏହା ସହିତ ଏକ ବିଶାଳ ଡମ୍ବରୁ ମଧ୍ୟ ସ୍ଥାପନ କରାଯାଇଛି। ବାତ୍ୟା ଓ ଭୂକମ୍ପ ସହି ପାରିବା ଭଳି ଶକ୍ତିଶାଳୀ ସାମଗ୍ରୀରେ ଏହାକୁ ତିଆରି କରାଯାଇଛି। ଉଦଘାଟନ ଅବସରରେ ମନ୍ତ୍ରୀ ନାରା ଲୋକେଶ କହିଛନ୍ତି ଯେ, ଏହି ତ୍ରିଶୂଳ ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକ ଶକ୍ତିର ପ୍ରତୀକ। କୈଳାସଗିରିରେ ପୂର୍ବରୁ ଥିବା ଭଗବାନ ଶିବ ଓ ପାର୍ବତୀଙ୍କ ମୂର୍ତ୍ତି ସହ ଏହି ନୂତନ ସଂରଚନା ପର୍ଯ୍ୟଟକମାନଙ୍କୁ ବିଶେଷ ଭାବେ ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି।



# ତାମିଲ ମୁଖ୍ୟମନ୍ତ୍ରୀଙ୍କ ଓଏସଡି ହେଲେ ଜଣେ ଜ୍ୟୋତିଷ

ଚେନ୍ନଇ, ୧୨।୫(ଏଜେନ୍ସି): ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ ନିଜର ପ୍ରଶାସନିକ ଟିମ୍‌ରେ ଏକ ରୋଚକ ନିଯୁକ୍ତି କରିଛନ୍ତି। ବର୍ଷକ ପୂର୍ବରୁ ବିଜୟଙ୍କ ବିଜୟ ନେଇ ସଠିକ୍ ଭବିଷ୍ୟବାଣୀ କରିଥିବା ଜ୍ୟୋତିଷ ରିକି ରାଧାନ୍ ପଣ୍ଡିତ ଭେଟ୍ଟିଭେଲଙ୍କୁ ମୁଖ୍ୟମନ୍ତ୍ରୀଙ୍କ 'ବିଶେଷ କାର୍ଯ୍ୟ ଅଧିକାରୀ' (ଓଏସଡି - ରାଜନୈତିକ) ଭାବେ ନିଯୁକ୍ତ କରାଯାଇଛି। ରାଧାନ୍ ପଣ୍ଡିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ରାଜନୈତିକ ସମନ୍ୱୟ ଏବଂ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକର ତଦାରଖ କରିବେ। ରିକି ରାଧାନ୍ ପଣ୍ଡିତ ତାମିଲନାଡୁ ରାଜନୈତିକ ମହଲରେ ଏକ ଜଣାଶୁଣା ନାମ। ଗତବର୍ଷ ଯେତେବେଳେ ବିଜୟଙ୍କ ରାଜନୈତିକ ଭବିଷ୍ୟତକୁ ନେଇ ଅନେକ ଦ୍ୱନ୍ଦ୍ୱ ଥିଲା, ସେତେବେଳେ ପଣ୍ଡିତ ହିଁ ତାଙ୍କ ବିଜୟ ଏବଂ ମୁଖ୍ୟମନ୍ତ୍ରୀ ହେବା ନେଇ ଭବିଷ୍ୟବାଣୀ କରିଥିଲେ। ଗତ କିଛି ବର୍ଷ ହେବ ବିଜୟଙ୍କର ପ୍ରତ୍ୟେକ ବ୍ୟକ୍ତିଗତ ଏବଂ ରାଜନୈତିକ କାର୍ଯ୍ୟକ୍ରମରେ ତାଙ୍କୁ ଦେଖିବାକୁ ମିଳୁଥିଲା` ସାଧାରଣତଃ ଓଏସଡି ପଦବୀରେ ଅଭିଜ୍ଞ ପ୍ରଶାସନିକ ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯାଏ, କିନ୍ତୁ ଜଣେ ଜ୍ୟୋତିଷଙ୍କୁ ଏହି ଦାୟିତ୍ୱ ମିଳିବା ତାମିଲନାଡୁ ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଛି।



# ପାକିସ୍ତାନରେ ଭୟଙ୍କର ବିସ୍ଫୋରଣ, ୯ ମୃତ

ଇସଲାମାବାଦ, ୧୨।୫(ଏଜେନ୍ସି): ପାକିସ୍ତାନର ଖାଇବର ପାଖ୍ତୁନଖ୍ୱା ପ୍ରଦେଶରେ ମଙ୍ଗଳବାର ଏକ ଭୟଙ୍କର ବିସ୍ଫୋରଣ ଘଟିଛି। ଲକି ମରୱତ ଜିଲ୍ଲାରେ ହୋଇଥିବା ଏହି ବୋମା ବିସ୍ଫୋରଣରେ ୨ ଜଣ ପୋଲିସ କର୍ମଚାରୀଙ୍କ ସମେତ ଅତିକମରେ ୯ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୩ ଜଣ ଗୁରୁତର ଆହତ ହୋଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ବିସ୍ଫୋରଣଟି ସରାଇ ନୌରଙ୍ଗ ତହସିଲର ଏକ ବ୍ୟସ୍ତବହୁଳ ଛକରେ ଘଟିଥିଲା। ସେହି ସମୟରେ ଟ୍ରାଫିକ ପୋଲିସ କର୍ମଚାରୀମାନେ



ବନ୍ନୁ ଏବଂ ଡେରା ଇସମାଇଲ ଖାନ୍ ମଧ୍ୟରେ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକୁ ନିୟନ୍ତ୍ରଣ କରୁଥିଲେ। ମୃତ ପୋଲିସ କର୍ମଚାରୀଙ୍କ ପରିଚୟ ଆଦିଲ ଜାନ୍ ଏବଂ ରାହତୁଲ୍ଲା ଭାବେ ହୋଇଛି। ଆହତଙ୍କ ମଧ୍ୟରେ ଜଣେ କିଶୋରୀ ଏବଂ ଜଣେ ମହିଳା ମଧ୍ୟ ଅଛନ୍ତି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ପାଖରେ ଥିବା ଅନେକ ଦୋକାନ ଏବଂ ଅଟୋରିକ୍ସା ଭାଙ୍ଗି ଚୁରମାର ହୋଇଯାଇଛି। ଲକି ମରୱତ ପୋଲିସ ମୁଖପାତ୍ର କୁଦରତୁଲ୍ଲା ଖାନ କହିଛନ୍ତି ଯେ, ଏହା ଏକ ଆତ୍ମଘାତୀ ଆକ୍ରମଣ କିମ୍ବା ପୂର୍ବରୁ ଖଞ୍ଜା ଯାଇଥିବା ବୋମା ବିସ୍ଫୋରଣ, ସେ ନେଇ ଯାଞ୍ଚ ଚାଲିଛି। ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରୁ ନମୁନା ସଂଗ୍ରହ କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ଶନିବାର ରାତିରେ ବନ୍ନୁ ଅଞ୍ଚଳରେ ଏକ ପୋଲିସ ପୋଷ୍ଟ ଉପରେ ଆତ୍ମଘାତୀ ଆକ୍ରମଣ ହୋଇଥିଲା, ଯେଉଁଥିରେ ୧୫ ଜଣ ପୋଲିସ କର୍ମଚାରୀ ସହିଦ ହୋଇଥିଲେ। ପାକିସ୍ତାନ ସରକାର ଏହି ଆକ୍ରମଣ ପାଇଁ ଆଫଗାନିସ୍ତାନରେ ଥିବା ଆତଙ୍କବାଦୀ ଗୋଷ୍ଠୀକୁ ଦାୟୀ କରିଛନ୍ତି। ଖାଇବର ପାଖ୍ତୁନଖ୍ୱା ଅଞ୍ଚଳରେ ବାରମ୍ବାର ହେଉଥିବା ଏହି ଆକ୍ରମଣ ପାକିସ୍ତାନର ସୁରକ୍ଷା ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ପ୍ରଶାସନ ସମଗ୍ର ଅଞ୍ଚଳକୁ ଘେରି ରଖିଥିବା ବେଳେ ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।


# ବିମାନ ଡେଣାରେ ନିଆଁ, ବର୍ତ୍ତିଲେ ୨୮୦ ଯାତ୍ରୀ



ଚେନ୍ନଇ, ୧୨।୫(ଏଜେନ୍ସି): ଚେନ୍ନଇ ବିମାନ ବନ୍ଦରରେ ମଙ୍ଗଳବାର ଏକ ବଡ଼ ଧରଣର ବିମାନ ଦୁର୍ଘଟଣା ଟଳିଯାଇଛି। ଆବୁଧାବି ଅଭିମୁଖେ ଯାତ୍ରା କରିବାକୁ ଥିବା 'ଏତିହାଦ ଏୟାରୱେଜ୍'ର ଏକ ବିମାନ ଉଡ଼ାଣ ପୂର୍ବରୁ ବାତିଲ କରାଯାଇଛି। ବିମାନର ଡେଣାରେ ନିଆଁ ଲାଗିଥିବା ନେଇ ପ୍ରାଥମିକ ସୂଚନା ମିଳିବା ପରେ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ବିମାନଟି ଉଡ଼ାଣ ପାଇଁ ପ୍ରସ୍ତୁତ ହେଉଥିବା ସମୟରେ ପାଇଲଟ ଏକ ଯାନ୍ତ୍ରିକ ତ୍ରୁଟି ଦେଖିବାକୁ ପାଇଥିଲେ ଏବଂ ତୁରନ୍ତ ଯାତ୍ରା ବାତିଲ କରିଥିଲେ। ପରେ ବିମାନ ବନ୍ଦର କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି ଯେ, କୌଣସି ନିଆଁ ଲାଗିନାହିଁ ବରଂ ଏହା ଏକ ଯାନ୍ତ୍ରିକ ତ୍ରୁଟି ଥିଲା। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବିମାନରୁ ସମସ୍ତ ୨୮୦ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଓହ୍ଲାଇ ଦିଆଯାଇଛି। ଘଟଣା ସମୟରେ ଅଗ୍ନିଶମ ବାହିନୀ ଏବଂ ଜରୁରୀକାଳୀନ ସେବା ଦଳ ବିମାନକୁ ଘେରି ରହିଥିଲେ। ଏହି ଘଟଣାରେ କେହି ଆହତ ହୋଇନାହାନ୍ତି। ଏୟାରଲାଇନ୍ସ ଏବଂ ବେସାମରିକ ବିମାନ ଚଳାଚଳ ବିଭାଗ ଏହି ଘଟଣାର ଅଧିକ ତଦନ୍ତ କରୁଛନ୍ତି।

# ଚୀନର ୪-ସୂତ୍ରୀ ଯୋଜନାକୁ ଇରାନର ସମର୍ଥନ

ବେଜିଂ, ୧୨।୫(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚୀନ ଗସ୍ତ ପୂର୍ବରୁ ମଧ୍ୟପ୍ରାଚ୍ୟ ରାଜନୀତିରେ ଏକ ନୂତନ ମୋଡ଼ ଆସିଛି। ଉପସାଗରୀୟ ଅଞ୍ଚଳର ସୁରକ୍ଷା ଏବଂ ବିକାଶ ପାଇଁ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ 'ଚାରି-ଦଫା ବିଶିଷ୍ଟ ଯୋଜନା'କୁ ଇରାନ ସମର୍ଥନ କରିବାକୁ ଘୋଷଣା କରିଛି। ଇରାନ ଓ ଆମେରିକା ମଧ୍ୟରେ ତିକ୍ତତା ଜାରି ରହିଥିବା ବେଳେ ଚୀନର ଏହି ପ୍ରସ୍ତାବକୁ ଇରାନର ସମ୍ମତି ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ଚୀନର ଏହି ପ୍ରସ୍ତାବିତ ଯୋଜନାରେ ଚାରୋଟି ମୁଖ୍ୟ ଦିଗ ଉପରେ ଗୁରୁତ୍ୱ ଦିଆଯାଇଛି। ପଶ୍ଚିମ ଏସିଆ ଏବଂ ଗଲ୍ଫ ଅଞ୍ଚଳରେ ଏକ



ବ୍ୟାପକ ତଥା ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା ଗଠନ କରିବା। ଆଞ୍ଚଳିକ ଦେଶଗୁଡ଼ିକର ସାର୍ବଭୌମତ୍ୱ, ଆଞ୍ଚଳିକ ଅଖଣ୍ଡତା ଏବଂ ସୁରକ୍ଷା ପ୍ରତି ସମ୍ମାନ ପ୍ରଦର୍ଶନ କରିବା। ବିଶ୍ୱ ବ୍ୟବସ୍ଥା ଯେପରି 'ଜଙ୍ଗଲ ଶାସନ'ରେ ପରିଣତ ନହୁଏ, ସେଥିପାଇଁ ଅନ୍ତର୍ଜାତୀୟ ନିୟମ ଅନୁସାରେ କାର୍ଯ୍ୟ କରିବା ଏବଂ ଅର୍ଥନୈତିକ ଅଭିବୃଦ୍ଧି ଏବଂ ଦୀର୍ଘକାଳୀନ ସ୍ଥିରତା ପାଇଁ ଆଞ୍ଚଳିକ ସହଯୋଗ ମାଧ୍ୟମରେ ବିକାଶକୁ ପ୍ରୋତ୍ସାହନ ଦେବା। ଚୀନରେ ଅବସ୍ଥିତ ଇରାନର ରାଷ୍ଟ୍ରଦୂତ ଅବଦୁଲ ରେଜା ରହମାନୀ ଫାଜଲି ଏକ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପାରସ୍ୟ ଉପସାଗରରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ଇରାନ ଏହି ଯୋଜନାକୁ ସମ୍ପୂର୍ଣ୍ଣ ସମର୍ଥନ କରୁଛି। ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଅରାଗଚି ଏବଂ ଚୀନ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟିଙ୍କ ମଧ୍ୟରେ ହୋଇଥିବା ବୈଠକରେ ମଧ୍ୟ ଏହି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମେ ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ବେଜିଂ ଗସ୍ତରେ ରହିବେ। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଏବଂ ଶକ୍ତି ସଙ୍କଟ ମଧ୍ୟରେ ଟ୍ରମ୍ପ ଏବଂ ଜିନପିଙ୍ଗଙ୍କ ମଧ୍ୟରେ ହେବାକୁ ଥିବା ଏହି ବୈଠକ ଉପରେ ସାରା ବିଶ୍ୱର ନଜର ରହିଛି।

# ପାକିସ୍ତାନରେ ଯୁଦ୍ଧ ବିମାନ ଲୁଚାଇଲା ଇରାନ


ଇସଲାମାବାଦ, ୧୨।୫(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ମଧ୍ୟରେ ଏକ ଚାଞ୍ଚଲ୍ୟକର ଖବର ସାମ୍ନାକୁ ଆସିଛି। ଆମେରିକା ଏବଂ ଇସ୍ରାଏଲର ସମ୍ଭାବ୍ୟ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଇରାନ ନିଜର ସାମରିକ ବିମାନଗୁଡ଼ିକୁ ପାକିସ୍ତାନର 'ନୁର ଖାନ୍' ବାୟୁସେନା ଘାଟିରେ ରଖିଥିବା ଜଣାପଡ଼ିଛି। ଏହି ଘଟଣା ପରେ ପାକିସ୍ତାନର ନିରପେକ୍ଷତାକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆମେରିକୀୟ ଗଣମାଧ୍ୟମ 'ସିବିଏସ୍ ନ୍ୟୁଜ୍'ର ରିପୋର୍ଟ ଅନୁଯାୟୀ, ଇରାନ ପକ୍ଷରୁ ପାକିସ୍ତାନକୁ ପଠାଯାଇଥିବା ସାମରିକ ହାର୍ଡୱେର୍ ମଧ୍ୟରେ 'ଆରସି-୧୩୦' (ଆରସି-୧୩୦) ନାମକ ଏକ ଗୁପ୍ତଚର ତଥା ଗୁଇନ୍ଦା ସୂଚନା ସଂଗ୍ରହକାରୀ ବିମାନ ଅନ୍ତର୍ଭୁକ୍ତ। ଯେତେବେଳେ ପାକିସ୍ତାନ ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ମଧ୍ୟସ୍ଥି ସାଜିଥିଲା, ସେହି ସମୟରେ ହିଁ ଏହି ବିମାନଗୁଡ଼ିକୁ ରାୱଲପିଣ୍ଡି ସ୍ଥିତ ଘାଟିରେ ରଖାଯାଇଥିଲା। ଇରାନ ନିଜର କିଛି ବେସାମରିକ ବିମାନକୁ ପଡୋଶୀ ଆଫଗାନିସ୍ତାନରେ ମଧ୍ୟ ପାର୍କିଂ କରିଥିବା ସୂଚନା ମିଳିଛି। ଏହି ଖବର ପ୍ରକାଶ ପାଇବା ପରେ ୱାସିଂଟନରେ ହଇଚଇ ସୃଷ୍ଟି ହୋଇଛି। ଆମେରିକୀୟ ସିନେଟର ଲିଣ୍ଡସେ ଗ୍ରାହମ କହିଛନ୍ତି ଯେ ଯଦି ଏହି ରିପୋର୍ଟ ସତ୍ୟ ହୁଏ, ତେବେ ମଧ୍ୟସ୍ଥି ଭାବେ ପାକିସ୍ତାନର ଭୂମିକାକୁ ପୁନର୍ବାର ବିଚାର କରିବାକୁ ହେବ। ଆମେରିକା ଏବଂ ଇସ୍ରାଏଲ ପକ୍ଷରୁ ପାକିସ୍ତାନର ଏଭଳି ପଦକ୍ଷେପକୁ ନେଇ ଗଭୀର ଚିନ୍ତା ପ୍ରକଟ କରାଯାଇଛି। ପାକିସ୍ତାନର ଜଣେ ବରିଷ୍ଠ ଅଧିକାରୀ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ତାଙ୍କ କହିବା ଅନୁସାରେ, ନୁର ଖାନ୍ ବାୟୁସେନା ଘାଟି ଏକ ଜନବହୁଳ ଅଞ୍ଚଳରେ ଅବସ୍ଥିତ। ଏତେ ବଡ଼ ବିମାନକୁ ସାଧାରଣ ଲୋକଙ୍କ ଆଖିରୁ ଲୁଚାଇ ରଖିବା ଅସମ୍ଭବ। ସେହିପରି ଆଫଗାନିସ୍ତାନର ତାଲିବାନ ସରକାର ମଧ୍ୟ ସାମରିକ ବିମାନ ରଖିବା କଥାକୁ ଅସ୍ୱୀକାର କରିଛନ୍ତି, କେବଳ ଖରାପ ପାଗ ଯୋଗୁଁ ଗୋଟିଏ ବେସାମରିକ ବିମାନ ଅବତରଣ କରିଥିବା ସ୍ୱୀକାର କରିଛନ୍ତି।

# ଆମେରିକା ରିପୋର୍ଟ ଧରାଇଲା ମୁନୀରଙ୍କ ମିଛ

ୱାସିଂଟନ/ଇସଲାମାବାଦ, ୧୨।୫(ଏଜେନ୍ସି): ଭାରତର 'ଅପରେସନ ସିନ୍ଦୂର'କୁ ନେଇ ପାକିସ୍ତାନ ସେନାମୁଖ୍ୟ ଜେନେରାଲ ଅସୀମ ମୁନିର କରିଥିବା ଦାବି ମିଥ୍ୟା ପ୍ରମାଣିତ ହୋଇଛି। ଗତବର୍ଷର ଏହି ସଂଘର୍ଷ ପରେ ଭାରତ ଆମେରିକା ଜରିଆରେ ମଧ୍ୟସ୍ଥତା ଓ ଅସ୍ତ୍ରବିରତି ପାଇଁ ଅନୁରୋଧ କରିଥିବା ମୁନିର ଦାବି କରିଥିଲେ। ମାତ୍ର ଆମେରିକାର ସଦ୍ୟ ପ୍ରକାଶିତ ସରକାରୀ ଦଲିଲ ଏହାର ଓଲଟା ଚିତ୍ର ପ୍ରଦାନ କରୁଛି। ଆମେରିକାର 'ଫାରା' (ଏଫଏଆରଏ) ଦଲିଲ ଅନୁଯାୟୀ, ଅପରେସନ ସିନ୍ଦୂର ସମୟରେ (ମେ ୬-୯, ୨୦୨୫) ପାକିସ୍ତାନ ହିଁ ୱାସିଂଟନରେ ଅତି ସକ୍ରିୟ ରହିଥିଲା। ପାକିସ୍ତାନୀ ପ୍ରତିନିଧିମାନେ ପ୍ରାୟ ୬୦ ଥର ଆମେରିକୀୟ ସାଂସଦ, ପ୍ରତିରକ୍ଷା ଅଧିକାରୀ ଓ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ସହ ଯୋଗାଯୋଗ କରି ସାହାଯ୍ୟ ଭିକ୍ଷା କରିଥିଲେ। ଅନ୍ୟପଟେ ଭାରତ ପକ୍ଷରୁ ଏଭଳି କୌଣସି ମଧ୍ୟସ୍ଥତା ପାଇଁ ପ୍ରୟାସ କରାଯାଇ ନଥିବା ଏହି ରିପୋର୍ଟରୁ ସ୍ପଷ୍ଟ ହୋଇଛି। ସୂଚନାଯୋଗ୍ୟ ଯେ, ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତ 'ଅପରେସନ ସିନ୍ଦୂର' ଆରମ୍ଭ କରି ପାକିସ୍ତାନ ସୀମା ମଧ୍ୟରେ ଥିବା ୯ଟି ଆତଙ୍କବାଦୀ ଶିବିରକୁ ଧ୍ୱଂସ କରିଥିଲା। ଭାରତ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ଯେ, ପାକିସ୍ତାନର ସାମରିକ ଅଧିକାରୀମାନେ ହିଁ ପ୍ରଥମେ ଭାରତୀୟ ପକ୍ଷ ସହ ଯୋଗାଯୋଗ କରି ଯୁଦ୍ଧ ବନ୍ଦ କରିବାକୁ ଅନୁରୋଧ କରିଥିଲେ। ଏହି ରିପୋର୍ଟ ପ୍ରକାଶ ପାଇବା ପରେ ଅନ୍ତର୍ଜାତୀୟ ସ୍ତରରେ ପାକିସ୍ତାନ ପୁଣି ଥରେ ଅପଦସ୍ତ ହୋଇଛି।

# ତେଲ ଦର ବୃଦ୍ଧି ସଙ୍କେତ ଦେଲେ କେନ୍ଦ୍ର ମନ୍ତ୍ରୀ

## ଦିନକୁ ହଜାରେ କୋଟିର କ୍ଷତି ସହିବାକୁ ପଡୁଛି



ନୂଆଦିଲ୍ଲୀ, ୧୨।୫(ଏଜେନ୍ସି): ଦେଶର ପ୍ରମୁଖ ସରକାରୀ ତୈଳ ବିପଣନ କମ୍ପାନୀଗୁଡ଼ିକ (ଓଏମ୍ସି) ବର୍ତ୍ତମାନ ଗଭୀର ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ଇଣ୍ଡିଆନ ଅଏଲ, ବିପିସିଏଲ ଏବଂ ଏଚପିସିଏଲ ଭଳି କମ୍ପାନୀଗୁଡ଼ିକ ମିଳିତ ଭାବେ ପ୍ରତିଦିନ ପ୍ରାୟ ୧, ୦୦୦ କୋଟି ଟଙ୍କାର କ୍ଷତି ସହୁଛନ୍ତି ବୋଲି ସେ କହିଛନ୍ତି। ବିଗତ ଚାରି ବର୍ଷ ଧରି ଖୁଚୁରା ତୈଳ ଦରରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଫଳରେ ଏପରି ପରିସ୍ଥିତି ଉପୁଜିଥିବା ସେ କହିଛନ୍ତି। ପୁରୀଙ୍କ ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ମୋଟ କ୍ଷତିର ପରିମାଣ ପ୍ରାୟ ୧.୯୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇବା ସତ୍ତ୍ୱେ ଘରୋଇ ବଜାରରେ ଦର ସ୍ଥିର ରହିଲେ କେବଳ ଗୋଟିଏ ତ୍ରୈମାସିକରେ କମ୍ପାନୀଗୁଡ଼ିକର କ୍ଷତି ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଛୁଇଁବ। ଏହି ପରିମାଣ କମ୍ପାନୀଗୁଡ଼ିକର ସମଗ୍ର ବର୍ଷର ଲାଭକୁ ସମ୍ପୂର୍ଣ୍ଣ ଭାବେ ପୋଛି ଦେବା ପାଇଁ ଯଥେଷ୍ଟ ବୋଲି ସେ ଚେତାବନୀ ଦେଇଛନ୍ତି। ରିପୋର୍ଟ ଅନୁସାରେ, ବର୍ତ୍ତମାନ ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ ଉପରେ ଲିଟର ପିଛା ୧୪ ଟଙ୍କା, ଡିଜେଲ ଉପରେ ୪୨ ଟଙ୍କା ଏବଂ ଏଲପିଜି ସିଲିଣ୍ଡର ପିଛା ୬୭୪ ଟଙ୍କାର କ୍ଷତି ବହନ କରୁଛନ୍ତି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବାରେଲ ପିଛା ୧୦୦ ଡଲାର ଅତିକ୍ରମ କରି ୧୨୬ ଡଲାରରେ ପହଞ୍ଚିଛି। ତଥାପି ସାଧାରଣ ଖାଉଟିଙ୍କୁ ସୁରକ୍ଷା ଦେବା ପାଇଁ ସରକାର ଦର ବୃଦ୍ଧି କରିନାହାନ୍ତି। ବର୍ତ୍ତମାନ ଦେଶରେ ପେଟ୍ରୋଲ ଲିଟର ପିଛା ୯୪.୭୭ ଟଙ୍କା ଏବଂ ଡିଜେଲ ୮୭.୬୭ ଟଙ୍କାରେ ସ୍ଥିର ରହିଛି। ଆର୍ଥିକ ଚାପ ସତ୍ତ୍ୱେ ମନ୍ତ୍ରୀ ପୁରୀ ସ୍ପଷ୍ଟ କରିଛନ୍ତି ଯେ ଦେଶରେ ତୈଳ ଯୋଗାଣରେ କୌଣସି ଅଭାବ ନାହିଁ। ପଶ୍ଚିମ ଏସିଆରେ ଲାଗିରହିଥିବା ବିଶ୍ୱ ରାଜନୈତିକ ଅସ୍ଥିରତା ସତ୍ତ୍ୱେ ଭାରତ ପାଖରେ ପର୍ଯ୍ୟାପ୍ତ ପେଟ୍ରୋଲିୟମ ୬୦ ଦିନ ପାଇଁ ମହଜୁଦ ରହିଛି ଏବଂ ଯୋଗାଣ ଅବ୍ୟାହତ ରହିଛି। ତେବେ ଏପରି ପରିସ୍ଥିତିରେ ସ୍ୱୟଂ ପ୍ରଧାନମନ୍ତ୍ରୀଙ୍କ ଦେଶବାସୀଙ୍କୁ ପେଟ୍ରୋଲ, ଖାଇବାତେଲ, ସୁନା ଆଦି ଉପରେ ଖର୍ଚ୍ଚକାଟ କରିବାକୁ ନିବେଦନ କରିଛନ୍ତି। ଏହାପରେ ପେଟ୍ରୋଲିୟମ ମନ୍ତ୍ରୀ ତୈଳ କମ୍ପାନୀର କ୍ଷତିର ହିସାବ ବଖାଣିବା ଆଗକୁ ପେଟ୍ରୋଲ, ଡିଜେଲ ମୂଲ୍ୟରେ ବଡ଼ ବୃଦ୍ଧିର ସଙ୍କେତ ବୋଲି କୁହାଯାଉଛି।

# ତାମିଲନାଡୁରେ ବନ୍ଦ ହେବ ୭୧୭ଟି ସରକାରୀ ମଦ ଦୋକାନ

ଚେନ୍ନଇ, ୧୨।୫(ଏଜେନ୍ସି): ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ ରାଜ୍ୟରେ ମଦ କାରବାର ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍କୁଲ, କଲେଜ, ମନ୍ଦିର ଏବଂ ବସ୍ ଷ୍ଟାଣ୍ଡ ନିକଟରେ ଥିବା ୭୧୭ଟି ସରକାରୀ ମଦ ଦୋକାନକୁ (ଟିଏସ୍ଏମ୍ଏସି) ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ବନ୍ଦ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ବିଜୟ ଏକ ବିଶେଷ ସର୍ଭେ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଯାଞ୍ଚରୁ ଜଣାପଡ଼ିଛି ଯେ, ୫୦୦ ମିଟର ପରିଧି ମଧ୍ୟରେ ୨୭୬ଟି ଧାର୍ମିକ ସ୍ଥଳ, ୧୮୬ଟି ଶିକ୍ଷାନୁଷ୍ଠାନ ଏବଂ ୨୫୫ଟି ବସ୍ ଷ୍ଟାଣ୍ଡ ନିକଟରେ ଏହି ମଦ ଦୋକାନଗୁଡ଼ିକ ଚାଲୁଥିଲା। ଏହି ସମସ୍ତ ଦୋକାନକୁ ତୁରନ୍ତ ହଟାଇବା ପାଇଁ ସେ ଅଧିକାରୀମାନଙ୍କୁ କଠୋର ନିର୍ଦ୍ଦେଶ ଦେଇଛନ୍ତି। ନିଜର ନିର୍ବାଚନୀ ଇସ୍ତାହାରରେ ବିଜୟ 'ନିଶାମୁକ୍ତ ତାମିଲନାଡୁ' ଗଠନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ପଦକ୍ଷେପ ସେହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ବୋଲି କୁହାଯାଉଛି। ରାଜ୍ୟ ସରକାରଙ୍କ ପାଇଁ ମଦ ଏକ ବଡ଼ ରାଜସ୍ୱର ଉତ୍ସ ହୋଇଥିଲେ ମଧ୍ୟ ସାମାଜିକ କଲ୍ୟାଣକୁ ପ୍ରାଥମିକତା ଦେଇ ଏଭଳି ନିଷ୍ପତ୍ତି ନିଆଯାଇଛି।

# କାଜିରଙ୍ଗାରେ ବେଆଇନ ନିର୍ମାଣ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ ପରିବେଶବିତ

ନୂଆଦିଲ୍ଲୀ, ୧୨।୫(ଏଜେନ୍ସି): ଆସାମର କାଜିରଙ୍ଗା ଜାତୀୟ ଉଦ୍ୟାନର ବନ୍ୟପ୍ରାଣୀ ଚଳପ୍ରଚଳ ପଥ ବା 'କୋରିଡୋର'ରେ ବେଆଇନ ନିର୍ମାଣ ହେଉଥିବା ନେଇ ଅଭିଯୋଗ ହୋଇଛି। ପରିବେଶବିତ ରୋହିତ ଚୌଧୁରୀ ଏ ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କମିଟି (ସିଇସି) ନିକଟରେ ଫେରାଦ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ହଲଦୀବାରୀ ଏବଂ ପାନବାରୀ ଭଳି ସୁରକ୍ଷିତ ବନ୍ୟପ୍ରାଣୀ ପଥରେ ନୂତନ ସ୍କୁଲ ଏବଂ ଆବାସିକ ଗୃହ ନିର୍ମାଣ କରାଯାଉଛି। ଏହା ୨୦୧୯ ମସିହାରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶର ସମ୍ପୂର୍ଣ୍ଣ ଉଲ୍ଲଂଘନ। ସୂଚନାଯୋଗ୍ୟ ଯେ, ବନ୍ୟା ସମୟରେ ହାତୀ, ଗଣ୍ଡା ଏବଂ ବାଘ ଭଳି ପ୍ରାଣୀମାନେ ଏହି ପଥ ଦେଇ କାଜିରଙ୍ଗାରୁ କାର୍ବି ଆଙ୍ଗଲୋଙ୍ଗ୍ ପାହାଡ଼କୁ ଯାଇଥାନ୍ତି। ଉଦ୍ୟାନର କ୍ଷେତ୍ର ନିର୍ଦ୍ଦେଶକ କହିଛନ୍ତି ଯେ, ଏହି ଅଭିଯୋଗର ଯାଞ୍ଚ କରାଯାଉଛି ଏବଂ ନିର୍ମାଣାଧୀନ କୋଠାଗୁଡ଼ିକ ନିଷିଦ୍ଧାଞ୍ଚଳ ମଧ୍ୟରେ ଆସୁଛି କି ନାହିଁ ତାହା ସ୍ପଷ୍ଟ କରାଯିବ। ଅନ୍ୟପଟେ, ଏହି ବେଆଇନ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚୌଧୁରୀ ଦାବି କରିଛନ୍ତି।

# ଶପଥ ପାଇଁ ୧୩-୧୪ରେ ପଶ୍ଚିମବଙ୍ଗ ବିଧାନସଭା ଅଧିବେଶନ

କୋଲକାତା, ୧୨।୫(ଏଜେନ୍ସି): ପଶ୍ଚିମବଙ୍ଗର ନବଗଠିତ ବିଧାନସଭାର ପ୍ରଥମ ଅଧିବେଶନ ଆସନ୍ତା ବୁଧବାର ଓ ଗୁରୁବାର ଅନୁଷ୍ଠିତ ହେବ। ଏହି ଦୁଇ ଦିନିଆ ଅଧିବେଶନରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସମେତ ସମସ୍ତ ନବନିର୍ବାଚିତ ବିଧାୟକ ବିଧାନସଭାର ସଦସ୍ୟ ଭାବେ ଶପଥ ଗ୍ରହଣ କରିବେ। ସୂଚନାଯୋଗ୍ୟ ଯେ, ଗତ ମେ ୯ ତାରିଖରେ ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇସାରିଛନ୍ତି। ନିର୍ଦ୍ଧାରିତ ସୂଚୀ ଅନୁଯାୟୀ, ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ, କ୍ୟାବିନେଟ୍ ମନ୍ତ୍ରୀ ଏବଂ ଉତ୍ତରବଙ୍ଗ ସମେତ କିଛି ଜିଲ୍ଲାର ବିଧାୟକମାନେ ଶପଥ ନେବେ। ଦ୍ୱିତୀୟ ଦିନରେ କୋଲକାତା, ହାୱଡ଼ା ଓ ପଶ୍ଚିମ ମେଦିନିପୁର ଭଳି ଅଞ୍ଚଳର ବିଧାୟକମାନଙ୍କର ଶପଥ ଗ୍ରହଣ କାର୍ଯ୍ୟକ୍ରମ ରହିଛି।

# ଆସାମର ମୁଖ୍ୟମନ୍ତ୍ରୀ ହେଲେ ହିମନ୍ତ



ଗୌହାଟୀ, ୧୨।୫: ଆସାମ ନିର୍ବାଚନରେ ବିପୁଳ ବିଜୟ ପରେ ପୁଣି ଥରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଛନ୍ତି ବିଜେପି ନେତା ହିମନ୍ତ ବିଶ୍ୱ ଶର୍ମା। ଆଜି ସେ କ୍ରମାଗତ ଦ୍ୱିତୀୟ ଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଶପଥ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଆଜି ଚାରିଜଣ ପ୍ରଭାବଶାଳୀ ନେତା କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ସେମାନେ ହେଲେ- ଅତୁଲ ବୋରା, ଅଜନ୍ତା ନିଓଗ, ରାମେଶ୍ୱର ତେଲି ଓ ଚରଣ ବୋରୋ। ଅତୁଲ ହେଉଛନ୍ତି ଆସାମ ଗଣ ପରିଷଦର ସଭାପତି।

# ପୁଣି ବିବାଦୀୟ ବୟାନ ଦେଲେ ଉଦୟନିଧି



ଚେନ୍ନଇ, ୧୨।୫(ଏଜେନ୍ସି): 'ସନାତନ ଧର୍ମ'କୁ ନେଇ ପୁଣିଥରେ ବିବାଦୀୟ ବୟାନ ଦେଇଛନ୍ତି ଡିଏମକେ ନେତା ଉଦୟନିଧି ଷ୍ଟାଲିନ୍। ବିଧାନସଭାରେ ସନାତନ ଧର୍ମକୁ ସମାପ୍ତ କରିବା ପାଇଁ ନିଜର ପୁରୁଣା ଦାବିକୁ ଦୋହରାଇଛନ୍ତି। ସନାତନ ଧର୍ମ ଲୋକଙ୍କୁ ବିଭାଜିତ କରୁଥିବାରୁ ଏହାକୁ ସମୂଳେ ବିନାଶ କରାଯିବା ଉଚିତ୍ ବୋଲି ସେ କହିଛନ୍ତି। ଏହାକୁ କେବଳ ବିରୋଧ କଲେ ହେବ ନାହିଁ, ବରଂ ସମ୍ପୂର୍ଣ୍ଣ ଶେଷ କରିବାକୁ ହେବ। ପୂର୍ବରୁ ୨୦୨୩ ମସିହାରେ ସେ ସନାତନ ଧର୍ମକୁ 'ଡେଙ୍ଗୁ' ଏବଂ 'ମ୍ୟାଲେରିଆ' ସହ ତୁଳନା କରିଥିଲେ, ଯାହାକୁ ନେଇ ସେତେବେଳେ ଦେଶବ୍ୟାପୀ ବିବାଦ ଦେଖାଦେଇଥିଲା। ସେ କହିଛନ୍ତି ଯେ ନିଜର ମତ ପାଇଁ ସେ କୌଣସି ବି ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଅଛନ୍ତି। ନୂତନ ସରକାରଙ୍କ ଶପଥ ଗ୍ରହଣ ଉତ୍ସବରେ ରାଜ୍ୟ ସଙ୍ଗୀତକୁ ତୃତୀୟ ସ୍ଥାନରେ ରଖାଯାଇଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଯେକୌଣସି ସରକାରୀ କାର୍ଯ୍ୟକ୍ରମରେ ତାମିଲ ସଙ୍ଗୀତକୁ ସବୁବେଳେ ପ୍ରଥମ ସ୍ଥାନ ଦିଆଯିବା ଉଚିତ୍। ଉଦୟନିଧିଙ୍କ ଏହି ବୟାନ ପରେ ବିଜେପି ଏବଂ ହିନ୍ଦୁ ସଂଗଠନ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ୪ ଦିନ ପୂର୍ବରୁ ଆସିବ ମୌସୁମୀ

ନୂଆଦିଲ୍ଲୀ, ୧୨।୫(ଏଜେନ୍ସି): ଦେଶବାସୀଙ୍କ ପାଇଁ ଏକ ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି। ଚଳିତ ବର୍ଷ ନିର୍ଦ୍ଧାରିତ ସମୟର ୪ ଦିନ ପୂର୍ବରୁ ମୌସୁମୀ ବାୟୁ ଭାରତରେ ପ୍ରବେଶ କରିପାରେ। ସାଧାରଣତଃ ଜୁନ୍ ୧ ତାରିଖରେ ମୌସୁମୀ କେରଳ ଛୁଇଁଥାଏ, କିନ୍ତୁ ଏଥର ମେ ୨୫ ରୁ ୨୭ ତାରିଖ ମଧ୍ୟରେ ଏହା କେରଳ ଉପକୂଳରେ ପହଞ୍ଚିବା ନେଇ ପୂର୍ବାନୁମାନ କରାଯାଇଛି। ବଙ୍ଗୋପସାଗରରେ ସୃଷ୍ଟ ସକ୍ରିୟ ପ୍ରଣାଳୀ ମୌସୁମୀ ବାୟୁକୁ ଦ୍ରୁତ ଗତିରେ ଆଗକୁ ବଢ଼ାଉଛି। ଯଦିଓ ବର୍ତ୍ତମାନ କିଛି ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି, ତେବେ ମୌସୁମୀର ଆଗୁଆ ଆଗମନ ଚାଷୀ ଏବଂ ସାଧାରଣ ଜନତାଙ୍କୁ ବଡ଼ ଆଶ୍ୱସ୍ତି ଦେବ ବୋଲି ଆଶା କରାଯାଉଛି। ବଙ୍ଗୋପସାଗରର ଦକ୍ଷିଣ-ପଶ୍ଚିମ ଭାଗରେ ଏକ ସୁଦୃଶ୍ୟ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି, ଯାହା ଆଗାମୀ ୪୮ ଘଣ୍ଟା ମଧ୍ୟରେ ଅଧିକ ଶକ୍ତିଶାଳୀ ହେବ। ଏହାର ପ୍ରଭାବରେ ୫ ରାଜ୍ୟରେ ଯଥା ଉତ୍ତର ପ୍ରଦେଶ, ବିହାର, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଏବଂ ରାଜସ୍ଥାନର କିଛି ଅଂଶରେ କାଳବୈଶାଖୀ ସହ ବର୍ଷା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଉତ୍ତର ପ୍ରଦେଶର ୩୮ଟି ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଆଗାମୀ ୬ ଦିନ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ହୋଇପାରେ।

# ଶୁଭେନ୍ଦୁଙ୍କ ପିଏ ହତ୍ୟା ମାମଲା; ତଦନ୍ତ କରିବ ସିବିଆଇ



କୋଲକାତା, ୧୨।୫(ଏଜେନ୍ସି): ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ନିକଟତମ ସହଯୋଗୀ ଚନ୍ଦ୍ରନାଥ ରଥଙ୍କ ହତ୍ୟା ମାମଲାରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ) ଆଜି ବିଧିବଦ୍ଧ ଭାବେ ତଦନ୍ତ ଭାର ଗ୍ରହଣ କରିଛି। ଗତ ମେ ୬ ତାରିଖରେ ଉତ୍ତର ୨୪ ପ୍ରଗଣା ଜିଲ୍ଲାର ମଧ୍ୟମଗ୍ରାମ ଅଞ୍ଚଳରେ ଚନ୍ଦ୍ରନାଥଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ସେ ଶୁଭେନ୍ଦୁ ଅଧିକାରୀଙ୍କ ବ୍ୟକ୍ତିଗତ ସହକାରୀ ଭାବେ କାର୍ଯ୍ୟ କରୁଥିଲେ। ଯୋଜନାବଦ୍ଧ ଭାବେ ଚନ୍ଦ୍ରନାଥଙ୍କୁ ତାଙ୍କ କାର୍ ଭିତରେ ଥିବା ସମୟରେ ଆତତାୟୀମାନେ ଗୁଳି କରି ହତ୍ୟା କରିଥିଲେ। ସିବିଆଇ ଏହି ମାମଲାରେ ଏକ ନୂତନ ଏଫ୍ଆଇଆର ରୁଜୁ କରିଛି। ଆଜି ସିବିଆଇର ଏକ ପ୍ରତିନିଧି ଦଳ ପଶ୍ଚିମବଙ୍ଗ ଗସ୍ତ କରି ଘଟଣାସ୍ଥଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟ ପୋଲିସ ଏହି ମାମଲାରେ ପୂର୍ବରୁ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୟଙ୍କ ରାଜ ମିଶ୍ର, ବିକି ମୌର୍ଯ୍ୟ ଏବଂ ରାଜ ସିଂହ।

# କମିବ କାଳବୈଶାଖୀ, ବଢ଼ିବ ତାପମାତ୍ରା

ଭୁବନେଶ୍ୱର, ୧୨।୫ (ସମିସ): ଚଳିତ ସପ୍ତାହରେ ପୁଣି ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବ। ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟକୁ ଶୁଷ୍କ ବାୟୁପ୍ରବାହ ବୃଦ୍ଧି ହେବ। ଫଳରେ ରାଜ୍ୟର ଅଧିକାଂଶ ସ୍ଥାନରେ ପୁଣିଥରେ ତାପମାତ୍ରା ବୃଦ୍ଧି ପାଇବ। ପାଣିପାଗ କେନ୍ଦ୍ରର ଆକଳନ ଅନୁଯାୟୀ, ସପ୍ତାହକ ମଧ୍ୟରେ ରାଜ୍ୟରେ ପ୍ରାୟ ୨-୪ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିବ। ଏହା ପ୍ରଭାବରେ ବର୍ତ୍ତମାନ ତୁଳନାରେ ରାଜ୍ୟରେ ଲାଗି ରହିଥିବା ଗରମ ଗୁଳୁଗୁଳି ତୁଳନା ଅପେକ୍ଷାକୃତ ବଢ଼ିବ। ଏହାବ୍ୟତୀତ ଆଗକୁ କାଳବୈଶାଖୀର ପ୍ରଭାବ ମଧ୍ୟ କମିବ। କାଳବୈଶାଖୀ ପ୍ରଭାବ ହ୍ରାସ ସାଙ୍ଗକୁ ତାପମାତ୍ରା ବୃଦ୍ଧି ରାଜ୍ୟରେ ଗରମ ଗୁଳୁଗୁଳିକୁ ବଢ଼ାଇବ। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପର କୌଣସି ସିଧାସଳଖ ପ୍ରଭାବ ଓଡ଼ିଶା ଉପରେ ପଡ଼ିବାକୁ ନଥିବା ବେଳେ କାଁ ଭାଁ କାଳବୈଶାଖୀ ହୋଇପାରେ। ଅନ୍ୟପଟେ, ରାଜ୍ୟରେ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଆରମ୍ଭ ହୋଇଛି। କିଛି ଦିନର ବ୍ରେକ୍ ପରେ ମଙ୍ଗଳବାର ଟିଟିଲାଗଡ଼ରେ ତାପମାତ୍ରା ପୁଣିଥରେ ୪୦ ଡିଗ୍ରୀ ଛୁଇଁଛି। ବାକି ସମ୍ବଲପୁର ୩୯.୯, ଝାରସୁଗୁଡ଼ା ୩୯.୨ ଓ ଭାବନୀପାଟଣାରେ ତାପମାତ୍ରା ୩୯ଡିଗ୍ରୀ ରେକର୍ଡ ହୋଇଛି।

# ଫାଶରେ ପଡ଼ି କଲରାପତରିଆ ବାଘ ମୃତ



ଗାଡ଼ି କ୍ଲଚ୍ ତାରରେ ଚାପି ହୋଇ ମଲା

ନୀଳଗିରି, ୧୨।୫ (ସମିସ): ଫାଶରେ ପଡ଼ି କଲରାପତରିଆ ବାଘ ମୃତ। ବାଲେଶ୍ୱର ଜିଲ୍ଲା ନୀଳଗିରି ରେଞ୍ଜ ମିତ୍ରପୁର ସେକ୍ସନ୍‌ର ପାଟଣା ବିଟ୍ ହାଉସ୍ କାଠାଗୋଛି ପାହାଡ଼ରେ ଏହି ଅଘଟଣ ଘଟିଛି। ୧୦ ବର୍ଷୀୟା ଏହି ବାଘଟି କୁଲଡ଼ିହା ଅଭୟାରଣ୍ୟରୁ ଏଠାକୁ ଆସିଥିବା ବେଳେ ପାହାଡ଼ରେ ଥିବା ଏକ ଛୋଟ ଶିମିଳି ଗଛରେ ଲଗାଯାଇଥିବା ବାଇକ୍ କ୍ଲଚ୍ ତାରରେ ଫସି ଯାଇଥିଲା। ତାରରେ ତା' ପେଟ ଓ ଅଣ୍ଟା ଛନ୍ଦି ହୋଇଯିବାରୁ ଅଣନିଃଶ୍ୱାସୀ ହୋଇ ସେ ପ୍ରାଣ ହରାଇଥିବା ଅନୁମାନ କରାଯାଉଛି ବୋଲି ଜେଟିଏଫ୍ ଏସ୍‌ପି ବଟକୃଷ୍ଣ ମିଶ୍ର କହିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ ସୂଚନା ଦେଇଛନ୍ତି। ଗତ ସୋମବାର ରାତିରେ ବାଘଟି ମରି ଥିବାର ଅନୁମାନ କରାଯାଉଛି। ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ କରିବା ପରେ ମୃତ ବାଘକୁ ଉକ୍ତ ସ୍ଥାନରେ ପୋତି ଦିଆଯାଇଛି। ଅପରପକ୍ଷେ, ବାଘ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭିନ୍ନ ଆଲୋଚନା ଜୋର୍ ଧରିଛି। ବାଘଟି ପ୍ରକୃତରେ ଫାଶରେ ପଡ଼ି ମରିଛି ନା ମୃତ୍ୟୁର କାରଣ ଘୋଡ଼ାଇବାକୁ ଏପରି ପ୍ରାୟୋଜିତ ଯୋଜନା କରାଯାଉଛି ବୋଲି ଚର୍ଚ୍ଚା ହେଉଛି। ଯଦି ବାଘଟି ରାତିରେ ମରିଛି, ୭/୮ ଘଣ୍ଟା ଭିତରେ ସେଥିରୁ ଦୁର୍ଗନ୍ଧ କିପରି ବାହାରିଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ମଧ୍ୟପ୍ରାଚ୍ୟ ଯୁଦ୍ଧର ସିଧାସଳଖ ପ୍ରଭାବ

# ବ୍ରହ୍ମପୁରରେ ଅଧିକାଂଶ ପେଟ୍ରୋଲ ପମ୍ପ ବନ୍ଦ







■ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ପରେ ଚିନ୍ତାରେ ଜନସାଧାରଣ, ପ୍ରଭାବିତ ହୋଇଛି ବଜାର

■ କେଉଁଠି ପେଟ୍ରୋଲ ତ ଆଉ କେଉଁଠି ଡିଜେଲ ନାହିଁ, କାଣ୍ଟଛାଣ୍ଟରେ ଚାଲିଛି କାରବାର

ବ୍ରହ୍ମପୁର, ୧୨।୫ (ସମିସ): ମଧ୍ୟ-ପ୍ରାଚ୍ୟରେ ଜାରି ଯୁଦ୍ଧର ସିଧାସଳଖ ପ୍ରଭାବ ବ୍ରହ୍ମପୁରରେ ଦେଖିବାକୁ ମିଳିଛି। ସହରରେ ପୂର୍ବରୁ ଦେଖାଦେଇଥିବା ଗ୍ୟାସ୍ ସଙ୍କଟ ଜାରି ରହିଥିବା ବେଳେ ଦୁଇଦିନ ଧରି ଏକାଧିକ ପେଟ୍ରୋଲ ପମ୍ପ ବନ୍ଦ ରହିଛି। ପେଟ୍ରୋଲ ଯୋଗାଣରେ ସମସ୍ୟା ଥିବାରୁ ଏଭଳି ସ୍ଥିତି ହୋଇଥିବା ପେଟ୍ରୋଲ ପମ୍ପ ମାଲିକ ଓ କର୍ମଚାରୀ କହିଛନ୍ତି। ସହରର ଖୋଡ଼ାସିଙ୍ଗି, ଜୟପ୍ରକାଶନଗର, ସୁବାରାଓ ଛକ ଓ ଆସିକାରୋଡସ୍ଥିତ ବିଭିନ୍ନ ପେଟ୍ରୋଲ ପମ୍ପ ବନ୍ଦ ଥିବା ଦେଖିବାକୁ ମିଳିଛି। ଫଳରେ ଗ୍ରାହକ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ସେପଟେ, ୧୬ ନମ୍ବର ଜାତୀୟ ରାଜପଥର ଟାଟା ପ୍ରକଳ୍ପ ନିକଟସ୍ଥ ଏକ ପେଟ୍ରୋଲ ପମ୍ପରେ ୪ ଚକିଆ ଯାନରେ ଏକକାଳୀନ ୧ ହଜାରରୁ ଅଧିକ ଟଙ୍କାର ପେଟ୍ରୋଲ ଉପରେ କଟକଣା ଜାରି କରାଯାଇଥିବା ବେଳେ ସହରରେ ଆମ୍ବ ମାର୍କେଟ୍ ନିକଟସ୍ଥ ଏକ ପେଟ୍ରୋଲ ପମ୍ପରେ ବାଇକ୍‌ଗୁଡ଼ିକୁ ଏକକାଳୀନ ଶହେ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ପେଟ୍ରୋଲ ଦିଆଯାଉନଥିବା ଦେଖିବାକୁ ମିଳିଛି। ତେବେ କେତେଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ, ତାହା ସ୍ପଷ୍ଟ ହୋଇନାହିଁ। ଆଉ କିଛି ପେଟ୍ରୋଲ ପମ୍ପରେ ପେଟ୍ରୋଲ ନଥିବା ବେଳେ କେବଳ ଡିଜେଲ ମହଜୁଦ୍ ରହିଛି। ଯୁଦ୍ଧ ନ ଥମିଲେ, ଆଗକୁ ସ୍ଥିତି ଅସମ୍ଭାଳ ହେବାର ଆଶଙ୍କା କରାଯାଉଛି।

## ରାଜ୍ୟକୁ ଲଜ୍ଜା

# ସାତ ମାସର ଛୁଆକୁ ବିକ୍ରି ପାଇଁ ଗାଁ ଗାଁ ବୁଲିଲା ବାପା

ବାରିପଦା/ମୋରଡ଼ା, ୧୨।୫ (ସମିସ): ନିଜ ୭ ମାସର ଶିଶୁପୁତ୍ରକୁ ମାତ୍ର ୩୦ହଜାର ଟଙ୍କା ମୂଲ୍ୟ ରଖି ବିକ୍ରି ପାଇଁ ଗାଁ ଗାଁ ବୁଲିଲା ବାପା। ଏମିତି ଘଟଣା ଦେଖିବାକୁ ମିଳିଛି, ବାରିପଦା ସଦର ଥାନା ଚନ୍ଦନପୁର ପଞ୍ଚାୟତର ଚନ୍ଦାବିଲା ଗ୍ରାମରେ। ଉକ୍ତ ଗ୍ରାମର ଲାଲୁ ମାରାଣ୍ଡିଙ୍କ ସ୍ତ୍ରୀ ମାଇନଙ୍କ ଅଭିଯୋଗ ମୁତାବକ, ମୋରଡ଼ା ଥାନା ଅନ୍ତର୍ଗତ ଘୋଳମୁହାଁ



ପଞ୍ଚାୟତର କାରାମଘୁଟୁ ଗାଁର ରତନ କିସ୍କୁ ନିଜର ସାତ ମାସର ଶିଶୁ ପୁତ୍ରକୁ ୩୦ହଜାର ଟଙ୍କାରେ ବିକ୍ରି କରିବା ପାଇଁ ମଙ୍ଗଳବାର ଚନ୍ଦାବିଲା ଗାଁକୁ ଆସିଥିଲା। ସେଠାରେ ଲାଲୁଙ୍କ ଘରେ ଶିଶୁଟିକୁ ଦେବାକୁ ସେ ଚେଷ୍ଟା କରୁଥିବା ବେଳେ ପରିବାରଲୋକ ତାକୁ ବାରଣ କରିଥିଲେ। କାହିଁକି ଶିଶୁଟିକୁ ବିକ୍ରି କରୁଛ ବୋଲି ପଚାରିଥିଲେ। କିନ୍ତୁ, ରତନ ଉତ୍ତର ନଦେଇ ଶିଶୁପୁତ୍ରକୁ ସେଠାରେ ଛାଡ଼ି ପଳାଇଥିଲା। ଲାଲୁଙ୍କ ମା' ଅଙ୍ଗନବାଡ଼ି କେନ୍ଦ୍ରର ସହାୟିକା ହୋଇଥିବାରୁ ସେ ତୁରନ୍ତ ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀଙ୍କୁ ଖବର ଦେଇଥିଲେ। ଖବର ପାଇ ବାରିପଦା ସଦର ଥାନା ଆଇଆଇସି ସସ୍ମିତା ମହାନ୍ତ, ମୋରଡ଼ା ସିଡିପିଓ ବିଜୟଲକ୍ଷ୍ମୀ ଦଣ୍ଡପାଟ ସଦଳବଳେ ଚନ୍ଦାବିଲା ଗାଁରେ ପହଞ୍ଚି ଶିଶୁପୁତ୍ରକୁ ଉଦ୍ଧାର କରିଥିଲେ। ଶିଶୁଟିକୁ ବାରିପଦା ଶିଶୁଯତ୍ନ କେନ୍ଦ୍ରରେ ରଖାଯାଇଛି। ସେ ଜ୍ୱରରେ ପୀଡ଼ିତ ଥିବାରୁ ଚିକିତ୍ସା କରାଯାଉଛି ବୋଲି କେନ୍ଦ୍ର ଅଧକ୍ଷା ଭାସ୍ୱତୀ ବାରିକ କହିଛନ୍ତି।

# ଟାଙ୍କିରେ 'ଷ୍ଟକ ନାହିଁ; ମନ୍ତ୍ରୀ କହୁଛନ୍ତି 'ସଙ୍କଟ ନାହିଁ'

ଭୁବନେଶ୍ୱର, ୧୨।୫ (ସମିସ): ଦେଶବାସୀଙ୍କୁ ତୈଳ ବ୍ୟବହାରରେ ମିତବ୍ୟୟତା ଅବଲମ୍ବନ କରିବାକୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ପରେ ରାଜ୍ୟର ତୈଳ ଓ ଗ୍ୟାସ ସ୍ଥିତିକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ବର୍ତ୍ତମାନ ଅନେକ ସ୍ଥାନରେ ଗ୍ରାହକଙ୍କୁ ଆବଶ୍ୟକତା ମୁତାବକ ପେଟ୍ରୋଲ୍ ମିଳୁ ନ ଥିବା ଅଭିଯୋଗ ହେଉଥିବା ବେଳେ ଗ୍ୟାସ ସଙ୍କଟ ଜାରି ରହିଛି। ଅନ୍ୟପଟେ ରାଜ୍ୟରେ କୌଣସି ତୈଳ ଓ ଗ୍ୟାସ ସଙ୍କଟ ନ ଥିବା ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ବିବୃତି ରାଜ୍ୟରେ ତେଲ ଓ ଗ୍ୟାସର ସ୍ଥିତିକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

ରାଜ୍ୟର ବିଭିନ୍ନ ସହରରେ ପେଟ୍ରୋଲ ପମ୍ପରେ ତେଲ ନ ଥିବା ଅଭିଯୋଗ ହୋଇଛି । ରାଜଧାନୀର କିଛି ଟାଙ୍କିରେ ପେଟ୍ରୋଲ ଓ କିଛି ଟାଙ୍କିରେ ଡ଼ିଜେଲ ମିଳୁ ନ ଥିବା ଗ୍ରାହକମାନେ ଅଭିଯୋଗ କରିଛନ୍ତି। ବ୍ରହ୍ମପୁର ସହରରେ ଆଜି ଅନୁରୂପ ସମସ୍ୟା ଦେଖାଦେଇଛି । ତେଲ ଷ୍ଟକ ନ ଥିବାରୁ ଅନେକ ପେଟ୍ରୋଲ ପମ୍ପ ବନ୍ଦ ରହିଛି । ଏହି ସମୟରେ ଯୋଗାଣମନ୍ତ୍ରୀ ଶ୍ରୀ ପାତ୍ର ରାଜ୍ୟରେ ପେଟ୍ରୋଲ ଡିଜେଲ ଅଭାବ ନାହିଁ, ପର୍ଯ୍ୟାପ୍ତ ପରିମାଣରେ ଏହା ମହଜୁଦ ଅଛି ବୋଲି ମନ୍ତବ୍ୟ ଦେଇଛନ୍ତି । ସେ କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ଯୋଗୁଁ ପେଟ୍ରୋଲ ବ୍ୟବହାରରେ ନିୟନ୍ତ୍ରଣ କରିବାକୁ ପଡ଼ିବ। ଆଗକୁ ପେଟ୍ରୋଲ ଅଭାବ ହୋଇପାରେ। ବର୍ତ୍ତମାନ କୌଣସି ଟାଙ୍କି ବନ୍ଦ ନାହିଁ କି ତେଲର ଅଭାବ ନାହିଁ। କୌଣସି ସ୍ଥାନରେ କିଛି କଟକଣା ନାହିଁ, ଯାହାର ଯେତିକି ତେଲ ଦରକାର ଦିଆଯିବ। ପ୍ରଧାନମନ୍ତ୍ରୀଙ୍କ କଥାକୁ ଭୁଲ ବୁଝିବା ଉଚିତ ନୁହେଁ। ବର୍ତ୍ତମାନ ଅନ୍ୟ ଦେଶରେ ତେଲ ରେଟ୍ ବଢ଼ି ଚାଲିଛି। ଗରିବ ଲୋକଙ୍କ ଉପରେ ଯେମିତି ଚାପ ନ ପଡୁ ସେଥିପାଇଁ ରେଟ ନ ବଢ଼ାଇ ସରକର ଚାପ ନେଉଛନ୍ତି ବୋଲି ସେ କହିଛନ୍ତି।

ମନ୍ତ୍ରୀଙ୍କ ଉକ୍ତି ଓ କ୍ଷେତ୍ର ସ୍ତରରେ ବାସ୍ତବ ସ୍ଥିତି କିଛି ଅଲଗା ରହିଛି। ରାଜ୍ୟରେ ଏବେ ବି ପେଟ୍ରୋଲ, ଡିଜେଲ ଓ ଏଲପିଜି ଯୋଗାଣ ନେଇ ଅନିଶ୍ଚିତତା ଓ ଚିନ୍ତା ଦେଖାଦେଇଛି। ଲୋକେ ଅନେକ ପେଟ୍ରୋଲ ପମ୍ପରେ ଲମ୍ବା ଲାଇନରେ ଦେଖାଯାଉଥିବାବେଳେ କେତେକ ସ୍ଥାନରେ 'ଷ୍ଟକ୍ ନାହିଁ' ବୋର୍ଡ ମଧ୍ୟ ଲଗାଯାଇଛି। ବିଶେଷକରି ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ଉପକୂଳ ଅଞ୍ଚଳର କିଛି ଜିଲ୍ଲାରେ ଗ୍ୟାସ ସିଲିଣ୍ଡର ଯୋଗାଣ ବିଳମ୍ବ ହେଉଥିବା ଅଭିଯୋଗ ହେଉଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇପାରୁ ନାହିଁ। ଘରୋଇ ଗ୍ରାହକମାନେ ନିର୍ଦ୍ଧାରିତ ସମୟରେ ସିଲିଣ୍ଡର ନପାଇ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପରିବହନ ସମସ୍ୟା, ଡିପୋରୁ ଯଥେଷ୍ଟ ଯୋଗାଣ ନ ଆସିବା ଆଦି କାରଣରୁ ତୈଳ ବଣ୍ଟନ ବ୍ୟବସ୍ଥା ପ୍ରଭାବିତ ହେଉଥିବା ଜଣାପଡ଼ିଛି।

ବିରୋଧୀ ଦଳମାନେ ମଧ୍ୟ ସରକାରଙ୍କ ଦାବିକୁ ନେଇ ପ୍ରଶ୍ନ କରିଛନ୍ତି। ଯଦି ସ୍ଥିତି ସଂପୂର୍ଣ୍ଣ ସାଧାରଣ ରହିଛି, ତେବେ କାହିଁକି ଅନେକ ସ୍ଥାନରେ ଲୋକମାନେ ଘଣ୍ଟାଧରି ଲାଇନରେ ରହୁଛନ୍ତି ବୋଲି ବିରୋଧୀ ପ୍ରଶ୍ନ କରିବା ସହ ସରକାରଙ୍କୁ ପ୍ରକୃତ ତଥ୍ୟ ସାମ୍ନାକୁ ଆଣିବାକୁ ଦାବି କରିଛନ୍ତି। ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ପର୍ଯ୍ୟାପ୍ତ ଇନ୍ଧନ ଓ ଏଲପିଜି ମହଜୁଦ ରହିଛି ଏବଂ ଯୋଗାଣ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ପଦକ୍ଷେପ ନିଆଯାଉଛି।

# ଆଜି ପ୍ରକାଶ ପାଇବ ସିବିଏସ୍‌ଇ +୨ ପରୀକ୍ଷା ଫଳ!

ଭୁବନେଶ୍ୱର, ୧୨।୫ (ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଆସନ୍ତାକାଲି ଅର୍ଥାତ୍ ବୁଧବାର ଦିନ ପ୍ରକାଶ ପାଇବ। ଏନେଇ ସିବିଏସ୍‌ଇ ପକ୍ଷରୁ କୌଣସି ଅଧିକାରୀକ ସୂଚନା ଜାରି କରାଯାଇ ନାହିଁ। ମାତ୍ର ଜାତୀୟ ଗଣମାଧ୍ୟମରେ ଏନେଇ ଖବର ପ୍ରକାଶ ପାଇଛି। ଦିନ ୧୨ଟାରେ ସିବିଏସ୍‌ଇ ୱେବସାଇଟ୍ ସହିତ ଡିଜିଲକର୍‌ରେ ପରୀକ୍ଷା ଫଳ ଉପଲବ୍ଧ ହେବ ବୋଲି କୁହାଯାଇଛି। ଏପରିକି ଡିଜିଲକର୍‌ରେ ପରୀକ୍ଷା ଫଳ ନେଇ ଲିଙ୍କ ଦିଆଯିବା ସହ ଖପବଶୀଘ୍ର ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ପ୍ରାୟ ୧୮ ଲକ୍ଷ ୫୯ ହଜାର ଛାତ୍ରଛାତ୍ରୀ ଦ୍ୱାଦଶ ପରୀକ୍ଷା ଦେଇଛନ୍ତି। ଫେବ୍ରୁଆରୀ ୧୭ ତାରିଖରୁ ଏପ୍ରିଲ୍ ୧୦ ତାରିଖ ମଧ୍ୟରେ ଦେଶର ୭ ୫୦୦ରୁ ଅଧିକ ସହରରେ ଏହି ପରୀକ୍ଷା ହୋଇଥିଲା। ଅପରପକ୍ଷରେ ଗତ ୧୫ ତାରିଖରେ ସିବିଏସ୍‌ଇ ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇ ସାରିଛି।

■ ବିଦ୍ୟୁତ୍ ଆଘାତରେ ନାବାଳକ ଗୋଡ଼ ହରାଇବା ମାମଲା

# ୫୦ ଲକ୍ଷର କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ଗୁଣୁପୁର, ୧୨।୫ (ସମିସ): ରାୟଗଡ଼ା ଜିଲ୍ଲା ଗୁଡ଼ାରି ଥାନା ଅନ୍ତର୍ଗତ ଗୁମୁଡାର ପ୍ରଦୀପ ପାତ୍ରଙ୍କ ପୁଅ ପୀୟୂଷ ପାତ୍ର ସାଙ୍ଗମାନଙ୍କ ସହ ଛାତ ଉପରେ ଖେଳୁଥିବା ବେଳେ ଘର ଉପର ଦେଇ ଯାଇଥିବା ୩୩ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନିଜର ଦୁଇଟି ଗୋଡ଼ ହରାଇଥିଲେ। ଗୁଣୁପୁର ଏସଡିଜେଏମ୍ କୋର୍ଟରେ ଆଜି ଏହି ମାମଲାର ରାୟ ପ୍ରକାଶ ପାଇଛି। ନାବାଳକକୁ କ୍ଷତିପୂରଣ ବାବଦରେ ଦୁଇମାସ ଭିତରେ ସମୁଦାୟ ୫୦ଲକ୍ଷ ଟଙ୍କା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମେଡିକାଲ ଖର୍ଚ୍ଚ ବାବଦରେ ୨୫ ଲକ୍ଷ ଏବଂ ଭବିଷ୍ୟତ ପାଇଁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ରାୟ ପ୍ରକାଶ ପାଇଛି। କ୍ଷତିପୂରଣ ରାଶି ଦେବାରେ ବିଳମ୍ବ କଲେ ସୁଧ ସହିତ ଟଙ୍କା ପୈଠ କରିବାକୁ ପଡ଼ିବ। ୬ଜଣଙ୍କ ସାକ୍ଷ୍ୟ ପ୍ରମାଣ ଆଧାର କରି ବିଚାରପତି ସୁମିତ୍ରା ସାହୁ ଏପରି ରାୟ ଶୁଣାଇଛନ୍ତି। ନାବାଳକ ପକ୍ଷରୁ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ମାମଲା ପରିଚାଳନା କରୁଛନ୍ତି।

## କଲେଜ ଛାତ୍ରୀଙ୍କ ନଗ୍ନ ଭିଡିଓ ଭାଇରଲ ଘଟଣା

# ଦୁଇ ଅଭିଯୁକ୍ତଙ୍କୁ ୫ବର୍ଷ ଲେଖାଏଁ ଜେଲ୍

ବାରିପଦା, ୧୨।୫ (ସମିସ): ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ସ୍ପେଶାଲ ପୋକ୍‌ସୋ କୋର୍ଟରେ ମଙ୍ଗଳବାର ଏକ କଲେଜ ଛାତ୍ରୀ (ନାବାଳିକା)ଙ୍କ ନଗ୍ନ ଭିଡିଓ ପ୍ରଘଟ ଓ ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସନ୍ତୋଷ କୁମାର ନାୟକ ଏହାର ବିଚାର କରି ୨ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ଲେଖାଏଁ କାରାଦଣ୍ଡାଦେଶ ଶୁଣାଣି କରିଛନ୍ତି। ଆସାମୀଦ୍ୱୟ ହେଲେ, ବାଲେଶ୍ୱର ଜିଲ୍ଲା ରେମୁଣା ଥାନା ଅଧୀନ କୁଡ଼ିଆ ଗ୍ରାମର ଦୀନେଶ କୁମାର ପାତ୍ର(୨୫) ଓ ବୈଶିଙ୍ଗା ଥାନା ଅଧୀନ ଜଡ଼ିଦା ଗ୍ରାମର ଜୟକୃଷ୍ଣ ବେହେରା(୨୭)। ଏହାସହ ବିଭିନ୍ନ ଦଫାରେ ଉଭୟଙ୍କୁ ମୋଟ ୯ ଲକ୍ଷ ୯ ହଜାର ଟଙ୍କା ଜରିମାନା କରିଛନ୍ତି।



ଜରିମାନା ଅନାଦେୟ ହେଲେ ଅତିରିକ୍ତ ୪ ବର୍ଷ ୧୧ମାସ ଜେଲ୍ ଦଣ୍ଡ ଉଭୟ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ତତ୍‌ସହ ଜରିମାନା ଆଦାୟ କରାଯାଇ ସମସ୍ତ ଅର୍ଥ କ୍ଷତିପୂରଣ ବାବଦରେ ପୀଡ଼ିତାକୁ ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

# ବିମାନବନ୍ଦରରୁ ୩.୫କୋଟିର ମାରିଜୁଆନା ଜବତ

ଭୁବନେଶ୍ୱର, ୧୨।୫ (ସମିସ): ପୁଣି ଭୁବନେଶ୍ୱର ବିମାନବନ୍ଦରରୁ ଜବତ ହୋଇଛି ବିପୁଳ ପରିମାଣର ମାରିଜୁଆନା। ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆସିଥିବା ଦୁଇ ଯାତ୍ରୀ ହାଇଡ୍ରୋଫୋନିକ୍ ୱିଡ୍ ଚାଲାଣ ଚାଲାଣ ବେଳେ ଡିଆର୍‌ଆଇ ହାତରେ ଧରାପଡ଼ିଛନ୍ତି। ସେମାନଙ୍କଠାରୁ ୧୧କେଜିର ମାରିଜୁଆନା ଜବତ କରାଯାଇଛି। ଏହି ମାରିଜୁଆନାର ଆନୁମାନିକ ମୂଲ୍ୟ ୩ କୋଟି ୫୦ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି।



## ୨ଯାତ୍ରୀଙ୍କୁ ଅଟକ ରଖିଲା ଡିଆର୍‌ଆଇ

ଡିଆରଆଇ ସୂଚନା ଅନୁସାରେ ମଙ୍ଗଳବାର ତାମିଲନାଡୁର ଦୁଇ ଯାତ୍ରୀ ଇଣ୍ଡିଗୋ ବିମାନରେ ବ୍ୟାଙ୍କକରୁ ଭୁବନେଶ୍ୱର ଆସିଥିଲେ ଓ ସେମାନେ ଏଠାରୁ ତାମିଲନାଡୁ ଯାଇଥାଆନ୍ତେ। ସକାଳେ ବିମାନଟି ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରିଥିଲା। ସେମାନଙ୍କ ଗୋଟିଏ ଟ୍ରଲି ବ୍ୟାଗ୍‌ରେ ମାରିଜୁଆନା ରହିଥିବା ନେଇ ଡିଆର୍‌ଆଇ ପୂର୍ବରୁ ସୂଚନା ପାଇଥିଲା। କଷ୍ଟମ୍ସ ଟିମ୍ ସହ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ଭୁବନେଶ୍ୱର ୟୁନିଟ୍ ପକ୍ଷରୁ ତାଙ୍କର ଲଗେଜ୍ ଚେକିଂ କରାଯାଇଥିଲା। ମାରିଜୁଆନା ମିଳିବା ପରେ ଡିଆରଆଇ ଅଭିଯୁକ୍ତ ଯୁବକଦ୍ୱୟଙ୍କୁ ଅଟକ ରଖି ଅଧିକ ପଚରାଉଚରା ଚଳାଇଛି।

ଗତ ମାର୍ଚ୍ଚ ୨୫ରେ ବିମାନବନ୍ଦରରୁ ମଧ୍ୟ ୫କେଜି ମାରିଜୁଆନା ଜବତ ହୋଇଥିଲା। ବ୍ୟାଙ୍କକ୍‌ରୁ ଭୁବନେଶ୍ୱରକୁ ଆସିଥିବା ତାମିଲନାଡୁର ଦୁଇ ଯାତ୍ରୀଙ୍କ ପାଖରୁ ଏହି ମାରିଜୁଆନା ଜବତ ହୋଇଥିଲା। ଅନୁରୂପ ଭାବରେ ଜାନୁଆରୀ ୪ରେ ଡିଆର୍‌ଆଇ ଟିମ୍ ୮ କେଜି ମାରିଜୁଆନା ଜବତ କରିଥିଲା। ଏହି ଘଟଣାରେ ଜଣେ ମୁମ୍ବାଇର ଜଣେ ଯୁବକଙ୍କୁ ଗିରଫ ହୋଇଥିଲେ। ସେହିପରି ଡିସେମ୍ବର ୩୦ରେ ଡିଆର୍‌ଆଇ ଟିମ୍ ୪ କେଜି ମାରିଜୁଆନା ଜବତ କରିଥିଲା।

## ନିଟ୍ ୟୁଜି-୨୦୨୬ ପରୀକ୍ଷା ବାତିଲ ପ୍ରସଙ୍ଗ

# ବିଜେପିର ନୂଆ ପରିଚୟ 'ଲିକ୍ ଇଣ୍ଡିଆ': ବିଜେଡି

ଭୁବନେଶ୍ୱର, ୧୨।୫ (ସମିସ): ବିଜେପି ସରକାରରେ ପେପର୍ ଲିକ୍ ହୋଇ ପରୀକ୍ଷା ବାତିଲ ହେବା ଏକ ନିତିଦିନିଆ ଘଟଣା ହୋଇଗଲାଣି। ନ୍ୟୁ-ଇଣ୍ଡିଆର ସ୍ୱପ୍ନ ଦେଖାଇ କ୍ଷମତାକୁ ଆସିଥିବା ବିଜେପି ଏବେ ଲିକ୍ ଇଣ୍ଡିଆର ପରିଚୟ ସୃଷ୍ଟି କରିଛି। ବିଗତ ୬ ବର୍ଷ ମଧ୍ୟରେ ଚାରି ଚାରିଥର ନିଟ୍ ପରୀକ୍ଷା ବାତିଲ୍ ହେବା ଦୁର୍ଭାଗ୍ୟଜନକ କହି ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। କେନ୍ଦ୍ର ସରକାର ୨୨ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳିଛନ୍ତି। ଜଣେ ପରୀକ୍ଷାର୍ଥୀଙ୍କ ପରିଶ୍ରମ ବୁଝିବାକୁ ଏ ସରକାର ଅସମର୍ଥ। ଚାରି ଚାରିଥର ନିଟ୍ ପେପର୍ ଲିକ୍ ଘଟଣା ସରକାରଙ୍କ ଅପାରଗତାକୁ ପଦାରେ ପକାଇଛି ବୋଲି କହି ବିଜେଡି ବିକ୍ଷୋଦ୍‌ଗାର କରିଛି।

ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଥିଲେ ଯେ ନିଟ୍ ପରୀକ୍ଷାର ପେପର୍ ଲିକ୍ ଘଟଣାରୁ ଜଣାପଡୁଛି ଯେ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣରେ ଦେଶର ଶିକ୍ଷା ବ୍ୟବସ୍ଥା ନାହିଁ। ଦେଶର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସବୁବେଳେ ଦଳୀୟ କାର୍ଯ୍ୟକ୍ରମରେ ନିୟୋଜିତ ହୋଇ ବିଭାଗର ଦାୟିତ୍ୱ କଥା ପାସୋରି ଯାଉଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ମନ ଓଡ଼ିଶାରେ ଥିବା ବେଳେ ଦେହ ଦିଲ୍ଲୀରେ ରହୁଥିବାରୁ ବାରମ୍ବାର ନିଟ୍ ପରୀକ୍ଷାର




■ ପିଲାଙ୍କ ଭାଗ୍ୟକୁ ଅନ୍ଧାରକୁ ଠେଲି ଦେଉଛନ୍ତି ସରକାର
■ ବିଗତ ୬ବର୍ଷ ମଧ୍ୟରେ ଚାରି ଚାରିଥର ନିଟ୍ ପରୀକ୍ଷା ବାତିଲ ହେବା ଦୁର୍ଭାଗ୍ୟଜନକ
■ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ
■ ପିଲାଙ୍କ ଭବିଷ୍ୟତ ସହ ଖେଳ ନ ଖେଳନ୍ତୁ ସରକାର

ପେପର୍ ଲିକ୍ ହେଉଛି। ଶ୍ରୀ ପ୍ରଧାନ ନିର୍ବାଚନ ପରିଚାଳନା ଠିକ୍ ଭାବେ ତୁଲାଉଥିବା ବେଳେ ନିଜ ବିଭାଗର ଦାୟିତ୍ୱ ଠିକ୍ ଭାବେ କ'ଣ ପାଇଁ ତୁଲାଇ ପାରୁନାହାନ୍ତି ବୋଲି ଶ୍ରୀ ସାହୁ ପ୍ରଶ୍ନ କରିଥିଲେ। ଯଦି ନିଜ ବିଭାଗର ଦାୟିତ୍ୱ ତୁଲାଇ ପାରୁନାହାନ୍ତି, ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା ଦିଅନ୍ତୁ।

ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ କହିଥିଲେ ଯେ କେନ୍ଦ୍ରରେ ଶିକ୍ଷାମନ୍ତ୍ରୀ ଗୁରୁ ଯେମିତି, ରାଜ୍ୟରେ ତାଙ୍କ ଶିଷ୍ୟ କହୁଥିବା ଶିକ୍ଷାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ମଧ୍ୟ ଠିକ୍ ସେମିତି। ରାଜ୍ୟରେ ବିଗତ ୨୩ ମାସ ଭିତରେ ୨୩ଟି ପେପର୍ ଲିକ୍ ହୋଇସାରିଲାଣି। ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ରାଜ୍ୟ ସରକାର ଖେଳ ଖେଳୁଛନ୍ତି। ପରୀକ୍ଷାର୍ଥୀମାନେ ରାତି ଅନିଦ୍ରା ହୋଇ ପାଠପଢ଼ି ଫଳାଫଳକୁ ଅପେକ୍ଷା କରିଥିବା ବେଳେ ତାଙ୍କ ଭାଗ୍ୟ ସହ ଖେଳୁଥିବା ବିଜେପି ନେତାମାନେ ସେ କଷ୍ଟକୁ ଅନୁଭବ କରିପାରୁ ନାହାନ୍ତି। ତେଣୁ ବାରମ୍ବାର ରାଜ୍ୟ ଏବଂ ଦେଶରେ ପେପର୍-ଲିକ୍ ଭଳି ଘଟଣା ଦେଖିବାକୁ ମିଳୁଛି ବୋଲି ସେ ମତବ୍ୟକ୍ତ କରିଥିଲେ।

# ପ୍ରଶ୍ନପତ୍ର ପ୍ରଘଟରେ ବିଜେପି ସରକାର ନମ୍ବର ୱାନ: କଂଗ୍ରେସ

ଭୁବନେଶ୍ୱର, ୧୨।୫ (ସମିସ): ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା (ନିଟ୍-ୟୁଜି-୨୦୨୬) ର ପ୍ରଶ୍ନପତ୍ର ଲିକ୍ ପରେ ପ୍ରବେଶିକା ପରୀକ୍ଷାକୁ ଆଜି କେନ୍ଦ୍ର ସରକାର ବାତିଲ କରିଛନ୍ତି। ଏହି ପରୀକ୍ଷା ବାତିଲ ସହ ସରକାର ଉଭୟ ଆଶାୟୀ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କୁ ଚିନ୍ତା ଓ ନୈରାଶ୍ୟର ବଳୟ ଭିତରକୁ ଠେଲି ଦେଇଛନ୍ତି । ଏହା ସହିତ ଦେଶରେ ପରିଚାଳିତ ହେଉଥିବା ବଡ ବଡ ଚାକିରୀ ଓ ପ୍ରବେଶିକା ପରୀକ୍ଷା ପ୍ରତି ଲୋକମାନଙ୍କର ମନରେ ସନ୍ଦେହ ଜାଗ୍ରତ କରୁଛି ବୋଲି ରାଜ୍ୟ କଂଗ୍ରେସ କହିଛି। ମଙ୍ଗଳବାର କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଦେବାଶିଷ ଭୂୟାଁ କହିଛନ୍ତି ଯେ ଗତ କିଛି ବର୍ଷ ହେଲା ନିଟ ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ପ୍ରଶ୍ନପତ୍ର ଲିକ୍ ଘଟଣା ପରିଲକ୍ଷିତ ହେଉଛି। ନିଟ୍ ପ୍ରବେଶିକା ପରୀକ୍ଷା ପରିଚାଳନାକୁ ସ୍ୱଚ୍ଛ ଓ ସଂଗଠିତ କରିବା ପାଇଁ ୨୦୧୯ ମସିହାରେ ସରକାର ନେସନାଲ ଟେଷ୍ଟିଙ୍ଗ ଏଜେନ୍ସି (ଏନଟିଏ)କୁ ଦାୟିତ୍ୱ ଦେଇଥିଲେ। କିନ୍ତୁ ବିଡମ୍ବନାର ବିଷୟ ସେହି ବର୍ଷହିଁ ପରୀକ୍ଷାରେ ବିଭ୍ରାଟ ଘଟିଥିଲା।

ସେ କହିଛନ୍ତି ଯେ ଆଜି ଦେଶ ତମାମ ଏହି ଘଟଣାକୁ ନେଇ ଛାତ୍ରସଂଗଠନ ମାନେ




■ ଗତ ୧୨ ବର୍ଷରେ ୮୪ ଥର ବିଭିନ୍ନ ପ୍ରଶ୍ନପତ୍ର ଲିକ୍
■ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ପ୍ରତିବାଦ କରିବା ସହ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଗାଳିଗୁଲଜ କରୁଛନ୍ତି। ସ୍ୱାଭିମାନ ରକ୍ଷା ସହ ନିରପେକ୍ଷ ତଦନ୍ତ ଉଦ୍ଦେଶ୍ୟରେ ବାଟ ଫିଟେଇବା ପାଇଁ ଶ୍ରୀ ପ୍ରଧାନ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଅମୃତକାଳ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଜି ବିଷ କାଳରେ ପରିଣତ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି। ପିସିସିର ଅନ୍ୟତମ ମୁଖପାତ୍ର କୃଷ୍ଣ ଚନ୍ଦ୍ର ପତି କହିଛନ୍ତି ଯେ ପ୍ରଶ୍ନପତ୍ର ଲିକରେ ସରକାର ନଂ-୧ ହୋଇଛନ୍ତି। ଏ ସରକାର ଆସିଲା ଦିନଠାରୁ ୮୪ ଥର ପ୍ରଶ୍ନ ପତ୍ର ଲିକ ହୋଇଛି ବୋଲି ଶ୍ରୀ ପତି ମତ ପ୍ରକାଶ କରିବା ସହ ବିଜେପିକୁ କଟାକ୍ଷ କରି ଏ ଦଳ ପରୀକ୍ଷା ଘୋଟାଲା ମୋର୍ଚ୍ଚା ଖୋଲିଛି ବୋଲି କହିଛନ୍ତି। ପରୀକ୍ଷା ବିଭ୍ରାଟ କରି ଆଦାୟ କରୁଥିବା ଟଙ୍କାରୁ ବିଜେପି ନିଜ ନିର୍ବାଚନୀ ଖର୍ଚ୍ଚ ବହନ କରୁଛି ଏବଂ ଅନେକ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ସ୍ୱପ୍ନକୁ ଧୂଳିସକ୍ତ କରି ନିଜର ପୋଷାଶୁଆ ସିବିଆଇକୁ ତଦନ୍ତ ଦାୟିତ୍ୱ ଦେଇ ନିଜେ ବାହାବା ନେବାକୁ ଚେଷ୍ଟା କରୁଛନ୍ତି ବୋଲି ସେ କହିଛନ୍ତି।

# ୧୯୨୯୭ ଜଣ ରବିଧାନ ଚାଷୀ ପଞ୍ଜୀକୃତ

ଜୟପୁର,୧୨।୫(ସମିସ) :

କୋରାପୁଟ ଜିଲ୍ଲାରେ ରବିଧାନ ଚାଷ କାର୍ଯ୍ୟ କରୁଥିବା ୧୯ହଜାର ୨୯୭ ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି। ଧାନ ଚାଷ କାର୍ଯ୍ୟ ହୋଇଥିବା ଜମିର ସେଟାଲାଇଟ୍ ଯାଞ୍ଚରେ ଜିଲ୍ଲାର ସମୁଦାୟ ୧୮ହଜାର ୪୦୯ଟି ପ୍ଲଟ ସନ୍ଦେହ ଘେରରେ ରହିଛି। ଏହିପରି ଚାଷୀ ମାନେ ସେମାନଙ୍କ ଅମଳ ରବିଧାନ ମଣ୍ଡିରେ ବିକ୍ରି କରିବା ପାଇଁ ଜିଲ୍ଲାର ସମୁଦାୟ ୧୩ଟି ଲ୍ୟାମ୍ପସ ଏବଂ ୩ଟି ପାଣି ପଞ୍ଚାୟତକୁ ନିୟୋଜିତ କରିଛନ୍ତି। ଚାଷୀ ମାନେ ସେମାନଙ୍କ ପଞ୍ଜିକୃତ ପାଇଁ ନିୟୋଜିତ ସମୁଦାୟ ୧୬ଟି କ୍ରୟାକାରୀ ସଂସ୍ଥାରେ ନାମ ପଞ୍ଜୀକରଣ କରିଛନ୍ତି। ଏଥିରେ କୋରାପୁଟ ଜିଲ୍ଲାରେ ସର୍ବାଧିକ କୋଟପାଡ ଲ୍ୟାମ୍ପସରେ ୪୭୭୩ ଜଣ ଚାଷୀ ପଞ୍ଜିକୃତ

## ୧୮୪୦୯ ପ୍ଲଟ୍ ସନ୍ଦେହରେ

କରିଥିବା ବେଳେ ଦଶମନ୍ତପୁର ଲ୍ୟାମ୍ପସରେ ସର୍ବନିମ୍ନ ୫ ଜଣ ଚାଷୀ ପଞ୍ଜିକୃତ କରିଛନ୍ତି। ସେହିପରି ସେଟାଲାଇଟ ଯାଞ୍ଚ ବେଳେ କେତେକ ଜମିରେ ଧାନ ଚାଷ ହୋଇ ନଥିବା ନେଇ ସନ୍ଦେହ କରାଯାଇଛି। ତେଣୁ ଏହି ଜମିର ପ୍ଲଟ ନମ୍ବର ସହିତ ଚିହ୍ନଟ କରାଯାଇଛି ଏବଂ ରାଜସ୍ୱ ଓ କୃଷି ବିଭାଗର କର୍ମଚାରୀ ମିଳିତ ଭାବେ ଉକ୍ତ ପ୍ଲଟ ନିକଟରେ ପହଞ୍ଚି ସରଜମିନ ଯାଞ୍ଚ କରିବେ। ଏଥିରେ କୋଟାପାଡ ଲ୍ୟାମ୍ପସର ୬୨୯୧ଟି ପ୍ଲଟ, ଦଶମନ୍ତପୁର ଲ୍ୟାମ୍ପସର ୨ଟି, ବୈପାରୀଗୁଡାର ୪୧୩ଟି, ବୋରିଗୁମ୍ମାର ୧୬୨୬ଟି, ଡୁମୁରିପୁଟର ୨୬ଟି, କାକିରିଗୁମ୍ମାର ୧୩ଟି, କାମତାର ୧୭୩୦ଟି, କୋଟପାଡର ୬୨୯୧ଟି, କୁମୁଲିପୁଟର ୧୦୯୧ଟି, କୁନ୍ଦୁରାର ୩୪୧୨ ଟି, କୁନ୍ଦୁଲିର ୩୨୯ଟି, ନନ୍ଦପୁରର ୨୨ଟି, ନାରାୟଣପାଟଣାର ୮୯ଟି, ଉମରୀ ଲ୍ୟାମ୍ପସର ୨୩୪୧ଟି ଏବଂ କୋଟପାଡ ବ୍ଲକରେ ରହିଥିବା ଲିଙ୍ଗରାଜ ପାଣିପଞ୍ଚାୟତର ୫୩୮ଟି ପ୍ଲଟ , ମାଁ ଖଣ୍ଡାଦେଇ ପାଣି ପଞ୍ଚାୟତର ୪୨୫ଟି ଏବଂ ବୋରିଗୁମ୍ମା ବ୍ଲକ ରତାଳି ପାଣିପଞ୍ଚାୟତର ୨୬୬ଟି ପ୍ଲଟ ରବିଧାନ ଚାଷ ନେଇ ସନ୍ଦେହରେ ରହିଥିବାରୁ ଯୁଗ୍ମ ବିଭାଗ ପକ୍ଷରୁ ଯାଞ୍ଚ କରିବା ନେଇ ନିର୍ଦ୍ଦେଶ କରାଯାଇଛି।

# ସରକାରୀ ଜମି ଜବରଦଖଲ ଉଚ୍ଛେଦ



ଜୟପୁର,୧୨।୫(ସମିସ): ଜୟପୁର ସଦରଥାନା ନିକଟରେ ଥିବା ଏକ ସରକାରୀ ଅନାବାଦୀ ଜମିରେ ବେଆଇନ ଘର ନିର୍ମାଣ କରୁଥିବା ଅବସ୍ଥାରେ ଆଜି ଟାଉନ୍ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ନିର୍ମାଣାଧୀନ ଘରକୁ ଭାଙ୍ଗି ଜବରଦଖଲ ଉଚ୍ଛେଦ କରିଛି। ଖ୍ରୀଷ୍ଟିଆନ ପେଟା ଅଞ୍ଚଳର ଫୁଲରୀନା ବାଘ ଦୀର୍ଘଦିନ ହେଲା ଜଗଧାତ୍ରୀପୁର ମୌଜାର ଖାତା ନମ୍ବର ୧୪୫୮ ଅନାବାଦୀ ଚାଷ ଜମିରେ ଘର ନିର୍ମାଣ କରୁଥିଲେ। ଏକ ମାସ ପୂର୍ବରୁ ନୋଟିସ ହେବାପରେ ମଧ୍ୟ ସେ ଘର ଛାଡ଼ି ନଥିଲେ। ଆଜି ତହସିଲ କର୍ମଚାରୀ, ଟାଉନଥାନା ପୁଲିସ ଦାୟୀତ୍ୱରେ ଥିବା ଥାନା ଅଧିକାରୀ ସଚ୍ଚିଦ୍ର ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ପୁଲିସ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରକାଶଯେ, ଜୟପୁର ସହରର ଅଧିକାଂଶ ସରକାରୀ ଜମି ଜବରଦଖଲ ହୋଇଥିବା ବେଳେ ପ୍ରଶାସନ କାଁ ଭାଁ ଜବରଦଖଲ ଉଚ୍ଛେଦ କରୁଛନ୍ତି। ଏହିପରି ଖ୍ରୀଷ୍ଟିଆନ ପେଟା ଜିଲ୍ଲା କୋର୍ଟକୁ ସଂଯୋଗ କରୁଥିବା ରାସ୍ତା ଜବରଦଖଲ ରହିଥିବା ବେଳେ ଏହି ଜମି ଜିଲ୍ଲା କୋର୍ଟ ନାମରେ ରହିଛି। କିନ୍ତୁ ପ୍ରଶାସନ ପକ୍ଷରୁ ଦୁଇ ଦୁଇ ଥର ମାପଚୂପ କରିଥିଲେ ସୁଦ୍ଧା ଏହାକୁ ଉଚ୍ଛେଦ ନେଇ କୌଣସି ପଦକ୍ଷପ ଗ୍ରହଣ କରାଯାଉ ନଥିବାରୁ ସାଧାରଣରେ ପ୍ରଶାସନର କାର୍ଯ୍ୟଧାରା ପ୍ରତି ଅସନ୍ତୋଷ ପ୍ରକାଶ ପାଇଛି।

# ଶାଲାର ଫାଉଣ୍ଡେସନ ପକ୍ଷରୁ ଦେଶୀ ଧାନ ବିହନ ବଣ୍ଟନ




ରାୟଗଡ, ୧୨।୫(ସମିସ): ରାୟଗଡ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କୁମ୍ଭିକୋଟା ଗ୍ରାମପଞ୍ଚାୟତର ଉଦୟପୁର, ପିଟୁଡ଼ି ଏବଂ ଫୁଲକୋଣା ଗ୍ରାମରେ ଶାଳାର ଫାଉଣ୍ଡେସନ ପକ୍ଷରୁ ଆଜି ଦେଶୀ ଧାନ ବିହନ ବଣ୍ଟନ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କାଳାଜୀରା, ମାଛକାଣ୍ଟା ଏବଂ କୁଡେଇଚୁଡ଼ି ପ୍ରଜାତିର ଦେଶୀ ଧାନ ବିହନ ୫୦ ଜଣ ଚାଷୀଙ୍କୁ ବଣ୍ଟନ କରାଯାଇଥିଲା। ପ୍ରତ୍ୟେକ ଚାଷୀଙ୍କୁ ୫ କେଜି କରି ବିହନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶୀ ବିହନର ସଂରକ୍ଷଣ, ଜୈବିକ ଚାଷର ପ୍ରଚାର ପ୍ରସାର ଏବଂ ଚାଷୀମାନଙ୍କୁ ପାରମ୍ପରିକ କୃଷି ପଦ୍ଧତି ସହିତ ଯୋଡ଼ି ରଖିବା।, ଦିନକୁ ଦିନ ଚାଷୀ ମାନେ ଚାଷ କରିବା ନିମନ୍ତେ ଧାନ ପାଇଁ ମୁଖ୍ୟତଃ ସରକାରୀ ବିହନ ବା ଅନ୍ୟ ବଜାର ଉପରେ ନିର୍ଭର କରିଥାନ୍ତି। ଏହା ଦ୍ୱାରା ସେମାନଙ୍କ ସମୟ ନଷ୍ଟ ହେବା ସହ ବିହନ ମଧ୍ୟ ଠିକ ଭାବରେ ଗଜା ହେଉନାହିଁ। ଦେଶୀ ବିହନ ଚାଷ ଦ୍ୱାରା ମାଟିର ଉର୍ବରତା ବୃଦ୍ଧି ସହ ପରିବେଶ ସୁରକ୍ଷା ହେବା ସହ ଚାଷୀମାନେ ଅଧିକ ଲାଭାନ୍ୱିତ ହେବେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଶାଳାର ଫାଉଣ୍ଡେସନର ମୁଖ୍ୟ ପ୍ରମୋଦ କୁମାର ପଣ୍ଡା ଉପସ୍ଥିତ ଥିଲେ। ସେହିପରି ସଂସ୍ଥାର ଶ୍ରୀମତୀ ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ଦୀପ୍ତିମୟୀ ନାୟକ, ରଞ୍ଜନ ମାଣ୍ଡାଙ୍ଗୀ ଏବଂ ନର୍ସି କୁଲେସିକା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ ଚାଷୀମାନେ ଶାଳାର ଫାଉଣ୍ଡେସନର ଏହି ପ୍ରୟାସକୁ ସ୍ୱାଗତ କରି ଭବିଷ୍ୟତରେ ଏପରି କାର୍ଯ୍ୟକ୍ରମ ଆହୁରି ବଢ଼ିବାକୁ ଆଶା ପ୍ରକାଶ କରିଥିଲେ।

# ଟ୍ରକ୍- ବାଇକ୍ ମୁହାଁମୁହିଁ ଧକ୍କା, ବାଇକ୍ ଚାଳକ ମୃତ

ରାୟଗଡ,୧୨।୫(ସମିସ): ରାୟଗଡ଼ ଥାନା ଅନ୍ତର୍ଗତ ହାଲୁଆ-ଜାପାଖାଲ ମଧ୍ୟରେ ଥିବା ଆଶୀର୍ବାଦ ଢ଼ାବା ସମ୍ମୁଖର ୩୨୬ ନମ୍ବର ଜାତୀୟ ରାଜପଥ ବୁଲାଣିରେ ଆଜି ସନ୍ଧ୍ୟାରେ ଏକା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ହେଲେ କପିଳାସ ବିଡ଼ିକା । ସେ ଓ ତାଙ୍କ ସାଙ୍ଗ ବାଇକ ଯୋଗେ ରାୟଗଡାରୁ ରୁଫକୋଣା ଅଭିମୁଖେ ଯାଉଥିବା ସମୟରେ ହାଲୁଆ ଠାରୁ ଅଳ୍ପ ଦୂର ବୁଲାଣି ରାସ୍ତାରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ମାଲବାହୀ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥଲା। ଘଟଣା ସ୍ଥଳରେ କପିଳାସର ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସହ ଥିବା ବନ୍ଧୁ ମଧ୍ୟ ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି । ରାୟଗଡରେ ନୁଆସାହିରେ ଘର ଭଡା ନେଇ ନିଜ ସ୍ତ୍ରୀ ସହ କପିଳାସ ରହି ଆସୁଥିବା ବେଳେ ତାଙ୍କ ସ୍ତ୍ରୀ ଗର୍ଭବତୀ ଥିବା ଜଣାପଡିଛି । ରାୟଗଡରେ କପିଳାସ ଣେ ଖଲାସୀ ଭାବେ କାମ କରୁଥିଲେ ବୋଲି ଜଣାପଡ଼ିଛି। ଦୁର୍ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

■ ସାଇନ୍ସ , କମର୍ସ ବିଭାଗ ଖୋଲିବା ପାଇଁ ଦାବି

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅନ୍‌ଲାଇନ୍ ଅଭିଯୋଗ



ବୈପାରୀଗୁଡ଼ା,୧୨।୫(ସମିସ): ବୈପାରୀଗୁଡା ସହିଦ ଲକ୍ଷ୍ମଣ ନାୟକ କଲେଜରେ ସାଇନ୍ସ ଓ କମର୍ସ ବିଭାଗ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ ସ୍ଥାନୀୟ ସମାଜସେବୀ ତଥା ପୂର୍ବତନ କଲେଜ ଛାତ୍ର ଅଭିମନ୍ୟୁ ରୋଗଡି । ଶିକ୍ଷାର ଉନ୍ନତି ପାଇଁ କଲେଜ ଏବଂ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାକୁ ସରକାର ପ୍ରାଥମିକ ସ୍ତରରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ବିଭିନ୍ନ ବିକାଶମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଛାତ୍ରଛାତ୍ରୀଙ୍କୁ ସ୍ୱାବଲମ୍ବୀ ଏବଂ ଚାକିରି ପ୍ରାପ୍ତ କରିବା ଉଦ୍ଦେଶ୍ୟରେ ନୂଆ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ କରାଯାଉଛି । କିନ୍ତୁ ବୈପାରୀଗୁଡା ଠାରେ ମାଟ୍ରିକ ପରେ କଲେଜରେ କେବଳ ଆର୍ଟ (କଳା) ବିଭାଗ ରହିଛି । ବ୍ଲକରେ ୨୦ଟି ପଞ୍ଚାୟତର ୧୮ ଟି ହାଇସ୍କୁଲ ସମେତ ଆଖପାଖ ବ୍ଲକରୁ ମଧ୍ୟ ଛାତ୍ରଛାତ୍ରୀ ବୈପାରୀଗୁଡା କଲେଜ ଉପରେ ନିର୍ଭର କରନ୍ତି। ଏଠାରେ ସାଇନ୍ସ ଓ କମର୍ସର୍ ବିଭାଗରେ ପଢ଼ିବା ପାଇଁ ସୁବିଧା ନାହିଁ । ବ୍ଲକସ୍ତରର କଲେଜରେ ସାଇନ୍ସ ଓ କମର୍ସ ପଢ଼ିବା ପାଇଁ ସୁବିଧା ନଥିବାରୁ ଛାତ୍ରଛାତ୍ରୀମାନଙ୍କୁ ଦୂର ସହରକୁ ଯିବାକୁ ପଡୁଛି। ଦୂର ସହରରେ ରହି ପଢ଼ିବା ଅଭିଭାବକଙ୍କ ପାଇଁ ବ୍ୟୟବହୁଳ ହୋଇଥାଏ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ସାଇନ୍ସ ଓ କମର୍ସ ବିଭାଗ ଭଳି ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଉପଯୁକ୍ତ ଲାବୋରେଟୋରୀ ଏବଂ ଶିକ୍ଷକଙ୍କ ପଦବୀ ସୃଷ୍ଟି କରି ଶିକ୍ଷାର ମାନ ବୃଦ୍ଧି ପାଇଁ ଦାବି କରିଛନ୍ତି ସ୍ଥାନୀୟ ସମାଜସେବୀ ଅଭିମନ୍ୟୁ ରୋଗଡି । ସମାଜସେବୀ ତଥା ପୂର୍ବତନ କଲେଜ ଛାତ୍ର ଅଭିମନ୍ୟୁ ରୋଗଡି ଶହୀଦ ଲକ୍ଷ୍ମଣ ନାୟକ କଲେଜର ସମସ୍ୟାକୁ ନେଇ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅନ୍‌ଲାଇନ ଅଭିଯୋଗ କରିଥିବା ବେଳେ ଆଜି ଏହାର ପ୍ରତି ଉତ୍ତର ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରୁ ପଠାଇଛନ୍ତି ମୁଖ୍ୟମନ୍ତ୍ରୀ ମହାନ ମାଝୀ । ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ଚିଠିରେ ଉଲ୍ଲେଖ ଅଛି ଯେ, ଅଭିଯୋଗ ଗ୍ରହଣ କରାଯାଇଛି ଏବଂ ଆବଶ୍ୟକ ପଦକ୍ଷେପ ନିଆଯିବ ।

# ଆବୁଝମାଡ ଜଙ୍ଗଲରେ ମାଓ ଡମ୍ପ୍ ଠାବ

● କୋଟିଏରୁ ଅଧିକ ଟଙ୍କା ସହ ଅସ୍ତ୍ରଶସ୍ତ୍ର ଜବତ




ମାଲକାନଗିରି, ୧୨।୫(ସମିସ):

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ନାରାୟଣପୁର ଜିଲ୍ଲାର ଆବୁଝମାଡ ଜଙ୍ଗଲରେ ସୁରକ୍ଷା ବଳକୁ ବଡ଼ ସଫଳତା ମିଳିଛି। ଗୁପ୍ତ ସୂଚନା ଆଧାରରେ ଚାଲିଥିବା ସର୍ଚ୍ଚ ଅପରେସନ ସମୟରେ ଯବାନମାନେ ମାଟି ତଳୁ ନକ୍ସଲମାନଙ୍କର ଏକ ବଡ ଡମ୍ପ ଠାବ କରିଛନ୍ତି। ଏହି ଡମ୍ପରୁ ଏକେ୪୭, ଏସଏଲଆର, ଇନସାସ, ୩୦୩ ରାଇଫଲ, ଏଲଏମଜି, ବିଜିଏଲ, ରକେଟ୍ ଲଞ୍ଚର ସହ ବହୁ ବିସ୍ଫୋରକ ସାମଗ୍ରୀ ଉଦ୍ଧାର କରାଯାଇଛି। ଏଥିସହ ନଗଦ ୧ କୋଟି ୧ ଲକ୍ଷ ୬୪ ହଜାର ଟଙ୍କା ମଧ୍ୟ ଜବତ ହୋଇଛି। ଆତ୍ମ ସମର୍ପଣ କରିଥିବା ନକ୍ସଲଙ୍କ ଠାରୁ ମିଳିଥିବା ସୂଚନା ଆଧାରରେ ଏହି ଚଢ଼ଉ ହୋଇଥିବା ପୁଲିସ କହିଛି। ନକ୍ସଲମାନେ ସୁରକ୍ଷାବଳ ଉପରେ ବଡ ଆକ୍ରମଣ ପାଇଁ ଏହି ଅସ୍ତ୍ରଶସ୍ତ୍ର ଲୁଚାଇ ରଖିଥିବା ଅନୁମାନ କରାଯାଉଛି। ତେବେ ବର୍ତ୍ତମାନ ଅଞ୍ଚଳ ମାଓ ମୁକ୍ତ ହେଉଥିବା ବେଳେ ଏହି ସାମଗ୍ରୀ ଜବତ ମାଓ ସଙ୍ଗଠନକୁ ସମୂଳେ ନାସ କରିବାରେ ସହାୟକ ହେବ ବୋଲି କୁହାଯାଇଛି।

## ଶପଥ ନେଉଣୁ ତାମିଲନାଡୁ ସରକାର ବିଦ୍ୟୁତ୍ ବିଲ୍ ଛାଡ଼ କଲେ

# ଓଡ଼ିଶା ସରକାର ୩୦୦ ୟୁନିଟ୍ ବିଦ୍ୟୁତ୍ ବିଲ୍ ଛାଡ କରିବେ କେବେ ?


ନନ୍ଦପୁର,୧୨।୫ (ସମିସ): ରାଜ୍ୟରେ ବିଜେପି ସରକାରକୁ ଦୁଇ ବର୍ଷ ଚାଲିଛି । ତିନି ଶହ ୟୁନିଟ ବିଦ୍ୟୁତ୍ ବିଲ୍ ଛାଡ ପାଇଁ ନିର୍ବାଚନ ବେଳେ ଦିଆଯାଇଥିବା ପ୍ରତିଶୃତି ତାହା କେବଳ ଘୋଷଣାରେ ସୀମିତ ରହିଯାଇଛି । ସରକାର ଗଠନରେ ଗୋଟିଏ ଦିନରେ ତାମିଲନାଡୁ ସରକାର ଦୁଇ ଶହ ୟୁନିଟ ବିଦ୍ୟୁତ୍ ଛାଡ ଘୋଷଣା କରିଛନ୍ତି । ଓଡ଼ିଶା ସରକାର କେବେ ତାଙ୍କର ପ୍ରତିଶୃତି ରକ୍ଷା କରିବେ ତାହା ଏବେ ସାଧାରଣରେ ଆଲୋଚନାର ବିଷୟ ହୋଇଛି । ଏ ନେଇ ପ୍ରତିକ୍ରିୟା ରଖିଛନ୍ତି ବରିଷ୍ଠ କଂଗ୍ରେସ ନେତା ଶଶୀ ଭୂଷଣ ପାତ୍ର । ସେ କହିଛନ୍ତି ବିଦ୍ୟୁତ୍ ବିଲ୍ ଛାଡ଼ ବିଜେପି ସରକାର ଓଡ଼ିଶାବାସୀଙ୍କୁ ଭୁଆଁ ବୁଲେଇବା ଛଡ଼ା ଆଉ କିଛି ନୁହେଁ। ସରକାର ଆସିଲା ପରେ ବେକାରୀ ବଢିଲା। ଦରଦାମ ବଢ଼ିଲା। ବିଜେଡି ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା କହିଛନ୍ତି, ମିଥ୍ୟା ପ୍ରତିଶୃତି ପୂରଣ ହେବ ବା କେମିତି । ଏହି ଡବଲ ଇଞ୍ଜିନ ସରକାର ପାଇଁ ଉପରୁ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ କିଛି ମଧ୍ୟ ହେବ ନାହି । କେବଳ ରଙ୍ଗ ବଦଳା କାମ ହିଁ ଚାଲିବ। ବିଜେପି ବରିଷ୍ଠ ନେତା ସରୋଜ କୁମାର ମିଶ୍ର ସରକାରଙ୍କ ସପକ୍ଷରେ ଯୁକ୍ତି କରି କହିଛନ୍ତି, ସୋଲାର ବିଦ୍ୟୁତ୍ ଯୋଜନାରେ ଛାଡ ପାଇ ଘୋଷଣା ହୋଇଥିଲା। ଯାହା ବର୍ତ୍ତମାନ ଚାଲୁ ରହିଛି । ଲୋକେ ଏହାର ଲାଭ ନେବା ପାଇଁ ପଞ୍ଜିକୃତ ମଧ୍ୟ କରୁଛନ୍ତି । ଯଦି ସରକାର ବିଦ୍ୟୁତ୍ ବିଲ ଛାଡ ନିମନ୍ତେ ଘୋଷଣା କରିଥିଲେ, ତେବେ ଚିନ୍ତା କରୁଥିବେ ବୋଲି କହିଛନ୍ତି। ତେବେ ସରକାର କ୍ଷମତାକୁ ଆସିବା କ୍ଷଣି ୩ଶହ ୟୁନିଟ ବିଦ୍ୟୁତ୍ ବିଲ ଛାଡ ଉପରୁ ମୁହଁ ଲୁଚାଉଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

# ଚାଷ ଜମିରୁ ମୃତଦେହ ଉଦ୍ଧାର ଘଟଣା, ଦୁଇ ହତ୍ୟାକାରୀ ଗିରଫ



କୋଷାଗୁମଡ଼ା,୧୨।୫(ସମିସ): ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ଥାନା ଡେଙ୍ଗାଗୁଡା ପଞ୍ଚାୟତର ବିରିଗୁଡା ଗ୍ରାମରେ ଘଟିଥିବା ହତ୍ୟା ଘଟଣାରେ ଆଜି ଦୁଇ ହତ୍ୟାକାରୀଙ୍କୁ କୋଡ଼ିଙ୍ଗା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ କୋଡ଼ିଙ୍ଗା ଥାନାରେ ଏଏସ୍‌ପି ଆଦିତ୍ୟ ସେନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନା ପ୍ରକାରେ ଗତ ୧୦ ତାରିଖରେ ବିରିଗୁଡା ଗ୍ରାମର ଜଗନ୍ନାଥ ଗୌଡ଼ଙ୍କ ମୃତଦେହ ରକ୍ତାକ୍ତ ଅବସ୍ଥାରେ ଗାଁର ଏକ ଚାଷ ଜମିରେ ମିଳିଥିଲା। ଏନେଇ ପରିବାର ଲୋକ କୋଡ଼ିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନବରଙ୍ଗପୁର ଏଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ପାପଡାହାଣ୍ଡି ଏସ୍‌ଡିପିଓ ଓ କୋଡ଼ିଙ୍ଗା ଥାନା ଅଧିକାରୀ ଏକ ଟିମ ଗଠନ କରି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ପରେ ସେହି ଗ୍ରାମର ପଦ୍ମନ ଗୌଡ଼ ହତ୍ୟା କରିଥିବା ଜାଣିବାକୁ ପାଇ ତାକୁ ଓ ତାର ସହିଯୋଗୀଙ୍କୁ ଗିରଫ କରିଥିଲେ। ଘଟଣା ଦିନ ରାତିରେ ମୃତ ଜଗନ୍ନାଥ ଗୌଡ଼ ପଦ୍ମନ ଗୌଡ଼ଙ୍କ ଘରେ ପଶିଥିଲା। ଏହା ଜାଣିବା ପରେ ପଦ୍ମନ ଜଗନ୍ନାଥଙ୍କୁ ବାଡ଼ିରେ ହତ୍ୟା କରି ଦେଇଥିଲା। ଘରେ ହତ୍ୟା କରି ତାର ସମ୍ପର୍କୀୟ ଭଣଜାକୁ ଡାକି ବାହାରେ ପକାଇ ଦେଇଥିଲେ। ଅଭିଯୋଗ ପରେ ପୋଲିସ ଦୁଇ ଅଭିଯୁକ୍ତକୁ ଆଜି ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଏଏସ୍‌ପି ସୂଚନା ଦେଇଛନ୍ତି।

# ପୂର୍ବତନ ମନ୍ତ୍ରୀ ରଘୁନାଥ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକ



ଜୟପୁର ୧୨।୫(ସମିସ): ଓଡିଶାର ପୂର୍ବତନ ଅର୍ଥ ଓ ଆଇନମନ୍ତ୍ରୀ ସ୍ୱର୍ଗତ ରଘୁନାଥ ପଟ୍ଟନାୟକଙ୍କର ଦଶମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ପାୱାର ହାଉସ ଛକ ନିକଟରେ ଥିବା ତାଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି। ସଂଧ୍ୟା ୬ଘଟିକା ସମୟରେ ସ୍ଥାନୀୟ ଯାଦବ ଭବନରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାରେ ଉପସ୍ଥିତ ବକ୍ତାମାନେ ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ। କୋଲାବ ବହୁମୁଖୀ ଜଳପ୍ରପାତ ସ୍ଥାପନରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ସେହିପରି ଦଳ-ମତ ନିର୍ବିଶେଷରେ ସମସ୍ତଙ୍କୁ ସାଥିରେ ନେଇ ଚାଲିବା ତାଙ୍କର ବିଶେଷତ୍ୱ ଥିଲା। ତାଙ୍କ ବିୟୋଗରେ ରାଜ୍ୟ ରାଜନୀତି ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବକ୍ତମାନେ କହିଥିଲେ। ଜିଲ୍ଲା ସମ୍ପାଦକ ନବୀନ ମାଦଳାଙ୍କ ଆହ୍ୱାନ କ୍ରମେ ଉତ୍କଳ ସମ୍ମିଳନୀର ଜିଲ୍ଲା ଉପସଭାପତି କୃଷ୍ଣଚନ୍ଦ୍ର ନେପାକଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ ଉପଦେଷ୍ଟା ବିନୋଦ ମହାପାତ୍ର, ବିରେନ ପଟ୍ଟନାୟକ, ବାଲା ରାୟ, ହରିହର କରସୁଧା ପଟନାୟକ, ଚନ୍ଦ୍ରକାନ୍ତ ସୁତାର, ସୁରେନ୍ଦ୍ର ଖରା, ପ୍ରତାପ ମାଦଳା, ପ୍ରମୋଦ ମହାନ୍ତି, ଶିଶିର କୁମାର ମିଶ୍ର, ରାଜକୁମାରୀ ମହାନ୍ତି, କୃଷ୍ଣଚନ୍ଦ୍ର ହୋତା, ବାଳକୃଷ୍ଣ ପଟ୍ଟନାୟକ, ପ୍ରହଲ୍ଲାଦ ପାତ୍ର, ରାମ ନାୟକ, ପ୍ରିତୀଶ ପଟନାୟକ ଏବଂ ପୀୟୂଷ ପଟନାୟକ ଉପସ୍ଥିତ ଥିଲେ । ସଂଗଠନ ସମ୍ପାଦକ ପରମେଶ୍ୱର ପାତ୍ର ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ସିତାଲାମା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ



ରାୟଗଡ,୧୨।୫(ସମିସ):

ରାୟଗଡ ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ବୁଡ଼ାଗୁଡ଼ା ପଞ୍ଚାୟତର କୁମ୍ଭାରଗୁଡ଼ା ଗ୍ରାମ ପଡ଼ିଆ ଠାରେ ମା ସିତାଲାମା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ ଜିଲ୍ଲା କଳାକାର ମହାସଂଘ ର ସଭାପତି ସନ୍ତୋଷ କୁମାର ବଛା ଓ ସମ୍ମାନିତ ଅତିଥି ଭାବେ କଲ୍ୟାଣସିଂହପୁର ମଣ୍ଡଳ ବିଜେପି କୃଷକ ମୋର୍ଚ୍ଚା ସଭାପତି ଗଙ୍ଗାରାଓ ପ୍ରାସ୍କା , ଯୁବ ନେତା ବିଶ୍ୱନାଥ ହିକକା, ବରିଷ୍ଠ କର୍ମୀ ସିରିପତି ପେରିଶିକା, ଯୁବ କର୍ମୀ ଚକ୍ରଧର ପ୍ରାସ୍କା, ନୀଳକଣ୍ଠ କାଡ୍ରାକା, ସିଡ଼ିକା କାଡ୍ରାକା ଯୋଗ ଦେଇଥିଲେ। ପ୍ରଥମେ ଗ୍ରାମ ଦେବତାଙ୍କ ଠାରେ ପୂଜାର୍ଚ୍ଚନା କରି ପଡ଼ିଆ ଠାରେ ରିବନ୍ ଫିତା କାଟି ଅତିଥି ଓ ଖେଳାଳୀ ମାନେ ପଡ଼ିଆ ଭିତରକୁ ପ୍ରବେଶ କରିଥିଲେ। ଏମ୍ପାୟର ଦିଲି ହିକକା, ସୁନିଲ୍ କାଡ୍ରାକା ଓ ଅତିଥି ଙ୍କ ଉପସ୍ଥିତିରେ ଟସ୍ ପଡ଼ିଥିଲା ଯେଉଁଥିରେ ଟସ୍ ଜିତି କଣ୍ଡାକରା ଟିମ୍ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲେ ଏବଂ ଅଲଣ୍ଡା ଟିମ୍ କୁ ୧୧୧ ରନ୍ ର ଟାର୍ଗେଟ ଦେଇଥିଲେ ଏହି ରନ୍ କୁ ଲକ୍ଷ କରି ମୋଟ ଦଶ ଓଭର୍ ଶେଷ ସୁଦ୍ଧା ୬୮ ରନ୍ କରି ପରାଜିତ ହୋଇଥିଲେ। କୁମ୍ଭାରଗୁଡ଼ା ଗ୍ରାମର ବିଶିଷ୍ଟ ଭଦ୍ର ବ୍ୟକ୍ତି ହରିହର ହିକକା, ଲାଚିଗା ହିକକା, ନାଇଡୁ ହିକକା, ୱାଡର୍ ମେମ୍ବର ଚନ୍ଦ୍ରଦାସ ହିକକା, ସମାଜସେବୀ ତାଉଡୁ ହିକକା ଓ ଅନ୍ୟ କମିଟି ମେମ୍ବର ଉପସ୍ଥିତ ରହି ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ଖେଳ ଦେଖିବାକୁ ଆଖପାଖ ଅଞ୍ଚଳର ଅନେକ ଲୋକଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା।

## ବନ୍ଧୁଗାଁ ପଞ୍ଚାୟତ ସମିତି ବୈଠକ

# ଅନ୍ୟ କାମରେ ବିଧାୟକ ହସ୍ତକ୍ଷେପ ନ କରିବାକୁ ପରାମର୍ଶ




ବନ୍ଧୁଗାଁ, ୧୨।୫ କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କାର୍ଯ୍ୟାଳୟ ରେ ୯ ମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକକୁ ବିଭିନ୍ନ ଯୋଜନା ମାଧ୍ୟମରେ ବିକାଶ ମୂଳକ କାମ କରିବା ପାଇଁ ଅର୍ଥ ମଞ୍ଜୁର ହୋଇଥାଏ। ଏଥି ମଧ୍ୟରେ ବିଧାୟକଙ୍କ ପାଣ୍ଠି, ସାଂସଦଙ୍କ ପାଣ୍ଠି ଓ ବ୍ଲକ ପାଇଁ ସରକାରଙ୍କ ବିଭିନ୍ନ ବିକାଶ ମୂଳକ କାମ ପାଇଁ ଅର୍ଥ ଆସିଥାଏ। ଏହାକୁ ନେଇ ଆଜି ଜିଲ୍ଲା ପରିଷଦ ଅଧ୍ୟକ୍ଷା, ବ୍ଲକ ଅଧ୍ୟକ୍ଷା, ବ୍ଲକ ଉପାଧ୍ୟକ୍ଷା, ସରପଞ୍ଚ ଓ ସମିତି ସଭ୍ୟ ମାନେ ବିଧାୟକଙ୍କୁ ନିଜସ୍ୱ ପାଣ୍ଠି ପାଇଁ ହିଁ ସୁପାରିସ କରିବା ପାଇଁ କହିଥିଲେ। ବ୍ଲକର ଅନ୍ୟାନ୍ୟ ବିକାଶ ମୂଳକ କାମ ପାଇଁ ଠିକାଦାରଙ୍କୁ ସୁପାରିସ ନ କରିବା ପାଇଁ ଜଣାଇ ଥିଲେ। ପଞ୍ଚାୟତସ୍ତରୀୟ ଗ୍ରାମସଭା କରି ସରପଞ୍ଚ ମାନେ ଦେଇ ଥିବା ପ୍ରକଳ୍ପରେ ବିଧାୟକଙ୍କ ୪୦ ଭାଗ ଓ ବ୍ଲକ ଅଧ୍ୟକ୍ଷାଙ୍କ ୬୦ କାମ କରିବାକୁ ନେଇ ସରପଞ୍ଚ ମାନେ ବିରୋଧ କରିଥିଲେ। ଆଗାମୀ ପଞ୍ଚାୟତ ସମିତି ବୈଠକରେ ପ୍ରତ୍ୟେକ କାର୍ଯ୍ୟାଳୟର ଅଧିକାରୀ ମାନେ ଉପସ୍ଥାପନ ପାଇଁ ଲିଖିତ ତଥ୍ୟ ପ୍ରଦାନ କରିବାକୁ ବିଧାୟକ ଜଣାଇ ଥିଲେ। ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କେହି ମଧ୍ୟ ଟଙ୍କା ପାଇ ନାହାନ୍ତି। ବିଦ୍ୟୁତ ବିଭାଗ ତରଫରୁ ଷ୍ଟ୍ରିଟ୍ ଲାଇଟ୍ ନ ଜଳିବା ଅଙ୍ଗନବାଡି କେନ୍ଦ୍ର ବିଦ୍ୟୁତ ସଂଯୋଗ ଥାଇ ବନ୍ଦ ରହିବା ଟ୍ୟୁବ୍‌ୱେଲ ମଟର କାମ ଦେଉ ନ ଥିବା, ବୋର ୱେଲ ବନ୍ଦ ଥିବା ତାଲିକା କରି ବିଦ୍ୟୁତ ବିଲ ଦେବାକୁ ବିଡିଓଙ୍କ ପରାମର୍ଶ, ବନ୍ଦ ଥିବା ସ୍କୁଲ ଗୁଡିକ ଖୋଲିବା, ଶିକ୍ଷକ ଶିକ୍ଷୟିତ୍ରୀ ଗ୍ରାମାଞ୍ଚଳରେ ପାଠ ପଢାଉ ନାହାନ୍ତି, ପରୀକ୍ଷା ବେଳକୁ ପିଲାଙ୍କୁ କପି କରିବାକୁ କହୁଛନ୍ତି, ଏହାକୁ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲିଁ ଆଲୋଚନା ହୋଇଥିଲା। ବୈଠକରେ ବିଡିଓ ଅସିତ୍ କୁମାର ମହାନ୍ତିଙ୍କ ଉପସ୍ଥିତିରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକା ସଭାପତିତ୍ୱ କରିଥିଲେ। ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ପବିତ୍ର ସାଉନ୍ତା ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଓ ସାଂସଦ ପ୍ରତିନିଧି ଲକ୍ଷଣ ଖୋସଲା , ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳୀ ପିଡିକା, ତହସିଲଦାର ସୋନାଲି ପାତ୍ର, ବ୍ଲକ କଂଗ୍ରେସ ସଭାପତି ଡି ଏଙ୍କାଟି, ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବାଗ, ଡାକ୍ତର ରଶ୍ମି ରଞ୍ଜନ ସାମଲ, ସିଡ଼ିପିଓ ଗୀତାଞ୍ଜଳୀ ମହାରଣା ସମସ୍ତ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ରହି ଥିଲେ। ଏହା ସହିତ ଇଇଓ ସୌରଭ ନାୟକ, ଆରଡିଯନ୍ତ୍ରୀ ବିଜୟ କୁମାର ବେହେରା , ବିଏଓ ସୂର୍ଯ୍ୟକାନ୍ତ ନାହାକ, ଏଏଓ ନିହାରିକା ହିକକା, ବିଭି ମୁକ୍ତିକାନ୍ତ ସେଠୀ, ଜଳ ଯୋଗାଣ ଯନ୍ତ୍ରୀ ବିଜୟ ବେହେରା , ବିଏସଏସ ଓ ଦୀପକ କୁମାର ବେଉରି ,ଏଫିଓ ସ୍ୱପ୍ନା ବେହେରା, ଉଦ୍ୟାନ କୃଷି ଅଧିକାରୀ ସୌରଭ ପାଣିଗ୍ରାହୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ କୁମାର ସ୍ୱାଇଁ ଓ ବିଦ୍ୟୁତ ବିଭାଗ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

● ନାବାଳିକା ଅପହରଣ ମାମଲା

## ୩ ଅଭିଯୁକ୍ତଙ୍କୁ ୨ବର୍ଷ ଲେଖାଏଁ କାରାଦଣ୍ଡ

ଜୟପୁର, ୧୨।୫(ସମିସ) : କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ପୋକ୍ସ କୋର୍ଟରେ ଗତ ୬ ବର୍ଷ ପୂର୍ବେ ଏକ ନାବାଳିକା ଅପହରଣ ମାମଲାର ବିଚାରଣା କରାଯାଇ ଅତିରିକ୍ତ ଜିଲ୍ଲା ଓ ତଥା ଭାରପ୍ରାପ୍ତ ପୋକ୍ସ କୋର୍ଟର ଜଜ୍ ଡ. ସଂଘମିତ୍ରା ଦାଶ ରାୟ ପ୍ରଦାନ କରିଛନ୍ତି। ଏଥିରେ ୩ଜଣ ଅଭିଯୁକ୍ତ ସେମିଳିଗୁଡା ଥାନା ଉପରମାନିଆ ଗ୍ରାମର ନରେଶ ବିରୟ ଓରଫ ପ୍ରଧାନ (୨୫), ବାବୁଲାଲ କୁଲଦିପ (୨୨) ଏବଂ ବିମଳ କୁଲିଦିପ (୨୧)ଙ୍କୁ ୨ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ , ୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି ଏବଂ ଜରମାନା ଟଙ୍କା ଅନଦେୟ ଅଧିକ ୪ ମାସ ଲେଖାଏଁ କାରାଦଣ୍ଡରେ ଦଣ୍ଡିତ ହେବେ। ମାମଲା ଅନୁଯାୟୀ, ଗତ ୨୦୨୦ ମସିହା ଅଗଷ୍ଟ ମାସ ୨୩ ତାରିଖରେ ପୂର୍ବାହ୍ନ ୧୧ ଟା ସମୟରେ ଉକ୍ତ ଗ୍ରାମର ପୀଡିତା ୧୫ ବର୍ଷିୟା ନାବାଳିକା ଶୌଚ ପାଇଁ ନିଜ ବାଡି ପଟେ ଯାଇଥିବା ବେଳେ ଉପରୋକ୍ତ ୩ ଦୋଷୀ ତାଙ୍କ ପାଟି ଚାପି ଜୋରଜବରଦସ୍ତ ଉଠାଇ ନିକଟସ୍ଥ ଜଙ୍ଗଲକୁ ଅପହରଣ କରି ନେଇ ଯାଇଥିଲେ। ଏହିପରି ସେମାନେ ଏଥିନେଇ ତାଙ୍କ ଘରେ କିମ୍ବା ଗ୍ରାମରେ ପ୍ରକାଶ କଲେ ହତ୍ୟା କରିବାକୁ ଧମକ ଦେଇଥିଲେ। ଜଙ୍ଗଲ ଭିତରେ ତାଙ୍କ ଅଟକ ରଖିଥିବା ବେଳେ ଅଭିଯୁକ୍ତ ନରେଶ ଏବଂ ବିମଳ ଟଙ୍କା ଆଣିବାକୁ କହି ଗ୍ରାମକୁ ଯାଇଥିଲା। ସେହିପରି ତାଙ୍କୁ ଜଗିଥିବା ବାବୁଲାଲ ଖାଉଥିବାର ସୁଯୋଗ ନେଇ କୌଶଳ କ୍ରମେ ସେଠାରୁ ଖସି ଆସିଥିଲେ। ଏହିପରି ନିଜ ଗୃହରେ ପହଞ୍ଚିବା ପରେ ତାଙ୍କ ଭାଇଙ୍କ ସହିତ ସେମିଳଗୁଡା ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ଏଥିନେଇ ପୁଲିସ ତଦନ୍ତ କରିବା ସହିତ ଅପହରଣ ମାମଲା ( ୭୩/୨୦୨୦) ରୁଜୁ କରିବା ସହିତ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲେ। ଏହି ମାମଲାରେ ସମୁଦାୟ ୮ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରାଯାଇ କୋର୍ଟ ପକ୍ଷରୁ ଦୋଷୀ ସାବସ୍ତ୍ୟ କରାଯାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଆଇନଜୀବି ପି. ସନ୍ୟାସୀ ରାଓ ମାମଲାର ପରିଚାଳନା କରିଥିଲେ।

■ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

## ସ୍ୱାମୀ, ଶାଶୂ ଓ ଶଶୁର କୋର୍ଟ ଚାଲାଣ

ନନ୍ଦପୁର, ୧୨।୫(ସମିସ): ୨୦୨୫ ରେ ପ୍ରେମ ବିବାହ। ୨୦୨୬ ରେ ମହିଳାଙ୍କ ସନ୍ଦେହଜନ ମୃତ୍ୟୁ। ମୃତ ମହିଳାଙ୍କ ଦାଦା ଦାଦା ତ୍ରିଲୋଚନ ଜାନାମ ଶାଶୁ ଘର ଲୋକେ ଯୌତୁକ ନିର୍ଯାତନା ନେଇ ହତ୍ୟା କରିଥିବା ଅଭିଯୋଗ ଆଣି ନନ୍ଦପୁର ଥାନାରେ ଏତଲା ଦେଇଥିଲେ।



ପ୍ରାଥମିକ ତଦନ୍ତ ପରେ ମଙ୍ଗଳବାର ଶାଶୁ ଶଶୁର ଓ ସ୍ୱାମୀଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ। ସୂଚନା ଅନୁସାରେ ୨୦୨୫ ମସିହାରେ ଉଭୟ ମୋନଜ ଚମ୍ପି ଓ ଈଶ୍ୱରି ଜାନମ ପ୍ରେମ ବିବାହ କରିଥିଲେ। ଇଶ୍ୱରିଙ୍କ ଘର ବାଲଡ଼ା ହୋଇଥିବା ବେଳେ ମୋନଜ ଚଂପି ଙ୍କ ଘର ଖୂର୍ଜି ପଞ୍ଚାୟତର ନନ୍ଦି ଗାଁ ରେ। ଉଭୟ ଶାଶୁ ଶଶୁରଙ୍କ ପାଖରେ ରହୁଥିଲେ। ତେବେ ଗତ ପାଖାପାଖି ଏକ ବର୍ଷ ପରେ ଝିଅର ମୃତ୍ୟୁ କାରଣ ନେଇ ଝିଅର ଦାଦା ତ୍ରିଲୋଚନ ଜାନମ ନନ୍ଦପୁର ଥାନାରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି । ଶଶୁର ଘର ଲୋକେ ଝିଆରୀକୁ ସବୁ ବେଳେ ଯୌତୁକ ନିର୍ଯାତନା ଦେଇ ଆସୁଥିବା ସହ ଗତ ୧୦ ତାରିଖ ରାତି ରେ ଶାଶୁ ଶଶୁର ଓ ସ୍ୱାମୀ ମିଶି ଇଶ୍ୱରୀକୁ ହତ୍ୟା କରିଥିବା ନେଇ। ନନ୍ଦପୁର ଏତେଲା ଦେଇଥିଲେ ଝିଅ ଦାଦା । ଥାନା ଅଧିକାରୀ ତ୍ରିନାଥ ତୋଟା ପାଡିଆ ଏହି ମାମଲାରେ ତଦନ୍ତ ଭାର ନେଇଛନ୍ତି । ଶାଶୁ ଜମୁ ବତି ଚମ୍ପୀ, ଶଶୁର କୁଶ ଚଂପୀ ଓ ସ୍ୱାମୀ ମୋନାଜ ଚମ୍ପିକୁ ନନ୍ଦପୁର ପୁଲିସ କୋର୍ଟ ଚାଲାଣ କରିଛନ୍ତି। ଅନ୍ୟପଟେ ମେଡିକାଲ ରିପୋର୍ଟ ଉପରେ ସମସ୍ତ ଅପେକ୍ଷା ରହିଛି। ମେଡିକାଲ ରିପୋର୍ଟ ଆସିବା ପରେ ସବୁ କଳ୍ପନା ଜଳ୍ପନାର ଅନ୍ତଘଟିବ ବୋଲି କୁହାଯାଉଛି।

## ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ନନ୍ଦପୁର,୧୨।୫(ସମିସ): ଚଳିତ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର୍ ରଖି କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନନ୍ଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୂର୍ଗା ପ୍ରସାଦ ଦୋରା, ଅତିରିକ୍ତ



ତହସିଲଦାର ମାଧବ ପାଙ୍ଗି, ଡବ୍ଲୁଇଓ ନଗେନ ତ୍ରିପାଠୀ, ଶିକ୍ଷକ ଜଗଦୀଶ ବେହେରା ପ୍ରମୁଖ ଯୋଗଦେଇ ନନ୍ଦପୁର ବ୍ଲକର ମୋଟ ୨୧ ଟି ଉଚ୍ଚ ବିଦ୍ୟାଳୟର ପ୍ରାୟ ୩୦ ଜଣ ଛାତ୍ରଛାତ୍ରୀଙ୍କୁ ଚଳିତ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି କୃତିତ୍ୱ ହାସଲ କରିଥିବା ନେଇ ସମ୍ବର୍ଦ୍ଧିତ କରାଯିବା ସହ ଆଗାମୀ ଉଚ୍ଚ ଶିକ୍ଷା ଉପରେ ନିଜର ଦକ୍ଷତା ବୃଦ୍ଧି କରି ଭଲ ପାଠପଢା ଉପରେ ଲକ୍ଷ୍ୟ ସାଧନ କରିବାକୁ ପରାମର୍ଶ ଦେଇ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ଏହି ଅବସରରେ ଉପସ୍ଥିତ ବିଭିନ୍ନ ବିଦ୍ୟାଳୟର ୩୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଉପହାର ସ୍ୱରୂପ ଖାତା ଓ କଲମ ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିଡ଼ିଓ ଶ୍ରୀ ଦୋରା ଆଗାମୀ ଶିକ୍ଷା ବର୍ଷରେ ଯେପରି ବ୍ଲକରେ ଅଧିକରୁ ଅଧିକ ଏ୧ ନମ୍ବରରେ ପାସ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିବାକୁ ଆଶା ପ୍ରକଟ କରିଛି।

ପରିମଳ ଟେଣ୍ଡରର ଅନିୟମିତତା ବିବାଦ

# ପୌର କାର୍ଯ୍ୟାଳୟ ଆଗରେ ୧୫ କାଉନସିଲରଙ୍କ ଧାରଣା





ଜୟପୁର, ୧୨।୫(ସମିସ) : ଜୟପୁର ସହରର ସଫେଇ ଓ ପରିମଳ ବ୍ୟବସ୍ଥା ପରିଚାଳନା କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। କିନ୍ତୁ ଏହି ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମତା, ପକ୍ଷପାତିତା ଓ ଦୁର୍ନୀତି କରାଯାଇଥିବା ନେଇ ଆଜି ପୌରସଂସ୍ଥାର ଉପାଧ୍ୟକ୍ଷାଙ୍କ ସମେତ ୧୫ ଜଣ କାଉନସିଲର ପୌର ଅଧ୍ୟକ୍ଷ ଏବଂ ଭାରପ୍ରାପ୍ତ ପୌରନିର୍ବାହୀ ଅଧିକାରୀଙ୍କ ବିରୋଧରେ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଏବଂ ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ପୂଜା ରାଉତଙ୍କୁ ପ୍ରଦାନ କରିଛନ୍ତି। ଏହିପରି ଏହାର ନକଲ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ଅଧିକାରୀ ଏବଂ ରାଜ୍ୟ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ପ୍ରେରଣ କରାଯାଇଛି। ଆଜି ପୂର୍ବାହ୍ନରେ ପୌର ଉପରାଧ୍ୟକ୍ଷା ବି. ସୁନିତାଙ୍କ ନେତୃତ୍ୱରେ ପ୍ରାୟ ୧୫ ଜଣ କାଉନସିଲର ପୂର୍ବାହ୍ନରେ ପୌର କାର୍ଯାଳୟ ଠାରେ ପହଞ୍ଚି ଭାରାପ୍ରାପ୍ତ ପୌର ନିର୍ବାହୀ ଅଧିକାରୀଙ୍କ କକ୍ଷ ଭିତରେ ପ୍ରବେଶ କରିବା ସହିତ ସ୍ମାରକପତ୍ର ପ୍ରଦାନ କରିଥିଲେ ଏବଂ ପୌରସଂସ୍ଥା ପକ୍ଷରୁ ସଫେଇ ଓ ପରିମଳ ଟେଣ୍ଡରରେ ବ୍ୟାପକ ଅନିୟମତାକୁ ନେଇ ପ୍ରଶ୍ନ କରିଥିବା ବେଳେ କିଛି ସମୟ ପାଇଁ କକ୍ଷ ଭିତରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହିପରି ଉପାଧ୍ୟକ୍ଷା ଏବଂ କାଉନସିଲର ମାନେ ଭାରପ୍ରାପ୍ତ ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀଙ୍କୁ ଘେରିଯାଇ ବାରମ୍ବାର ପ୍ରଶ୍ନ କରିବା ସହିତ ତୁରନ୍ତ ଟେଣ୍ଡରକୁ ବାତିଲ କରିବା ଏବଂ ଆସନ୍ତା ୩ ଦିନ ମଧ୍ୟରେ କାଉନସିଲ ବୈଠକ ଡକାଯାଇ ଏହି ଟେଣ୍ଡର ପ୍ରକ୍ରିୟାକୁ ନେଇ ଆଲୋଚନା କରିବା ଦାବି କରିଥିଲେ। ଏହାପରେ ଉପାଧ୍ୟକ୍ଷା ଓ କାଉନସିଲର ମାନେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ପୌର ଅଧ୍ୟକ୍ଷ, ନିର୍ବାହୀ ଅଧିକାରୀ ଏବଂ ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରିବା ପାଇଁ ସ୍ଲୋଗାନ ଦେଇଥିଲେ। ସେହିପରି ଟେଣ୍ଡର କମିଟିରେ ରହିଥିବା ଅନ୍ୟାନ୍ୟ ସଦସ୍ୟ ମାନଙ୍କୁ ଟେଣ୍ଡର ଲଟେରୀ ପ୍ରକିୟାରେ ନ ଡାକି କେବଳ ଅଧକ୍ଷ ଓ ନିର୍ବହୀ ଅଧିକାରୀ ଏବଂ କିଛି କର୍ମଚାରୀ ଉପସ୍ଥିତ ରହି ୩ ଥର ବେଆଇନ ଭାବେ ଲଟେରୀ ଉଠାଣ କରାଯାଇ ଏକ ଠିକାସଂସ୍ଥାକୁ ଏହି ଟେଣ୍ଡର ପ୍ରଦାନ କରିବା ସହିତ କିଛିଦିନ ଅନ୍ତରରେ ତରବରିଆ ଭାବେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହା କାଉନସିଲର ଏବଂ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି ବୋଲି କାଉନସିଲର ମାନେ ଅଭିଯୋଗ କରିଛନ୍ତି । ମଧ୍ୟାହ୍ନରେ ଭାରପ୍ରାପ୍ତ ପୌର ଅଧିକାରୀ ପୂଜା ରାଉତ ଧାରଣରତ ଉପାଧ୍ୟକ୍ଷା ଓ କାଉସିଲରଙ୍କ ନିକଟରେ ପହଞ୍ଚି ତୁରନ୍ତ କାଉନସିଲ ବୈଠକ ଆହ୍ୱାନ କରିବା ନେଇ ଅଧ୍ୟକ୍ଷଙ୍କୁ ଅନୁରୋଧ କରିଥିବା ଚିଠି ପ୍ରଦାନ କରିଯାଇଥିବା ନେଇ ପ୍ରକାଶ କରିବା ପରେ ଧାରଣକାରୀ ମାନେ ଧାରଣାକୁ ସ୍ଥଗିତ ରଖିବା ସହିତ ଆନ୍ଦୋଳନରୁ ଉଠିଥିଲେ। ଏଥିନେଇ ପୌରସଂସ୍ଥା ପକ୍ଷରୁ କୌଣସି

### ନୂତନ ଟେଣ୍ଡର ଆହ୍ୱାନ କରିବାକୁ ଦାବି

ଉପଯୁକ୍ତ ପଦକ୍ଷପ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବା ସହିତ ଟେଣ୍ଡର ପ୍ରକ୍ରିୟାର ଅନିୟମତାରେ ସାମିଲ ଦୋଷୀ ମାନଙ୍କୁ ବିରୋଧରେ ଭବନେଶ୍ୱର ସଚିବାଳୟ ପହଞ୍ଚି ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ନିକଟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଦାବି କରାଯିବ ବୋଲି ଉପାଧ୍ୟକ୍ଷା ସୁନିତା ସୂଚନା ଦେଇଛନ୍ତି। ଏହି ଧାରଣାରେ ମୁଖ୍ୟତଃ ବିଜେଡି ସମର୍ଥିତ କାଉନସିଲର ଦେବେନ୍ଦ୍ର ଚୌଧୁରୀ, ପାର୍ଥ ସାରଥୀ ମଲ୍ଲିକ, ଯଶପାଲ ସିଂ, ସିମାଞ୍ଚଳ ବିଶୋୟୀ, ବିଷ୍ଣୁ ବର୍ଦ୍ଧନ ରେଡ୍ଡି, ଏନ.ଲକ୍ଷ୍ମୀନାରାୟଣ, ସୁଷମା ମହାପାତ୍ର, ଏ.ଭଦ୍ରାବେଣୀ, ଶଶିରେଖା ପରଜା, ଅଜିତ ବେହେରା, ଅର୍ପିତା ଷଡଙ୍ଗୀ, ଅନିତା ରାୟ, ଉର୍ମିଳା ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କାଉନସିଲରମାନଙ୍କ ପ୍ରଦାନ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଗତ ଫେବୃଆରୀ ୨୪ ତାରିଖରେ ଜୟପୁର ପୌରପାଳିକା ପକ୍ଷରୁ ସଫେଇ ଓ ପରିମଳ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ମୋଟ ୯ଟି ଠିକାସଂସ୍ଥା ଏଥିରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୪ଟି ଠିକାସଂସ୍ଥାକୁ ଆବଶ୍ୟକ କାଗଜପତ୍ର ନଥିବା ନେଇ ଅଯୋଗ୍ୟ ଘୋଷଣା କରାଯାଇଥିଲା ଏବଂ ଜଣେ ଅନଲାଇନ ଟେଣ୍ଡରରେ ଅଂଶଗ୍ରହଣ ନକରିଥିବାରୁ କେବଳ ୪ଟି ଠିକାସଂସ୍ଥା ଏଥିପାଇଁ ଯୋଗ୍ୟତା ହାସଲ କରିଥିଲେ। ଚୂଡ଼ାନ୍ତ ଚୟନରେ ଆର୍ଥିକ ସ୍ୱଚ୍ଛଳତା ରହିଥିବା ୩ଟି ଠିକାସଂସ୍ଥା ସମାନ ଦରର ଟେଣ୍ଡର ଦାଖଲ କରିଥିବା ଯୋଗୁଁ ଲଟେରୀ ପଦ୍ଧତି ବ୍ୟବହାର କରାଯାଇଥିଲା। ଏହି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା । ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ୪ଜଣ କାଉନସିଲର ଟେଣ୍ଡର ପ୍ରକ୍ରିୟାରେ ଅନିୟମତା ନେଇ ଅଭିଯୋଗ କରିବା ସହିତ ତଦନ୍ତ କରିବାକୁ ଦାବି କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ୍ନ ଅଧିକାରୀ ଏହାର ତଦନ୍ତ କରିବା ସହିତ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ସେହିପରି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ମଧ୍ୟ ଲଟେରୀ ପ୍ରକ୍ରିୟାରେ ଅନିୟମତା ନେଇ ତଦନ୍ତ କରାଯାଇଛି। ଏହା ସତ୍ୟ ହୋଇଥାଏ ତେବେ ତୁରନ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ ଏବଂ ଏଥିନେଇ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିବେ ବୋଲି କହିଥିଲେ।

## ପୋଖରୀରେ ବୁଡି ବୃଦ୍ଧାଙ୍କ ମୃତ୍ୟୁ

ଲମତାପୁଟ,୧୨।୫ (ସମିସ): ଆଜି କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ସଏଲପଡା ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା। ସୂଚନା ଅନୁଯାୟୀ ଏହି ଗ୍ରାମର ଦନାଇ ଧାଙ୍ଗଡାମାଝୀ (୭୦) ନିତିଦିନ ଭଳି ପାହାନ୍ତିଆରେ ଗ୍ରାମ ନିକଟରେ ଥିବା ପୋଖରୀକୁ ଶୌଚ ହେବା ପାଇଁ ଯାଇଥିଲେ ଏବଂ ଗୋଡ ଖସି ପୋଖରୀରେ ବୁଡିଯାଇଥିଲେ। ବୃଦ୍ଧା ଦନାଇ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ବର୍ଗ ଆଖ ପାଖ ଖୋଜା ଖୋଜି କରିବା ବେଳେ ପୋଖରୀରେ ତାଙ୍କ ମୃତ ଶରୀର ଭାସୁଥିବା ଦେଖିବାକୁ ମିଳିଥିଲା। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ମୃତ ବୃଦ୍ଧାଙ୍କୁ ଉଦ୍ଧାର କରିଥିଲେ। ମାଛକୁଣ୍ଡ ପାଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

● ୩ ଶ୍ରମିକ ମୃତ୍ୟୁ ଘଟଣା

## ବନ୍ଧା ପଡ଼ିଥିଲା ଦିବା ଯାନୀଙ୍କ ଶବ



ଲକ୍ଷ୍ମୀପୁର,୧୨।୫(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ପଞ୍ଚଡ଼ା ଗାଁ ୩ ଦାଦନ ଶ୍ରମିକ ମୃତ୍ୟୁ ଘଟଣାରେ ଦିବାକର ଯାନୀ ନାମକ ଜଣେ ଶ୍ରମିକ ବିଶାଖାପାଟଣା ମେଡିକୋଭର ଘରୋଇ ମେଡିକାଲ୍‌ରେ ଚିକିତ୍ସିତ ହେଉଥିଲେ। ଗୁରୁବାର ରାତି ୧୦ଟା ୩୯ ମିନିଟରେ ଆଡମିଟ ହୋଇ ଥିଲେ ଏବଂ ପାହାନ୍ତିଆ ୩ଟା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଳ୍ପ ସମୟ ଭିତର ଏତେ କଣ ଟ୍ରିଟମେଣ୍ଟ ହେଲା ଯେ ୮୫ ହଜାର ୪ଶହ ୬୮ ଟଙ୍କା ବିଲ ହୋଇ କରାଯାଇ ମୃତ ଦିବାକରଙ୍କ ସମ୍ପର୍କୀୟଙ୍କୁ ଧରାଇ ଦିଆ ଯାଇଥିଲା। ସମସ୍ତ ବିଲ ପଇଠ କଲେ ହିଁ ଶବକୁ ଦିଆଯିବ ବୋଲି ମେଡିକାଲ୍ ପକ୍ଷରୁ କୁହା ଯାଇଥିଲା। ଦାଦନ ଶ୍ରମିକ ପରିବାର ଏତେ ଟଙ୍କା କେଉଁଠୁ ଆଣିବେ ବୋଲି ଚିନ୍ତାରେ ପଡି ଯାଇ ଥିଲେ। ଅର୍ଥ ଅଭାବ ଯୋଗୁଁ ଶବ ବନ୍ଧା ପଡିଥିଲା ମେଡିକାଲରେ। ସମସ୍ତଙ୍କୁ ସହାୟତାର ହାତ ବଢ଼ାଇ ଥିଲେ । କିନ୍ତୁ କେହି ସହାୟତା କରି ନଥଇଲେ। ଶେଷରେ ବିଧାୟକଙ୍କୁ ଫୋନ କରି ସାହାଯ୍ୟ ମାଗିଥିଲେ। ଏହି ଦୁଃଖଦ ଖବର ଶୁଣି ନିଜେ ବିଧାୟକ ପବିତ୍ର ସାଉଁନ୍ତା ସାହାଯ୍ୟର ହାତ ବଢ଼ାଇ ଥିଲେ ଏବଂ ଫୋନ ଯୋଗେ ପଇସା ପଠାଇ ଥିଲେ। ଏହା ପରେ ଦିବାର ଶବକୁ ମେଡିକାଲ କର୍ତ୍ତୃପକ୍ଷ ଛାଡ଼ିଥିବା ଦିବାର ବାପା ଚୈତନ୍ୟ ଯାନୀ ଓ ଭାଇ କାର୍ତ୍ତିକ ଯାନୀ କହିଛନ୍ତି। ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ବିଧାୟକ ସହାୟତା ଦେଇ ମହାନତା ଦେଖାଇଛନ୍ତି । ତେଣୁ ତାଙ୍କୁ ସବୁ ମହଲରୁ ପ୍ରଶଂସା କରାଯାଉଛି। ଏତେ କମ୍ ସମୟ ମଧ୍ୟରେ ୮୦ ହଜାର ଟଙ୍କା ବିଲ କିପରି ହେଲା ସେ ନେଇ ମେଡିକାଲ ଉପରେ ତଦନ୍ତ ହେବା ଆବଶ୍ୟକ ବୋଲି ବିଧାୟକ କହିଛନ୍ତି। ସ୍ୱାସ୍ଥ୍ୟ ଓ ଶ୍ରମ ମନ୍ତ୍ରୀ ପଞ୍ଚଡା ଗାଁକୁ ଗସ୍ତ କରି ଏହି ଗାଁ ର ବାସ୍ତବ ଚିତ୍ରକୁ ଅନୁଧ୍ୟାନ କରନ୍ତୁ

### ବିଧାୟକଙ୍କ ହସ୍ତକ୍ଷେପ, ଶବ ଛାଡିଲେ କର୍ତ୍ତୃପକ୍ଷ

ବୋଲି ଶ୍ରୀ ସାଉଁନ୍ତା କହିଛନ୍ତି। ମେଡିକାଲରୁ ଶବ ଆଣି ଗାଁରେ ସତ୍କାର କରାଇବା ପର୍ଯ୍ୟନ୍ତ ବିଧାୟକ ସାହାଯ୍ୟର ହାତ ବଢ଼ାଇ ଥିବାରୁ ପଞ୍ଚଡ଼ା ଗାଁବାସୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବିଜୁ ଜନତା ଦଳର ସାଂଗଠନିକ ବୈଠକ

ବୈପାରୀଗୁଡ଼ା,୧୨।୫(ସମିସ):

ବୈପାରିଗୁଡା ବିଜୁ ଜନତା ଦଳ ବ୍ଲକ ସଭାପତି ମନୋଜ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଦଳୀୟ କାର୍ଯ୍ୟାଳୟ ଠାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦଳର ସଂଗଠନକୁ ଅଧିକ ସୁଦୃଢ଼ କରିବା ପାଇଁ ଉପସ୍ଥିତ ବରିଷ୍ଠ ନେତାମାନଙ୍କୁ ନେଇ ଆଲୋଚନା କରାଯାଇଛି । ଅଗାମି ଦିନରେ ବୈପାରୀଗୁଡା ଠାରେ ମହିଳା ସମାବେଶ ହେବା ନେଇ ଆଜି ନିଷ୍ପତି ନିଆଯାଇଛି । ସେହିପରି ଏହି ବୈଠକରେ ମୁଖ୍ୟତଃ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ବୁଥ୍ ସ୍ତରୀୟ ଠାରୁ ଆରମ୍ଭ କରି ପଞ୍ଚାୟତ ଏବଂ ବ୍ଲକ ସ୍ତରୀୟ ପର୍ଯ୍ୟନ୍ତ ବିଭିନ୍ନ କମିଟି ଗଠନ କରାଯିବ ବୋଲି ସୂଚନା ରହିଛି । ଅପାରଗତ ଡବଲ ଇଂଜିନ ସରକାରଙ୍କ ବିରୋଧରେ ମାଷ୍ଟର ପ୍ଲାନ ପ୍ରସ୍ତୁତି କରିବା ସହ ଦଳୀୟ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ରଣନୀତି ପ୍ରସ୍ତୁତି କରାଯାଉଛି।



ତାରକେଶ୍ୱର ଠିକାଦାର ସଂଘ ଏକତାର ବଡ଼ ପରୀକ୍ଷା

# ୩୭ ଉନ୍ନୟନମୂଳକ କାମ ପାଇଁ ଖୋଲିବ ଟେଣ୍ଡର ବାକ୍ସ

ଏମିଭି-୭ ୯,୧୨।୫(ସମିସ):



ଆଜିଠାରୁ ପଟେରୁ ଜଳ ସମ୍ପଦ ବିଭାଗ ଏମଭି୭ ୯ ଡିଭିଜନ୍୩ ପକ୍ଷରୁ ଅନଲାଇନ୍ ମାଧ୍ୟମରେ ୩୭ଟି ଉନ୍ନୟନମୂଳକ କାମ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ଏବେ ସମସ୍ତଙ୍କ ନଜର ରହିଛି ଠିକାଦାରମାନଙ୍କ ଏକତା ଉପରେ। ନିକଟରେ ଏମଭି୭ ୯ ସ୍ଥିତ ତାରକେଶ୍ୱର ମନ୍ଦିର ପରିସରରେ ଦୁଇ ଦୁଇଥର ବୈଠକ ଆୟୋଜନ କରାଯାଇଥିଲା। ଏହି ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକର ଶତାଧିକ ଠିକାଦାର ଏକତ୍ରିତ ହୋଇ 'ତାରକେଶ୍ୱର ଠିକାଦାର ସଂଘ' ଗଠନ କରିଥିଲେ। ସେହି ବୈଠକରେ ସମସ୍ତେ ଏକମତ ହୋଇ ନିଷ୍ପତ୍ତି ନେଇଥିଲେ ଯେ, ଆଗାମୀ ଦିନରେ କୌଣସି ଠିକାଦାର କମ୍ ରାଶି ବା 'ଲେସ୍ ଆମାଉଣ୍ଟ'ରେ ଟେଣ୍ଡର ଦାଖଲ କରିବେ ନାହିଁ। ସମସ୍ତେ କେବଳ 'ସ୍କେଜୁଲ୍ ରେଟ୍' ଅନୁଯାୟୀ ଟେଣ୍ଡର ଦାଖଲ କରିବେ ବୋଲି ସଂକଳ୍ପ ନେଇଥିଲେ। ଏବେ ପଟେରୁ ଜଳ ସମ୍ପଦ ବିଭାଗ ଏମଭି ୭ ୯ ଡିଭିଜନ୍ ୩ର ଏହି ୩୭ଟି କାମର ଟେଣ୍ଡର ପ୍ରକ୍ରିୟା ହିଁ ହୋଇଛି ସେହି ସଂକଳ୍ପର ପ୍ରକୃତ ପରୀକ୍ଷା। ଠିକାଦାରମାନେ ସତରେ ଏକତା ରଖି କମିଟିର ନିଷ୍ପତ୍ତିକୁ ମାନୁଛନ୍ତି ନା ପୁରୁଣା ଭଳି ନିଜ ନିଜ ମଧ୍ୟରେ ପ୍ରତିଯୋଗିତା କରି କମ୍ ରାଶିରେ ଟେଣ୍ଡର ଦାଖଲ କରୁଛନ୍ତି ତାହାକୁ ନେଇ ଏବେ ସମଗ୍ର ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଛି। ଯଦି ଏଥର ସମସ୍ତ ଠିକାଦାର ସିଡ୍ୟୁଲ ରେଟ୍‌ରେ ଟେଣ୍ଡର ଦାଖଲ କରନ୍ତି, ତେବେ ୨୦୨୧ ପରେ ପ୍ରଥମଥର ପାଇଁ ଜିଲ୍ଲାରେ ଏପରି ଏକତାମୂଳକ ଟେଣ୍ଡର ପ୍ରକ୍ରିୟା ଦେଖିବାକୁ ମିଳିବ। ଏହାକୁ ମାଲକାନଗିରି ଜିଲ୍ଲାର ଠିକାଦାର ଏକତାର ଐତିହାସିକ ସଫଳତା ବୋଲି ମନେ କରାଯାଉଛି। ସୂଚନା ଅନୁଯାୟୀ, ଏହି ଟେଣ୍ଡରଗୁଡ଼ିକ ଆସନ୍ତା ୨୧ କିମ୍ବା ୨୨ ତାରିଖରେ ଖୋଲାଯିବ। ଟେଣ୍ଡର ଓପନ୍ ହେବା ପରେ ହିଁ ସ୍ପଷ୍ଟ ହେବ ଯେ, ଠିକାଦାରମାନେ ବୈଠକରେ ନେଇଥିବା ସଂକଳ୍ପକୁ କେତେ ଦୂର ପାଳନ କରିଛନ୍ତି ଏବଂ ପ୍ରକୃତରେ ସମସ୍ତେ ଏକ ହୋଇ ଅଛନ୍ତି କି ନାହିଁ। ସୂଚନାଯୋଗ୍ୟ, ପୂର୍ବ ସରକାର ସମୟରେ ଟେଣ୍ଡରରେ ସର୍ବାଧିକ ୧୪.୯୯ ପ୍ରତିଶତ ପର୍ଯ୍ୟନ୍ତ 'ଲେସ୍ ଆମାଉଣ୍ଟ'ରେ ଟେଣ୍ଡର ଦାଖଲ କରିବାର ସୀମା ରହିଥିଲା। କିନ୍ତୁ ବର୍ତ୍ତମାନ ସରକାର ଏହି ସୀମାକୁ ହଟାଇ ଅସୀମିତ ଭାବେ କମ୍ ରାଶିରେ ଟେଣ୍ଡର ଦାଖଲ କରିବାକୁ ଅନୁମତି ଦେଇଥିବାରୁ ଠିକାଦାରମାନଙ୍କ ମଧ୍ୟରେ କାମ ପାଇବା ନେଇ ପ୍ରତିଯୋଗିତା ବଢ଼ିଛି। ଏହାର ପ୍ରଭାବ ସିଧାସଳଖ ଭାବେ ଗ୍ରାମାଞ୍ଚଳର ଉନ୍ନୟନ କାମର ଗୁଣମାନ ଉପରେ ପଡୁଥିବା ଅଭିଯୋଗ ଆସୁଛି। ବୁଦ୍ଧିଜୀବୀ ଓ ସାଧାରଣ ଲୋକଙ୍କ ମତରେ, ଅତ୍ୟଧିକ କମ୍ ରାଶିରେ କାମ ନେବା ଫଳରେ ଅନେକ ସମୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର ହେଉଛି ଓ ଗ୍ରାମାଞ୍ଚଳରେ ଉନ୍ନୟନ କାମର ଗୁଣମାନ ପ୍ରଭାବିତ ହେଉଛି। ତେଣୁ ଯଦି ସମସ୍ତ ଠିକାଦାର ଏଥର ସତରେ ସିଡ୍ୟୁଲ୍ ରେଟ୍‌ରେ ଟେଣ୍ଡର ଦାଖଲ କରନ୍ତି, ତେବେ କାମର ଗୁଣମାନ ବୃଦ୍ଧି ପାଇବା ସହ ଜିଲ୍ଲାର ଉନ୍ନୟନ କାର୍ଯ୍ୟ ଅଧିକ ସୁଚାରୁ ଭାବେ ହୋଇପାରିବ ବୋଲି ଆଶା ପ୍ରକାଶ ପାଉଛି। ଏବେ ଦେଖିବାକୁ ବାକି ରହିଲା, ଠିକାଦାରମାନଙ୍କ ଏହି ଏକତା କେବଳ ବୈଠକ ଓ ଶପଥ ମଧ୍ୟରେ ସୀମିତ ରହୁଛି, ନା ଟେଣ୍ଡର ପ୍ରକ୍ରିୟାରେ ମଧ୍ୟ ତାହାର ପ୍ରତିଫଳନ ଦେଖିବାକୁ ମିଳୁଛି।

● ଗୁଣୁପୁର ପ୍ରିମିୟର ଲିଗ୍ ସିଜନ-୪

## ଗୁଣୁପୁର ଚିତାସ୍ ପ୍ରଥମ ଫାଇନାଲିଷ୍ଟ





ଗୁଣୁପୁର,୧୨।୫(ସମିସ):

ଗୁଣୁପୁର ପ୍ରିମିୟର ଲିଗ୍ ସିଜନ-୪ର ସେମିଫାଇନାଲ୍ ମ୍ୟାଚ୍‌ରେ ଗୁଣୁପୁର ଚିତାସ୍ ଓ ନିୟମଗିରି ଟାଇଗର୍ସ ମଧ୍ୟରେ ରୋମାଞ୍ଚକର ମୁକାବିଲା ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ନିୟମଗିରି ଟାଇଗର୍ସ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରି ଗୁଣୁପୁର ଚିତାସ୍ ୧୬୦ ରନ୍ ସଂଗ୍ରହ କରିଥିଲା। ଜବାବରେ ନିୟମଗିରି ଟାଇଗର୍ସ ୧୪୮ ରନ୍‌ରେ ସମସ୍ତ ୱିକେଟ୍ ହରାଇଥିଲେ। ଫଳରେ ଗୁଣୁପୁର ଚିତାସ୍ ୧୨ ରନ୍‌ରେ ବିଜୟ ଲାଭ କରି ଜିପିଏଲ୍ ସିଜନ୪ର ପ୍ରଥମ ଫାଇନାଲିଷ୍ଟ ହୋଇଛି। ଆଜିର ମ୍ୟାଚ୍‌ରେ ଗୁଣୁପୁର ଚିତାସ୍‌ର ଖେଳାଳି ଅର୍ଶଦ କିଶୋର ୩୬ଟି ବଲ୍‌ରେ ଦର୍ଶନୀୟ ୫୪ ରନ୍ କରି 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଭାବେ ଚୟନିତ ହୋଇଥିଲେ। ଏହି ପୁରସ୍କାର ବିଜେପି ନେତା ଅମର କୁମାର ସାହୁଙ୍କ ଦ୍ୱାରା ଟ୍ରଫି ସହ ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜିର ମ୍ୟାଚ୍‌ରେ ଅମ୍ପାୟାର ଭାବେ ଶରଦା ପ୍ରସାଦ ମହାପାତ୍ର ଓ ରଞ୍ଜନ ଜେନା ଦାୟିତ୍ୱ ତୁଲାଇଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ରାଇଜିଂ ଷ୍ଟାର୍ ସ୍ପୋର୍ଟସ୍ ଏଣ୍ଡ ସୋସିଆଲ୍ ସର୍ଭିସ୍ ଆସୋସିଏସନ୍ ପକ୍ଷରୁ ସୁଚାରୁ ଭାବେ ପରିଚାଳନା କରାଯାଉଛି।

ସକାଳ
THE SAKALA

# ସମ୍ପାଦକୀୟ



ଋଣଚିନ୍ତାରେ ସକାଳୁ ଉଠିବା ଅପେକ୍ଷା ବରଂ ରାତିରେ ଭୋକରେ ଶୋଇଯିବା ଶ୍ରେୟସ୍କର।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

## ପୁଣି ନିଟ୍ ବିଭ୍ରାଟ

ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖା ପାଇଁ ଉଦ୍ଦିଷ୍ଟ ସର୍ବଭାରତୀୟ ନିଟ୍-ୟୁଜି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ପ୍ରମାଣିତ ହେବା ପରେ ନ୍ୟାଶନାଲ୍ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ମେ ୩ ତାରିଖରେ ଅନୁଷ୍ଠିତ ଚଳିତ ବର୍ଷର ପରୀକ୍ଷାକୁ ବାତିଲ କରିଛି। ଏଣୁ ୨୨ ଲକ୍ଷ ୫ ହଜାର ଛାତ୍ରଛାତ୍ରୀ ପୁଣି ଥରେ ଏହି ପରୀକ୍ଷା ଦେବାକୁ ପଡ଼ିବ। ୨୦୨୪ରେ ନିଟ୍ ୟୁଜିରେ କେତେକ ପରୀକ୍ଷା କେନ୍ଦ୍ରର ଛାତ୍ରଛାତ୍ରୀଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ(ଗ୍ରେସ୍‌ମାର୍କ) ଅଭିଯୋଗ ଆସିବା ପରେ ଜାତୀୟସ୍ତରରେ ରାଜନୀତି ଉଷ୍ମ ହୋଇଥିଲା। ପରୀକ୍ଷା ବାତିଲ୍ ଦାବି ଜୋର ଧରିଥିଲା। ଶେଷରେ ମାମଲା ସର୍ବୋଚ୍ଚ ନ୍ୟାୟାଳୟକୁ ଯାଇଥିଲା ଏବଂ ଘଟଣାର ସିବିଆଇ ତଦନ୍ତ ହୋଇଥିଲା। ଏ ସବୁ ସତ୍ତ୍ୱେ ସରକାରଙ୍କ ଭାବମୂର୍ତ୍ତି ରକ୍ଷା ପାଇଁ ଏନ୍‌ଟିଏ ପରୀକ୍ଷା ବାତିଲ୍ କରି ନଥିଲା। କିନ୍ତୁ ଚଳିତ ଥର ପରୀକ୍ଷା ବାତିଲ୍ ଘୋଷଣା ପରେ ପ୍ରଶ୍ନପତ୍ର ପ୍ରଘଟ ମାମଲା ଓ ଦୁର୍ନୀତି କେତେ ସଙ୍ଗିନ ତାହା ପ୍ରମାଣିତ ହୋଇଛି।

୨୦୧୭-୧୮ ମସିହାରେ ଅଲ୍‌ଇଣ୍ଡିଆ ପ୍ରିମେଡିକାଲ୍ ଟେଷ୍ଟ(ଏଆଇପିଏମ୍‌ଟି)କୁ ଉଚ୍ଛେଦ କରି ନିଟ୍ ଲାଗୁ ହେବା ପରଠାରୁ ଏହାକୁ ନେଇ ବିଭିନ୍ନ ସମୟରେ ବିବାଦ ଉଠିଛି। ତାମିଲନାଡୁ ପରି କେତେକ ରାଜ୍ୟ ନିଟ୍ ଉଚ୍ଛେଦ ପାଇଁ ଦାବି କରୁଥିବା ବେଳେ ଆଉ କେତେକ ରାଜ୍ୟର ଦାବି ଅନୁଯାୟୀ ନିଟ୍‌କୁ ଆଞ୍ଚଳିକ ଭାଷାରେ କରାଯାଉଛି। ପୂର୍ବରୁ ନିଟ୍ ପରୀକ୍ଷା କେନ୍ଦ୍ରୀୟ ବିଦ୍ୟାଳୟ ଶିକ୍ଷା ପରିଷଦ(ସିବିଏସ୍‌ସି) ଦ୍ୱାରା ପରିଚାଳିତ ହେଉଥିବା ବେଳେ ୨୦୧୯ରୁ ଏହାର ଦାୟିତ୍ୱ ନ୍ୟାଶନାଲ୍ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଉପରେ ନ୍ୟସ୍ତ ଅଛି। କିନ୍ତୁ ଏନ୍‌ଟିଏ ଗଠନ ହେବା ପରଠାରୁ ବିଭିନ୍ନ କାରଣରୁ ବିବାଦୀୟ ହୋଇପଡ଼ିଛି। ଚଳିତ ନିଟ୍-ୟୁଜି ପରୀକ୍ଷା ପୂର୍ବରୁ ଏନ୍‌ଟିଏ ଦ୍ୱାରା ବିଭିନ୍ନ ସମୟରେ ପରିଚାଳିତ ପ୍ରାୟ ୭୧ଟି ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ଓ ପ୍ରଶ୍ନପତ୍ର ବିଭ୍ରାଟ ପରି ଗୁରୁତର ଅଭିଯୋଗ ଆସିଛି। ସେତେବେଳେ ଯଦି ସରକାର ଏହି ଅଭିଯୋଗକୁ ଗୁରୁତ୍ୱ ଦେଇଥା'ନ୍ତେ ତେବେ ଆଜି ଏଭଳି ବିଷମ ଜାତୀୟ ପରିସ୍ଥିତି ସୃଷ୍ଟି ହୋଇ ନ ଥା'ନ୍ତା।

ଜାତୀୟ ସ୍ତରରେ ସମସ୍ତ ପ୍ରବେଶିକା ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ଏକ ସଂସ୍ଥା ପର୍ଯ୍ୟାପ୍ତ ପୂର୍ବପ୍ରସ୍ତୁତି ସତ୍ତ୍ୱେ କ'ଣ ପାଇଁ ଏତେ ବିଭ୍ରାଟ ହେଉଛି? ସବୁ ପରୀକ୍ଷା କେନ୍ଦ୍ରରେ ଠିକ ସମୟରେ ପ୍ରଶ୍ନପତ୍ର ପହଞ୍ଚି ପାରୁନାହିଁ କାହିଁକି? ଏହା ଗୁରୁତର ପରିଚାଳନାଗତ ତ୍ରୁଟି ନୁହେଁ କି? ଏହା ଉଦ୍ଦେଶ୍ୟମୂଳକ ନା ଏକ ଅଘଟଣ? ଏଭଳି ଅଘଟଣ ବାରମ୍ବାର ଘଟୁଛି କାହିଁକି? ଏନ୍‌ଟିଏର ତ୍ରୁଟି ପାଇଁ ପରୀକ୍ଷାର୍ଥୀମାନେ କାହିଁକି ପୁଣି ଥରେ ପରୀକ୍ଷା ଦେବେ? ଏଭଳି ଅନେକ ପ୍ରଶ୍ନ ୟୁଜି ନିଟ୍ ପରୀକ୍ଷା ବିଭ୍ରାଟ ପରେ ଉଠୁଛି। ଜାତୀୟସ୍ତରର ସମସ୍ତ ପ୍ରବେଶିକା ଓ ଯୋଗ୍ୟତା ପରୀକ୍ଷାର ପରିଚାଳନା ଦାୟିତ୍ୱ ପାଇଥିବା କେନ୍ଦ୍ରୀୟ ସଂସ୍ଥାର ଏଭଳି ପରିଚାଳନାଗତ ଅପରାଗତା ଭାରତକୁ ବିଶ୍ୱ ଦରବାରରେ ନିନ୍ଦିତ କରିଛି।

୨୦୨୪ରେ ନିଟ୍-ୟୁଜିରେ ବିଭ୍ରାଟ ହୋଇଥିବା ଜଣାପଡ଼ିବା ପରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ସରକାର କେତେକ ପଦକ୍ଷେପ ନେଇଥିଲେ। ଜାତୀୟ ପ୍ରବେଶିକା ପରୀକ୍ଷାର ପରିଚାଳନାରେ ସଂସ୍କାର ପରାମର୍ଶ ଦେବା ପାଇଁ ଦେଶର ବଛାବଛା ଶିକ୍ଷାବିତ୍‌ଙ୍କୁ ନେଇ ଇସ୍ରୋର ପୂର୍ବତନ ମୁଖ୍ୟ ଡ. କେ ରାଧାକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ସାତଜଣିଆ କମିଟି ଗଠନ କରିଥିଲେ। ଏଥିସହିତ ଜାତୀୟ ପରୀକ୍ଷା ପରିଚାଳନା ଆଇନକୁ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ କରିବା ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା। କମିଟି ବର୍ଷ ଶେଷସୁଦ୍ଧା ତାଙ୍କ ରିପୋର୍ଟ ଦେଇଥିଲେ। ଏହାସତ୍ତ୍ୱେ ପୁଣି ଥରେ ବିଭ୍ରାଟ ଦେଖାଯିବା ପରେ ଯୋଜନା ଓ କାର୍ଯ୍ୟାନ୍ୱୟନ ଭିତରେ ଯେ ଏକ ବଡ଼ ତଫାତ ରହିଛି ତାହା ସ୍ପଷ୍ଟ ହୋଇଛି।

ଦେଇସାରିଥିବା ପରୀକ୍ଷା ବାତିଲ୍ ହେବା ପରେ ମେଧାବୀ ଯୋଗ୍ୟ ପରୀକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକମାନେ କି ପ୍ରକାର ମାନସିକ ଚାପରେ ଥିବେ ତାହା ଅନୁମେୟ। କାରଣ ଦୁଇଦୁଇଟି ପରୀକ୍ଷାରେ ଜଣେ ମେଧାବୀ ସମାନ ଦକ୍ଷତା ଓ ସଫଳତା ଦୋହରାଇବାର ନିଶ୍ଚିତତା ନାହିଁ। ଏକେ ତ ନିଟ୍-ୟୁଜି ପରୀକ୍ଷା ପାଇଁ ପିଲାମାନେ ବର୍ଷବର୍ଷ ଧରି କୋଚିଂ କ୍ଲାସ୍‌ରେ ନାଁ ଲେଖାଇ ଖର୍ଚ୍ଚାନ୍ତ ହୋଇ ପ୍ରସ୍ତୁତି କରୁଛନ୍ତି। ତାହା ପୁଣି ପରୀକ୍ଷାର୍ଥୀଙ୍କୁ ଯେଭଳି କଠିନ ପ୍ରତିଯୋଗିତା ଓ ମାନସିକ ଚାପର ସମ୍ମୁଖୀନ କରାଉଛି ତାହା ସହି ନ ପାରି ଅନେକ ଛାତ୍ର ଆତ୍ମହତ୍ୟା କରୁଛନ୍ତି ଅଥବା କୋଚିଂ ଛାଡ଼ି ପଳାଉଛନ୍ତି। ଏହାସତ୍ତ୍ୱେ ଯଦି ପରୀକ୍ଷା ବାତିଲ୍ ହୁଏ ଏବଂ ପରୀକ୍ଷାରେ ବିଭ୍ରାଟ ହେଉଥିବା ପ୍ରମାଣିତ ହୁଏ ତେବେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ପ୍ରତି ନିର୍ଯାତନା ଏବଂ ଅକ୍ଷମଣୀୟ ଅପରାଧ ଭାବେ ବିବେଚନା ହେବା ଉଚିତ। ଗତାନୁଗତିକ ରୀତିରେ ଏହି ଘଟଣାର ତଦନ୍ତ ଆରମ୍ଭ ହେବ। କିନ୍ତୁ ଏଥିରେ ମେଧାମାନଙ୍କର ଯେଉଁ ନୈତିକ କ୍ଷୟ ହେଲା ତାହାର ଭରଣା କରିବ କିଏ?

ବାସ୍ତବତା ହେଉଛି ଅତୀତରେ ହେଉଥିବା ଏଭଳି ପ୍ରଶ୍ନପତ୍ର ପ୍ରଘଟ ଓ ପରୀକ୍ଷା ପରିଚାଳନା ବିଭ୍ରାଟ ପାଇଁ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ହେଉନାହିଁ। ଏବେ ସମୟ ଆସିଛି ଏ ସମ୍ପର୍କରେ ପୁନଃଚିନ୍ତନ ଆବଶ୍ୟକ। ପ୍ରଶ୍ନପତ୍ର ପ୍ରଘଟ ଓ ପରିଚାଳନା ବିଭ୍ରଟରେ ଲକ୍ଷ ଲକ୍ଷ ଜୀବନ ପ୍ରଭାବିତ ହେଉଥିବାରୁ ଏହାକୁ ଗୁରୁତର ଅପରାଧ ତାଲିକାଭୁକ୍ତ କରି ତଦନୁଯାୟୀ ଦଣ୍ଡବିଧାନ ମଧ୍ୟ ଜାତୀୟ ନିରାପତ୍ତା ଆଇନ୍ ଭଳି କଠୋର ହେବା ଆବଶ୍ୟକ। ସାମାନ୍ୟ କିଛି ଅର୍ଥଲୋଭରେ ଯେଉଁଠି ଜୀବନରକ୍ଷାକାରୀ ଔଷଧକୁ ଭେଜାଲ୍ କରାଯାଇପାରୁଛି ସେଠାରେ ପ୍ରଶ୍ନପତ୍ର ପ୍ରଘଟ କରୁଥିବା ଅସାମାଜିକ ତତ୍ତ୍ୱଙ୍କଠାରୁ ନୈତିକତା ଓ ସୁଧାର ଆଶା ବୃଥା। ତେଣୁ ରାଜନୀତିରୁ ଊର୍ଦ୍ଧ୍ୱରେ ଏଥିପାଇଁ ସର୍ବସମ୍ମତିଭିତ୍ତିକ ସମନ୍ୱିତ ସଂସ୍କାର ଲୋଡ଼ା। ●

# ଦର୍ଶକ ଓଡ଼ିଆ ଚଳଚ୍ଚିତ୍ର ବିମୁଖ କାହିଁକି!

ଡକ୍ଟର ମାନସ ରଞ୍ଜନ ଶତପଥୀ

ଓଡ଼ିଆ ଟେଲିଭିଜନ କାର୍ଯ୍ୟକ୍ରମଗୁଡ଼ିକ ଲୋକପ୍ରିୟତା ଆଧାରରେ ବଙ୍ଗାଳୀ ଓ ମରାଠୀ ପରେ ତାଲିକାରେ ତୃତୀୟ ସ୍ଥାନରେ ରହିଛି। କିନ୍ତୁ ଗତ ଦଶବର୍ଷ ମଧ୍ୟରେ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ନିଜ ଦର୍ଶକଙ୍କୁ ସିନେମା ହଲ୍ ପର୍ଯ୍ୟନ୍ତ ଟାଣି ଆଣିବାରେ ସଂଘର୍ଷ କରୁଛି। ଓଡ଼ିଆ ଦର୍ଶକମାନେ କାହିଁକି ହିନ୍ଦୀ ଏବଂ ଅନ୍ୟ ଆଞ୍ଚଳିକ ସିନେମା ପ୍ରତି ଅଧିକ ଆଗ୍ରହ ଦେଖାଉଛନ୍ତି? ସମୟ ସହିତ ଓଡ଼ିଆ ସିନେମାର ତାରକାମାନଙ୍କର ପ୍ରଭାବ ଜନମାନସରେ କିପରି ବଦଳିଛି? ଏହି ପ୍ରଶ୍ନଗୁଡ଼ିକର ଉତ୍ତର କେବଳ ବାହ୍ୟକାରଣରେ ନୁହେଁ, ବରଂ ଓଡ଼ିଆ ସିନେମା ଶିଳ୍ପ ଭିତରେ ଦଶନ୍ଧି ଦଶନ୍ଧି ଧରି ଚାଲିଥିବା ପରିଚୟ ଏବଂ ମୌଳିକତାର ସଙ୍କଟରେ ହିଁ ନିହିତ।

ଆଜିର ସିନେମା ନିଜର ମୂଳ ଓ ସାଂସ୍କୃତିକ ପରିଚୟଠାରୁ ଦୂରେଇ ଯାଇଥିବା ଅଭିଯୋଗ ହେଉଛି। ୧୯୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ଭାଷା ଭିତ୍ତିକ ରାଜ୍ୟ ଭାବେ ଗଠନ ହେବାର ମାତ୍ର ୨୭ ଦିନ ପରେ ମୁକ୍ତିଲାଭ କରିଥିଲା ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ'। ଏହା କେବଳ ଏକ ଚଳଚ୍ଚିତ୍ର ନଥିଲା ବରଂ ପାରମ୍ପରିକ ଓଡ଼ିଶୀ ସଙ୍ଗୀତ ଏବଂ ଲୋକକଥା ଉପରେ ଆଧାରିତ ଏକ ସାଂସ୍କୃତିକ ପରିଚୟର ଦୃଢ଼ ଘୋଷଣା ଥିଲା। ଏହି ସମୟର ସବୁଠାରୁ ବଡ଼ ବିଶେଷତା ଥିଲା ଓଡ଼ିଆ ସାହିତ୍ୟ ସହିତ ସିନେମାର ଗଭୀର ସମ୍ପର୍କ। ଓଡ଼ିଆ ସାହିତ୍ୟର ସଫଳ କୃତିଗୁଡ଼ିକୁ ସିନେମାରେ ରୂପାନ୍ତର କରିବାର ପ୍ରକ୍ରିୟା ହିଁ ଶିଳ୍ପର ସାଂସ୍କୃତିକ ପ୍ରାସଙ୍ଗିକତାର ମୁଖ୍ୟ ଉତ୍ସ ଥିଲା ଏବଂ ଦର୍ଶକଙ୍କ ସହ ଏକ ଗଭୀର ସମ୍ପର୍କ ସ୍ଥାପନ କରିଥିଲା। ସାଂସ୍କୃତିକ ପ୍ରାମାଣିକତାର ଯୁଗ ପରବର୍ତ୍ତୀ ସମୟରେ ଧୀରେ ଧୀରେ ଅବକ୍ଷୟ ଆଡ଼କୁ ଗତି କରିବା ସହିତ ଓଡ଼ିଆ ସିନେମା ଶିଳ୍ପର ସମସ୍ୟା ଆରମ୍ଭ ହୋଇଥିଲା। ମୌଳିକ କାହାଣୀକୁ ଛାଡ଼ି ଅନୁକରଣ ଆଡ଼କୁ ଏହି ମୋଡ଼ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଥିଲା, ଯେଉଁଠାରୁ ଦର୍ଶକଙ୍କ ବିଶ୍ୱାସରେ ଫାଟ ସୃଷ୍ଟି ହେବା ଆରମ୍ଭ ହେଲା।

ଏହି ଅବକ୍ଷୟର ଆରମ୍ଭ ୧୯୭୦ ଦଶକର ଶେଷ ଭାଗରୁ ହୋଇଥିଲା, ଯେତେବେଳେ ତେଲୁଗୁ, ତାମିଲ ଓ ହିନ୍ଦୀ ସିନେମାର ରିମେକ କରିବାର ପ୍ରଥା ଆରମ୍ଭ ହେଲା। ୧୯୮୦ ଓ ୯୦ ଦଶକରେ ଏହି ପ୍ରବୃତ୍ତି ଏତେ ବଢ଼ିଗଲା ଯେ ଓଡ଼ିଆ ସିନେମା ନିଜର ପରିଚୟ ସଙ୍କଟ ଦେଇ ଗତି କଲା। ଏହି ସଙ୍କଟ ଦ୍ୱିମୁଖୀ ଥିଲା: ଗୋଟିଏ ପଟେ କାହାଣୀର ସଙ୍କଟ (ରିମେକ୍) ଏବଂ ଅନ୍ୟପଟେ ପ୍ରତିଭାର ସଙ୍କଟ (ଅଣ-ଓଡ଼ିଆ ନିର୍ଦ୍ଦେଶକ ଓ କଳାକାରଙ୍କ ଆଗମନ), ଯାହା ଶିଳ୍ପର ସାଂସ୍କୃତିକ ମୂଳଦୁଆକୁ ଆହୁରି ଦୁର୍ବଳ କରିଦେଲା। ଏକାଧିକ ସୁଯୋଗ୍ୟ ଓଡ଼ିଆ ଅଭିନେତ୍ରୀ ଥାଇ ମଧ୍ୟ ପ୍ରାୟ ପ୍ରଯୋଜକ ଅଣଓଡ଼ିଆ ନାୟିକାମାନଙ୍କୁ ଚଳଚ୍ଚିତ୍ରରେ ସ୍ଥାନିତ କରି ଓଡ଼ିଆ ଦର୍ଶକଙ୍କ ମାନସିକତାକୁ ପ୍ରଭାବିତ କରିଥିଲେ। ଏହି ରଣନୀତିର ପରିଣାମ ଅତ୍ୟନ୍ତ ନକାରାତ୍ମକ ଥିଲା। ତେଲୁଗୁ, ତାମିଲ କିମ୍ବା ହିନ୍ଦୀ 'ମସଲା' ଫିଲ୍ମର ନକଲ କରି ଓଡ଼ିଆ ଶିଳ୍ପ ଦର୍ଶକଙ୍କୁ ଏକ ନିମ୍ନବଜେଟ୍ ଓ ନିମ୍ନମାନର ସିନେମା ଉପହାର ଦେଲା, ଯାହାକୁ ଦର୍ଶକମାନେ ମୂଳଭାଷାରେ ଉନ୍ନତମାନରେ ଦେଖିବାର ସୁଯୋଗ ପାଉଥିଲେ। ଓଡ଼ିଆ ଦର୍ଶକଙ୍କ ମନୋଭାବ ସ୍ପଷ୍ଟ ଥିଲା ଯେ ୩୦୦ କୋଟି ଟଙ୍କାର ହିନ୍ଦୀ ସିନେମା ବଦଳରେ ସମାନ ଟିକେଟ ମୂଲ୍ୟରେ ୩ କୋଟି ଟଙ୍କାରେ ତିଆରି ଏକ ନକଲି ଓଡ଼ିଆ ସିନେମା କାହିଁକି ଦେଖିବେ? ମୂଳ ସିନେମାରେ ଉନ୍ନତ 'ଭାଲ୍ୟୁ ଫର ମନି' ମିଳୁଥିବାରୁ ଦର୍ଶକମାନେ ନକଲକୁ ପ୍ରତ୍ୟାଖ୍ୟାନ କଲେ। ବିଶେଷଜ୍ଞ ଓ ସାଧାରଣ ଜନତାଙ୍କ ମତରେ ଏହି ରିମେକ ବା କପି ପେଷ୍ଟ ଦର୍ଶକଙ୍କ ମନରେ ଏକ ଦୀର୍ଘକାଳୀନ ନକାରାତ୍ମକ ଧାରଣା ସୃଷ୍ଟି କଲା, ଯାହାଫଳରେ 'ଓଡ଼ିଆ ମୁଭି ମାନେ ବେକାର ମୁଭି' ଭଳି ଏକ ଧାରଣା ଜନ୍ମ ନେଲା।

ବିଷୟବସ୍ତୁର ମାନରେ ଏହି ଅବନତି ସିଧାସଳଖ ତାରକାମାନଙ୍କ ଉପରେ ଜନସାଧାରଣଙ୍କର ଧାରଣାକୁ ମଧ୍ୟ ପ୍ରଭାବିତ କଲା। ୯୦ ଦଶକର ପ୍ରାରମ୍ଭରେ ଯେତେବେଳେ ଓଡ଼ିଆ ସିନେମା ଆର୍ଥିକ ସଙ୍କଟ ଦେଇ ଗତି କରୁଥିଲା, ସେତେବେଳେ କେବଳ କେତେଜଣ ସୁପରଷ୍ଟାରଙ୍କ ପ୍ରୟାସ ଓ ଲୋକପ୍ରିୟତା ହିଁ ଶିଳ୍ପକୁ ବଞ୍ଚାଇ ରଖିଥିଲା। ପ୍ରଶାନ୍ତ-ମହାଶ୍ୱେତା, ଉତ୍ତମ-ଅପରାଜିତା, ବିଜୟ-ତନ୍ଦ୍ରାଙ୍କ ଯୋଡ଼ି ଦର୍ଶକଙ୍କ ସହ ଏକ ଭାବଗତ ସମ୍ପର୍କ ସ୍ଥାପନ କରିଥିଲା, ଯାହା ସେମାନଙ୍କୁ କେବଳ ତାରକା ନୁହେଁ, ବରଂ ଶିଳ୍ପର ସ୍ତମ୍ଭଭାବେ ପ୍ରତିଷ୍ଠିତ କରିଥିଲା। ଓଡ଼ିଆ ସିନେମା ଶିଳ୍ପରେ ନାୟକ, ନାୟିକା, ହାସ୍ୟ ଅଭିନେତା ଓ ଖଳନାୟକ ଚରିତ୍ରରେ ଅନେକ କଳାକାରଙ୍କ ସୁନାମଭରା ତାଲିକା ଉପଲବ୍ଧ ହେଲେ ହେଁ ଆର୍ଥିକ ଭାବେ ଅତ୍ୟନ୍ତ ସ୍ୱଚ୍ଛଳ ପ୍ରଯୋଜକଙ୍କ ଅଭାବ ଯୋଗୁଁ ଯୁଗୋପଯୋଗୀ ବୈଷୟିକ ଜ୍ଞାନକୌଶଳ ଅଭାବ ଓଡ଼ିଆ ସିନେମାକୁ ପଛକୁ ଠେଲି ଦେଲା।

ସେହିପରି ସୁବର୍ଣ୍ଣ ଯୁଗର କଳାକାରମାନେ ନିଜ ମାଟିର ସଂସ୍କୃତି ଓ ସମସ୍ୟାକୁ ପ୍ରତିଫଳିତ କରୁଥିବା ମୌଳିକ ଚରିତ୍ରରେ ଅଭିନୟ କରି ମହାନାୟକ ପାଲଟି ଥିଲେ। କିନ୍ତୁ ରିମେକ ସଂସ୍କୃତି ସମକାଳୀନ କଳାକାରମାନଙ୍କୁ ସ୍ରଷ୍ଟା ପରିବର୍ତ୍ତେ ଅନୁକରଣକାରୀ ଭୂମିକାରେ ବାନ୍ଧି ରଖିଲା, ଯାହାଫଳରେ ସେମାନେ ପୂର୍ବପିଢ଼ିର ସୁପରଷ୍ଟାରମାନଙ୍କ ଭଳି ସ୍ୱତନ୍ତ୍ର ସାଂସ୍କୃତିକ ପ୍ରତିଭା ସୃଷ୍ଟି କରିବାରେ ବିଫଳ ହେଲେ। ଶିଳ୍ପର ଏହି ଆଭ୍ୟନ୍ତରୀଣ ସମସ୍ୟା ସହିତ ବାହ୍ୟ ପ୍ରତିଯୋଗିତା ମଧ୍ୟ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଥିଲା। ଯଦିଓ ଓଡ଼ିଆ ସିନେମା ଶିଳ୍ପର ଅବନତି ପାଇଁ ଏହାର ଆଭ୍ୟନ୍ତରୀଣ ସମସ୍ୟାଗୁଡ଼ିକ ମୁଖ୍ୟତଃ ଦାୟୀ, ତଥାପି ଏକ ପରିବର୍ତ୍ତିତ ପରିବେଶ ସହ ନିଜକୁ ଖାପଖୁଆଇବାରେ ବିଫଳ ହେବା ଏହାର ସ୍ଥିତିକୁ ଆହୁରି ଦୁର୍ବଳ କରିଦେଲା। ଓଡ଼ିଆ ଦର୍ଶକମାନେ ହିନ୍ଦୀ ବୁଝି ପାରୁଥିବାରୁ ଉଚ୍ଚ ବଜେଟର ବଲିଉଡ ଚଳଚ୍ଚିତ୍ରଗୁଡ଼ିକ ସର୍ବଦା ଏକ ଶକ୍ତିଶାଳୀ ପ୍ରତିଯୋଗୀ ଭାବେ ଓଡ଼ିଆ ସିନେମା ଶିଳ୍ପ ଆଗରେ ଉଭା ହୋଇଛନ୍ତି। ଏବେ ସିନେମାର ଦର୍ଶକଙ୍କୁ ଯାତ୍ରା ନିଜ ଆଡ଼କୁ ଟାଣି ନେଉଛି। ଏହାଛଡ଼ା ବଡ଼ସ୍କ୍ରିନ ଟେଲିଭିଜନର ଆବିର୍ଭାବ ଏବଂ ଓ.ଟି.ଟି. ପ୍ଲାଟଫର୍ମଗୁଡ଼ିକ ଲୋକଙ୍କର ସିନେମା ଦେଖିବାର ଅଭ୍ୟାସକୁ ବଦଳାଇ ଦେଲା। ଏକ ବିଡ଼ମ୍ବନା ଯେ ଯେଉଁଠି ଓଡ଼ିଆ ଧାରାବାହିକଗୁଡ଼ିକ ଟିଭି ବଜାରର ୪୨% ଦର୍ଶକଙ୍କୁ ନିଜ ଆଡ଼କୁ ଆକର୍ଷିତ କରନ୍ତି, ସେଠାରେ ସିନେମା ଶିଳ୍ପ ଏହି ବିଶାଳ ଦର୍ଶକ ଗୋଷ୍ଠୀକୁ ଆକୃଷ୍ଟ କରିବାରେ ବିଫଳ ହୋଇଛି। ଦକ୍ଷିଣ ଭାରତୀୟ ସିନେଶିଳ୍ପଗୁଡ଼ିକ ଟିଭି ଡବିଂ ମାଧ୍ୟମରେ ସାରାଦେଶରେ ପରିସର ବଢ଼ାଇଥିବା ବେଳେ ଓଡ଼ିଆ ସିନେମା ଏହି ପ୍ଲାଟଫର୍ମଗୁଡ଼ିକୁ ବିତରଣ ଓ ପ୍ରଚାର ପାଇଁ ସଠିକ ଭାବେ ବ୍ୟବହାର କରିପାରିଲା ନାହିଁ। ଗଣମାଧ୍ୟମରେ ପ୍ରଚାରର ଅଭାବ ଯୋଗୁଁ ଅନେକ ଲୋକ ନୂଆ ଚଳଚ୍ଚିତ୍ର ମୁକ୍ତି ଲାଭ ବିଷୟରେ ଜାଣି ପାରନ୍ତି ନାହିଁ।

ଓଡ଼ିଆ ଦର୍ଶକଙ୍କର ନିଜ ସିନେମା ପ୍ରତି ଆଗ୍ରହ କମିବା କୌଣସି ଆକସ୍ମିକ ଘଟଣା ନୁହେଁ, ବରଂ ଏହା ଚଳଚ୍ଚିତ୍ର ଶିଳ୍ପର ନିଜ ଦ୍ୱାରା ସୃଷ୍ଟି ହୋଇଥିବା ପରିଚୟର ସଙ୍କଟ, ରିମେକ୍ ଉପରେ ଅତ୍ୟଧିକ ନିର୍ଭରଶୀଳତା ଏବଂ ନୂତନତା ଆଣିବାରେ ବିଫଳତାର ସିଧାସଳଖ ପରିଣାମ। ସିନେମା ହଲ୍‌ର ଅଭାବ ଯେ ଏକ ପ୍ରମୁଖ କାରଣ କହିବା ଠିକ ହୋଇ ନ ପାରେ; ବରଂ ପ୍ରକୃତ ସମାଧାନ ଗୁଣବତ୍ତା ଓ ମୌଳିକତା ଆଡ଼କୁ ଫେରିବାରେ ରହିଛି। 'ଦମନ', ଧଉଳି ଏକ୍ସପ୍ରେସ୍' ଭଳି ଚଳଚ୍ଚିତ୍ର ଏହାର ଏକ ଜ୍ୱଳନ୍ତ ଉଦାହରଣ। ଏହି ପ୍ରଖ୍ୟାତ ଚଳଚ୍ଚିତ୍ରଗୁଡ଼ିକର ବିଷୟବସ୍ତୁ କିମ୍ବା ସଙ୍ଗୀତ ଅନେକ ପୁରସ୍କାର ଜିତି ଲୋକଙ୍କ ମନରେ ରହିଗଲା ଏବଂ ପରବର୍ତ୍ତୀ ସମୟରେ ଏକ ସ୍ୱତନ୍ତ୍ର ଦର୍ଶକ ଗୋଷ୍ଠୀ ଦ୍ୱାରା ଆଦୃତ ହେଲା। ଏହା ପ୍ରମାଣ କରେ ଯେ ଓଡ଼ିଆ ଦର୍ଶକ ଏବେ ବି ନିଜ ମାଟିର କାହାଣୀ ଓ ସଂସ୍କୃତି ସହ ଯୋଡ଼ି ହେବାକୁ ଚାହାନ୍ତି। ଶେଷରେ ଏହା କୁହାଯାଇପାରେ ଯେ ଭଲ ଓଡ଼ିଆ ବିଷୟବସ୍ତୁ ପାଇଁ ଦର୍ଶକ ଏବେ ବି ଅଛନ୍ତି, ଯାହାର ପ୍ରମାଣ ଟେଲିଭିଜନ ଦର୍ଶକଙ୍କ ସଂଖ୍ୟାରୁ ମିଳେ। ସେହି ଦର୍ଶକଙ୍କୁ ପୁଣି ଥରେ ସିନେମା ହଲକୁ ଫେରାଇ ଆଣିବାକୁ ହେଲେ ଶିଳ୍ପକୁ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ଉପରେ ଆଧାରିତ ମୌଳିକ କାହାଣୀରେ ନିବେଶ କରିବାକୁ ପଡ଼ିବ। ଏହାଦ୍ୱାରା ହିଁ ହଜି ଯାଇଥିବା ବିଶ୍ୱାସ ଓ ଭାବଗତ ସମ୍ପର୍କକୁ ପୁନଃ ନିର୍ମାଣ କରାଯାଇ ପାରିବ। ●

(ଅଧ୍ୟକ୍ଷ, ମଡେଲ ଡିଗ୍ରୀ କଲେଜ)
ନୟାଗଡ଼, ମୋ: ୯୪୩୭୪୭୯୦୪୫

# ଡାହାଣୀକୁ ଡର!

ଡ ସୀତାକାନ୍ତ ତ୍ରିପାଠୀ

ବର୍ତ୍ତମାନର ବିଜ୍ଞାନ ଆଗ୍ରହୀ ଏବଂ ବିଜ୍ଞାନ ଆଶ୍ରୟୀ ମଣିଷମାନେ ବିଭିନ୍ନ କୁସଂସ୍କାର ଏବଂ ଅନ୍ଧବିଶ୍ୱାସରୁ ସମ୍ପୂର୍ଣ୍ଣଭାବେ ମୁକ୍ତ ନୁହନ୍ତି ବୋଲି ଅନୁଭବ ହେଉଛି। ଉଦାହରଣ ସ୍ୱରୂପ, ଡାହାଣୀକୁ କେହି କେବେ ଦେଖି ନ ଥିଲେ ମଧ୍ୟ ଶୁଣାକଥାକୁ ବିଶ୍ୱାସ କରି ଆମେମାନେ ପ୍ରାୟତଃ ଡାହାଣୀକୁ ଭୟ କରିଥାଉ। କିଛି ଅଞ୍ଚଳରେ ଜୀବନ୍ତ ଲୋକମାନଙ୍କୁ ବିଶେଷଭାବେ ମହିଳାମାନଙ୍କୁ ଡାହାଣୀର ସଂଜ୍ଞା ଓ ସ୍ୱରୂପର କଳ୍ପନା କରି ସେମାନଙ୍କୁ ହତ୍ୟା କରାଯାଏ। ଏହାକୁ ଲକ୍ଷ୍ୟ କରି ଓଡ଼ିଶା ଡାହାଣୀ ପ୍ରଥା ନିରୋଧ ଆଇନ ୨୦୧୩ ପ୍ରଣୟନ କରାଯାଇଥିଲା। ତଥାପି ଅଦ୍ୟାବଧି ଏହି ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ କରାଯାଇ ପାରିନାହିଁ।

ବେଳେବେଳେ ଲୋକମାନେ ଡାହାଣୀ ବିଷୟରେ ଗପି ଥା'ନ୍ତି, ଯେମିତି ଅନୁଭବ ହେବ ସେମାନେ ସ୍ୱଚକ୍ଷୁରେ ଡାହାଣୀମାନଙ୍କୁ ଦେଖିଛନ୍ତି ଏବଂ କଥାବାର୍ତ୍ତା ମଧ୍ୟ ହୋଇଛନ୍ତି। ସେଥିପାଇଁ ସେମାନଙ୍କୁ କେହି କେବେ ପ୍ରଶ୍ନ ମଧ୍ୟ ପଚାରିବାର ଦେଖାଯାଏ ନାହିଁ, ବରଂ ବିଭିନ୍ନ ଲୋକ ସେମାନଙ୍କ ପ୍ରତି ଯତ୍ନଶୀଳ ହୋଇଥା'ନ୍ତି। ବିଭିନ୍ନ ସମୟରେ ବିଭିନ୍ନ ଅଞ୍ଚଳରେ କରାଯାଇଥିବା ସର୍ବେକ୍ଷଣରୁ ଜଣାପଡ଼େ ଏହି ସମସ୍ୟା ଗାଁଗହଳି ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅଧିକମାତ୍ରାରେ ଦେଖାଯାଇଥାଏ, ଯାହାର ମୁଖ୍ୟ କାରଣ ହେଉଛି ଦାରିଦ୍ର୍ୟ, ଅଶିକ୍ଷା ଓ ବିଜ୍ଞାନଧର୍ମୀ ଚିନ୍ତା ଚେତନାର ଅଭାବ। ଡାହାଣୀକୁ ଡରି ଗାଁ ଲୋକମାନେ ତାଟିକବାଟ ପକାଇ ଦେଇଥା'ନ୍ତି। ରାତିରେ ଘରୁ ବାହାରନ୍ତି ନାହିଁ। କାଳେ ତା'ର ଅଶୁଭ ଦୃଷ୍ଟି



ପରିବାର ଓ ଘର ଉପରେ ପଡ଼ିବ ସେଥିପାଇଁ ସେମାନେ ଅନେକ ପ୍ରକାର ଗୁଣିଗାରେଡ଼ିକୁ ଆପଣେଇ ଥା'ନ୍ତି। କିନ୍ତୁ ଯେଉଁମାନେ ଗୃହଶୂନ୍ୟ ସେମାନେ ନିଜେ ଲୁଚିବେ କେଉଁଠି ନା' ପରିବାର ଲୋକଙ୍କୁ ଲୁଚାଇବେ କିପରି? ତେଣୁ ଓଡ଼ିଆରେ ଢଗ ଅଛି 'ପଦାରେ ପିଲା ଜନ୍ମ କରି ଡାହାଣୀକୁ ଡରିବାର କି ଲାଭ'! ଯେଉଁ ଅସହାୟ ମା'ଟିଏ ଖୋଲା ଆକାଶରେ ପିଲା ଜନ୍ମ କରେ କିମ୍ବା ପିଲା ଜନ୍ମ କରିସାରିବା ପରେ ପଦାରେ ଦିନ କାଟେ ସିଏ ଡାହାଣୀ ସମ୍ପର୍କରେ କିଛି ଶୁଣିବ ନା ଭାବିବ ନା ସେଥିପାଇଁ ତା'କୁ ଅବସର ମିଳିବ। ଆଉ ଯଦି କୌଣସି କାରଣବଶତଃ ସିଏ ଏ ବିଷୟରେ ଆଲୋଚନା କରିବ ତା' ପାଇଁ କି ଲାଭ? ଯେଉଁଠି ଦୃଶ୍ୟମାନ ଲୋକମାନେ ତା'କୁ ସାତପର କରିଦେଇ ଅତ୍ୟାଚାର କରିଛନ୍ତି ସେଠାରେ ଅଦୃଶ୍ୟ ଡାହାଣୀକୁ ଡରି ମରି ଚଳିବ ବା କାହିଁକି? ବରଂ ତା' ପାଇଁ ଦୃଶ୍ୟମାନ ମଣିଷମାନେ ଡାହାଣୀଠାରୁ ଆହୁରି ଭୟଙ୍କର ଓ କ୍ଷତିକାରକ। ଏ ପ୍ରସଙ୍ଗରେ ଜିତୁ ମୁଣ୍ଡା ସମ୍ପର୍କରେ ଆଲୋଚନା କରିବା ସମୀଚୀନ।

ଜିତୁ ମୁଣ୍ଡା ଭଳି ଜଣେ ଗରୀବ ଆଦିବାସୀ ନିଜ ମୃତ ଭଉଣୀ ବ୍ୟାଙ୍କରେ ସଞ୍ଚୟ କରି ରଖିଥିବା ଟଙ୍କା ଉଠାଇବା ପାଇଁ ଯିବା ବେଳକୁ ସିଏ ବିଭିନ୍ନ ଲିଖିତ ଓ ଅଲିଖିତ ନିୟମ, କାନୁନକୁ ସାମ୍ନା କଲେ ସେତେବେଳେ ସିଏ ଭାବିଲେ ଏସବୁ କେଉଁଠୁ ଓ କେମିତି ପାଇବେ? ସିଏ ଆଇନ ଓ ବିଧି ବ୍ୟବସ୍ଥାର ଧାର ଧରନ୍ତି ନାହିଁ କି ଜାଣନ୍ତି ନାହିଁ। ତାଙ୍କ ପାଇଁ ଅର୍ଥ ଉଠାଣର ବିଭିନ୍ନ ନିୟମକୁ ବୁଝିବା କଷ୍ଟକର ଥିଲା। ତାଙ୍କ ପାଇଁ ମଶାଣିକୁ ଯାଇ ଭଉଣୀ ଶବ ଉଠାଇ ଆଣିବା କ'ଣ ବଡ଼ କଥା? ମୃତ୍ୟୁ ପ୍ରମାଣ ଖୋଜିବା ବା ଯୋଗାଡ଼ କରିବା ପାଇଁ ଯେଉଁସବୁ ବ୍ୟବସ୍ଥା ରହିଛି ସେଥିରେ ଅଣନିଃଶ୍ୱାସୀ ହୋଇଯିବା ପରେ ସିଏ ସିଧାସଳଖ ସଂସ୍କାର ହୋଇ ସାରିଥିବା ଶବକୁ ଆଣି ଜମାନବନ୍ଦୀ ଦେବା ଆଜିର ସଭ୍ୟସମାଜ ପାଇଁ ଏକ କଳଙ୍କିତ ଉଦାହରଣ ସୃଷ୍ଟି କଲା। ଯାହା ଲେଖା-ପଢ଼ା ଓ ଧନୀ ଲୋକମାନଙ୍କୁ ହାତପାଆନ୍ତାରେ ମିଳେ ଏବଂ ବୋଧଗମ୍ୟ ତାହା ଗରୀବ ଏବଂ ନିରକ୍ଷରମାନଙ୍କ ପାଇଁ ଯେ ଅବୋଧ ତାହା କହିବା ବାହୁଲ୍ୟ ମାତ୍ର।

ଥରେ ଡାକ୍ତରଙ୍କ ପ୍ରେସକ୍ରିପସନ ଅନୁଯାୟୀ ଜଣେ ରୋଗୀଙ୍କୁ ମଳ ପରୀକ୍ଷା ପାଇଁ କହିବା ପରେ ସିଏ ମଳତ୍ୟାଗ କରି ସାରିବା ପରେ ସମ୍ପୂର୍ଣ୍ଣ ମଳକୁ ଉଠାଇ ଆଣି ପାଥୋଲୋଜିଷ୍ଟଙ୍କ ପାଖରେ ଆଣି ପହଞ୍ଚାଇବାରୁ ପାଥୋଲୋଜିଷ୍ଟ ଜଣକ ରାଗରେ ପଞ୍ଚମ। ସିଏ ଭାବିଲେ ରୋଗୀ ଜଣକ ଜାଣିଶୁଣି ତାଙ୍କ ସାଙ୍ଗରେ ଏପ୍ରକାର ବ୍ୟବହାର କରୁଛି। ତେଣୁ ବାସ୍ତବତାକୁ ବୁଝିବା ଏତେ ସହଜ ଓ ସରଳ କଥା ନୁହେଁ।

ଜିତୁ ମୁଣ୍ଡା ବ୍ୟାଙ୍କରୁ ବାରମ୍ବାର ଫେରିବା ଏବଂ ମୃତ୍ୟୁ ଜନିତ ସାର୍ଟିଫିକେଟ୍ ଏବଂ ପରିଚୟ ପତ୍ର ପ୍ରଦାନରେ ପ୍ରମାଣ ଦେଇ ନ ପାରିବା କ'ଣ କେବଳ ତାଙ୍କର ଭୁଲ ଥିଲା ନା ଏହା ସହିତ ସଂଶ୍ଲିଷ୍ଟ ଅନ୍ୟାନ୍ୟ ଅଧିକାରୀ ତଥା ଜନ ପ୍ରତିନିଧିମାନଙ୍କର ଦାୟିତ୍ୱ ଏବଂ କର୍ତ୍ତବ୍ୟର ଅବହେଳାର ନିଦର୍ଶନ ଥିଲା? ପରବର୍ତ୍ତୀ ସମୟରେ ଜିତୁ ମୁଣ୍ଡାଙ୍କୁ ତାଙ୍କର ପ୍ରାପ୍ୟ ଦିଆଯିବା ଫଳରେ ହୁଏତ ଉକ୍ତ ସମସ୍ୟାର ସମାଧାନ ହୋଇଗଲା। କିନ୍ତୁ ବ୍ୟବସ୍ଥାଗତ ପରିବର୍ତ୍ତନ ଆସି ପାରିଲା କି? ପରବର୍ତ୍ତୀ ସମୟରେ ଏ ପ୍ରକାର ସମସ୍ୟା ଆସିଲେ ତା'ର ସମାଧାନ ଯେ ସୁରୁଖୁରୁରେ ହୋଇଯିବ ତା'ର କ'ଣ କିଛି ଗ୍ୟାରେଣ୍ଟି ଅଛି? ଡାହାଣୀଠାରୁ ଡର ଛଡ଼ାଇବାକୁ ହେଲେ ଗୁଣିଆକୁ ଡାକିବା ନା ଡାହାଣୀ ଭଳି ଏକ କାଳ୍ପନିକ ପ୍ରସଙ୍ଗକୁ ଆମ ମନରୁ ଦୂରେଇବା ପାଇଁ ପ୍ରୟାସ କରିବା? ଯେଉଁମାନଙ୍କର ବାଧ୍ୟବାଧକତା ହେତୁ ଡାହାଣୀର ଡର ନଥାଏ ଏବଂ ଯେଉଁମାନଙ୍କର ସଚେତନତା ଯୋଗୁଁ ଡାହାଣୀ ଡର ଛାଡ଼ିଯାଇଥାଏ ସେମାନଙ୍କ ଭିତରେ ଥିବା ପାର୍ଥକ୍ୟକୁ ଆମେ ସଠିକ ଭାବେ ଜାଣିବାର ଆବଶ୍ୟକତା, ଯାହା ସମାଜ ସଂସ୍କାର ଆଣିବା ଦିଗରେ ଏକ କ୍ରାନ୍ତିକାରୀ ପଦକ୍ଷେପ ହୋଇ ପାରିବ। ●

ଅର୍ଣ୍ଣପାଳ(ଭଦ୍ରକ), ମୋ: ୯୭୭୮୭୬୪୩୯୪

# ଆଖିଫୁଟା ନଈ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ବିଶର ମହାନ୍ତି କୁଜଙ୍ଗର ଜଣାଶୁଣା ମହାନ୍ତି ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ବାପା କୁଜଙ୍ଗ ରାଜାଙ୍କ ଦରବାରରେ ଜଣେ କର୍ମଚାରୀ ଥିଲେ। ପିଲାଟି ଦିନରୁ ସେ କୁଜଙ୍ଗର ରାଜକବି ମକର ଦାସଙ୍କ ଦ୍ୱାରା ପ୍ରଭାବିତ ହୋଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଇଷ୍ଟ ରୂପେ ଆରାଧନା କରୁଥିଲେ। କିଛିବର୍ଷ ପରେ କୁଜଙ୍ଗ ଅଞ୍ଚଳରେ ଘୋର ମରୁଡ଼ି ପଡ଼ିଲା। ପ୍ରଜାମାନେ ଭୂମିକର ଦେଇ ନ ପାରିବାରୁ ରାଜା କର୍ମଚାରୀମାନଙ୍କୁ ବେତନ ଦେଇ ପାରିଲେ ନାହିଁ। ବିଶରଙ୍କ ବାପାଙ୍କ ସମେତ ଅନେକ କର୍ମଚାରୀଙ୍କୁ ଚାକିରି ହରାଇବାକୁ ପଡ଼ିଲା। ତେଣୁ ବିଶରକୁ ନେଇ ତାଙ୍କ ବାପା କଲିକତାର ଖିଦିରପୁର ଚାଲିଗଲେ।

ସେ ସମୟରେ ବଙ୍ଗ ପ୍ରଦେଶର ସୁବେଦାରର ମୁସଲମାନ ସେନାବାହିନୀ ବାରମ୍ବାର ଓଡ଼ିଶା ଉପରେ ଆକ୍ରମଣ କରୁଥିଲା। ହିନ୍ଦୁ ବିଦ୍ୱେଷୀ ଓ ପ୍ରତିଶୋଧ ପରାୟଣ କଳାପାହାଡ଼ ସେ ସବୁ ଆକ୍ରମଣର ନେତୃତ୍ୱ ନେଉଥିଲା। ହିନ୍ଦୁ ମନ୍ଦିର ଭାଙ୍ଗି ମନ୍ଦିରର ଧନରତ୍ନ ଲୁଣ୍ଠନ କରିବା ଏବଂ ଦେବ ବିଗ୍ରହମାନଙ୍କୁ ଖଣ୍ଡବିଖଣ୍ଡିତ କରି ହିନ୍ଦୁମାନଙ୍କୁ ଅପମାନିତ କରିବା ତା' ଆକ୍ରମଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସେହିପରି ଏକ କାର୍ଯ୍ୟକ୍ରମରେ ସେ ଶ୍ରୀମନ୍ଦିର ଉପରେ ଆକ୍ରମଣ କରି ଠାକୁରମାନଙ୍କୁ ଚମ ଦଉଡ଼ିରେ ବାନ୍ଧି ହାତୀ ସାହାଯ୍ୟରେ କଲିକତା ନେଇଗଲା। ତା' ଆଦେଶରେ ସୈନିକମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦାରୁ ବିଗ୍ରହରେ ଅଗ୍ନିସଂଯୋଗ କଲେ। କିନ୍ତୁ ଯାହା କଲେ ମଧ୍ୟ ଦିଅଁମାନଙ୍କର ବ୍ରହ୍ମପଦାର୍ଥକୁ ଅଗ୍ନି ଛୁଇଁ ପାରିଲା ନାହିଁ। ଶେଷରେ ସେମାନେ ବ୍ରହ୍ମପଦାର୍ଥକୁ ଗଙ୍ଗା ନଦୀରେ ଭସାଇଦେଲେ।

ଖିଦିରପୁରରେ ବିଶର ଏ ଖବର ପାଇବା ପରେ ବିଗ୍ରହ ଜଳିବା ଯାଗାକୁ ଦୌଡ଼ିଲେ ଏବଂ ବ୍ରହ୍ମ ପଦାର୍ଥଙ୍କ ସନ୍ଧାନରେ ନଦୀ କୂଳେକୂଳେ ଚାଲିଲେ। ଅଧା ଜଳା ବିଗ୍ରହଙ୍କୁ ଗୋଟିଏ କାଠ ଗୋଦାମରେ ଠାବ କଲେ ଏବଂ ମାଲିକକୁ ଖୋସାମତ କରି ସେ ସବୁ ସଂଗ୍ରହ କଲେ। ସେ ସବୁକୁ ଅତି ଯତ୍ନର ସହ ଏକ ମୃଦଙ୍ଗରେ ପୁରେଇ ସମୁଦ୍ର କୂଳେକୂଳେ ଓଡ଼ିଶା ଅଭିମୁଖେ ଚାଲିଲେ। ଦୁର୍ଗମ ପଥରେ ଅନେକଦିନର ଯାତ୍ରା ପରେ ନିଜ ଗାଆଁପାଖ କୁଞ୍ଜବନରେ ପହଞ୍ଚିଲେ। ସେହି ଜଙ୍ଗଲ ଭିତରେ ଏକ କୁଡ଼ିଆ କରି ବ୍ରହ୍ମପଦାର୍ଥକୁ ସ୍ଥାପନା କରି ଆରାଧନା କଲେ। ତାଙ୍କ ପାଖରେ କିଛି ସମ୍ବଳ ନ ଥିଲା। ତେଣୁ ପ୍ରତିଦିନ ଭିକ୍ଷା କରି ଯାହା ପାଉଥିଲେ ସେଥିରେ ମହାପ୍ରଭୁଙ୍କ ପୂଜା କରିବାକୁ ଲାଗିଲେ। ଶ୍ରୀକ୍ଷେତ୍ରରେ ଦୈନିକ ଷାଠିଏ ପୌଟିର ଛପନ ଭୋଗ ମଣୋହି କରୁଥିବା ଚତୁର୍ଦ୍ଧାମୂର୍ତ୍ତି ଭିକ୍ଷାନ୍ନ ଭୋଜନ କରି ମଧ୍ୟ ଭକ୍ତର ଭାବରେ ବାନ୍ଧି ହୋଇ ରହିଥିଲେ। ଦିନେ ଭକ୍ତ ବିଶରଙ୍କ ମନରେ ଏକ କୌତୁହଳ ଜାତ ହେଲା- ପ୍ରକୃତରେ ଏ ବ୍ରହ୍ମ ପଦାର୍ଥ କ'ଣ? ଯାହା ନ ଥିଲେ ଦାରୁବ୍ରହ୍ମ କେବଳ ଦାରୁ ହୋଇଯାଆନ୍ତି। ଯାହାକୁ କଳାପାହାଡ଼ର ଅଗ୍ନି ମଧ୍ୟ ଛୁଇଁ ପାରିଲା ନାହିଁ।' ଜାଣିବାର ଇଚ୍ଛା ପ୍ରବଳ ହେବାରୁ ସେ ବ୍ରହ୍ମ ପଦାର୍ଥରୁ ସତର୍କତାର ସହ ରେଶମ କନା ବାହାର କରିବାକୁ ଲାଗିଲେ। ସାତପରସ୍ତ ରେଶମ କପଡ଼ାର ଅନେକ ଆସ୍ତରଣ ବାହାର କଲାପରେ ହଠାତ ତା' ଭିତରୁ ଏକ ପ୍ରଚଣ୍ଡ ଜ୍ୟୋତି ନିର୍ଗତ ହେଲା। ସେ ଜ୍ୟୋତିର ତେଜରେ ବିଶର ତତକ୍ଷଣାତ୍ ଅନ୍ଧ ହୋଇଗଲେ। ଦୁଇ ହାତର ପାପୁଲି ଛିଣ୍ଡି ଯାଇ ଭୀଷଣ ଯନ୍ତ୍ରଣା ହେଲା। ଆଖି ଓ ହାତର ଯନ୍ତ୍ରଣାରେ ସେ ଛଟପଟ ହେଲେ। ଅନେକ ସମୟପରେ ଯନ୍ତ୍ରଣା ଉପଶମ ନ ହେବାରୁ ସେ ମହାପ୍ରଭୁଙ୍କ ଶରଣାଗତ ହୋଇ ପ୍ରାର୍ଥନା କଲେ। ତାଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ମହାପ୍ରଭୁ ଶୂନ୍ୟ ବାଣୀରେ କହିଲେ, ' ତୋତେ ଦଣ୍ଡ ଦେବା ମୋର ଅଭିପ୍ରାୟ ନ ଥିଲା। ତୋତେ ବ୍ରହ୍ମ ଦର୍ଶନରୁ ନିବୃତ କରିବା ପାଇଁ ମୁଁ ସାମୟିକ ଭାବେ ତୋର ଦୃଷ୍ଟିଶକ୍ତି ହରଣ କରିଛି। ଆଉ ସେ ଦିଗରେ ଅଧିକ ପ୍ରୟାସରୁ ନିବୃତ କରିବା ପାଇଁ ତୋର ହାତ ବିକୃତି ଘଟିଥିଲା। ମୋର ଆଦେଶରେ ବର୍ତ୍ତମାନ ଏହି ନଦୀରେ ପତିତପାବନୀ ଗଙ୍ଗା ଆବିର୍ଭୂତା ହେବେ। ତୁ ସେ ଜଳରେ ଆଖି ଓ ହାତ ଧୋଇଲେ ତୋର ଦୃଷ୍ଟିଶକ୍ତି ଫେରି ଆସିବା ସଂଗେସଂଗେ ତୋ ହାତର ପାପୁଲି କଅଁଳି ଆସିବ।' ମହାପ୍ରଭୁଙ୍କ ନିର୍ଦ୍ଦେଶମତେ ନଦୀରେ ସ୍ନାନ କରି ବିଶର ଦୃଷ୍ଟିଶକ୍ତି ଓ ଦୁଇ ପାପୁଲି ଫେରିପାଇଲେ। ସେହି ଦିନଠାରୁ ସେ ନଦୀ 'ଆଖିଫୁଟା ନଈ' ନାମରେ ଲୋକମୁଖରେ ପ୍ରସିଦ୍ଧି ଲାଭ କଲା। ସମସ୍ତେ ଚାନ୍ଦା ଓ ଶ୍ରମ ଦାନ କରି ଏକ ଭବ୍ୟମନ୍ଦିର ନିର୍ମାଣ କରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପ୍ରତିଷ୍ଠା କରି ପୂଜା କଲେ। ସେଠାରେ ଦେବୀ ଗଙ୍ଗା ଆବିର୍ଭୂତା ହୋଇ ଥିବାରୁ ଆଉ ଏକ ମନ୍ଦିର ନିର୍ମାଣ କରି ସେଠାରେ ତାଙ୍କର ପୂଜାର୍ଚ୍ଚନା କରାଗଲା। ●

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିଟ୍-ୟୁଜି...

ଦିଆଯାଇଥିବା ତଥ୍ୟକୁ ଆଧାର କରି ପରୀକ୍ଷାର ସ୍ୱଚ୍ଛତା ବଜାୟ ରଖିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ପୁନଃ ପରୀକ୍ଷା ପାଇଁ ଖୁବଶୀଘ୍ର ପରୀକ୍ଷା ତାରିଖ ଘୋଷଣା କରାଯିବ। ଏଥିପାଇଁ ଛାତ୍ରଛାତ୍ରୀଙ୍କୁ ଆଉଥରେ ଆବେଦନ କରିବାକୁ ପଡ଼ିବ ନାହିଁ କି କୌଣସି ଫି' ଦେବାକୁ ପଡ଼ିବ ନାହିଁ। ପୁନଃ ପରୀକ୍ଷା ପାଇଁ ନୂତନ ଆଡମିଟ୍ କାର୍ଡ ପ୍ରଦାନ କରାଯିବ ବୋଲି ଏନ୍‌ଟିଏ ପକ୍ଷରୁ କୁହାଯାଇଛି। ପରୀକ୍ଷା ବାତିଲ୍ ହେବାରୁ ଓଡ଼ିଶାର ପ୍ରାୟ ୬୫ ହଜାର ଛାତ୍ରଛାତ୍ରୀଙ୍କ ସହ ଦେଶରେ ପ୍ରାୟ ୨୨.୭ ୯ ଲକ୍ଷ ଛାତ୍ରଛାତ୍ରୀ ପ୍ରଭାବିତ ହୋଇଛନ୍ତି। ଡାକ୍ତରୀ ପାଠ୍ୟକ୍ରମରେ ସ୍ନାତକ ପଢ଼ିବା ପାଇଁ ହେଉଥିବା ଏହି ଗୁରୁତ୍ୱପୂର୍ଣ୍ଣ ପ୍ରବେଶିକା ପରୀକ୍ଷା ବାତିଲ ହେବା ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିରାଶା ଖେଳିଯାଇଛି। ମାମଲାର ତଦନ୍ତ ଭାର ସିବିଆଇକୁ ଦିଆଯାଇଥିବା ବେଳେ ମହାଦୁର୍ନୀତିରେ ସାମିଲ ପ୍ରକୃତ ଦୋଷୀ ଧରାପଡ଼ିବେ ବୋଲି ଆଶା କରାଯାଉଛି। ଅପରପକ୍ଷରେ ପ୍ରଶ୍ନପତ୍ର ଲିକ୍‌ର କଳାଛିଟା ଲାଗିବା ପରେ ସ୍ୱଚ୍ଛତା ଏବଂ ନିରପେକ୍ଷତାର ସହିତ ପୁନଃ-ପରୀକ୍ଷା କରାଇବା ଏନ୍‌ଟିଏ ପାଇଁ ବଡ଼ ଆହ୍ୱାନ ହୋଇଛି। ଏହି ଘଟଣା ଦେଶର ଶିକ୍ଷା ବ୍ୟବସ୍ଥାକୁ ନେଇ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାନସିକ ଭାବେ ଚାପଗ୍ରସ୍ତ ମଧ୍ୟ କରିଛି। ଏନ୍‌ଟିଏ ପରି ଦେଶର ସର୍ବୋଚ୍ଚ ପରୀକ୍ଷା ପରିଚାଳନା ସଂସ୍ଥା ଦ୍ୱାରା ପରିଚାଳିତ ପରୀକ୍ଷାରେ ବାରମ୍ବାର ବିଭ୍ରାଟ ହେବା ବ୍ୟାପକ ଅସନ୍ତୋଷ ସୃଷ୍ଟି କରିଛି। ଏନ୍‌ଟିଏ ପକ୍ଷରୁ ପରୀକ୍ଷା ବାତିଲ୍ ସମ୍ପର୍କିତ 'ଏକ୍ସ' ପୋଷ୍ଟରେ ପ୍ରାୟ ୫ ହଜାରରୁ ଅଧିକ ୟୁଜର ମତ ରଖିଛନ୍ତି। ଏହା ଏନ୍‌ଟିଏର ଚରମ ବିଫଳତା ବୋଲି ଅଭିହିତ କରିବା ସହ ଦଲାଲ, କୋଚିଂ ସେଣ୍ଟର ଓ ସରକାରଙ୍କ ମିଳିତ ସ୍କାମ୍ କହି କଡ଼ା ସମାଲୋଚନା କରିଛନ୍ତି।

### ଏହା ତ୍ରୁଟି ନୁହେଁ...

ବିଶ୍ୱାସଘାତକତା, ଯେଉଁମାନେ ଶୃଙ୍ଖଳାର ସହ ଅଧ୍ୟୟନ କରିଥିଲେ, ନିଜର ସୁଖ-ସୁବିଧାକୁ ତ୍ୟାଗ କରିଥିଲେ ଏବଂ ନିଜର ପ୍ରସ୍ତୁତି ପାଇଁ ରାତି ରାତି ଅନିଦ୍ରା ବିତାଇଥିଲେ। ନିଟ୍ ପ୍ରଶ୍ନପତ୍ର ଲିକ୍ ହେବାର ଏହା ପ୍ରଥମ ଘଟଣା ନୁହେଁ। ଏହି ଲିକ୍ ଘଟଣାଗୁଡ଼ିକ ଅବିଶ୍ୱାସକୁ ବଢ଼ାଉଛି, ପରିକ୍ଷାର୍ଥୀଙ୍କ ମାନସିକ ଚିନ୍ତା ବୃଦ୍ଧି କରୁଛି ଏବଂ ସେହି ପରିଶ୍ରମୀ ଛାତ୍ରଛାତ୍ରୀଙ୍କ କ୍ୟାରିୟରକୁ ବିପନ୍ନ କରୁଛି, ଯେଉଁମାନେ ଏକ ନିରପେକ୍ଷ ବ୍ୟବସ୍ଥା ଆଶା କରନ୍ତି ବୋଲି ନବୀନ କହିଛନ୍ତି। ଏକ ରାଷ୍ଟ୍ର ଭାବରେ ଆମେ ଆମର ଯୁବପିଢ଼ି ତଥା ଭାରତର ଭବିଷ୍ୟତଙ୍କ ଭାଗ୍ୟ ସହିତ ଖେଳିପାରିବା ନାହିଁ। ପରୀକ୍ଷା ପ୍ରକ୍ରିୟାରେ ସାଧୁତା ଓ ସ୍ୱଚ୍ଛତାକୁ ପୁନଃସ୍ଥାପିତ କରିବାର ସମୟ ଆସିଯାଇଛି। ଛାତ୍ରଛାତ୍ରୀଙ୍କ ବିଶ୍ୱାସ ଫେରାଇ ଆଣିବା ପାଇଁ ତୁରନ୍ତ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରାଯିବା ଆବଶ୍ୟକ। ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଏହି ବ୍ୟବସ୍ଥା ଆଶ୍ୱାସନା ଦେବା ଉଚିତ ଯେ, ସେମାନଙ୍କର ପରିଶ୍ରମ ଏବଂ ନିଷ୍ଠା କେବେ ବି କୌଣସି ପରିଚାଳନାଗତ ତ୍ରୁଟି ଯୋଗୁଁ ବ୍ୟର୍ଥ ହେବ ନାହିଁ ବୋଲି ନବୀନ ଆଶାବ୍ୟକ୍ତ କରିଛନ୍ତି।

### ଆନ୍ନାଡିଏମକେ...

ହୋଇ ମୁଖ୍ୟମନ୍ତ୍ରୀ ବିଜୟଙ୍କ ଟିଭିକେ ସରକାରକୁ ସମର୍ଥନ ଘୋଷଣା କରିଛନ୍ତି। ତାଙ୍କର ଏହି ଘୋଷଣା ଫଳରେ ବିଜୟ ସରକାରଙ୍କର ଶକ୍ତି ବୃଦ୍ଧି ହୋଇଥିବା ବେଳେ ଆନ୍ନାଡିଏମ୍‌କେ ମୁଖ୍ୟ ପଲାନିସ୍ୱାମୀଙ୍କୁ ବଡ଼ ଧରଣର ଝଟକା ହୋଇଛି। ବିଜୟଙ୍କୁ ଜନତାଙ୍କ ମୁଖ୍ୟମନ୍ତ୍ରୀ ବୋଲି ଅଭିହିତ କରି ଏହି ଗୋଷ୍ଠୀ ଶାସକ ଦଳ ସହ ହାତ ମିଳାଇଛନ୍ତି। ତାମିଲନାଡୁ ବିଧାନସଭା ନିର୍ବାଚନରେ ବିଜୟଙ୍କ ଦଳ ୧୦୮ଟି ଆସନ ଜିତି ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇଥିଲା। କିନ୍ତୁ ସଂଖ୍ୟା ଗରିଷ୍ଠତା ପାଇଁ ଆବଶ୍ୟକ ୧୧୮ ଟି ଆସନରୁ ଏହା ୧୦ଟି କମ୍ ଥିଲା। କଂଗ୍ରେସ ଏବଂ ବାମପନ୍ଥୀ ଦଳଗୁଡ଼ିକର ସହାୟତାରେ ସେ ସରକାର ଗଠନ କରିଥିଲେ ମଧ୍ୟ ଆସନ୍ତାକାଲି ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ଆସ୍ଥା ଭୋଟ୍ ପୂର୍ବରୁ ସନମୁଗମଙ୍କ ସମର୍ଥନ ତାଙ୍କ ପାଇଁ ଶକ୍ତି ବୃଦ୍ଧି କରିଛି। ସନ୍‌ମୁଗମଙ୍କ କହିବା ଅନୁଯାୟୀ, ଏହି ନିଷ୍ପତ୍ତି ପଛରେ କିଛି ବିଶେଷ କାରଣ ରହିଛି। ସେ ଅଭିଯୋଗ କରିଛନ୍ତି ଯେ ଆନ୍ନାଡିଏମକେ ମୁଖ୍ୟ ପଲାନିସ୍ୱାମୀ ବିରୋଧୀ ଡିଏମକେ ସହ ଗୁପ୍ତ ବୁଝାମଣା କରି ସରକାର ଗଠନ ଉଦ୍ୟମ କରୁଥିବା ଖବର ପ୍ରଚାର ହେବା ପରେ ବିଧାୟକମାନେ ଅସନ୍ତୁଷ୍ଟ ଥିଲେ। ସନ୍‌ମୁଗମ କହିଛନ୍ତି ଯେ ଜନସାଧାରଣ ବିଜୟଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଛନ୍ତି, ତେଣୁ ସେମାନେ ଏହି ଜନମତକୁ ସମ୍ମାନ ଜଣାଇ ସମର୍ଥନ ଦେଇଛନ୍ତି।। ତାଙ୍କ ମତରେ, ଯଦି ଏଆଇଏଡିଏମକେ ଶତ୍ରୁ ପକ୍ଷ ଡିଏମକେ ସହ ମିଶିଯିବ, ତେବେ ଦଳର ଭବିଷ୍ୟତ ନଷ୍ଟ ହୋଇଯିବ। ଆନ୍ନାଡିଏମକେର ୪୭ ଜଣ ବିଧାୟକଙ୍କ ମଧ୍ୟରୁ ୩୦ ଜଣ ତାଙ୍କ ସହ ରହିଥିବା ବେଳେ ପଲାନିସ୍ୱାମୀଙ୍କ ପାଖରେ ମାତ୍ର ୧୭ ଜଣ ବିଧାୟକ ରହିଛନ୍ତି।

### ସିଟ୍ ଗୋଟାକୁ...

କଲେଜର ଜଣେ ଡାକ୍ତରୀ ଛାତ୍ର ଉଜ୍ଜ୍ୱଳ ଓରଫ୍ ରାଜା ବାବୁ। ଏହି ଗୋଷ୍ଠୀ ପ୍ରକୃତ ପରୀକ୍ଷାର୍ଥୀଙ୍କ ବଦଳରେ ଅନ୍ୟ ଜଣେ ମେଧାବୀ ଛାତ୍ରଙ୍କୁ ପରୀକ୍ଷାରେ ବସାଇବା ପାଇଁ ଯୋଜନା କରିଥିଲେ। ଏଥିପାଇଁ ସେମାନେ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କଠାରୁ ୫୦ ରୁ ୬୦ ଲକ୍ଷ ଟଙ୍କା ଦାବି କରୁଥିଲେ ଏବଂ ଅଗ୍ରୀମ ଭାବେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନେଉଥିଲେ।

କେବଳ ବିହାର ନୁହେଁ, ରାଜସ୍ଥାନରେ ମଧ୍ୟ ପରୀକ୍ଷାରେ ଅନିୟମିତତା ଦେଖିବାକୁ ମିଳିଥିଲା। ପରୀକ୍ଷା ପୂର୍ବରୁ ଶିଖର ଅଳରେ କିଛି ଛାତ୍ରଙ୍କ ପାଖରେ ହାତଲେଖା ପ୍ରଶ୍ନପତ୍ର ମିଳିଥିଲା। ଯାହାପରେ ଜଣାପଡ଼ିଛି ଯେ ପରୀକ୍ଷାର ପ୍ରାୟ ୬୦୦ ନମ୍ବରର ପ୍ରଶ୍ନ ପୂର୍ବରୁ ହିଁ ଲିକ୍ ହୋଇସାରିଥିଲା। କେରଳର ଜଣେ ମେଡିକାଲ ଛାତ୍ର ଏହି ପ୍ରଶ୍ନପତ୍ର ପଠାଇଥିବା ସନ୍ଦେହ କରାଯାଉଛି।

ଇତିମଧ୍ୟରେ ସିବିଆଇ ଆଜି ସନ୍ଧ୍ୟାରେ ଏହି ମାମଲାରେ ଏକ ମାମଲା ଦାୟର କରିଛି। ଏଥିରେ ଦର୍ଶାଯାଇଛି ଯେ ନିଟ୍ ପରୀକ୍ଷା ପାଇଁ ଏକ ଗ୍ୟାଙ୍ଗ ପକ୍ଷରୁ ସାମାଜିକ ଗଣମାଧ୍ୟରେ ଗ୍ରୁପ୍ ସୃଷ୍ଟି କରାଯାଇଥିଲା। ଏଥିରେ ୪୦୦ରୁ ଅଧିକ ସଭ୍ୟ ଅଛନ୍ତି। ସେମାନେ ପରୀକ୍ଷା ପାଇଁ ଏହି ଗ୍ରୁପରେ ସାମ୍ପଲ ପେପର ସେୟାର କରୁଥିଲେ। ଏହି ସାମ୍ପଲ ପେପରରେ ଯେଉଁ ୨୮୧ଟି ପ୍ରଶ୍ନ ସ୍ଥାନ ପାଇଥିଲା, ସେଥିମଧ୍ୟରୁ ୧୩୫ଟି ପ୍ରଶ୍ନ ନିଟ୍ ପରୀକ୍ଷାରେ ପଡ଼ିଥିବା ପ୍ରଶ୍ନ ସହ ମେଳ ଖାଇଥିଲା। ଏହି ମାମଲାରେ ସିବିଆଇ ନାସିକରେ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିଛି। ଅନ୍ୟମାନଙ୍କୁ ଧରିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି।

ସୂଚନାଯୋଗ୍ୟ ଯେ ଗତବର୍ଷ ମଧ୍ୟ ନିଟ୍ ପରୀକ୍ଷାରେ ପେପର ଲିକ୍ ନେଇ ବଡ଼ ଧରଣର ବିବାଦ ହୋଇଥିଲା ଏବଂ ମାମଲା ସୁପ୍ରିମ କୋର୍ଟରେ ଯାଇ ପହଞ୍ଚିଥିଲା।

### ପୁଲିସ ଛବି...

ବଦନାମ ହୋଇଥିବା ବେଳେ ଛବିକୁ ମଳିନ କରିଛି।

ଅପରାଧକୁ ନିୟନ୍ତ୍ରଣରେ ବିଫଳ ହେବା ପରେ ପୁଲିସ ନିଜର ଛବି ସୁଧାରିବାକୁ ନୂଆ ଯୋଜନା ଆପଣେଇବାକୁ ଯୋଜନା କରିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ପୁଲିସ ବିଭାଗର ୫ ଜଣ ଶୀର୍ଷ ଅଧିକାରୀଙ୍କ ବୈଠକରେ ଏ ସଂକ୍ରାନ୍ତରେ ପୁରା ନକ୍ସା ପ୍ରସ୍ତୁତ କରାଯାଇଛି। ଅପରାଧରୁ ଦୃଷ୍ଟି ହଟାଇବା ଓ ଅପରାଧୀଙ୍କ ମନରେ ଭୟ ସୃଷ୍ଟି କରିବା ପାଇଁ ଖୁବ୍ ଶୀଘ୍ର ପୁଲିସ 'ମିଶନ ଏନ୍‌କାଉଣ୍ଟର' ଆରମ୍ଭ କରିବ ବୋଲି ବୈଠକରେ ଆପାତତଃ ନିଷ୍ପତ୍ତି ହୋଇଛି। ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବୈଠକରେ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ସଂପର୍କରେ ବିସ୍ତୃତ ଆଲୋଚନା ହୋଇଛି। ଭବିଷ୍ୟତରେ ଭିଡ଼ ହିଂସାକୁ ରୋକିବା ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ନିମନ୍ତେ ବିସ୍ତୃତ ଖସଡ଼ା ପ୍ରସ୍ତୁତ ହୋଇଛି। ଏହି କ୍ରମରେ ଅଭ୍ୟାସଗତ ଓ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଏନକାଉଣ୍ଟର କରି ପୁଲିସ ନିଜର ମଳିନ ପଡ଼ିଥିବା ଛବିରେ ସୁଧାର ଆଣିବା ଲାଗି ଯୋଜନା କରାଯାଇଛି। ପୁଲିସ ବାହିନୀର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବା ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ କରାଯାଇଛି ଓ ସବୁ ଜିଲ୍ଲାର ଏସ୍‌ପିମାନଙ୍କ ସହ ବ୍ୟକ୍ତିଗତ ଭାବରେ ଆଲୋଚନା କରି ଏ ସଂକ୍ରାନ୍ତରେ ଏକ ବିସ୍ତୃତ ନକ୍ସା ପ୍ରସ୍ତୁତ କରିବାକୁ କୁହାଯାଇଛି।

ସୂଚନା ମୁତାବକ ସମ୍ପୃକ୍ତ ଅଧିକାରୀ ଇତିମଧ୍ୟରେ ଅପରାଧପ୍ରବଣ ୧୫ଟି ପୁଲିସ ଜିଲ୍ଲାର ଏସ୍‌ପିଙ୍କ ସହ ଆଲୋଚନା କରିଛନ୍ତି। ସେମାନଙ୍କ ଜିଲ୍ଲାର କେତେଜଣ ଅଭ୍ୟାସଗତ ଅପରାଧୀ ରହିଛନ୍ତି; ସେଥିରୁ କେତେଜଣ ଜେଲରେ ବନ୍ଦୀ ଅଛନ୍ତି ଓ କେତେ ବାହାରେ ଅଛନ୍ତି, ସେ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବାହାରେ ଥିବା ଅପରାଧୀଙ୍କ ମଧ୍ୟରୁ କେଉଁମାନେ ବଡ଼ ଅପରାଧରେ ଜଡ଼ିତ ଅଛନ୍ତି ତାହାର ତଥ୍ୟ ପ୍ରଦାନ କରିବାକୁ ମଧ୍ୟ କୁହାଯାଇଛି। ଅନ୍ୟପକ୍ଷରେ ବରିଷ୍ଠ ଆଇପିଏସ୍ ଅଧିକାରୀ ନିଜ ସୂତ୍ରରୁ ମଧ୍ୟ ଏ ସମ୍ପର୍କରେ ତଥ୍ୟ ସଂଗ୍ରହ ଆରମ୍ଭ କରିଛନ୍ତି। ଏହା ପରେ ପୁରା ଯୋଜନାକୁ କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ମିଳିଛି।

### ଜଙ୍ଗଲ ମଝିରେ...

ଗାଡ଼ିକୁ ଚିହ୍ନଟ କରିଥିଲା। ସୋମବାର ସନ୍ଧ୍ୟାରେ ତିନି ଜଣଙ୍କୁ ଅଟକ ରଖିଥିଲା।

ମଙ୍ଗଳବାର ସକାଳେ ବେଲପାହାଡ଼ ଥାନା ଅଞ୍ଚଳର କାର୍ଲାଖମନ ନିକଟ ଶାଗୁଆନ ଜଙ୍ଗଲରେ ଦୁଇ ଫେରାର୍ ଅଭିଯୁକ୍ତ ଲୁଚିଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ପରେ ବିଭିନ୍ନ ପୁଲିସ ଟିମ୍ ଗଠନ କରାଯାଇ ସେମାନଙ୍କୁ ଟ୍ରାକ୍ କରାଯାଇଥିଲା। ପୁଲିସ ଟିମ୍ ପହଞ୍ଚିବା ପରେ ଅଭିଯୁକ୍ତମାନେ ପୁଲିସ ଉପରକୁ ଗୁଳି ଚଳାଇଥିଲେ। ଆତ୍ମରକ୍ଷା ପାଇଁ ପୁଲିସ ପକ୍ଷରୁ ନିୟନ୍ତ୍ରିତ ଗୁଳିଚାଳନା କରାଯାଇଥିବା ନେଇ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ଅଭିଯୁକ୍ତ ସୁନୀଲ ମହାନନ୍ଦ ବିରୋଧରେ ପୂର୍ବରୁ ପୋକ୍ସୋ, ଚୋରି ଓ ଡକାୟତି ଉଦ୍ୟମ ସମେତ ୫ଟି ମାମଲା ରହିଥିବା ବେଳେ ଚାନ୍ଦ ବନଛୋର୍ ବିରୋଧରେ ଚୋରି ଓ ଦଙ୍ଗା ମାମଲା ସହ ୩ଟି ଆପରାଧିକ ମାମଲା ଥିବା ନେଇ ପୁଲିସ ତରଫରୁ ସୂଚନା ଦିଆଯାଇଛି।

# ହାଇକୋର୍ଟରେ ସଚିବଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା

କଟକ, ୧୨।୫ (ସମିସ): ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀରେ ପ୍ରତିପକ୍ଷ ଅବମାନନାକାରୀ ଆଇଏଏସ୍ ଅଧିକାରୀ ତଥା ସ୍କୁଲ ଓ ଗଣଶିକ୍ଷା ସଚିବ ଅବହେଳା କରିଚାଲିଥିବା ପ୍ରସଙ୍ଗକୁ ରୁଜୁ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କୁ ମିଳିବାକୁ ଥିବା ସମସ୍ତ ଆର୍ଥିକ ସୁବିଧା ୭ଦିନ ମଧ୍ୟରେ ପ୍ରଦାନ

- ଅଦାଲତ ଅବମାନନା ମାମଲାରେ ପୂର୍ଣ୍ଣଚ୍ଛେଦ
- 'ଆଇଏଏସ୍ ଅଧିକାରୀଙ୍କ ପ୍ରତି ଅଭିଯୋଗକାରୀ ପିଅନଙ୍କ ଉଦାରତା ପ୍ରଶଂସନୀୟ'

ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରି ଆସୁଥିବା ବେଳେ ଆଜି ଏଥିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଯେଉଁଠାରେ ଅଭିଯୋଗକାରୀ ଚତୁର୍ଥ ଶ୍ରେଣୀ କର୍ମଚାରୀ (ପିଅନ) ଜଣଙ୍କ ନିଜର ଉଦାରତା ଦେଖାଇ ପ୍ରତିପକ୍ଷ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ କ୍ଷମା କରିଦେଇଛନ୍ତି, ତାହା ପ୍ରଶଂସନୀୟ ବୋଲି ହାଇକୋର୍ଟ କହିଛନ୍ତି। ତେବେ ସଚିବ ଡକ୍ଟର ଏନ୍. ଥିରୁମାଲା ନାୟକଙ୍କ ତରଫରୁ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରାଯିବା ସହ ଆଦେଶ ଅନୁପାଳନ ସମ୍ପର୍କିତ ସତ୍ୟପାଠ ଦାଖଲ କରାଯାଇଥିବାରୁ ମାମଲାର ଅନ୍ତ ଘଟାଇଛନ୍ତି ହାଇକୋର୍ଟ। ଦୀପକ କୁମାର ବେହେରାଙ୍କ ତରଫରୁ ସେ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ବାରମ୍ବାର ସମୟ ନେଇ ପ୍ରତିପକ୍ଷ ସଚିବ ଉପରୋକ୍ତ ଆଦେଶ ପାଳନ ନ କରିବାରୁ ଶେଷରେ ତାଙ୍କୁ ଗିରଫ କରିବା ପାଇଁ ହାଇକୋର୍ଟ ଚେତାବନୀ ଦେଇଥିଲେ। ଗିରଫଦାରୀର ଚେତାବନୀ ପରେ ଶେଷରେ ଗତ ମେ' ୮ରେ ବିଭାଗ ପକ୍ଷରୁ ଅନୁପାଳନ ରିପୋର୍ଟ ଦାଖଲ କରାଯାଇଥିଲା। ତେବେ ଲିଖିତ କ୍ଷମା ପ୍ରାର୍ଥନା କରାଯାଇନଥିବା ନେଇ ଅଦାଲତ ଅସନ୍ତୋଷ ପ୍ରକାଶ କରିବା ପରେ ସଚିବ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଥିବା ନେଇ ଅଦାଲତଙ୍କୁ ଅବଗତ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ସଚିବଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ବନ୍ଦ କରିଥିଲେ ହାଇକୋର୍ଟ।

କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଦେଶର ଏକ ନକଲ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କ ପାଖକୁ ପଠାଯିବ। ଏହାକୁ ସମସ୍ତ ସରକାରୀ ଅଧିକାରୀଙ୍କ ମଧ୍ୟରେ ପ୍ରସାରିତ କରିବାକୁ କୁହାଯାଇଛି। ଏହାଦ୍ୱାରା ରାଜ୍ୟରେ ଆଇନ ଅନୁପାଳନ ହୋଇପାରିବ ବୋଲି ଅଦାଲତ କହିଛନ୍ତି।

ମାମଲାରୁ ପ୍ରକାଶ, ପୁନର୍ବାସ ନିଯୁକ୍ତି ଯୋଜନା ଅଧୀନରେ ଆବେଦନକାରୀଙ୍କୁ ନିଯୁକ୍ତି ନିୟମିତ କରିବା ସହ ସମସ୍ତ ଆର୍ଥିକ ସୁବିଧା ପ୍ରଦାନ ପାଇଁ ହାଇକୋର୍ଟଙ୍କ ଗତ ୨୦୨୫ ମସିହା ଅଗଷ୍ଟ ୨୧ ତାରିଖର ଆଦେଶକୁ କାର୍ଯ୍ୟକାରୀ କରାଯାଇନଥିଲା। ଫଳରେ


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. MSM-SITC-PNEU-SBP-3-26

କାର୍ଯ୍ୟର ନାମ : କୋଚିଂ ଡିପୋ ସମ୍ବଲପୁରର ଇଣ୍ଟିଗ୍ରେଟେଡ ପିଟ୍ ଲାଇନଗୁଡ଼ିକରେ ନ୍ୟୁମାଟିକ୍ ଉପକରଣ ବ୍ୟବହାରକୁ ସୁଗମ କରିବା ପାଇଁ ନ୍ୟୁମାଟିକ୍ ପାଇପଲାଇନ୍‌ର ଯୋଗାଣ, ସଂସ୍ଥାପନ ଏବଂ କାର୍ଯ୍ୟକ୍ଷମ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 31,99,900.82, EMD (₹): 64,000.00, ଶେଷ ହେବା ଅବଧି : 03 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.05.2026 ରିଖ 1500 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ https://www.ireps.gov.inରେ ଉପଲବ୍ଧ ହେବ।

ଆସିଷ୍ଟାଣ୍ଟ ଡିଭିଜନାଲ ମେକାନିକାଲ ଇଂଜିନିୟର (Frt.), ସମ୍ବଲପୁର
PR-147/R/26-27

## VEHICLE FOR SALE

ESCORT KUBOTA PT EURO 42 TRACTOR - 2022, MODEL Regn No. OD-29-K-2556 in as is where is condition. Contact: M/S Sundaram Finance Limited, PARADIP BRANCH, Ph:0672-2295252 within 7 days.

## AFFIDAVIT

By virtue an affidavit no. 138 sworn before Notary Public, Phulbani, Kandhamal, dtd. 12.05.2026, I, Mithun Kanhar, At : Laijodi, PO: Nuapadar, PS: Phiringia, Dist: Kandhamal, hereby declare that my minor child's name has been changed from Bhrungaraj Kanhar to Brundaraj Kanhar. Henceforth, he shall be known as **Brundaraj Kanhar** for all purposes.

Mithun Kanhar

## AFFIDAVIT

By virtue an affidavit sworn before Notary Public, Phulbani, Kandhamal, dtd. 09.05.2026, I, Chitrasen Kanhar, At: Rabingia, PO: Rabingia, PS: Phiringia, Dist: Kandhamal hereby declare that my minor daughter's name has been changed from Anusuya Kanhar (old name) to Anusaya Kanhar (new name). Henceforth, she shall be known as **Anusaya Kanhar** for all purposes.

Sd/- Chitrasen Kanhar

## AFFIDAVIT

I, Puranjeet Saha, age about 44 years, S/o. Prabodhendu Saha, Resident of At-Balia Colony, Post-Balia, P.S.-Sahadevkhunta, Dist.-Balasore, Odisha, Pin-756056. Declare by this affidavit No. 13801 dtd. 31/12/2025 that now onwards I, shall be known as **PURANJIT SAHA** for all future purposes.

## AFFIDAVIT

By virtue an affidavit no. 136 sworn before Notary Public, Phulbani, Kandhamal, dtd. 12.05.2026, I, Inati Kanhar, D/o - Dada Kanhar, At-Pajingpata, PO-Sindrigaon, PS-Baliguda, Dist-Kandhamal & Present Address: At - Baserimunda, Po -Bhrungijodi, Ps- Phiringia declare that I have changed my name from Lenati Kanhar to Inati Kanhar for Aadhaar correction. Henceforth, I shall be known as **Inati Kanhar** for all purposes.

## AFFIDAVIT

By virtue an affidavit no. 137 sworn before Notary Public, Phulbani, Kandhamal, dtd. 12.05.2026, I, Janaka Kanhar, S/o Kantheswar Kanhar, resident of At-Baserimunda, PO-Bhrungijodi, PS-Phiringia, Dist-Kandhamal, Odisha, declare that I have changed my name from Janak Kanhar to Janaka Kanhar for Aadhaar correction. Henceforth, I shall be known as **Janaka Kanhar** for all purposes.

## AFFIDAVIT

I Sri Mitu Gouda, S/o- Sanyasi Gouda, resident of Vill.-Badaagula, Po.- Gangapur, Ps.-Kabisuryanagar, Dist.- Ganjam, Odisha- 761104 state that, I am working as a Havildar in Army Department Vide JC/Army No. Rank (Trade) is 14449762f HAV/OPRADIO. My father's actual name is **Sanyasi Gouda** but in my service book his name has been wrongly mentioned as Sangasi Gouda. That, **Sanyasi Gouda** and **Sangasi Gouda** is one and same person.

## AFFIDAVIT

By virtue of an affidavit sworn before the Executive Magistrate, Chandahandi, Dist - Nabarangpur, Vide no - 402/2026, dated 11-05-2026, I, GHANASHYAM MAJHI, S/o - Jalandhar Majhi, permanent resident of Village - Phatamunda, PO - Koilimunda, PS - Chandahandi, Dist - Nabarangpur, Odisha, Pin - 764077, declare that I have changed the name of my Daughter from BARSHA MAJHI to BISHNU PRIYA MAJHI. Henceforth, she shall be known as BISHNU PRIYA MAJHI for all purposes.

Sd/- Ghanashyam Majhi

## AFFIDAVIT

By Virtue of an affidavit sworn before in the Court of Executive Magistrate, Basudevpur. I,Kalyani Das,W/o- Santosh Kumar Das of Resident At/Po- Binayakpur Ps-Basudevpur Dist-Bhadrak . Declared by Affidavit Sl No: - 2925, Dtd-29/04/2026. That, my actual name is Kalyani Das as per Aadhar No-341xxxxxx032 But My L.I.C. Policy No.598136413 my name wrongly mentioned as **KAMALINI DAS instead of KALYANI DAS, W/o- SANTOSH KUMAR DAS** is same and one person for all future purpose.

## AFFIDAVIT

By virtue of an affidavit No-922 sworn before the Executive magistrate, Anandapur on dtd-02/04/2026. I, **Biranchi Sahoo,** S/o- Parsuram Sahoo, resident of At/Po- Badapadana, Ps-Ramachandrapur, Dist-Keonjhar, Pin-758021, Odisha I am the deponent, I have changed my minor daughter's name from **Bidyashree Sahoo** (old name) to **Swati Sahoo** (new name). Henceforth, both name **Bidyashree Sahoo** and **Swati Sahoo** is one & same person she will be known as **Swati Sahoo** for all future purposes.

Sd/- Biranchi Sahoo

## AFFIDAVIT

By virtue of an affidavit No. 1557 dated 18.10.2025 sworn before the Executive Magistrate, Begunia, I, **Manoranjan Jena** (Aadhaar No. 6867 3088 1650), S/o Manas Ranjan Jena, resident of At/PO/PS: Begunia, Dist: Khordha, PIN: 752061, Odisha, do hereby declare that I have changed my name from **Manoj Jena to Manoranjan Jena.** Henceforth, I shall be known as **Manoranjan Jena** for all purposes. My date of birth is **14/12/2005.**

Sd/- Manoranjan Jena

## AFFIDAVIT

By Virtue of an affidavit sworn before In the Court of Notary Public, Baliapal. Sl No- 1867 Dt-05/05/2026. I,Sri Harihara Paikaray, Age-63, S/o- Faka Paikaray of Village At/Po-Pratappur, Ps- Baliapal, Dist-Balasore,Odisha. That, my name is Harihara Paikaray , S/o- Faka Paikaray & Dob-1963 mentioned in my voter id card no-OR/02/012/3xxx14.But In My Adhar Card no-388xx24xx238 mistakely my name and father name with Dob mentioned as Haraprasad Paikaray, S/o- Phak Paikaray & Dob-1964. That I declared **HARAPRASAD PAIKARAY S/o- PHAK PAIKARAY and HARIHARA PAIKARAI S/o- FAKA PAIKARAI** are one and same person for all future purposes.

## GOVERNMENT OF ODISHA, "e"-PROCUREMENT NOTICE
OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR.
E-mail: eeroads.khr@rediffmail.com
34001/187/2627

### E-Procurement Notice-03
No. 2101 Date 05/05/2026
Invitation For Bids
Bid Identification No. SER&BKHR - 03 /2026-27

| | | |
|---|---|---|
| 1 | The Superintending Engineer, Khariar (R&B) Division, Khariar on behalf of Governor of Odisha, invites percentage rate bids in SingleCover system Civil work in ONLINE MODE only. The Office Memorandum of Govt. of Works Department No.07764600022025-173/W Bhubaneswar Dt.03.01.2026 of Principal Secretary to Govt. Sub- Amendment of Codal & Contractual Provisions to be followed scrupulously. | |
| 2 | Nature of work | S/R to Res & Non-Res Buildings at Nuapada for the year 2026-27 |
| 3 | No. of work | 02 Nos. works. |
| 4 | Tender Paper cost | As specified in the notice for the respective Work, to be remits online only. |
| 5 | Class of Contractor | As specified in the notice for the respective Work. |
| 6 | Availability of Bid Documents in the website | 10.00 hours of 15.05.2026 to 17.00 Hours of 25.05.2026 |
| 7 | Date of opening of Bid | Dt. 26.05.2026 at 11:00 hours |
| 8 | EMD/Bid Security | As specified in the notice to be remitted on line only |
| 9 | The Bidders shall have to participate in ONLINE bidding only. Further details can be seen from the website: https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Superintending Engineer
Khariar (R&B) Division, Khariar
OIPR-34001/34062/1/26-27/0004

## OFFICE OF THE CHIEF DISTRICT MEDICAL OFFICER, KENDRAPARA
### DISTRICT PROGRAMME MANAGEMENT UNIT
10001/144/2627
E-Mail: nhmkendrapara1@gmail.com, Ph. No. (06727) 233363
Notice No: 2502 /DPMU/NHM/2026 Date: 12-05-2026

### TENDER CALL NOTICE

Sealed Request for Proposal (RFP) are invited from eligible agencies for selection of the most suitable agency for engagement of Techno-managerial manpower and outsourcing of paramedics & Nursing services at Govt. Health Institutions of Kendrapara District. Details of the RFP, terms & conditions & formats for submission of RFP may be downloaded from the website "https://kendrapara.odisha.gov.in". The RFP should reach the office of the CDM & PHO-cum-DMD, Kendrapara, Old DHH, Kendrapara, PIN- 754211 by Dt. 08.06.2026 till 01.00 PM through Registered Post /Speed Post/Courier only & their complete proposals superscribing the RFP No and date on the top of the envelop addressing clearly. The undersigned will not be held responsible for any postal delay in submission of RFP. Personal telephonic queries relating to above tender will not be entertained. The undersigned reserves the right to reject any or all the RFPs without assigning any reason thereof.

OIPR-10001/10018/1/26-27/0001
CDM & PHO cum DMD, NHM Kendrapara

## GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KHARIAR
32001/202/2627
Email: - eemidivisionkhariar@gmail.com

### e-PROCUREMENT NOTICE
Bid Identification Notice No.: -01/SE MIDKHR/2026-27
Letter No: 751 Dated.: -07.05.2026

The Superintending Engineer, M.I. Division, Khariar, District-Nuapada on behalf of Governor of Odisha invites Percentage Rate Bids in **Double Cover** System through e-procurement to be received in online mode only for the works as detailed in the table below. The bid should be submitted online in the web site **www.tendersodisha.gov.in** by eligible contractors.

| | | | |
|---|---|---|---|
| 1. | Name of work | : | Construction of Check Dam under MATY scheme in Nuapada Block of Nuapada District for the year 2026-27 |
| 2. | Total No. of works | : | 02 (Two) Nos. Only |
| 3. | Estimated cost | : | ₹.67.48 Lakhs & ₹.54.81 Lakhs Approximately |
| 4 | Class of Contractor | : | "B" Class |
| 5. | Period of completion | : | 06 (Six) Calendar Months |
| 6. | Date and time of availability of Bid | : | From 11:00 AM on 14.05.2026 and up to 5:30 PM on 25.05.2026 Document in portal |
| 7. | Last date / time for receipt of Bid | : | Up to 5:30 PM on 25.05.2026 Document in portal |
| 8. | Date / Time of opening of Technical Bid | : | From 9.00 AM on 26.05.2026 At O/o M.I. Division, Khariar |
| 9. | Date / Time of opening of Financial Bid | | From 9.00 AM on 03.06.2026 At O/o M.I. Division, Khariar |
| 10. | Name and Address of Tender Inviting Officer | : | Superintending Engineer, M.I. Division, Khariar, Officer inviting the Bid. |
| 11. | Mode of Payment of Bid cost and Bid security. | : | Online |
| 12. | Date of Lottery (If required) | : | To be intimated through e-mail after evaluation of Financial Bid |

Superintending Engineer
M.I. Division. Khariar
OIPR-32001/32090/1/26-27/0001

## RECRUITMENT OF VOCATIONAL TRAINERS & VOCATIONAL COORDINATOR IN GOVT.SCHOOLS, ODISHA

Recruitment of Vocational Trainers under the Samagra Shiksha Odisha (SSA-OSEPA) Project in Ganjam, Khordha , Koraput & Sundergarh

**Total No. of Positions : 76, Last Date of Submission _ 17.05.2026**

| Sector | Job role | Education Qualification |
|---|---|---|
| Tourism & Hospitality | Counter Sales Executive | Diploma/Degree in Hotel Management or relevant stream |
| | Food Beverage Service Trainee | |
| Automotive | Four Wheeler Service Technician | Degree in Automobile Engineering /Mechanical Engineering Diploma in Automobile Engineering /Mechanical Engineering |
| | Four Wheeler Service Assistant | |
| Plumbing | Plumber General | B. Tech in Civil Engineering from a recognized Institute /University |
| | Assistant Plumber General | |
| IT&ITeS | CRM Dmestic Voice | Graduate in any discipline with Computer Knowladge |
| | Domestic Data Entry Operator | |
| Construction | Construction Painter and Decorator | 1.Degree in Engineering from a recognized Institute /University, |
| | Assistant Mason | B.Tech in Civil Engineering from a recognized Institute |
| BFSI | Microfinance Executive | Post-graduation in commerce/ management/ finance |
| Food Processing | Craft Baker | 1.Gradua on / Diploma in Food Science & Nutri on/ Food Technolo gy/ Hotel Management/ Home Science/ Hotel management/ Home Science |
| | Baking Technician | |
| Health Care | General Duty Assistant - Trainee | Teacher B.Sc. Nursing and Midwifery (4 years) or 3½ years Diploma in GNM |
| | Home Health Aide Trainee | |
| Electronics | Field Technician - Wireman Control Panel | B.E in Electronics / Electrical + Certificate /Diploma in appropriate branch of Engineering. |
| | Junior Field Technician Home Appliances | |

Pre- Requisite
1. The Candidate should be a domicile of Odisha
2. Age: 18-45 Years as on 1 Jan'2026 (Relaxation as per govt.rules).
3. Minimum 2-5 Years of relevant industry experience as per job role + 1 Years of teaching experience.

**MEDHAVI FOUNDATION**
Medhavi Foundation maintain a fair, ethical hiring process & doesn't charge any feesfor hiring & joining

**Apply for Vocational Coordinator**

**Total No. of Positions : 06, Last Date of Submission _ 17.05.2026**

| Job role | Education Qualification |
|---|---|
| Vocational Coordinator | Minimum 3 years of experience post qualification of Professional degree (Masters Degree) in relatec Domin . Minimum tenure of the service period of VC should be least one year. The VC shall have to give one month notice to the VTP before resignation & shall have to contribute his/her one month remuneration if desired to resign within one year of service period. |

How to Apply
Interested / Eligible Candidates can apply through the official Website form Link:
https://www.medhavifoundation.org/recruitment-of-vocational-trainers-odisha/
For any queries : +91 7735480215

## GOVERNMENT OF ODISHA
OFFICE OF THE SUPERINTENDING ENGINEER,
MINOR IRRIGATION DIVISION, RAYAGADA
32001/198/2627
(E-mail ID: eemirayagada@gmail.com)

### NOTICE INVITING TENDER
e-Procurement Notice
e-Procurement Notice No. **SEMIDRGD - 04/2026-27**
Letter No. 2049 / Dated 08.05.2026

The Superintending Engineer, Minor Irrigation Division, Rayagada on behalf of Governor of Odisha invites **Percentage rate** bids in both **Single & Double cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal **https://tendersodisha.gov.in**

1. Name of the work : Improvement to 26 Nos. of Check Dams under the scheme Improvement to Check Dam 2026-27 and Construction of 03 Nos. of New Check Dams under MATY 3.0 for the year 2026-27 in different Blocks of Rayagada District.
2. Total Number of works : 29 (Twenty-Nine) Nos.
3. Estimated cost : Approximately varies from **Rs.6.10Lakh to Rs. 93.29Lakh**.
4. Period of completion : As mentioned against each work in Annexure to Bid Notice
5. Class of Contractor : As mentioned against each work in Annexure to Bid Notice
6. Date and time of availability of bid documents in the portal : From 10:00 A.M of 13.05.2026 to 5:00 PM of 28.05.2026
7. Last date /time for receipt of bids in the portal : 5:00 PM of 28.05.2026
8. Date of opening of bid : At 11:00 AM on 29.05.2026 in website (www.tendersodisha.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Rayagada
11. Further details can be seen from the Government of Odisha Website: www.tendersodisha.gov.in

Superintending Engineer
M.I. Division, Rayagada
OIPR-32001/32524/1/26-27/0002

# ସତ୍ୟନାରାୟଣ ଗ୍ରୁପ ଅଫ୍ ଅନୁଷ୍ଠାନରେ ଆନ୍ତର୍ଜାତିକ ସେବିକା ଦିବସ ପାଳିତ




ମାଲକାନଗିରି, ୧୨।୫(ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲାର ମାଲକାନଗିରି, ରାୟଗଡା, ଜୟପୁର ଓ କୋରାପୁଟ ଠାରେ ଥିବା ସତ୍ୟନାରାୟଣ ଗ୍ରୁପ ଅଫ୍ ଅନୁଷ୍ଠାନର ବିଭିନ୍ନ ନର୍ସିଙ୍ଗ୍ ମହାବିଦ୍ୟାଳୟରେ ୫୨ତମ ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ଗୁଡିକର ଅଧକ୍ଷା କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ସେବିକା ଶିକ୍ଷାର ପ୍ରତିଷ୍ଠାତା ଫ୍ଲୋରେନ୍ସ ନାଇଟିଙ୍ଗଲ୍‌ଙ୍କ ସେବା ଓ ନିଷ୍ଠାର ପରାକାଷ୍ଠା ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଉପସ୍ଥିତ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଫ୍ଲୋରେନ୍ସ ନାଇଟିଙ୍ଗଲ୍‌ଙ୍କ ନିଷ୍ଠା, ତପସ୍ୟା ଓ ନିଃସ୍ୱାର୍ଥପର ସେବା ଦ୍ୱାରା ଅନୁପ୍ରାଣିତ ହୋଇ ଅନୁଷ୍ଠାନ ତଥା ଦେଶ ଓ ଜାତିର ଗୌରବ ରଖିବା ପାଇଁ ଛାତ୍ର ଓ ଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ମାଲକାନଗିରି ସତ୍ୟନାରାୟଣ ମହାବିଦ୍ୟାଳୟରେ ଅଧକ୍ଷା ସୁମରିନ ସୁମନ କାର୍ତ୍ତିକ ଓ ତନୁଶ୍ରୀ ଦେବନାଥ, ଜୟପୁର ଅନନ୍ତ ମେମୋରିଆଲ କଲେଜର ଭାରପ୍ରାପ୍ତ ଅଧକ୍ଷା ମୌସୁମୀ ପାଲ ଓ ସୁଶ୍ରୀ ମନୀଷା ସିସା, କୋରାପୁଟ ସତ୍ୟନାରାୟଣ ନର୍ସିଙ୍ଗ୍ କଲେଜର ଭାରପ୍ରାପ୍ତ ଅଧକ୍ଷା ସୌମ୍ୟକାନ୍ତି ଶତପଥୀ ଓ ସିଫାନୀ ଟାକ୍ରି ଏବଂ ରାୟଗଡା ସହଯୋଗ ନର୍ସିଙ୍ଗ କଲେଜର ନିର୍ଦ୍ଦେଶିକା ରଂଜିତା ରାଣୀ ପଣ୍ଡା ଓ ଅଧ୍ୟାପିକା ଶିବାନୀ ପାତ୍ର ନିଜ ନିଜ ସ୍ଥାନରେ ସଭାକାର୍ଯ୍ୟକୁ ସୂଚାରୁ ରୂପେ ପରିଚାଳନା କରି ସାଫଲ୍ୟ ମଣ୍ଡିତ କରିଥିଲେ। ସମସ୍ତ ଅନୁଷ୍ଠାନରେ ଶତାଧିକ ଛାତ୍ର ଓ ଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଭବିଷ୍ୟତରେ ଫ୍ଲୋରେନ୍ସ ନାଇଟିଙ୍ଗଲ୍‌ଙ୍କ ଭଳି ଏକ ସୁ-ସେବିକା ହେବାର ଶପଥ ପାଠ କରିଥିଲେ।

# ଚାନ୍ଦାରେ ଆସିଲା ଦାଦନ ପୁଅର ଶବ

ଚନ୍ଦ୍ରପୁର,୧୨।୫ (ସମିସ):



ରୋଜଗାର ଆଶାରେ ବେଙ୍ଗାଲୁରୁକୁ ଦାଦନ ଖଟିବାକୁ ଯାଇଥିବା ଚନ୍ଦ୍ରପୁର ବ୍ଲକ ପିସ୍କାପାଙ୍ଗା ପଞ୍ଚାୟତ ଅନ୍ତର୍ଗତ ଧାରସିଂ ଗାଁର ଯୁବକ ଦେବେନ୍ଦ୍ର ବ୍ରେକବେଡ଼ା (୨୧)ଙ୍କ ମରଶରୀର ଆଜି ଆମ୍ବୁଲାନ୍ସରେ ଗାଁରେ ପହଞ୍ଚିଛି। ଘରର ଏକମାତ୍ର ରୋଜଗାରିଆ ପୁଅର ଶବକୁ ଧରି ବାପା-ମାଆଙ୍କ ଛାତିଫଟା କ୍ରନ୍ଦନ ଓ ଦୁଇ ସାନ ଭାଇ-ଭଉଣୀଙ୍କ ଲୁହଭରା ଆଖି ଦେଖି ସାରା ଗାଁ ଶୋକରେ ସ୍ତବ୍ଧ ହୋଇଯାଇଛି। ୨୧ ବର୍ଷରେ ଜୀବନ ଦୀପ ଲିଭି ଯିବା ପରେ ଗୋଟିଏ ଆଦିବାସୀ ପରିବାରର ସବୁ ସ୍ୱପ୍ନ ମାଟିରେ ମିଶିଯାଇଛି। କର୍ଣ୍ଣାଟକ ରାଜ୍ୟର ଶ୍ରୀନିବାସପୁରମ୍‌ରେ ଏକ ଇଟା ଭାଟିରେ କାମ କରୁଥିବା ବେଳେ ଗତ ଶନିବାର ସନ୍ଧ୍ୟାରେ ମୋଟରସାଇକଲ ଦୁର୍ଘଟଣାରେ ଦେବେନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ଖବର ଗାଁରେ ପହଞ୍ଚିବା ପରେ ପରିବାର ଭାଙ୍ଗି ପଡିଥିଲା। କିନ୍ତୁ ଶବ ଗାଁକୁ ଆଣିବା ଆଉ ଏକ ଯନ୍ତ୍ରଣାଦାୟକ ସଂଗ୍ରାମ ହୋଇଗଲା। ବେଙ୍ଗାଲୁରୁ ଧାରସିଂ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଭଡ଼ା ବାବଦକୁ ୬୫ ହଜାର ଟଙ୍କା ମଗାଯାଇଥିଲା। ଦିନ ମଜୁରିଆ ପରିବାର ପାଖରେ ଏତେ ଟଙ୍କା ନଥିଲା। ଶେଷରେ ଇଟା ଭାଟି ମାଲିକ ୩୦ ହଜାର ଟଙ୍କା ସହାୟତା କଲେ। ବାକି ୩୫ ହଜାର ଟଙ୍କା ପାଇଁ ଗ୍ରାମବାସୀ, ନିକଟ ସମ୍ପର୍କୀୟମାନେ

- ଆମ୍ବୁଲାନ୍ସ ଭଡ଼ା ୬୫ ହଜାର
- ଲୁହରେ ବୁଡ଼ିଲା ଧାରସିଂ

ଘରକୁ ଘର ବୁଲି ଚାନ୍ଦା ଆଦାୟ କଲେ। ଶବ ସତ୍କାର ପାଇଁ ଆବଶ୍ୟକ ଅର୍ଥ ସବୁ ଖର୍ଚ୍ଚ ଚାନ୍ଦା ଟଙ୍କାରେ ହେଲା। ନିଜ ପୁଅର ଶବକୁ ମଧ୍ୟ ଚାନ୍ଦା ଟଙ୍କାରେ ଆଣିବାର ଦୁଃଖ ବାପା-ମାଆଙ୍କ ଛାତିକୁ ବିଦୀର୍ଣ୍ଣ କରିଦେଇଛି। ରୋଜଗାରିଆ ବଡ଼ ପୁଅକୁ ହରାଇ ବୃଦ୍ଧ ବାପା-ମାଆ ଏବେ ସମ୍ପୂର୍ଣ୍ଣ ଅସହାୟ। ଦୁଇ ସାନ ଭାଇ-ଭଉଣୀଙ୍କ ପାଠପଢ଼ା କେମିତିଚାଲିବ,ସେମାନଙ୍କ ଭବିଷ୍ୟତ କିଏ ଗଢିବ ଏହି ପ୍ରଶ୍ନ ଆଜି ସମସ୍ତଙ୍କ ମୁହଁରେ। ଗ୍ରାମବାସୀ ଓ ବୁଦ୍ଧିଜୀବୀଙ୍କ ମତରେ ଏପରି ପରିସ୍ଥିତିରେ ପ୍ରଶାସନର ଦାୟିତ୍ୱ ଓ ମାନବିକତା ଉଚ୍ଚକୋଟିର ହେବା ଆବଶ୍ୟକ। ଦାଦନ ଶ୍ରମିକଙ୍କ ମୃତ୍ୟୁ ପରେ ଶବ ପରିବହନ, କ୍ଷତିପୂରଣ ଓ ପରିବାରର ଥଇଥାନ ପାଇଁ ସରକାରଙ୍କ ପାଖରେ ସ୍ପଷ୍ଟ ନୀତି ରହିବା ଦରକାର। ଏହି ପରିବାରକୁ ତୁରନ୍ତ ରେଡକ୍ରସ୍, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଓ ଶ୍ରମ ବିଭାଗରୁ ସହାୟତା ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି ଜୋର ଧରିଛି।

# ସେଞ୍ଚୁରିଆନ ୟୁନିଭର୍ସିଟିରେ ନର୍ସିଂ ସପ୍ତାହ ଉଦ୍‌ଯାପିତ







ରାୟଗଡ,୧୨।୫(ସମିସ): ସେଞ୍ଚୁରୀଆନ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜେମେଣ୍ଟ (ସିୟୁଟିଏମ ) ରାୟଗଡ କ୍ୟାମ୍ପସର ସ୍କୁଲ ଅଫ୍ ନର୍ସିଂ ପକ୍ଷରୁ ଚଳିତ ମାସ ମେ ୬ରୁ ମେ ୧୨ ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହ ବ୍ୟାପି ନର୍ସିଂ ସପ୍ତାହର ଭବ୍ୟ ସମାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆନ୍ତର୍ଜାତୀୟ ନର୍ସ ଦିବସକୁ ଅବସର କରି ଆୟୋଜିତ ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ନର୍ସିଂ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଭାଗ ନେଇଥିଲେ। ସ୍କୁଲ ଅଫ୍ ନର୍ସିଂର ପ୍ରିନ୍ସିପାଲ ଡା. ଉର୍ମିଳା କାଟୁରୁଙ୍କ ନିର୍ଦ୍ଦେଶନା ଓ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଫଳଭାବେ ଆୟୋଜିତ ହୋଇଥିଲା। ସପ୍ତାହ ଧରି ବିଭିନ୍ନ ପ୍ରତିଯୋଗିତା, ସାହିତ୍ୟିକ ଓ ସୃଜନଶୀଳ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ଓ ନର୍ସିଂ ପ୍ରତି ସମର୍ପଣ ଭାବନା ପ୍ରକାଶ ପାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଜି ଆୟୋଜିତ ସମାପନୀ ଉତ୍ସବରେ ରିଜିଓନାଲ ଡାଇରେକ୍ଟର ଡା. ରାଜେଶ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡା. ଚନ୍ଦ୍ରଶେଖର ପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଉଭୟ ଅତିଥି ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଆନ୍ତର୍ଜାତୀୟ ନର୍ସ ଦିବସ ଅବସରରେ କେକ୍ କାଟି ଉତ୍ସବ ପାଳନ କରିଥିଲେ। ନିଜ ବକ୍ତବ୍ୟରେ ଡା. ପାଢ଼ୀ ନର୍ସମାନଙ୍କର ସ୍ୱାସ୍ଥ୍ୟସେବାରେ ଅପରିହାର୍ଯ୍ୟ ଭୂମିକା, ନିରନ୍ତର ଶିକ୍ଷାର ଆବଶ୍ୟକତା ଏବଂ ମାନବିକ ସେବାର ମହତ୍ତ୍ୱ ଉପରେ ଆଲୋକପାତ କରି ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରିଥିଲେ। ଡା. ପାତ୍ର ମଧ୍ୟ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରଶଂସା କରି ଭବିଷ୍ୟତରେ ନିଷ୍ଠା ଓ ପେଶାଦାୟୀତ୍ୱ ସହ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ। ଏହି ଆୟୋଜନ ମାଧ୍ୟମରେ ୟୁନିଭରସିଟିର ଉତ୍କୃଷ୍ଟ ନର୍ସିଂ ଶିକ୍ଷା ପ୍ରତିବଦ୍ଧତା ପୁନର୍ବାର ପ୍ରମାଣିତ ହୋଇଥିବା ବେଳେ ଛାତ୍ରଛାତ୍ରୀମାନେ ଫ୍ଲୋରେନ୍ସ ନାଇଟନେଙ୍ଗଲଙ୍କ ମହାନ ସେବା ଓ ଆଦର୍ଶକୁ ଅନୁସରଣ କରିବାକୁ ପ୍ରେରଣା ପାଇଥିଲେ।

# ସହରର ସମସ୍ତ ପେଟ୍ରୋଲ ପମ୍ପ୍ ବନ୍ଦ; ଲୋକେ ହନ୍ତସନ୍ତ




ଗୁଣୁପୁର, ୧୨।୫(ସମିସ): ତୈଳ ସଂକଟର ପ୍ରଭାବ ଏବେ ରାୟଗଡ଼ ଜିଲ୍ଲା ଗୁଣୁପୁର ଅଞ୍ଚଳରେ ସ୍ପଷ୍ଟ ଭାବେ ଦେଖାଦେଇଛି। ସହରରେ ଥିବା ସମସ୍ତ ପାଞ୍ଚଟି ପେଟ୍ରୋଲ ପମ୍ପରେ ଆଜି ପେଟ୍ରୋଲ ଓ ଡିଜେଲ ଯୋଗାଣ ବନ୍ଦ ହୋଇଯାଇଥିବାରୁ ସାଧାରଣ ଲୋକେ, ଯାତ୍ରୀ ଓ ଶ୍ରମିକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଗତ କିଛି ଦିନ ହେବ ଗୁଣୁପୁର ଅଞ୍ଚଳରେ ପେଟ୍ରୋଲ ଓ ଡିଜେଲର ଅଭାବ ଦେଖାଦେଇଥିବା ବେଳେ ଆଜି ପରିସ୍ଥିତି ଆହୁରି ଗମ୍ଭୀର ହୋଇପଡିଛି। ସହରର ପାଞ୍ଚଟି ପେଟ୍ରୋଲ ପମ୍ପ ମଧ୍ୟରୁ ତିନୋଟି ପମ୍ପରେ ପୂର୍ବରୁ ତୈଳ ସରିଯାଇଥିଲା। ଅନ୍ୟପଟେ ଏଚ୍‌ପି ଓ ନୟାରା ପେଟ୍ରୋଲ ପମ୍ପରେ କିଛି ସମୟ ପର୍ଯ୍ୟନ୍ତ ପେଟ୍ରୋଲ ଯୋଗାଣ ଚାଲିଥିଲେ ମଧ୍ୟ ପରେ ତୈଳ ସରିଯିବାରୁ ସେଗୁଡିକୁ ମଧ୍ୟ ବନ୍ଦ କରାଯାଇଥିଲା। ଫଳରେ ଗାଡ଼ି ଚାଳକ, ଶ୍ରମିକ, ଦୈନିକ ଯାତ୍ରୀ ଓ ସାଧାରଣ ଲୋକେ ଚରମ ଅସୁବିଧାରେ ପଡିଥିଲେ। ଅନେକ ଲୋକ ପେଟ୍ରୋଲ ପମ୍ପରୁ ଖାଲି ହାତରେ ଫେରିଥିବା ଦେଖିବାକୁ ମିଳିଥିଲା। ଏନେଇ ଭାରତ ପେଟ୍ରୋଲିୟମ ପମ୍ପର ମାଲିକ କହିଛନ୍ତି ଯେ, ତୈଳ ବୋଝେଇ ଟ୍ୟାଙ୍କର ବିଳମ୍ବରେ ପହଞ୍ଚୁଥିବାରୁ ଏଭଳି ସମସ୍ୟା ଉପୁଜିଛି। ଅନ୍ୟପଟେ ଗ୍ରାହକମାନେ ଏଭଳି ସମସ୍ୟା ଆଗକୁ ଜାରି ରହିଲେ ଆନ୍ଦୋଳନ କରିବାକୁ ପଛାଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲିପଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ସେ ଯୋଗାଣ ବିଭାଗ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଆନ୍ତର୍ଜାତିକ ନର୍ସିଂ ଦିବସ ପାଳିତ




ପଦ୍ମପୁର, ୧୨।୫(ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ତ୍ରିବେଣୀ ଫାର୍ମାସ୍ୟୁଟିକାଲ ହେଲ୍ଥ ସାଇନ୍ସ ପକ୍ଷରୁ ଆନ୍ତର୍ଜାତିକ ନର୍ସିଙ୍ଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଡାକ୍ତର ରତ୍ନପୂର୍ଣ୍ଣା ପଟ୍ଟନାୟକ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ବିପିନ ବିହାରୀ ଜେନା, ଚେୟାରମ୍ୟାନ ସ୍ୱାଗତ ଶେଖର ଜେନା, ସିଇଓ ଅନିତା ମିଶ୍ର, ମୁଖ୍ୟବକ୍ତା କନକ ଗରଡ଼ିଆ, ଜନମଙ୍ଗଳ ବିଭାଗର ଅର୍ଚ୍ଚନା ପଣ୍ଡା ଏବଂ ପଦ୍ମପୁର ମେଡିକାଲର ବରିଷ୍ଠ ନର୍ସିଙ୍ଗ ଅଫିସର ସନ୍ତୋଷ କୁମାର କର ଉପସ୍ଥିତ ଥିଲେ। ସଭାରେ ମୁଖ୍ୟ ଅତିଥି ଡାକ୍ତର ରତ୍ନପୂର୍ଣ୍ଣା ପଟ୍ଟନାୟକ କହିଥିଲେ ଯେ, ପଦ୍ମପୁର ଭଳି ଦୁର୍ଗମ ଅଞ୍ଚଳରେ ତ୍ରିବେଣୀ ନର୍ସିଂ କଲେଜ ସ୍ୱାସ୍ଥ୍ୟ ଶିକ୍ଷା କ୍ଷେତ୍ରରେ ଏକ ଆଶାର କିରଣ ସୃଷ୍ଟି କରିଛି। ଯାହା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସ୍ୱାସ୍ଥ୍ୟ ସମସ୍ୟାର ସୁଧାର ଆଣିବା ସହ ଅଞ୍ଚଳର ବିକାଶ ହୋଇପାରିବ ବୋଲି କହିଥିଲେ। ପଦ୍ମପୁର ମେଡିକାଲର ମୁଖ୍ୟ ସେବିକା କନକ ଗରଡ଼ିଆ କହିଥିଲେ ଯେ, ନର୍ସିଂ ସେବା ଭଗବାନଙ୍କ ଏକ ବରଦାନ ସଦୃଶ। ସମସ୍ତଙ୍କୁ ସେବା କରିବାକୁ ଭାଗ୍ୟର ନଥାଏ । ଅନୁଷ୍ଠାନର ପ୍ରତିଷ୍ଠାତା ବିପିନ ବିହାରୀ ଜେନା ଗୋପବନ୍ଧୁ ଦାସଙ୍କ ସେବା ଆଦର୍ଶକୁ ସ୍ମରଣ କରିବା ସହ ମଦର ଟେରେସାଙ୍କ ଭଳି ସେବା ମନୋବୃତ୍ତି ଉପରେ କହିଥିଲେ। ଚେୟାରମ୍ୟାନ ସ୍ୱାଗତ ଶେଖର ଜେନା ସେବା ପରମ ଧର୍ମ ବୋଲି କହି ନର୍ସିଙ୍ଗ ବୃତ୍ତିର ମହତ୍ତ୍ୱକୁ ଉଲ୍ଲେଖ କରିଥିଲେ। ସିଇଓ ଅନିତା ମିଶ୍ର, ଜନ ମଙ୍ଗଳ ଅଧିକାରୀ ଅର୍ଚ୍ଚନା ପଣ୍ଡା, ବରିଷ୍ଠ ନର୍ସିଙ୍ଗ ଅଫିସର ସନ୍ତୋଷ କର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶିକ୍ଷକଶିକ୍ଷୟିତ୍ରୀ କୁମୁଦିନୀ ବିଡ଼ିକା, ବିକାଶ ପାଣି, ପ୍ରିୟଙ୍କା ପାଣିଗ୍ରାହୀ, ଲକ୍ଷ୍ମୀକାନ୍ତ ଶବର, ଶୁଭମ ପ୍ରଧାନ ଓ ସିଏଓ ରଞ୍ଜନ ସାହୁଙ୍କ ସହ ବହୁ କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶେଷରେ କଲେଜର ମୁଖ୍ୟ ଶିକ୍ଷାଗତ ଅଧିକାରୀ ଗୋପାଳ ଦାମୋଦର ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଜଣାଇଥିଲେ। ପରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଗୋ-ହତ୍ୟା ଭିଡିଓ ଭାଇରାଲ

# କାର୍ଯ୍ୟାନୁଷ୍ଠାନ ଦାବି କଲା ବିଶ୍ୱ ହିନ୍ଦୁ ପରିଷଦ



ମାଲକାନଗିରି,୧୨।୫(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଧୁଙ୍ଗିଆପୁଟ ଗ୍ରାମ ନିକଟରେ ଗୋ ମାତାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇ ଏହାର ମାଂସ ବିକ୍ରି କରାଯାଉଥିବାର ଅଭିଯୋଗ ସାମ୍ନାକୁ ଆସିଛି। ଏକ ମହୁଲ ଗଛ ତଳେ ଗୋ-ମାଂସ କାଟାଯାଉଥିବାର କିଛି ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଘଟଣାକୁ ନେଇ ବିଭିନ୍ନ ହିନ୍ଦୁ ସଂଗଠନମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ନିୟମ ଅନୁଯାୟୀ ପଶୁଙ୍କୁ ନିର୍ଦ୍ଦୟ ଭାବେ ହତ୍ୟା କରିବା ଓ ନିର୍ଯାତନା ଦେବା ଦଣ୍ଡନୀୟ ଅପରାଧ । ଏହି ଘଟଣାକୁ ନେଇ ଆଜି ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ସଭାପତି ନୀଳମଣି ପ୍ରଧାନଙ୍କ ନେତୃତ୍ୱରେ ଏକ ଦଳ ଜିଲ୍ଲା ଆରକ୍ଷୀ ଅଧକ୍ଷ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜ କିଶୋର ଦାସଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେମାନେ ଘଟଣାର ନିଷ୍ପକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହି ଦଳରେ ସ୍ୱାମୀ ମାଧବ ଚୈତନ୍ୟ ମହାରାଜ, ପ୍ରକାଶ ପାଣିଗ୍ରାହୀ, ବାଲାରାଜୁ ପାଢ଼ୀ ଓ ଅଭିଜିତ୍ ମଣ୍ଡଳ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଘଟଣାର ତଦନ୍ତ କରି ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଦାସ ପ୍ରକାଶ କରିଥିବା ଜଣାପଡିଛି।

# ଗୋରୁ ସହ ବାଇକ୍ ଧକ୍କା , ଯୁବକ ମୃତ

କାଳିମେଳା, ୧୨।୫ (ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ଥାନା ଅନ୍ତର୍ଗତ ପତାଖାଲ ୩୨୬ ଜାତୀୟ ରାଜପଥ ଉପରେ ଗତ ରବିବାର ସନ୍ଧ୍ୟାରେ ଗୋରୁ ସହ ଦୁର୍ଘଟଣା ଘଟି ଏମପିଭି -୨୭ ଗ୍ରାମର ଯୁବକ ସୌରଭ ବାଇନ (୨୧) ଗୁରୁତର ଆହତ ହୋଇଥିଲେ। ତାଙ୍କ ଜୀବନ ସଙ୍କଟାପନ୍ନ ହୋଇଥିବାରୁ ତାଙ୍କୁ ବିଶାଖାପାଟଣା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଯୁବକଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଖବର ମିଳିଛି। ରାସ୍ତାରେ ବୁଲା ଗୋରୁଙ୍କ ସଂଖ୍ୟା ବଢୁଥିବାରୁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଥିବା ଦେଖିବାକୁ ମିଳୁଛି।

## ଆଦିତ୍ୟ ବିର୍ଲା ରିଫାଇନାରୀ ନେଇ ତ୍ରିପାକ୍ଷିକ ଆଲୋଚନା

# ଆରପିଡିଏସି ବୈଠକ ଦାବି କଲେ ପ୍ରଭାବିତ ଅଞ୍ଚଳବାସୀ

ରାୟଗଡା,୧୨।୫(ସମିସ):



ଆଜି ରାୟଗଡ଼ା ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଆଦିତ୍ୟ ବିର୍ଲା ରିଫାଇନାରୀ କଂସାରୀଗୁଡା କମ୍ପାନୀ ଦ୍ୱାରା ପ୍ରଭାବିତ ଅଞ୍ଚଳବାସୀଙ୍କୁ ନେଇ କମ୍ପାନୀ କର୍ତ୍ତୃପକ୍ଷ ଓ ଗ୍ରାମବାସୀଙ୍କ ମଧ୍ୟରେ ତାଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଭାବିତ ଗ୍ରାମବାସୀମାନଙ୍କ ମଧ୍ୟରେ କମ୍ପାନୀ ଦେଇଥିବା ପ୍ରତିଶୃତି ପାଳନ ଏବଂ ୧୦ଦଫା ଦାବି ଉପରେ ଆଲୋଚନା କରାଯାଇଥିଲା। ଉପଜିଲ୍ଲାପାଳ ଶ୍ରୀ ଜେନା ଗ୍ରାମବାସୀଙ୍କ ସମସ୍ତ ଦାବିଗୁଡିକୁ ଶୁଣାଣୀ କରି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଏ ନେଇ କଣ ପଦକ୍ଷେପ ଗ୍ରହଣ କରାଯାଇଛି ତାହାର ତଥ୍ୟ ପ୍ରଦାନ କରିବାକୁ କହିଥିଲେ। ଦୀର୍ଘ ୧୯ମାସ ଧରି ଆରପିଡିଏସି ବୈଠକ ଡକାଯାଇ ନ ଥିବାରୁ ତ୍ରିପାକ୍ଷିକ ବୈଠକରେ ଯୋଗ ଦେଇଥିବା ନାଗରିକ ସୁରକ୍ଷା କମିଟି (ଜମିହରା,ବାସହରା ଅଞ୍ଚଳବାସୀ) ର ପ୍ରଭାବିତ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ୨୦୦୬ ମସିହାରେ ଆଦିତ୍ୟ ବିର୍ଲା ରିଫାଇନାରୀ, କଂସାରୀଗୁଡା ନିମନ୍ତେ ଜମି ଅଧିଗ୍ରହଣ ହୋଇଥିଲା। ୨୦୨୩ ପର୍ଯ୍ୟନ୍ତ ଦୀର୍ଘ ୧୮ ବର୍ଷ ଧରି କମ୍ପାନୀ କର୍ତ୍ତୃପକ୍ଷ କାର୍ଯ୍ୟ ବନ୍ଦ ରଖିଥିବା ବେଳେ ଅଂଚଳବାସୀ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଲେ ଏବଂ ଚାଷ ଜମି ଜୀବିକା ହରାଇଥିଲେ ବୋଲି ଗ୍ରାମବାସୀ ପ୍ରକାଶ କରିଥିବା ବେଳେ ପ୍ରମୁଖ ଦାବିଗୁଡିକ ମଧ୍ୟରେ ଆରପିଡିଏସି ବୈଠକ ତୁରନ୍ତ କରିବା, ୭ଥରରୁ ଅଧିକ ଥର ସର୍ଭେ କରାଯାଇଥିବା ପହଣ୍ଡି ମୌଜାର ୩୧ ପରିବାର ଏବଂ ପୋଡାପାଡି ମୌଜାର ୭ଟି ପରିବାରକୁ ଡିପି କରାଯାଉ ବୋଲି ଦାବି ଉଠିଥିବା ବେଳେ ମାଇନ୍ସ ରାସ୍ତା ଓ ମାଇନ୍ସ ବେଲ୍ଟ ତିଆର କାମ ଆରମ୍ଭ ହେବାକୁ ଯାଉଥିବାରୁ କାଡାପଦର ଗ୍ରାମକୁ ମଧ୍ୟ ସଂପୂର୍ଣ୍ଣ ବିସ୍ଥାପିତ କରାଯାଉ ବୋଲି ଦାବି କରିଥିଲେ ଅଞ୍ଚଳବାସୀ। ସେହିପରି ନୂଆସାହିକୁ ଡିପି ମାନ୍ୟତା ସହ ୨୦୨୩ ଶିଳ୍ପନୀତି ସଂପୂର୍ଣ୍ଣ ଲାଗୁ କରି ଜମିର ବଜାର ଦରର ୪ଗୁଣା ମୂଲ୍ୟ ଜମିର ପେମେଂଟ କରିବା,କମ୍ପାନୀରେ ସ୍ଥାନୀୟ ଯୁବକଯୁବତୀଙ୍କୁ ତଥା ଅଂଚଳବାସୀଙ୍କୁ ନିଯୁକ୍ତି ପ୍ରଦାନ କରିବା,କମ୍ପାନୀର ସ୍ଥାନୀୟଠିକାଦାରଙ୍କୁ ୩୦ପ୍ରତିଶତ କାମ ଦେବା,ସ୍ଥାନୀୟ ଅଞ୍ଚଳରେ ଦେୟମୁକ୍ତ ଇଂଜିନିୟରିଂ କଲେଜ ଖୋଲିବା, ୧୦୦ଶର୍ଯ୍ୟା ବିଶିଷ୍ଟ ମେଡିକଲ କଲେଜ ନିର୍ମାଣ ଏବଂ କଂସାରିଗୁଡା ଓ ଆନ୍ଧୁଗୁଡା ଗ୍ରାମକୁ ବିସ୍ଥାପିତ କଲା ପରେ ସେଠାରେ କାମ ଆରମ୍ଭ କରିବା ଭଳି ଭଳି ଦାବି ଉପସ୍ଥାପନା କରାଯାଇଥିଲା। ଏହି ଦାବିଗୁଡିକୁ ନେଇ ଗତ ୨୦୨୫ ମସିହା ଡିସେମ୍ବର ୨୦ତାରିଖରେ ଅଞ୍ଚଳବାସୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଥିବା ବେଳେ ଉପଜିଲ୍ଲାପାଳଙ୍କ ସହ ଆଲୋଚନା ପରେ ଦାବି ପୂରଣ ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଆଦେଶ ଦିଆଯାଇଥିଲା। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ କୌଣସି ନିୟମ ପାଳନ ନ କରିବାରୁ ଆଜି ପୁଣିଥରେ ଉପଜିଲ୍ଲାପାଳ ତ୍ରିପାକ୍ଷିକ ବୈଠକ କରିଥିବା ନେଇ ନାଗରିକ ସୁରକ୍ଷା କମିଟିର ଗଙ୍ଗାଧର ରାଜ, ଜବାହାରଲାଲ ବାଗ,ସୀତାରାମ ମାଝି,ଅଖିଳ ଚନ୍ଦ୍ର ଝୋଡିଆ, ପଦ୍ମଲୋଚନ ନାଏକ, ଟଙ୍କଧର ନାଏକ, ଭୀମା ମାଝି ଓ ଅନ୍ୟମାନେ ପ୍ରକାଶ କରିଛନ୍ତି। ତେବେ ଏ ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ନଳକୂପ ଅଚଳ, ଜଳ ପାଇଁ ହନ୍ତସନ୍ତ

ନନ୍ଦାହାଣ୍ଡି ,୧୨।୫(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଦହଣା ଗ୍ରାମର ପାଇକ ସାହିରେ ଏକ ନଳକୂପ ପ୍ରାୟ ଏକ ମାସ ହେବ ଅଚଳ ଅଛି। ସାହିର ଅନ୍ୟ ଏକ ନଳକୂପରେ ଦୂଷିତ ପାଣି ବାହାରୁଛି ଯାହାକି ପାନୀୟ ଉପଯୋଗୀ ନୁହେଁ। ସାହି ବାସିନ୍ଦା ପଞ୍ଚାୟତ କାର୍ଯ୍ୟାଳୟ ତଥା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ଜୟପ୍ରକାଶ ମିଶ୍ରଙ୍କୁ ମଧ୍ୟ ଜଣାଇଥିବା ପ୍ରକାଶ କରିଛନ୍ତି। ସ୍ଥାନୀୟ ଅମିତ ପାଇକ, କୁଞ୍ଜ ସୌରା , ମିଟୁ ବେହେରା, ବାବୁଲି ପାଇକ, ବାଲ୍ୟ ଗୌଡ଼ ଓ ମନୋଜ ପ୍ରଧାନ ପ୍ରମୁଖଙ୍କ କହିବା ଅନୁସାରେ ଦୂଷିତ ଜଳ ବାହାରୁଥିବା ନଳକୂପରୁ ସମସ୍ତ କଳଙ୍କି ଲାଗି ଥିବା ସମସ୍ତ ପାଇପ୍ ପରିବର୍ତ୍ତନ ପାଇଁ ଅନୁରୋଧ କଲେ ମଧ୍ୟ ଗୋଟେ ଯୋଡେ ନୂଆ ପାଇପ୍ ପରିବର୍ତ୍ତନ କରୁଥିବାରୁ କଳଙ୍କିଯୁକ୍ତ ପାଣି ହିଁ ବାହାରୁଛି । ଯାହାକି ପାନୀୟ ଉପଯୋଗୀ ନୁହେଁ। ଅନ୍ୟ ପକ୍ଷରେ ଅଚଳ ଥିବା ନଳକୂପ ମରାମତି ପାଇଁ ଅନୁରୋଧ କଲେ ଯନ୍ତ୍ରୀ ଶ୍ରୀ ମିଶ୍ର ଅଳ୍ପ ଦିନ ମଧ୍ୟରେ ସଜାଡ଼ି ଦିଆଯିବ ବୋଲି ଆଶ୍ୱାସନା ଦେଉଛନ୍ତି । କିନ୍ତୁ କାର୍ଯ୍ୟ ହୋଇପାରୁ ନାହିଁ ବୋଲି ମତ ରଖିଛନ୍ତି। ମରାମତି ପାଇଁ ଉପକରଣ ଅଭାବ ଥିବା ଦର୍ଶାଇ ଯନ୍ତ୍ରୀ ଦିନ ଗଡ଼ାଇ ନେଇଥିବା ମଧ୍ୟ ଅଭିଯୋଗ କରିଛନ୍ତି। ମରାମତି ଉପକରଣ ଅଭାବ ଥିବା ବ୍ଲକର ବିଭିନ୍ନ ପଞ୍ଚାୟତରେ ମଧ୍ୟ ଶୁଣିବାକୁ ମିଳୁଥିବାରୁ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ଯେ, ବଜାରରେ ଉପକରଣ ମିଳୁ ନାହିଁ ନା ବିଭାଗରେ ଅର୍ଥର ଅଭାବ ରହିଛି। ପରିତାପର ବିଷୟ ଏହି ଯେ, ଉକ୍ତ ସାହିକୁ ମେଗା ପାନୀୟ ଜଳ



ଅବା ବସୁଧା ଯୋଜନାର ଜଳ ଯୋଗାଣ ହୋଇ ପାରୁ ନାହିଁ। ପ୍ରଚଣ୍ଡ ଗ୍ରୀଷ୍ମ ଋତୁରେ ସାହି ବାସିନ୍ଦା ପାନୀୟ ଜଳ ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି।ଏନେଇ ବ୍ଲକ ଗ୍ରାମ୍ୟ ଜଳ ଯୋଗଣ ଓ ପରିମଳ ବିଭାଗ ଯନ୍ତ୍ରୀ ଜୟପ୍ରକାଶ ମିଶ୍ର କୁ ଜାଗାଯୋଗ କରିଥିବାରୁ ଫୋନ କାଲ ଗ୍ରହଣ କରିନଥିଲି। ଏଥିରେ ସ୍ପଷ୍ଟ ଅନୁମେୟ ହେଉଛି ଯେ ସାଧାରଣ ଲୋକ ଅଭିଯୋଗ କାହିଁକ କାର୍ଯ୍ୟକାରି ହୋଇପାରୁନି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ମନ୍ଥର ଗତିରେ ମା' ମଝିଘରିଆଣୀ ମନ୍ଦିର ରୂପାନ୍ତରଣ କାମ

# କାର୍ଯ୍ୟର ଅଗ୍ରଗତିକୁ ନେଇ ସମୀକ୍ଷା କଲେ ଜିଲ୍ଲାପାଳ



ରାୟଗଡ଼, ୧୨।୫ (ସମିସ): ରାୟଗଡ଼ ଜିଲ୍ଲାର ଆସ୍ଥା ଓ ପରିଚୟର କେନ୍ଦ୍ର ମା ମଝିଘରିଆଣୀ ମନ୍ଦିର କେବଳ ଏକ ଧାର୍ମିକ ସ୍ଥଳ ନୁହେଁ। ଏହା ଲୋକ ବିଶ୍ୱାସ, ପରମ୍ପରା ଓ ସାମୁହିକ ସଂସ୍କୃତିର ଜୀବନ୍ତ ପ୍ରତୀକ। ବର୍ଷ ବର୍ଷ ଧରି ମନ୍ଦିର ଜାଗା ପୂର୍ବତଟ ରେଳବାଇ ଅଧୀନରେ ରହି ଆସିଥିବା ବେଳେ ମନ୍ଦିର ପରିଚାଳନା ଟ୍ରଷ୍ଟ ପକ୍ଷରୁ ଭକ୍ତଙ୍କ ସୁବିଧା ତଥା ମନ୍ଦିର ରୂପାନ୍ତରଣ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ପାରୁ ନ ଥିବା ବେଳେ ପୂର୍ବତନ ସରକାର ରେଳବାଇ ସହ ବୁଝମଣା କରି ମନ୍ଦିରକୁ ୬.୩୦ ଏକର ଜାଗା ପ୍ରଦାନ କରିଥିଲେ। ପରେ ମନ୍ଦିରର ରୂପାନ୍ତରଣ ପାଇଁ ୩୪ କୋଟି ଟଙ୍କାର ଅନୁଦାନ ଘୋଷଣା କରାଯାଇଥିଲା। ଏହା ପରେ ଏକ ବିସ୍ତୃତ ଡିପିଆର ପ୍ରସ୍ତୁତ କରାଯାଇ ସରକାରଙ୍କ ନିକଟକୁ ପ୍ରେରଣ କରାଯାଇଥିଲା। ଯାହାର ପ୍ରତିଫଳନ ସ୍ୱରୂପ ବର୍ତ୍ତମାନ ଓଡିଶା ସରକାରଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମନ୍ଦିରର ରୂପାନ୍ତରଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ନିମନ୍ତେ ୩୬ କୋଟି ଟଙ୍କା ଅନୁଦାନ ମଂଜୁର କରିଛନ୍ତି। ଏହି ଅନୁଦାନ ଟଙ୍କା ଆସିବା ପରେ ଗତବର୍ଷ ଅଗଷ୍ଟ ମାସ ୨୯ ତାରିଖରେ ମନ୍ଦିର ପ୍ରାଙ୍ଗଣରେ ଭୂମିପୂଜନ କରାଯାଇଥିଲା। ରାୟଗଡ଼ ପୂର୍ତ୍ତ ବିଭାଗର ତତ୍ୱାବଧାନରେ ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ କାଶି କଂଚନା ପ୍ରାଇଭେଟ୍ ଲିମିଟେଡ୍ କନଷ୍ଟ୍ରକସନ କମ୍ପାନୀ ଦ୍ୱାରା ଏହାର ରୂପାନ୍ତରଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ରୂପାନ୍ତରଣ କାର୍ଯ୍ୟ ଦୀର୍ଘ ଦୁଇ ବର୍ଷ ମଧ୍ୟରେ ସମାପ୍ତ ହେବ ବୋଲି କମ୍ପାନୀ ଏମଡି ଶ୍ରୀକାନ୍ତ ପାଣିଗ୍ରାହୀ ଭୂମି ପୂଜନ ସମୟରେ ସୂଚନା ଦେଇଥିଲେ। ତେବେ ଆଜକୁ ୯ ମାସ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପ କାମ କେବଳ ମାଟିଖୋଳା ଓ ପିଲର ଉଠିବା ପର୍ଯ୍ୟନ୍ତ ସୀମିତ ହୋଇ ରହିଛି। ଏ ନେଇ ଆଜି ରାୟଗଡ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ମନ୍ଦିର ରୂପାନ୍ତରଣ ପ୍ରକଳ୍ପ କାର୍ଯ୍ୟର ତଦାରଖ କରିବା ସହ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳଙ୍କ ଏହି ତଦାରଖ ସମୟରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅମ୍ବିକେୟ ମିଶ୍ରଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ, ମନ୍ଦିର ପରିଚାଳନା ଟ୍ରଷ୍ଟ ସଦସ୍ୟମାନେ ଉପସ୍ଥିତ ରହିଥିଲେ। ଚାଲିଥିବା ରୂପାନ୍ତରଣ କାର୍ଯ୍ୟର ବିଳମ୍ବତାକୁ ନେଇ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ଅସନ୍ତୋଷ ପ୍ରକାଶ କରିଥିବା ବେଳେ ଯଥାଶୀଘ୍ର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଆସନ୍ତା ଜୁନ ମାସ ସୁଦ୍ଧା ଗୋଟିଏ ବିକ୍ରୟ କେନ୍ଦ୍ର ,ଗୋଟିଏ ଡରମିଟାରୀ ଏବଂ ଗୋଟିଏ ପ୍ରସାଦ ସେବନ ହଲ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବ ବୋଲି ଜିଲ୍ଲାପାଳଙ୍କୁ ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ମିଶ୍ର ଜଣାଇଥିବା ଜଣାପଡିଛି। ମାଙ୍କ ମନ୍ଦିର ଚର୍ତୁପାଶ୍ୱରେ ଉନ୍ନତିକରଣ କରାଯିବା ସହିତ ତିନି ଦ୍ୱାର ପାଇଁ ପକ୍କା ରାସ୍ତା, ଅତିଥି ଭବନ, ମନ୍ଦିର କାର୍ଯ୍ୟାଳୟ, ମୁଣ୍ଡନ କକ୍ଷ, ପାର୍କ, ଶୌଚାଳୟ, ବିଶ୍ରାମଗାର ଓ ଯାନବାହନ ରଖିବା ପାଇଁ ପାର୍କିଂର ବ୍ୟବସ୍ଥା ସ୍ଥାନ ପାଇଛି। ଏଥିସହ ମନ୍ଦିରରେ ପୂଜାର୍ଚ୍ଚନା ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ପାଇଁ ୨୭ଟି ବିକ୍ରୟ କେନ୍ଦ୍ର ରହିବ ଏବଂ ପ୍ରଥମ ମହଲାରେ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟ ରହିବ ବୋଲି ଡିପିଆରରେ ମ୍ୟାପିଂ ହୋଇଛି। ସେହିଭଳି ଅନ୍ୟ ଏକ ସ୍ଥାନରେ ଦୁଇ ମହିଳା ବିଶିଷ୍ଟ କୋଠାର ପ୍ରଥମ ମହଲାରେ ମୁଣ୍ଡନ କେନ୍ଦ୍ର ରହିବ । ଯେଉଁଥିରେ ୫୦ଜଣ ମାନସିକଧାରୀ ଏକକାଳୀନ ମୁଣ୍ଡନ ହୋଇପାରିବେ। ଉପର ମହଲାରେ ୨୫୦ ଜଣଙ୍କ ପାଇଁ ଅନ୍ନ ଭୋଗ କେନ୍ଦ୍ର, ପୁରାତନ ପାଦ ମନ୍ଦିରର ଉନ୍ନତିକରଣ, ମନ୍ଦିରର ପରିକ୍ରମା ପ୍ରକଳ୍ପ ଭଳି କାର୍ଯ୍ୟ ରହିଛି। ବର୍ତ୍ତମାନ ନିର୍ମାଣ ସଂସ୍ଥା ପକ୍ଷରୁ ବଡ ବଡ ଗାତ ଖୋଳି କାମ ଚାଲୁଥିବା ବେଳେ ସ୍ଥାନୀୟ ଲୋକଙ୍କ ସମେତ ପଡୋଶୀ ଜିଲ୍ଲା, ରାଜ୍ୟରୁ ବିଭିନ୍ନ ଗାଡିରେ ଆସୁଥିବାରୁ ମନ୍ଦିରରେ ପାର୍କିଂ ବ୍ୟବସ୍ଥାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

### ଭୂମି ପୂଜନକୁ ବିତିଲାଣି ୯ ମାସ

**● କଟଲାଗୁଡାର ୩ ମନ୍ଦିରରୁ ଚୋରି**

## ଥାନାରେ ଏତଲା ଦେଲେ ମନ୍ଦିର କମିଟି



ରାୟଗଡ଼,୧୨।୫(ସମିସ): ରାୟଗଡାରେ ଗୋଟିଏ ରାତିରେ ତିନୋଟି ମନ୍ଦିରରେ ହୋଇଛି ଚୋରି । ସହରର ସିରିକଣା ନିକଟସ୍ଥ କୋଟଲାଗୁଡା ଠାରେ ଶ୍ରୀ ଶୈଳେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଥିବା ତିନୋଟି ପାଶ୍ୱର୍ ଦେବାଦେବୀ ମନ୍ଦିରରୁ ଚୋରି ହୋଇଥିବା ନେଇ ମନ୍ଦିର ପୂଜକ ଏ. ଭାସ୍କର ଅଭିଯୋଗ କରିଛନ୍ତି । ମନ୍ଦିର ପ୍ରାଙ୍ଗଣରେ ଥିବା ମା' ଶାରଳା, ଶ୍ରୀ ବିଶ୍ୱକର୍ମା ଏବଂ ଶ୍ରୀ ହନୁମାନ ମନ୍ଦିରରୁ ଦୁର୍ବୃତ୍ତମାନେ ଚୋରି କରିଥିବା ପୂଜକ କହିଛନ୍ତି । ଶ୍ରୀ ହନୁମାନ ଓ ବିଶ୍ୱକର୍ମା ମନ୍ଦିରର ଦାନ ହୁଣ୍ଡୀ ଭାଙ୍ଗି ଚୋରି ହୋଇଥିବା ବେଳେ ଶାରଳା ମନ୍ଦିରରେ ମା'ଙ୍କ ବିଗ୍ରହରୁ ଦୁଇଟି ରୁପା ଆଖି ଚୋରି ହୋଇଥିବା ବେଳେ ଦୁର୍ବୃତ୍ତମାନେ ସେଠାରୁ ଆଉ କଣ ସବୁ ଚୋରି କରିଛନ୍ତି ତାହା ସେ ଦେଖି ନ ଥିବା ପୂଜକ କହିଛନ୍ତି । ମନ୍ଦିରର ସିସିଟିଭି ଗତ ଏକ ସପ୍ତାହ ଧରି କାମ କରୁ ନ ଥିବା ବେଳେ ମନ୍ଦିରର ରୋଷେଇ ଘର ଏବଂ ଷ୍ଟୋର ରୁମର ତାଲା ଭଙ୍ଗା ଯାଇଛି। ଷ୍ଟୋର ରୁମ ଭିତରୁ ପିତ୍ତଳ ଥାଳି ଚୋରି ସହ ଏକ ଟିଣ ପେଡିକୁ ବାହାରେ ଭଙ୍ଗା ଯାଇ ଫୋପାଡ଼ି ଦିଆଯାଇଥିବା ଦେଖିବାକୁ ମିଳିଛି । ଘଟଣା ସମ୍ପର୍କରେ ମନ୍ଦିର କମିଟି ରାୟଗଡ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।

## ଆଜି ଅଗ୍ନି ଗାଙ୍ଗାମା'ଙ୍କ ଯାତ୍ରା ଉଦ୍‌ଯାପନ



ସେମିଳିଗୁଡ଼ା, ୧୨।୫ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ାରେ ଗତ ଗତ ମେ ୩ ତାରିଖରୁ ଆରମ୍ଭ ହୋଇଥିବା ଅଗ୍ନୀ ଗାଙ୍ଗାମା'ଙ୍କ ୯ ଦିନିଆ ଘଟଯାତ୍ରା ବୁଧବାର ଦିନ ଶେଷ ହେବ। ମଙ୍ଗଳବାର ଭକ୍ତ ମାନେ ମାଙ୍କୁ ଦର୍ଶନ କରି ପୂଜା କରିଥିଲେ। ନିଜ ମାନସିକ ପୂରଣ କରିଥିଲେ। ସନ୍ଧ୍ୟାରେ ମାଆଙ୍କ ଘଟ ନଗର ପରିକ୍ରମା କରିବା ସହ ନିଆଁ ଚକୁଡା ପର୍ବ ପାଳିତ ହୋଇଥିଲା। ଏଥିରେ ଶତାଧିକ ଭକ୍ତ ଯୋଗ ଦେଇଥିଲେ। ଏହି ନିଆଁ ଚକୁଡା ପର୍ବରେ ଘଟଧାରୀ ମାନେ ଲାଲ ଟହ ଟହ ଜଳୁଥିବା ଅଙ୍ଗାର ଉପରେ ଚାଲି ଚାଲି ଯାଇଥାନ୍ତି । ମା'ଙ୍କ ଅନେକ ସ୍ଥାନରେ ନିଆଁ ଚକୁଡିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ମୂଖ୍ୟ ଆକର୍ଷଣ ଭାବେ ରୋଡସୋ ଆୟୋଜନ କରାଯାଇଥିଲା। ରାତି ସାରା ବିଭିନ୍ନ ସାଂସ୍କୃତିକ କାର୍ଯକ୍ରମ ଆୟୋଜନ ହୋଇଥିଲା। ବୁଧବାର ବିସର୍ଜନ ପରେ ଯାତ୍ରା ଶେଷ ହେବ। ଗତ ୩ ରୁ ଯାତ୍ରା ଆରମ୍ଭ ହୋଇଥିଲା। ସହରରେ ଏକ ସୁନ୍ଦର ଓ ଆଧାମ୍ତିକ ପରିବେଶ ସୃଷ୍ଟି ହୋଇଛି।

## ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଲମତାପୁଟ,୧୨।୫(ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ସଦର ମହକୁମାର କାଜୁ ମିଲ ନିକଟରୁ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ ଲମତପୁଟ ସ୍ଥିତ କାଜୁ ମିଲର ଜଣେ ଶ୍ରମିକ ମକର ପରଜା (୨୦) ଦିନ ୧୦ଟା ସମୟରେ ଅଚାନକ ମିଲ କାମ ଅଧାରୁ ଛାଡି ଆସି ନିଜ ବାସ ଭାବନରେ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ଯୁବକ ଜଣକ ଜୟପୁର ଅଞ୍ଚଳର ହୋଇଥିବା ବେଳେ ଲମତାପୁଟକୁ ଆସି କାଜୁ ମିଲରେ କାମ କରୁଥିଲେ। ଘଟଣା ସ୍ଥଳରେ ଲମତାପୁଟ ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ପ୍ରେମ ସମ୍ପର୍କକୁ ନେଇ ଏହିଭଳି ଘଟଣା ଘଟିଥାଇ ପାରେ ବୋଲି ପୋଲିସ ସନ୍ଦେହ କରୁଛି।

## କାମରେ ଆସୁନି ସହରର ୧୨୦ ସିସି କ୍ୟାମେରା




ରାୟଗଡ଼, ୧୨।୫(ସମିସ): ରାୟଗଡ଼ ସହରରେ ବୃଦ୍ଧି ପାଉଥିବା ଚୋରି, ଲୁଟ୍ ଭଳି ଅପରାଧ ରୋକିବା ଏବଂ ସହ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କୁ ଧରିବା ଦିଗରେ ୨୦୨୩ ମସିହାରେ ଖଞ୍ଜା ଯାଇଥିଲା ସିସିଟିଭି କ୍ୟାମେରା। ହେଲେ ଏହି ସିସି କ୍ୟାମେରା ଗୁଡ଼ିକ ଏବେ ଅଚଳ ହୋଇ ପଡିଛି। ଗୋଟିଏ ମଧ୍ୟ ସିସିଟିଭି କ୍ୟାମେରା କାମ କରୁନଥିବା ଅଭିଯୋଗ କରିଛନ୍ତି ଅନେକ ଅଭିଯୋଗକାରୀ । ରାୟଗଡ଼ ଟାଉନ ଥାନାକୁ କୌଣସି ଚୋରି କିମ୍ବା ଅନ୍ୟାନ୍ୟ ଘଟଣାର ଯାଞ୍ଚ ବେଳେ ସେଠାରେ ରହିଥିବା କ୍ୟାମେରା କଂଟ୍ରୋଲ ରୁମକୁ ଗଲେ ଅନେକ କ୍ୟାମେରା ଅଚଳ ରହିଥିବା ଦେଖିବାକୁ ପାଇଛନ୍ତି। ସହରର ମୁଖ୍ୟ ପ୍ରମୁଖ ୨୦ରୁ ଉର୍ଦ୍ଧ ଛକମାନଙ୍କରେ ଖଞ୍ଜା ଯାଇଥିବା ପ୍ରାୟ ୧୨୦ଟି ସିସି କ୍ୟାମେରା ବର୍ତମାନ ଅଚଳ ରହିଥିବା ଲୋକେ କହିଛନ୍ତି। ବର୍ତ୍ତମାନ କେଉଁ ବିଭାଗ ପାଇଁ ଏହି ସିସି ଟିଭି ଗୁଡିକ କାମ ଦେଉଛି ନା ଜଣ ସାଧାରଣ ଉପକୃତ ହୋଇ ପାରୁଛନ୍ତି ତାହା ପ୍ରଶାସନକୁ ହିଁ ଜଣା ବୋଲି ବୁଦ୍ଧିଜୀବୀ ମାନେ କହିଛନ୍ତି। ଆଜିକାଲି ପୋଲିସ ମାନବ ଗୁଇନ୍ଦା ଆଧାର ଠାରୁ ଅଧିକ ଟେକ୍ନୋଲୋଜି ଗୁଇନ୍ଦା ଉପରେ ଅଧିକ ଗୁରୁତ୍ୱ ଦେଇ ଆସୁଥିବା ବେଳେ ତୃତୀୟ ନୟନ ଭଳି କାମ କରୁଥିବା ଗୁରୁତ୍ୱପୂର୍ଣ ସିସିଟିଭି ବ୍ୟବସ୍ଥା ଦୀର୍ଘ ଦିନ ଧରି ଅଚଳ ହୋଇ ପଡ଼ିଥିବା ବେଳେ ଜିଲ୍ଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ନ ଦେବା ସହରବାସୀଙ୍କ ପାଇଁ ପରିତାପର ବିଷୟ ପାଲଟିଛି । ଗତ ୫ବର୍ଷ ତଳେ ପ୍ରାୟ ୧ କୋଟିରୁ ଉର୍ଦ୍ଧ ଟଙ୍କା ବ୍ୟୟରେ ଖଞ୍ଜା ଯାଇଥିବା ୧୨୦ ଟି କ୍ୟାମେରା ଏବେ ଯାନ୍ତ୍ରିକ ତ୍ରୁଟି କିମ୍ବା ଅନ୍ୟ କେଉଁ କାରଣରୁ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ ତାହା ପ୍ରତି ପ୍ରଶାସନର ଆନ୍ତରିକତା ନାହିଁ । ଗତ ୫ବର୍ଷ ତଳେ ତତ୍କାଳୀନ ଜିଲ୍ଲାପାଳ ସହରରେ ଏହି ବ୍ୟବସ୍ଥା ଉପଲବ୍ଧ କରାଇଥିବା ବେଳେ ବର୍ତ୍ତମାନ ଜିଲ୍ଲା ପ୍ରଶାସନକୁ କୌଣସି ଅନୁଦାନର ଅଭାବ ନ ଥିଲେ ମଧ୍ୟ କାହିଁକି ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ ବୋଲି ବୁଦ୍ଧିଜୀବୀମାନେ କହୁଛନ୍ତି । ତେବେ ଜିଲ୍ଲାପାଳ ଓ ଏସପି ପୁନର୍ବାର ରାୟଗଡ ସହରରେ ସିସିଟିଭି କ୍ୟାମରା ବ୍ୟବସ୍ଥା କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ଗ୍ରହଣ କରୁଥିବା ଜଣାପଡ଼ିଛି।

## ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ଭାଲୁ

ବୈପାରିଗୁଡ଼ା,୧୨।୫(ସମିସ): ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ଭାଲୁ। ଆଜି ବୈପାରିଗୁଡା ବ୍ଲକ ଦଶମନ୍ତପୁର ପଞ୍ଚାୟତର ଗାଦୁଆଗୁଡା ଓ କାକଲପୋଡ଼ା ରାସ୍ତା ନିକଟରେ ଗୋଟିଏ ଭାଲୁ ବୁଲୁଥିବା ଦେଖିବାକୁ ମିଳିଛି । କିଛି ସମୟ ପରେ ଗାଁ ଲୋକେ ଭାଲୁକୁ ଦେଖି ପାଟିତୁଣ୍ଡ କରି କରିବା ପରେ ଭାଲୁଟି ମହନ୍ତପୁଟ ଜଙ୍ଗଲ ଭିତରକୁ ଦୌଡ଼ି ଚାଲିଯାଇଥିଲା । ଗାଁ ଲୋକେ ଏହାର ଫୋଟୋ ଭିଡିଓ ଉତ୍ତୋଳନ କରିଛନ୍ତି। ଯାହାକି ଏବେ ସାମାଜିକ ଗଣ ମାଧ୍ୟମରେ ଘୁରି ବୁଲୁଛି । ସୂଚନା ଥାଉକି, ଗତ କିଛି ଦିନ ପୂର୍ବେ ଏହି ଦଶମନ୍ତପୁର ଧାନ ମଣ୍ଡି ନିକଟରେ ଗୋଟିଏ ଭାଲୁ ମାଟି ଉଇ ଖାଉଥିବା ଦେଖିବାକୁ ମିଳିଥିଲା। ଚନ୍ଦ୍ରପୋଡା ପଞ୍ଚାୟତର ଦୋରାଗୁଡା ରାସ୍ତାରେ ଗୋଟିଏ ଭାଲୁ ଏବଂ ମହୁଲି ପଞ୍ଚାୟତର କୁକୁଡାଗାଡ ନଦୀ ନିକଟରେ ପାଣି ପିଇବା ପାଇଁ ଦୁଇଟି ଭାଲୁ ବୁଲିଥିବା ଦେଖିବାକୁ ମିଳିଥିଲା। ଗ୍ରୀଷ୍ମ ଋତୁରେ ପାହାଡ଼ ନିକଟରେ ଥିବା ଝରଣା ପାଣି ଶୁଖି ଯାଉଥିବାରୁ ପୁଣି ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି ଭାଲୁ ବୋଲି ସାଧାରଣରେ ଆଲୋଚନା ହେଉଛି।

## ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଶିବିର




ମାଲକାନଗିରି, ୧୨।୫(ସମିସ): ମାଲକାନଗିରି ଜିଲ୍ଲାରେ ଆଜି ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଶିବିର ଆରମ୍ଭ ହୋଇଛି। କଟକ ଏସସିବି ମେଡିକାଲ କଲେଜର ୭ଜଣ ବିଶେଷଜ୍ଞ ଡାକ୍ତର ଏକ ସ୍ୱତନ୍ତ୍ର ବିମାନ ଯୋଗେ ମାଲକାନଗିରି ପହଞ୍ଚିବା ପରେ ଜିଲ୍ଲା ସଦର ଚିକିତ୍ସାଳୟ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଏହି ବିଶେଷଜ୍ଞ ଡାକ୍ତରମାନେ ଆଜି ଠାରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ସଦର ଚିକିତ୍ସାଳୟରେ ରୋଗୀଙ୍କୁ ଚିକିତ୍ସା ସୁବିଧା ଯୋଗାଇବେ। ଏଥିରେ ଏଣ୍ଡୋକ୍ରାଇନୋଲୋଜି, ନିଉରୋଲୋଜି, ଏନେଥେସିଓ ଲୋଜି, କାଡିଓଲୋଜି, ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି, ଲେପ୍ରୋସକପି ସର୍ଜରୀ ଓ ନେପ୍ରଲୋଜି ବିଶେଷଜ୍ଞ ଡାକ୍ତର ରହିଛନ୍ତି । ଆଜି ପ୍ରଥମ ଦିନରେ ଅନେକ ରୋଗୀଙ୍କ ମୋଟ ୩୧୮ ୯ ଟି ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ମୋଟ ୩୮ ୯ ଜଣ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଛି। ଆସନ୍ତାକାଲି ପୁଣି ଆସିଷ୍ଟାଣ୍ଟ ପ୍ରଫେସର ଓ ପ୍ରଫେସର ଡାକ୍ତର ଆସି ଅଧିକ ଚିକିତ୍ସା ସୁବିଧା ଯୋଗାଇ ଦେବାର କାର୍ଯ୍ୟକ୍ରମ ରହିଛି ।

# ବିଭିନ୍ନ ଯୋଜନାର ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା



ବିଷମକଟକ,୧୨।୫(ସମିସ): ରାୟଗଡ଼ ଜିଲ୍ଲା ବିଷମ କଟକ ବ୍ଲକ୍‌ର ସମ୍ମିଳନୀ କକ୍ଷରେ ଆଜି ମନରେଗା, ସମଗ୍ର ଶିକ୍ଷା, ଖାଦ୍ୟ ସୁରକ୍ଷା ଓ ପ୍ରଧାନ ମନ୍ତ୍ରୀ ପୋଷଣ ଯୋଜନା ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଶିବିରରେ ରାୟଗଡା ପି.ଏ. ଆଇଟିଡିଏ ଅଧିକାରୀ ଚନ୍ଦ୍ରକାନ୍ତ ମାଝି ଅଧକ୍ଷତା କରିଥିଲେ। ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ, ଯନ୍ତ୍ରୀ ଝରଣା ତ୍ରିପାଠୀ, ସମିତି ଉପାଧକ୍ଷ ଦେବି ପ୍ରସାଦ ପଟ୍ଟନାୟକ ଓ ଭାର ପ୍ରାପ୍ତ ଏପିଓ ବିନାୟକ ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତି ରହିଥିଲେ। ପୂର୍ବରୁ ବ୍ଲକର ୨୧ଟି ଗ୍ରାମ ପଞ୍ଚାୟତ ଏବଂ ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ନିରପେକ୍ଷ ସଂସ୍ଥା ଦ୍ୱାରା ୧.୧୦.୨୦୨୪ ରୁ ୧.୯.୨୦୨୫ ମସିହା ମଧ୍ୟରେ ହୋଇଥିବା ମନରେଗା ଯୋଜନାର ସମୀକ୍ଷା ବିବରଣୀ ଗୁଡ଼ିକ ଉପସ୍ଥାପନ କରାଯାଇଥିଲା। ସମୀକ୍ଷା ସମୟରେ ଉଦ୍ୟାନ କୃଷି, ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା, ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ହୋଇଥିବା ମନରେଗା ଯୋଜନାର କୌଣସି କେସ୍ ରେକର୍ଡ ଦାଖଲ କରାଯାଇନଥିବାରୁ ଏହାର ସଂପୂର୍ଣ୍ଣ ଅଡିଟ୍ ହୋଇପାରିନାହିଁ। ସେହିପରି ରାସକୋଲ ଗ୍ରାମପଞ୍ଚାୟତର କୌଣସି କେଶ ରେକର୍ଡ ଦାଖଲ କରାଯାଇନଥିବା ସାମାଜିକ ସମୀକ୍ଷକ ନମିତା ୱାଡକା ପି.ଏ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଏନେଇ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜନ ଶୁଣାଣି ସମୀକ୍ଷାରେ ଆଇଟିଡିଏ ଓ ଉଦ୍ୟାନ କୃଷି ବିଭାଗ ତରଫରୁ ମନରେଗା ଯୋଜନାରେ ଲଗା ଯାଇଥିବା ଆମ୍ବ, କାଜୁ ଏବଂ ଲିଚୁ ବଗିଚାରେ ବ୍ୟାପକ ତ୍ରୁଟି ଦେଖା ଦେବା ସହ ସେମାନଙ୍କ ବିରୁଦ୍ଧରେ ମାଳ ମାଳ ଅଭିଯୋଗ ହୋଇଥିଲା । ବିଷମକଟକ ବ୍ଲକ ଅଧୀନରେ ଥିବା ଦୁର୍ଗୀ, ଡୁମ୍ବୁରୁନେଲୀ, କଣାବାଇ, ବେଥିଆପଡା, କୁମ୍ବାର ଧାମୁଣି,ସାହାଡ଼ା, ଡୁକୁମ,ଝିଗିଡି ଓ କୁର୍ଲି, ଚାଟିକୋଣା,ଭାତପୁର , ଡାଲିଆକୁଜି ପାଞ୍ଚାୟରେ ଏହି ଦୁଇ ବିଭାଗର ମାଳ ମାଳ ଅଭିଯୋଗ ଆସିଛି। କେଉଁଠି ନାମ ଫଳକ ନାହିଁ ତ ଆଉ କେଉଁଠି ଫାଇଲରେ ମାଷ୍ଟରରୋଲ ନାହିଁ ତ ଆଉ କେଉଁଠି କେଶ ରେକର୍ଡ ମଧ୍ୟ ନାହିଁ। ଜନ ଶୁଣାଣି ଶିବରରେ ଅଧକ୍ଷତା କରିଥିବା ରାୟଗଡା ପିଏଆଇଟିଡିଏ ଚନ୍ଦ୍ରକାନ୍ତ ମାଝି ସଂପୃକ୍ତ ବିଭାଗରେ ହୋଇଥିବା ଅନିୟମିତତା ଉପରେ କ୍ଷୋଭ ପ୍ରକାଶ କରିବା ସହ ସମସ୍ତ କାର୍ଯ୍ୟ ସମ୍ବନ୍ଧରେ ତଦନ୍ତ କରି ୭ଦିନ ମଧ୍ୟରେ ସବିଶେଷ ବିବରଣୀ ଦାଖଲ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୭ଦିନ ମଧ୍ୟରେ ରିପୋର୍ଟ ଦାଖଲ ନ କଲେ ଅଭିଯୋଗ ହୋଇଥିବା ସମସ୍ତ ପ୍ରକଳ୍ପର ଟଙ୍କା ଦାୟୀତ୍ୱରେ ରହିଥିବା ଅଧିକାରୀ ମାନଙ୍କ ଠାରୁ ରିକୋଭରି କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟ ପଟେ ଲାଇନ୍ ଡିପାର୍ଟମେଣ୍ଟରେ ଚାଲିଥିବା ମନରେଗା କାର୍ଯ୍ୟରେ ନଥିପତ୍ର ଠିକ୍ ରଖିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ ତାଗିଦ କରିଛନ୍ତି। ଏହା ବ୍ୟତିତ ଆଗକୁ ଯେ କୌଣସି କାର୍ଯ୍ୟ କରିବା ପୂର୍ବରୁ ପ୍ରଥମରେ ସୂଚନାଫଳକ ପ୍ରସ୍ତୁତ କରି ସମସ୍ତ ବିବରଣୀ ଲେଖିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।

▶ ଚାରା ରୋପଣ ନେଇ ମାଳ ମାଳ ଅଭିଯୋଗ
▶ ସରକାରୀ ନିୟମକୁ ଲାଇନ୍ ଡିପାର୍ଟମେଣ୍ଟର ଉଲ୍ଲଂଘନ

## ୫ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ ; ଶାସକ ଦଳକୁ ଅଣଦେଖା ଅଭିଯୋଗ



ନନ୍ଦପୁର,୧୨।୫ (ସମିସ): ପଟାଙ୍ଗି ବିଧାୟକ ତଥା ସିଏଲପି ନେତା ରାମଚନ୍ଦ୍ର କାଡ଼ାମ ମଙ୍ଗଳବାର ନନ୍ଦପୁର ବ୍ଲକ୍‌ର ୫ଟି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ବିଧାୟକ ଶ୍ରୀ କାଡ଼ାମ ପ୍ରଥମେ ନନ୍ଦପୁର ସ୍ଥିତ ସର୍ବେଶ୍ୱର ମନ୍ଦିରର ଭୋଗ ମଣ୍ଡପ, ପରେ ଥିବା ଗ୍ରାମ ପଞ୍ଚାୟତର କୁକୁଡ଼ା ପୁଟ, ଗୋଲୁର୍ ଗ୍ରାମ ପଞ୍ଚାୟତ ଖୁଡୁବ, ବାଡେଲ ଗ୍ରାମପଞ୍ଚାୟତର ଅତିରିକ୍ତ ଶ୍ରେଣୀ ଗୃହ ଉଦ‡ାଟନ କରିଛନ୍ତି । ସେପଟେ ବିଧାୟକ ମାରାଥନ୍ ପ୍ରକଳ୍ପ ଉଦଘାଟନ କରିଥିବା ବେଳେ କାର୍ଯ୍ୟକ୍ରମରେ ଶାସକ ଦଳର ନେତା କର୍ମକର୍ତ୍ତାଙ୍କୁ ଡକା ଯାଇନଥିବା ନେଇ ଅସନ୍ତୋଷ ଦେଖା ଦେଇଛି । ବିଜେପି ବରିଷ୍ଠ ନେତା ସରୋଜ ମିଶ୍ର କହିଛନ୍ତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପାତର ଅନ୍ତର ନୀତି ଆପଣାଇଛନ୍ତି ବୋଲି କହି କଟାକ୍ଷ କରିଛନ୍ତି । ଏହି ପ୍ରତିକ୍ରିୟାର ଉତ୍ତର ଦେଇ ବିଡ଼ିଓ ଶ୍ରୀ ଦୋରା କହିଛନ୍ତି ଏହା ଏକ ସରକାରୀ କାର୍ଯ୍ୟକ୍ରମ। ଏସଡିସି ଚେୟାରମ୍ୟାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସେ ଆସି ପାରିନଥିଲେ । ତେବେ ଏଥିରେ କୌଣସି ରାଜନୀତି ହେବା ଠିକ୍ ନୁହେଁ ବୋଲି ସେ କହିଛନ୍ତି ।

# ରାତିରେ କୋରାପୁଟ ବସ୍‌ଷ୍ଟାଣ୍ଡରେ ମଦୁଆଙ୍କ ଉତ୍ପାତ

## ବସଷ୍ଟାଣ୍ଡ ବାହାରେ ଖୋଲାଖୋଲି ଚାଲିଛି ମଦ୍ୟପାନ



କୋରାପୁଟ,୧୨।୫(ସମିସ): ଶାନ୍ତ କୋରାପୁଟ ହେଉଛି ଧୀରେ ଧୀରେ ଅଶାନ୍ତ। ସଞ୍ଜ ନଇଁଗଲେ ବସଷ୍ଟାଣ୍ଡରେ ଜମୁଛି ମଦ୍ୟପଙ୍କ ଦୌରାତ୍ମ୍ୟ। ଗଡୁଛି ଶହ ଶହ ମଦ ବୋତଲ। ଉଡୁଛି ପ୍ଲାଷ୍ଟିକ ଗ୍ଲାସ ସହ ପଲିଥିନ। ସନ୍ଧ୍ୟା ହେଲେ ଲୁଚାଛପା ବନ୍ଦ ଦୋକାନ ବାହାରେ ଏକ ରକମ ବାର ଭଳି ମଦ ପିଉଥିବା ବେଳେ ଦୋକାନ ବଜାର ବନ୍ଦ ପରେ ଖୁଲମଖୁଲା ବେଫିକର ଭାବେ ମଦ ପିଉଛନ୍ତି ମଦ୍ୟପ। ଏକ ବ୍ୟସ୍ତବହୁଳ ଏବଂ ଅର୍ଦ୍ଧରାତ୍ର ଯାଏଁ ଦ୍ରୁତଗାମୀ ବସ ଯିବା ଆସିବା କରୁଥିବା ବେଳେ ବସଷ୍ଟାଣ୍ଡ ଭିତରେ ଏପରି ବେଫିକର ଭାବେ ମଦ ପିଉଥିବାରୁ ଆତଙ୍କିତ ଅବସ୍ଥାରେ ରହୁଛନ୍ତି ଯାତ୍ରୀ। ଏପରିକି ବସଷ୍ଟାଣ୍ଡର ବିଭିନ୍ନ ଜାଗାରେ ସିସିଟିଭି ଲାଗିଥିଲେ ମଧ୍ୟ କିପରି ଖୁଲମଖୁଲା ସର୍ବସାଧାରଣ ଜାଗାରେ ନିର୍ଭୟରେ ମଦ ପିଉଛନ୍ତି ତାକୁ ନେଇ ନାପସନ୍ଦ କରିଛନ୍ତି ବୁଦ୍ଧିଜୀବୀ। ମଦ ପିଇ ମଦ୍ୟପ ମାନେ ବସଷ୍ଟାଣ୍ଡ ଭିତରେ ଦିନ ରାତି ଶୋଉଛନ୍ତି। ଏହାର ସୁଯୋଗ ନେଇ ପକେଟ୍ ମାର ଓ ଚୋରଙ୍କ ପ୍ରାଦୁର୍ଭାବ ମଧ୍ୟ ବଢୁଛି। ରାତି ପ୍ରାୟ ୯ଟା ହୋଇଗଲେ ବସଷ୍ଟାଣ୍ଡରେ ଥିବା କିଛି ଦୋକାନ ଗୁଡିକ ବନ୍ଦ ହୋଇଯାଏ। ଦୋକାନ ବନ୍ଦ ହେବା ମାତ୍ରେ ମଦୁଆ ମାନେ ସେଠାରେ ଆ‡ା ଜମାଇ ଦିଅନ୍ତି। ହାତରେ ମଦ ବୋତଲ ଧରି ଦୀର୍ଘ ସମୟ ଧରି ସେଠାରେ ବସି ରହି ମଦ୍ୟପାନ କରନ୍ତି। ବେଳେ ବେଳେ ମଧ୍ୟ ନିଜ ନିଜ ଭିତରେ ଝଗଡା କରି ହାତାହାତି ହେବାର ନଜର ରହିଛି। ନବେ ଦର୍ଶକରେ ନିର୍ମାଣ କରାଯାଇଥିବା କୋରାପୁଟ ବସଷ୍ଟାଣ୍ଡକୁ ପ୍ରତିଦିନ ପଡୋଶୀ ରାଜ୍ୟ ଆନ୍ଧ୍ର ଓ ଛତିଶଗଡ ସମେତ ଭୁବନେଶ୍ୱର, ସମ୍ବଲପୁର, ବଲାଙ୍ଗୀର ଆଦି ରାଜ୍ୟର ଅନେକ ସ୍ଥାନକୁ ପ୍ରତିଦିନ ବସ ଗୁଡିକ ଯିବା ଆସିବା କରିଥାଏ। ରାତ୍ର ସମୟରେ ବସ ଗୁଡିକ ଯାତାୟତ କରୁଥିବାରୁ ଯାତ୍ରୀ ମାନେ ଦୀର୍ଘ ସମୟ ଧରି ବସଷ୍ଟାଣ୍ଡରେ ଦୀର୍ଘ ସମୟ ଧରି ଅପେକ୍ଷା କରିଥାନ୍ତି। କିନ୍ତୁ ବସଷ୍ଟାଣ୍ଡ ପାଶ୍ୱର୍ରେ ମଦୁଆଙ୍କ ପ୍ରାଦିର୍ଭାବ ବୃଦ୍ଧି ପାଇଥିବା ବେଳେ ଯାତ୍ରୀ ମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏହାଛଡା ବସଷ୍ଟାଣ୍ଡ ପାର୍ଶରେ ଥିବା ହୋଟେଲ ମାନଙ୍କରେ ରାତ୍ରଭୋଜନ ପାଇଁ ମହିଳା ମାନେ ଯିବାକୁ ଡରୁଛନ୍ତି। ଯାହାଦ୍ୱାରା ହୋଟେଲ ମାନଙ୍କରେ ରାତ୍ର ବ୍ୟବସାୟ ବାଧାପ୍ରାପ୍ତ ହେଉଛି। ପ୍ରତିଦିନ ନାଇଟ୍ ପାଟ୍ରୋଲିଙ୍ଗ ଚାଲିଛି ବୋଲି କହି ପୁଲିସ ଡିଣ୍ଡିମ ପିଟୁଥିବା ବେଳେ କିପରି ଖୁଲମଖୁଲା ବସଷ୍ଟାଣ୍ଡରେ ମଦ୍ୟପାନ ଚାଲିଛି ତାହାକୁ ନେଇ ପ୍ରଶ୍ନ ଉଠୁଛି। ପୁଲିସ ସବୁ ଦେଖି ଚୁପ ରହିଲା ଭଳି ମନେ ହେଉଛି। ପୁଲିସ ତରଫରୁ କଡା କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ବସଷ୍ଟାଣ୍ଡ ରାତି ହେଲେ ମଦୁଆ ମାନଙ୍କ ପାଇଁ ଚରାଭୂଇଁ ପାଲଟିଛି। ସବୁ ଦେଖି ପୁଲିସ ପ୍ରଶାସନ ଚୁପ ବସିଛି। ଆଗାମୀ ଦିନରେ ଯଦି ଏପରି ଚାଲେ ତେବେ ବସଷ୍ଟାଣ୍ଡରେ ଆଉ ଲୋକେ ସୁରକ୍ଷିତ ମଣିବେ ନାହିଁ। ବଡ ଗଣ୍ଡଗୋଳ ସହ ଅଶାନ୍ତ କୋରାପୁଟ ସହର ହୋଇପଡିବ ବୋଲି କୁହାଯାଇପାରେ। ତେଣୁ ଏହି ମଦୁଆ ମାନଙ୍କର ଖୁଲମଖୁଲା ମଦ୍ୟପାନକୁ ବନ୍ଦ କରିବା କରିବା ପାଇଁ ପୁଲିସ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି ବୁଦ୍ଧିଜୀବି ମାନେ କହିଛନ୍ତି। ଯେଉଁ ମାନେ ଖୁଲମଖୁଲା ବସଷ୍ଟାଣ୍ଡ ଭଳି ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରୁଛନ୍ତି, ସେମାନଙ୍କୁ ଧରାଯିବ ଏବଂ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନାଇଟ୍ ପାଟ୍ରୋଲିଂକୁ ଜୋରଦାର କରାଯିବ ଏବଂ ବସଷ୍ଟାଣ୍ଡ ଉପରେ ତୀକ୍ଷ୍ଣ ନଜର ରଖାଯିବ ବୋଲି ଟାଉନ୍ ପୁଲିସ ପକ୍ଷରୁ କୁହାଯାଇଛି।

## ରଥଖଳାରୁ...

# ତିନିରଥର ୩୧ଟି ଚକ ନିର୍ମାଣ ଶେଷ



ପୁରୀ, ୧୨।୫(ସମିସ): ବିଧି ମୁତାବକ ରଥଖଳାରେ ତିନିରଥ ନିର୍ମାଣ କାମ ଦ୍ରୁତ ଗତିରେ ଆଗେଇ ଚାଲିଛି। ମଙ୍ଗଳବାର ସୁଦ୍ଧା ତିନିରଥର ୪୨ଟି ଚକ (ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦେବଦଳନ ୧୨) ମଧ୍ୟରୁ ୩୧ଟି ଚକ ନିର୍ମାଣ ସରିଛି। ଏଥିସହ ତିନି ରଥର ୧୧ଟି ଲେଖାଏଁ ୩୩ଟି ସାଲ ଗୁଜ, ୨୦ଟି ତୀଖ ଗୁଜ, ୨୭ଟି ଜଳଯନ୍ତ୍ର, ୩୨ଟି କୁଡୁକା, ୪୪ଟି ୧୨ ଫୁଟିଆ ଯୋକା, ୪ଟି ଲେଖାଏଁ ୨୦ ଫୁଟିଆ ମୁହାଁଟ ଏବଂ ନିରାଡ଼ି ଚଉପଟ କାର୍ଯ୍ୟ ଶେଷ ହୋଇଛି। ତିନି ରଥର ୧୨ଟି ଲେଖାଏଁ ଭୂଇଁ ଚଉତା କାଠରୁ ୪ଟି ଲେଖାଏଁ ଭୂଇଁ ଚଉତାର ଚଉପଟ କାର୍ଯ୍ୟ ଶେଷ ହୋଇ ଆଉ ୪ଟି ଭୂଇଁ ଚଉତା କାଠର ଚଉପଟ କାର୍ଯ୍ୟ ଜାରି ରହିଛି। ତିନିରଥ ରୂପକାର ସେବକମାନେ ସାଲ ଗୁଜରେ ରୂପ ଖୋଦେଇ କରୁଛନ୍ତି। ଯେଉଁ ରୂପ ଖୋଦେଇ ଶେଷ ହୋଇଛି, ତାହାର ପଲିସ୍ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନିରଥର ୧୨ଟି ଚକର ପଦାରି, ବଳା, ପଦାରି ଚାବି, ଅରକଣ୍ଟା ଶେଷ କରିଛନ୍ତି। ତିନି ରଥର ପୋଟଳ ପଟା ଜଏଣ୍ଟ ପାଇଁ ବାଗିଆ କଣ୍ଟା, ଗୋଡ଼ିଛାଲ କଣ୍ଟା ନିର୍ମାଣ କରୁଛନ୍ତି। ବୁଧବାରଠାରୁ ତିନି ରଥର ୨୦ ଏମ୍‌ଏମ୍‌ର ଦଣ୍ଡା କଣ୍ଟା ନିର୍ମାଣ ଆରମ୍ଭ ହେବ ବୋଲି କହିଛନ୍ତି କମାର ସେବକ।

# ୧୯ରୁ ପୁଣି ହେବ ଭିତର ରତ୍ନଭଣ୍ଡାର ଗଣତି

ପୁରୀ, ୧୨।୫ (ସମିସ): ଚତୁର୍ଥ ପର୍ଯ୍ୟାୟରେ ଚାଲିଥିବା ଭିତର ରତ୍ନଭଣ୍ଡାର ଗଣତିର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ସରିବା ପରେ ରତ୍ନଭଣ୍ଡାର ଗଣତି ସହ ସମ୍ପୃକ୍ତ ପ୍ରାଧିକୃତ ଟିମ୍ ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ଗଣତି ଶେଷ ପରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଥିଲେ। ସେ କହିଥିଲେ, ଅପରାହ୍ନ ୪ଟା ୨୭ରୁ ରାତି ୮ଟା ୪୪ ମିନିଟ୍ ଅର୍ଥାତ୍ ୪ ଘଣ୍ଟା ୧୭ ମିନିଟ୍ ଧରି ଗଣତି କରାଯାଇଥିଲା। ଅଳଙ୍କାର ରତ୍ନଖଚିତ ରହିଥିବାରୁ ଅଧିକ ସମୟ ଲାଗୁଛି। ଗଣତିର ଫଟୋଗ୍ରାଫି, ଭିଡିଓଗ୍ରାଫି ସହ ଥ୍ରୀଡି ମ୍ୟାପିଙ୍ଗ୍ କରାଯାଉଛି। ଜେମୋଲୋଜିଷ୍ଟଙ୍କ ଦ୍ୱାରା ରତ୍ନପଥରଗୁଡ଼ିକ ଚିହ୍ନଟ କରାଯାଉଛି। ତରବରିଆ ଭାବେ କିଛି କରାଯାଉନାହିଁ। ସରକାରଙ୍କ ମାର୍ଗଦର୍ଶିକା ଆଧାରରେ ସମ୍ପୂର୍ଣ୍ଣ ନିର୍ଭୁଲ ଭାବେ ଗଣତି ହେଉଛି। ତେବେ ଭିତର ରତ୍ନଭଣ୍ଡାର ଅଳଙ୍କାର କେତେଦିନ ଧରି ଚାଲିବ, ତାହା କହିହେବ ନାହିଁ। ଆସନ୍ତା ୧୯ରୁ ପୁଣି ଗଣତି ଆରମ୍ଭ ହେବ। ମେ' ୨୧, ୨୩, ୨୬, ୨୮, ୨୯, ୩୦ ପର୍ଯ୍ୟନ୍ତ ଗଣତି କରାଯିବ। ଏହାପରେ କମାଣ୍ଡର ଏବଂ ଅନ୍ୟାନ୍ୟ ସେବକ ନିଯୋଗ ସହ କଥା ହୋଇ ଜୁନ୍ ମାସରେ କେତେ ଗଣତି କରାଯିବ ତାହା ସ୍ଥିର ହେବ। ସ୍ନାନ ପୂର୍ଣ୍ଣିମା ପୂର୍ବରୁ ଯେଉଁଦିନ ନୀତି ସମ୍ପାଦନରେ ଅସୁବିଧା ହେବ ନାହିଁ ସେ ପର୍ଯ୍ୟନ୍ତ ଗଣତି ଚାଲିବ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି।

## ଜେଲ୍ ଫେରନ୍ତାଙ୍କ ଆତଙ୍କରାଜ୍

# ବିଚ୍ ରାସ୍ତାରେ ମନ୍ଦିର ପରିଚାଳକଙ୍କୁ ଖଣ୍ଡାଚୋଟ

ବ୍ରହ୍ମପୁର, ୧୨।୫ (ସମିସ): ବିଚ୍ ରାସ୍ତାରେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଲେ ଜେଲ୍‌ଫେରନ୍ତା। ବ୍ରହ୍ମପୁର ସଦର ଥାନା ଅଞ୍ଚଳରେ ଆଜି ଦିନ ଦି'ପହରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ଆହତ ଯୁବକଜଣଙ୍କ ହେଲେ, ବେନ୍ଦାଳିଆ ଗ୍ରାମର ପିଙ୍କୁ ସେଠୀ। ସେ ବେନ୍ଦାଳିଆ କାଳୀ ମନ୍ଦିରର ପରିଚାଳକ। ତାଙ୍କ ଦୁଇହାତ, ଗୋଡ଼ ଓ ପିଠିରେ ପ୍ରାୟ ୧୦ରୁ ୧୫ସ୍ଥାନରେ ଖଣ୍ଡା ଚୋଟ ବାଜିଛି। ପିଙ୍କୁଙ୍କ ଭାଇମାନେ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଏକ ଅଟୋରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେପଟେ ବ୍ରହ୍ମପୁର ଏସପି, ସଦର ଏସଡ଼ିପିଓ ଶୁଭ୍ରାଂଶୁ ପରିଡା ଓ ସଦର ଥାନା ଅଧିକାରୀ ସନ୍ତୋଷ ବେହେରାଙ୍କ ସମେତ ଅନ୍ୟ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୁଲିସ ଏହି ମାମଲାରେ ପୁଲିସ ଶିବ ଶଙ୍କର ସାହୁ ଓରଫ୍ ଭାଲୁ ଓ ଅନ୍ୟ ଦୁଇଜଣଙ୍କୁ କାବୁ କରି ଘଟଣା ପଛର କାରଣ ସମ୍ପର୍କରେ ଖୋଳତାଡ଼ କରୁଛି ବୋଲି ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପିଙ୍କୁ ବେନ୍ଦାଳିଆ କାଳୀ





ମନ୍ଦିରର ପରିଚାଳକ ଥିଲେ। ସେ ତାଙ୍କ ଶଶୁର ଘର କୁକୁଡ଼ାଖଣ୍ଡିରେ ବ୍ୟବସାୟ କରନ୍ତି। ପ୍ରତିଦିନ ଭଳି ମଙ୍ଗଳବାର ଭୋର୍‌ରେ ସେ ବାଇକ୍‌ରେ କୁକୁଡ଼ାଖଣ୍ଡି ଅଭିମୁଖେ ଯାଉଥିଲେ। ବେନ୍ଦାଳିଆ-ଲାଠି ଗ୍ରାମ ମଧ୍ୟରେ ଥିବା ଏକ ଶଙ୍ଖ ନିକଟରେ କିଛି ଜେଲ ଫେରନ୍ତା ତାଙ୍କୁ ଅଟକାଇ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସେ ବାଇକ୍ ଛାଡ଼ି ଜୀବନ ବିକଳରେ ସେଠାରୁ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ଚୋଟ ପରେ ଚୋଟ ପକାଇଥିଲେ। ଆକ୍ରମଣରେ ଆହତ ପିଙ୍କୁ ଅଚେତ ହୋଇ ତଳେ ପଡ଼ି ଯାଇଥିଲେ। ସେ ମରିଯାଇଥିବା ଭାବି ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ।

ମିଳିଥିବା ସୂଚନାନୁସାରେ, ଉକ୍ତ ଗ୍ରାମର ଏକ ଦୁର୍ଦ୍ଦାନ୍ତ ଅପରାଧୀ ଅର୍ଥାତ୍ ଜେଲଫେରନ୍ତା ଚଳିତବର୍ଷ ଦଣ୍ଡନାଚରେ ଯିବାକୁ ଇଚ୍ଛା ପ୍ରକାଶ କରିଥିଲେ। କିନ୍ତୁ, କିଛି କମିଟି ସଦସ୍ୟ ତାଙ୍କୁ ଗ୍ରୁପ୍‌ରେ ନେବାକୁ ଚାହୁଁନଥିଲେ। ପିଙ୍କୁ ମନ୍ଦିର ମୁଖ୍ୟ ପରିଚାଳକ ଥିବାରୁ ଜେଲଫେରନ୍ତା ଜଣଙ୍କୁ ନେବେ କି ନାହିଁ ଚିନ୍ତାରେ ପଡ଼ିଯାଇଥିଲେ। ପରବର୍ତ୍ତୀ ସମୟରେ ପିଙ୍କୁ ମଧ ଉକ୍ତ ଜେଲଫେରାନ୍ତ ଜଣଙ୍କୁ ଦଣ୍ଡରେ

■ ୨ ଅଭିଯୁକ୍ତ ଗିରଫ
■ ଦଣ୍ଡନାଚରେ ସାମିଲ କରିବାକୁ ମନା କରିବାରୁ ଆକ୍ରମଣ

ନେବାକୁ ମନା କରିଦେଇଥିଲେ। ଏହାକୁ ନେଇ ସମ୍ପୃକ୍ତ ଜେଲଫେରନ୍ତା ଜଣଙ୍କ ପିଙ୍କୁଙ୍କୁ ଜୀବନରୁ ମାରିଦେବାକୁ ଯୋଜନା କରିଥିଲେ। ଏପରିକି, ଦଣ୍ଡନାଚ ସମୟରେ ହିଁ ପିଙ୍କୁଙ୍କୁ ହତ୍ୟା କରିବା ପାଇଁ ଯୋଜନା ହୋଇଥିବା ଜଣାପଡ଼ିଛି। ପିଙ୍କୁ ଭୟଭୀତ ହୋଇ ପୂର୍ବରୁ କିଛି ସ୍ଥାନରେ ଲୁଚି ରହିଥିଲେ। ବର୍ତ୍ତମାନ ଘଟଣାରେ ପୁଲିସ ଭାଲୁ ସମେତ ଆଉ ଜଣେ ଯୁବକକୁ କାବୁ କରି ତଦନ୍ତ କରୁଛି। ଘଟଣାର ମାଷ୍ଟରମାଇଣ୍ଡ ଅର୍ଥାତ ଜେଲଫେରନ୍ତାକୁ ପୁଲିସ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

# ୧୮ରେ ଓଡ଼ିଶା ଆସିବେ ନୀତିନ ନବୀନ

## ଜଟଣୀରେ ପ୍ରଶିକ୍ଷଣ ଶିବିର, ମୁଖ୍ୟାଳୟରେ କୋର କମିଟି ବୈଠକ

ଭୁବନେଶ୍ୱର,୧୨।୫(ସମିସ): ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମଥର ପାଇଁ ଓଡ଼ିଶା ଆସୁଛନ୍ତି ନୀତିନ ନବୀନ। ଚଳିତମାସ ୧୮ ତାରିଖରେ ସେ ଓଡ଼ିଶା ଗସ୍ତରେ ଆସି ଜଟଣୀଠାରେ ଦଳୀୟ ପ୍ରଶିକ୍ଷଣ ଶିବିରକୁ ଉଦଘାଟନ କରିବେ। ଏହାପରେ ଦଳ ମୁଖ୍ୟାଳୟରେ ରାଜ୍ୟର କୋର କମିଟି ବୈଠକ ସହ ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀ ପରିଷଦ ସଦସ୍ୟଙ୍କ ସହ ମଧ ସେ ବୈଠକ କରିବେ।

ଦଳ ପକ୍ଷରୁ ଶ୍ରୀ ନବୀନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେବା ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ୧୮ ତାରିଖ ସକାଳ ୯ଟାରେ ସେ ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କୁ ଏକ ବିଶାଳ ରାଲି ଜରିଆରେ ଜଟଣୀ ପର୍ଯ୍ୟନ୍ତ ନିଆଯିବ। ଜଟଣୀଠାରେ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲାର ଦୁଇ ଦିନିଆ ପ୍ରଶିକ୍ଷଣ ଶିବିରକୁ ସେ ଉଦଘାଟନ କରିବା ସହିତ ନିଜର ଅଭିଭାଷଣ ରଖିବେ। ଏହି ଶିବିରରେ ଦିନ ୨ଟା ପର୍ଯ୍ୟନ୍ତ କର୍ମୀମାନଙ୍କୁ ସାଙ୍ଗଠନିକ ମନ୍ତ୍ର ଦେବେ। ଅପରାହ୍ନରେ ରାଜ୍ୟ କାର୍ଯ୍ୟାଳୟରେ କୋର କମିଟି ବୈଠକ ଓ ମନ୍ତ୍ରୀମାନଙ୍କ ସହ ସ୍ୱତନ୍ତ୍ର ଭାବେ ବୈଠକ କରିବେ। ଦଳର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ଯେ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଏହି ଗସ୍ତ ଓଡ଼ିଶା ବିଜେପି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାଂଗଠନିକ ସ୍ଥିତି ଓ ସରକାରୀ ଯୋଜନାର କାର୍ଯ୍ୟକାରିତା ଉପରେ ସେ ମାର୍ଗଦର୍ଶନ ପ୍ରଦାନ କରିବେ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି।

# ଡିଜିଟାଲ ଦସ୍ତଖତର ଅପବ୍ୟବହାର କରି ୫ ଠିକାଦାରଙ୍କୁ ଲାଇସେନ୍ସ

## ମୁଖ୍ୟ କିରାଣୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କଲେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ

ମାଲକାନଗିରି,୧୨।୫(ସମିସ): ମାଲକାନଗିରି ଜିଲ୍ଲା ବାଲିମେଳାସ୍ଥିତ ପୋଟେରୁ ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟରେ ଜଳସେଚନ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ତ୍ରୃପ କୁମାର ପାତ୍ରଙ୍କ ଡିଜିଟାଲ ସିଗନେଚର ସାର୍ଟିଫିକେଟ୍ ତଥା ଡିଏସ୍‌ସିକୁ ଅପବ୍ୟବହାର କରି ୫ଜଣଙ୍କୁ ଠିକାଦାର ଲାଇସେନ୍ସ ଦିଆଯାଇଛି। ଏଠାରେ କାର୍ଯ୍ୟରତ ଜଣେ ବରିଷ୍ଠ କିରାଣୀ ଏଥିରେ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ତାଙ୍କୁ କାର୍ଯ୍ୟାନ୍ତର କରାଯାଇଛି। ଖୁବ୍‌ଶୀଘ୍ର ତାଙ୍କୁ ଅନ୍ୟତ୍ର ବଦଳି କରିବାକୁ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଉପରିସ୍ଥ ଅଧିକାରୀଙ୍କୁ ସୁପାରିଶ କରିଥିବା ଜଣାପଡ଼ିଛି।




ସୂଚନାନୁସାରେ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଶ୍ରୀ ପାତ୍ରଙ୍କ ବିନା ଅବଗତରେ ତାଙ୍କ ଡିଏସ୍‌ସିକୁ ବ୍ୟବହାର କରି ଏଠାରେ କାର୍ଯ୍ୟରତ ବରିଷ୍ଠ କିରାଣୀ ଅଗସ୍ତି ସାମଲ ୫ଟି ସି-କ୍ଲାସ୍ ଠିକାଦାର ଲାଇସେନ୍ସ ଦେଇଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ସ୍ପଷ୍ଟ ହେବା ପରେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଶ୍ରୀ ପାତ୍ର କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବରିଷ୍ଠ କିରାଣୀ ଶ୍ରୀ ସାମଲଙ୍କୁ ସମସ୍ତ ଦାୟିତ୍ୱରୁ ମୁକ୍ତ କରିଛନ୍ତି। ଏହାସହ ଶ୍ରୀ ସାମଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସେ ଇଆଇସିକୁ ଚିଠି ଲେଖିଥିବା କହିଛନ୍ତି। ବୁଧବାର ସୁଦ୍ଧା ତାଙ୍କର ବଦଳି ହେବ ବୋଲି ସେ କହିଛନ୍ତି।

# ଶୃଙ୍ଖଳାଗତ ତଦନ୍ତର ବିକଳ୍ପ ନୁହେଁ ବାଧ୍ୟତାମୂଳକ ଅବସର: ହାଇକୋର୍ଟ

କଟକ,୧୨।୫(ସମିସ): ଅନିୟମିତତା ଅଭିଯୋଗ କ୍ଷେତ୍ରରେ ବିଭାଗୀୟ ଶୃଙ୍ଖଳାଗତ ତଦନ୍ତ ବଦଳରେ ବାଧ୍ୟତାମୂଳକ ଅବସରକୁ ଏକ ବିକଳ୍ପ ଭାବେ ବ୍ୟବହାର କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଜଣେ ବରିଷ୍ଠ ବନ ଅଧିକାରୀଙ୍କୁ ଦିଆଯାଇଥିବା ବାଧ୍ୟତାମୂଳକ ଅବସର ନିର୍ଦ୍ଦେଶକୁ ରଦ୍ଦ କରି ହାଇକୋର୍ଟ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଲକ୍ଷ୍ମଣ କୁମାର ପ୍ରଧାନଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ତାଙ୍କ ଚାକିରି କାଳ ମଧ୍ୟରେ ଦୁଇଟି ପଦୋନ୍ନତି ପାଇବା ସହ ୨୦୧୫ ଓ ୨୦୧୬ରେ ଶ୍ରେଷ୍ଠ ରେଞ୍ଜ ଅଫିସର ଭାବେ ରାଜ୍ୟ ପୁରସ୍କାର ପାଇଥିଲେ। ବାଧ୍ୟତାମୂଳକ ଅବସର ପାଇଁ ଗଠିତ କମିଟି ଏହି ସଫଳତାଗୁଡ଼ିକୁ ବିଚାରକୁ ନ ନେବା ଏକ ବଡ଼ ତ୍ରୁଟି।

ସେହିଭଳି ସରକାର ପୂର୍ବରୁ ଆରମ୍ଭ କରିଥିବା ଶୃଙ୍ଖଳାଗତ ତଦନ୍ତକୁ ବନ୍ଦ କରିଦେଇ ସେହି ସମାନ ଅଭିଯୋଗ ଆଧାରରେ ବାଧ୍ୟତାମୂଳକ ଅବସର ଦେବା ଆଇନଗତ ଭାବେ ଗ୍ରହଣୀୟ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି। ମାମଲା ଜାରି ରହିଥିବା ସମୟରେ ଆବେଦନକାରୀ ୬୦ ବର୍ଷ ବୟସ ଅତିକ୍ରମ କରି ଅବସର ବୟସରେ ପହଞ୍ଚି ସାରିଥିବାରୁ ତାଙ୍କୁ ପୁନଃ ନିଯୁକ୍ତି ମିଳିବ ନାହିଁ। ତେବେ ତାଙ୍କର ବକେୟା ଦରମା ଏବଂ ଅବସରକାଳୀନ ସୁବିଧା ପୂର୍ବରୁ ଚାଲିଥିବା ଭିଜିଲାନ୍ସ ମାମଲାର ଚୂଡ଼ାନ୍ତ ନିଷ୍ପତ୍ତି ଉପରେ ନିର୍ଭର କରିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ବନ ଅଧିକାରୀ ଶ୍ରୀ ପ୍ରଧାନଙ୍କୁ ଗତ ୨୦୨୧ମସିହା ଜାନୁଆରୀ ୨୦ ତାରିଖରେ ରାଜ୍ୟ ସରକାର ବାଧ୍ୟତାମୂଳକ ଅବସର ଦେଇଥିଲେ। ଯେଉଁ ସମୟରେ ଅବସର ନିର୍ଦ୍ଦେଶ ଦିଆଯାଇଥିଲା, ସେତେବେଳେ ତାଙ୍କ ବିରୋଧରେ ଭିଜିଲାନ୍ସ ମାମଲା କେବଳ ତଦନ୍ତସ୍ତରରେ ଥିଲା। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ

# କଣାସ ହତ୍ୟା ଉଦ୍ୟମ ମଧ୍ୟଯୁଗୀୟ ବର୍ବରତା: ବିଜେଡି

ପୁରୀ,୧୨।୫(ସମିସ): ଏକଦା ଶାନ୍ତିପ୍ରିୟ ରାଜ୍ୟ ଭାବେ ପରିଚିତ ଓଡ଼ିଶା ଏବେ ଅଶାନ୍ତି ନିଆଁରେ ଜଳୁଛି। ରାସ୍ତାରେ ଯିବାକୁ ଭୟ କରୁଛନ୍ତି ସାଧାରଣ ଲୋକ। ପୁରୀ ଜିଲ୍ଲାରେ ବି ସମାନ ସ୍ଥିତି। ଭୁଶୁଡ଼ି ପଡ଼ିଲାଣି ଆଇନ ଶୃଙ୍ଖଳା ବ୍ୟବସ୍ଥା। ପୁଲିସକୁ ଆଉ ଭୟ କରୁନାହାନ୍ତି ଅପରାଧୀ। ଖୋଲାଖୋଲି ଖଣ୍ଡା, ଭୁଜାଲି ବୁଲୁଛି। ତେଣୁ ରାଜ୍ୟରେ ବଢୁଥିବା ଅପରାଧ ଘଟଣାରେ ରୋକ୍ ଲଗାଇବା ଏବଂ ପୁଲିସର ଅପାରଗତା ବିରୋଧରେ ପୁରୀ ବିଜୁ ଜନତା ଦଳ ପକ୍ଷରୁ ଆସନ୍ତା ୧୪ ତାରିଖରେ ଏସ୍‌ପି ଅଫିସ ସମ୍ମୁଖରେ ପ୍ରତିବାଦ କରାଯିବ ବୋଲି ମଙ୍ଗଳବାର ହଲିଡେ ରିସର୍ଟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ବିଜୁ ଜନତା ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଏବଂ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ କହିଥିଲେ ଯେ ରାଜ୍ୟରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି। ଧାରାବାହିକ ଭାବେ ପ୍ରତିଦିନ ପୁଲିସର ଅପାରଗତା ପଦାରେ ପଡୁଛି। ଗଞ୍ଜାମ ଗୋପାଳପୁରରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଏଫ୍‌ଏମ୍ କଲେଜରେ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଆତ୍ମହତ୍ୟା ପାଇଁ ବାଧ କରାଯିବା, ପୁରୀ ଜିଲ୍ଲା ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁକୁ ନେଇ ଏକଦା ସାରା ରାଜ୍ୟ ପଡ଼ିଲା ଉଠିଲା। ତଥାପି ସରକାରଙ୍କ ଚେତା ପଶିଲା ନାହିଁ କି ପୁଲିସ ଆଭିମୁଖ୍ୟରେ



ପରିବର୍ତ୍ତନ ଆସିଲା ନାହିଁ। ପରବର୍ତ୍ତୀ ସମୟରେ ପୁରୀ ଜିଲ୍ଲାରେ ଏମିତି କିଛି ଘଟଣା ଆସିଲା ଯାହା ଏ ମାଟିକୁ ଜାତୀୟସ୍ତରରେ ନିନ୍ଦିତ କଲା। ବ୍ରହ୍ମଗିରି ବାଲିହରଚଣ୍ଡୀ ପୀଠ ନିକଟ ଜଙ୍ଗଲରେ ଯୁବତୀଙ୍କୁ ଗଣଦୁଷ୍କର୍ମ, ୬ବର୍ଷୀୟ ନାବାଳିକାଙ୍କ ଗୋଡ଼ହାତ ବାନ୍ଧି ଦୁଷ୍କର୍ମ, କୃଷ୍ଣପ୍ରସାଦରେ ନାବାଳିକାଙ୍କୁ ଦୁଷ୍କର୍ମ, ଡେଲାଙ୍ଗ ରତନପୁରରେ ଜଣେ

### ୧୪ରେ ଏସ୍‌ପି ଅଫିସ ଘେରିବ ଦଳ

ନାବାଳକଙ୍କ ସହ ଯୌନସମ୍ପର୍କ ରଖିବା ପରେ ହତ୍ୟା କରି ପାଇଖାନା ଟାଙ୍କିରେ ଫିଙ୍ଗିବା, ବ୍ରହ୍ମଗିରିରେ ଚୋରି ଅଭିଯୋଗରେ ଜଣେ ନାବାଳକଙ୍କ ବେକରେ ଚୋର ଲେଖାଥିବା ପ୍ଲା'-କାର୍ଡ ପକାଇ ରାସ୍ତାରେ ଚଲାଇଚଲାଇ ନିର୍ଯାତନା ଦେବା ଭଳି ଅନେକ ହୃଦୟବିଦାରକ ଘଟଣା ଗୋଟିଏ ଗୋଟିଏ ଉଦାହରଣ ମାତ୍ର। ନିକଟରେ କଣାସ ଥାନାଠାରୁ ମାତ୍ର ଅଧ କିଲୋମିଟର ଦୂର ଗୋଲାବଜାର ମାଛ ମାର୍କେଟରେ କିଛି ଦୁର୍ବୃତ୍ତ ସର୍ବସମ୍ମୁଖରେ ଜଣେ ଯୁବକଙ୍କୁ ମାଛକଟା ପନିକିରେ ହାଣିଥିଲେ। ଏହାପରେ ୩ଜଣ ଗୋଟିଏ ବୁଲେଟ୍‌ରେ ବସି ତାଙ୍କ ଉପରେ ଚଢ଼ାଇ ଚାଲିଯାଇଥିଲେ। ଏହି ଘଟଣା ଆମେରିକା ଗଣମାଧ୍ୟମରେ ବି ଚର୍ଚ୍ଚା ହୋଇଛି। କଣାସ ଘଟଣା ଏକ ମଧ୍ୟଯୁଗୀୟ ବର୍ବରତା କହିଲେ ଅତ୍ୟୁକ୍ତି ହେବ ନାହିଁ। କିନ୍ତୁ ଏହି ଘଟଣାରେ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ଏବଂ ପୁଲିସର ଆଭିମୁଖ୍ୟ ସମସ୍ତଙ୍କୁ ବିଚଳିତ କରିଛି। ଏହି ଘଟଣା ପଛରେ ବାଲି ମାଫିଆଙ୍କ ସମ୍ପୃକ୍ତି ଜଣାପଡ଼ିଥିଲା। ସେହି ମାଫିଆଙ୍କୁ ସ୍ଥାନୀୟ ପୁଲିସ, ସତ୍ୟବାଦୀର ବିଧାୟକ ସୁରକ୍ଷା ଦେବା ସବୁଠୁ ନିନ୍ଦନୀୟ। ପୁଲିସ ବି ଜନପ୍ରତିନିଧିଙ୍କ ହାତବାରିସି ସାଜିଛି। ଏହି ସାମ୍ବାଦିକ ସମ୍ମିଳନୀରେ ପିପିଲିର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ମହିଳା ଜିଲ୍ଲା ସଭାନେତ୍ରୀ କସ୍ତୁରୀବାଳା ସ୍ୱାଇଁ, ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନୀଲ ପଣ୍ଡା, ନିମାପଡ଼ାର ଯୁବ ନେତା ସୁବ୍ରତ ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ।

■ ସମ୍ବଲପୁର ମଣପୁରମ୍ ଗୋଲ୍ଡ ଡକାୟତି ମାମଲା

# ହାଇକୋର୍ଟରେ ୩ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ

କଟକ, ୧୨।୫ (ସମିସ): ସମ୍ବଲପୁର ବୁଢ଼ାରଜାସ୍ଥିତ ମଣପୁରମ୍ ଫାଇନାନ୍ସରୁ ହୋଇଥିବା ବହୁଚର୍ଚ୍ଚିତ ସୁନା ଡକାୟତି ମାମଲାରେ ଅଭିଯୁକ୍ତମାନଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି ହାଇକୋର୍ଟ। ଅଭିଯୁକ୍ତ ପଙ୍କଜ କୁମାର ପାଶୱାନ, ଅନୁଜ କୁମାର ସ ଓରଫ୍ ପପୁ ଏବଂ ଯଶ ଆନନ୍ଦ ଓରଫ୍ ରିଷୁଙ୍କ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଘଟଣାର ଗମ୍ଭୀରତା ଏବଂ ଅଭିଯୁକ୍ତଙ୍କ ବିରୋଧରେ ଥିବା ସମସ୍ତ ତଥ୍ୟକୁ ଆଧାର କରି ହାଇକୋର୍ଟ ଏହି ତିନୋଟି ଜାମିନ ଆବେଦନକୁ ଖାରଜ କରିବା ସହ ମାମଲାର ଶୀଘ୍ର ବିଚାର ପାଇଁ ନିମ୍ନ ଅଦାଲତକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଗତ ୨୦୨୫ ମସିହାରେ ସମ୍ବଲପୁରର ଅଇଁଠାପାଲି ଥାନା ଅନ୍ତର୍ଗତ ମଣପୁରମ୍ ଫାଇନାନ୍ସ ଶାଖାରୁ ଅଭିଯୁକ୍ତମାନେ ବନ୍ଧୁକ ଦେଖାଇ ୨୭.୫୨ କିଲୋଗ୍ରାମ ସୁନା ଅଳଙ୍କାର ଏବଂ ୪.୮୧ ଲକ୍ଷରୁ ଅଧିକ ନଗଦ ଟଙ୍କା ଲୁଟି ନେଇଥିଲେ। ପୁଲିସ ତଦନ୍ତ ପରେ ଏହି ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅଭିଯୁକ୍ତ ପଙ୍କଜ କୁମାର ପାସୱାନଙ୍କୁ ଟିଆଇ ପରେଡ୍ ସମୟରେ ଚିହ୍ନଟ କରାଯାଇଛି। ଅନ୍ୟତମ ଅଭିଯୁକ୍ତ ଅନୁଜ କୁମାର ସ ନିଜର ପୂର୍ବ ଆପରାଧିକ ଇତିହାସ ବିଷୟରେ ସତ୍ୟପାଠରେ ଉଲ୍ଲେଖ କରିନଥିଲେ। ତାଙ୍କ ନାମରେ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ର ପରି ବିଭିନ୍ନ ରାଜ୍ୟରେ ଏକାଧିକ ଡକାୟତି ମାମଲା ରହିଛି। ସେହିପରି ଯଶ ଆନନ୍ଦଙ୍କ ନାମରେ ମଧ ପୂର୍ବରୁ ୭ଟି ଅପରାଧିକ ମାମଲା ରହିଛି।

## କୁଖ୍ୟାତ କାଠ ମାଫିଆ ଗିରଫ

# ଫିଟିବ ଓଡ଼ିଶା ବୀରାପାନ୍‌ର ଗୁମର

କଟକ,୧୨।୫(ସମିସ): ଓଡ଼ିଶା ବିରାପାନ୍ ତଥା କୁଖ୍ୟାତ କାଠମାଫିଆକୁ ଏକ ପୁରୁଣା ୱାରେଣ୍ଟ ବଳରେ ଲାଲବାଗ ଥାନା ପୁଲିସ ଗିରଫ କରିଛି। କାଠମାଫିଆର ଘର ଚଣ୍ଡିଛକ ଅଞ୍ଚଳରେ ହୋଇଥିବା ବେଳେ ତା' ନାଁ ବିକ୍ରମ ମହାପାତ୍ର। ସେ ସାରା ରାଜ୍ୟରେ କାଠ ଚୋରା ଚାଲାଣ କରୁଥିଲା। ୧୦ବର୍ଷ ପୂର୍ବରୁ ଅଭିଯୁକ୍ତ ବିକ୍ରମକୁ ଲାଲବାଗ ଥାନା ପୁଲିସ ପ୍ରଥମେ ଗିରଫ କରିଥିଲା। ତାକୁ ତା' ଘରୁ ଲାଲବାଗ ଥାନାକୁ ରାସ୍ତାରେ ଚଲାଇ ଚଲାଇ ନେଇଥିଲା। ଏହାପରେ ସେ ଜେଲ୍‌ରୁ ମୁକୁଳି ପୁଣିଥରେ ସକ୍ରିୟ ହୋଇଥିଲା। ବଲାଙ୍ଗିର, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ମାଲାକାନଗିରି ସମେତ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରୁ ଶାଗୁଆନ, ଶିଶୁ, ଗମ୍ଭାରୀ, ପିଆଶାଳ, ମେହେଗାନୀ ଭଳି ଦାମୀ କାଠ ଆଣି ଚୋରା ବ୍ୟବସାୟ କରୁଥିଲା। ଦୀର୍ଘ ୨୦ବର୍ଷର ସାମ୍ରାଜ୍ୟରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଆଜି ଭୁବନେଶ୍ୱର ଏସ୍‌ଡିଜିଏମ୍ କୋର୍ଟରେ ଲାଲାବାଗ ଥାନା ପୁଲିସ କୁଖ୍ୟାତ କାଠମାଫିଆ ବିକ୍ରମକୁ ହାଜର କରାଇଥିଲା। ତା'ର ଜାମିନ୍ ଆବେଦନ ନାମଞ୍ଜୁର ହେବାରୁ ତା'କୁ ଜେଲ୍ ପଠାଇ ଦିଆଯାଇଛି।

ପୁଲିସ୍ ସୂଚନା ଅନୁସାରେ, ଅଭିଯୁକ୍ତ ବିକ୍ରମ ଚଣ୍ଡିଛକରେ ଜୟଡ୍ରିଷ୍ଟା ନାମରେ ଏକ ଫର୍ଣ୍ଣିଚର୍ ଦୋକାନ କରିଥିଲା। ଏହି ଦୋକାନରେ ମୂଲ୍ୟବାନ କାଠଗୁଡ଼ିକୁ ବିଭିନ୍ନ ଫର୍ଣ୍ଣିଚର୍ ପ୍ରସ୍ତୁତ କରି ଚାଲାଣ କରୁଥିଲା। ଚାଲାଣ ସମୟରେ ଚଢ଼ଉର ଭୟ ରହିଥିବା ବେଳେ ମୂଲ୍ୟବାନ କାଠଗୁଡ଼ିକୁ ପଟାରେ ପରିଣତ କରି ଏହାକୁ ବେଡ୍, ସୋଫା ଭଳି ବିଭିନ୍ନ ଫର୍ଣ୍ଣିଚର୍ ପ୍ରସ୍ତୁତ କରି ସହଜରେ ଚାଲାଣ କରିପାରୁଥିଲା। ମୁଖ୍ୟତଃ କଟକ, ଭୁବନେଶ୍ୱର ଏବଂ ପୁରୀ ସହରରେ ତାର ଫର୍ଣ୍ଣିଚର ସପ୍ଲାଏ ରହିଛି। ଅନ୍ୟପଟେ ସମଗ୍ର ରାଜ୍ୟର ବିଭିନ୍ନ ଜିଲ୍ଲାର ଏକାଧିକ ଡିଏଫ୍‌ଓ, ରେଞ୍ଜର୍ ଓ ବନକର୍ମଚାରୀଙ୍କ ସହିତ ତା'ର ସୁ-ସମ୍ପର୍କ ରହିଥିବା ପୁଲିସ ସୂଚନା ଦେଇଛି। ସେ ସରକାରୀ ବନକର୍ମଚାରୀଙ୍କ ସହାୟତାରେ ଜଙ୍ଗଲରୁ ଅବାଧରେ ଗଛ କାଟୁଥିଲା। ପରେ ଏହି ଗଛକୁ ସ୍ଥାନୀୟ ମିଲ୍‌ରେ ପଟା ଚିରି କଟକ ଚଣ୍ଡିଛକକୁ ଆଣୁଥିଲା। ଏଠାରେ ତାହାକୁ କେଉଁଠିକୁ ଚାଲାଣ କରାଯିବ ତାର ଯୋଜନା ପ୍ରସ୍ତୁତ କରାଯାଉଥିଲା। ପୂର୍ବପ୍ରସ୍ତୁତି ହୋଇ ଚୋରା କାଠକୁ ଫର୍ଣ୍ଣିଚର କରି ଲୋକଙ୍କୁ ବିକ୍ରି ହେଉଥିଲା। ରାଜ୍ୟର ବିଭିନ୍ନ ଥାନାରେ ତା' ନାଁରେ ମାମଲା ରହିଛି।



■ ସାରା ରାଜ୍ୟରେ ଚଳାଇଥିଲା ମୂଲ୍ୟବାନ କାଠ ଚୋରା ଚାଲାଣ
■ ଚୋରା କାଠକୁ ବିଭିନ୍ନ ଫର୍ଣ୍ଣିଚର୍ କରି ବିକ୍ରି କରୁଥିଲା
■ ସମ୍ପର୍କରେ ଥିଲେ ଏକାଧିକ ଡିଏଫ୍‌ଓ, ରେଞ୍ଜର୍ ଓ ବନକର୍ମଚାରୀ

ତେବେ ସେ ଦୀର୍ଘବର୍ଷ ହେବ, ପୁଲିସ ଆଖିରେ ଧୂଳି ଦେଇ ଖସିଯାଉଥିଲା। ଭୁବନେଶ୍ୱର ଏସ୍‌ଡିଜିଏମ୍ କୋର୍ଟର ନିର୍ଦ୍ଦେଶ ବଳରେ ତାକୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଲାଲବାଗ ଥାନା ଆଇଆଇସି ସତ୍ୟବ୍ରତ ଭୂତିଆ ସୂଚନା ଦେଇଛନ୍ତି।

ଅନ୍ୟପଟେ ଅଭିଯୁକ୍ତ ବିକ୍ରମ କଟକ, ଭୁବନେଶ୍ୱର ଓ ଗ୍ରାମାଞ୍ଚଳରେ ରହିଥିବା ବିଭିନ୍ନ ଛୋଟବଡ଼ ଫର୍ଣ୍ଣିଚର୍ ଦୋକାନକୁ ଚୋରା କାଠ ଯୋଗାଉଥିଲା। ସାଗୁଆନ୍, ଗମ୍ଭାରୀ, ଶିଶୁ ଭଳି ମୂଲ୍ୟବାନ କାଠ ସହିତ ଚାକୁଣ୍ଡା, ଶାଳ କାଠ ମଧ ସେ ସପ୍ଲାଏ କରୁଥିଲା। ଗତ ୫ ବର୍ଷ ହେବ ସେ ବେଶ୍ ସକ୍ରିୟ ହୋଇପଡ଼ିଥିଲା। ତା' ନାଁରେ ପୁରୁଣା ୱାରେଣ୍ଟ ରହିଥିବା ବେଳେ ତାକୁ ଲାଲବାଗ ଥାନା ପୁଲିସ ଗତ ୧୫ ଦିନ ହେବ ଟାର୍ଗେଟ୍ କରିଥିଲା। ବିକ୍ରମ କାଳେ ଫେରାର୍ ହୋଇଯିବ, ତା' ଉପରେ କମିଶନରେଟ୍ ପୁଲିସ ନଜର ରଖିଥିଲା। ଆଜି ସାଦା ପୋଷାକରେ ପୁଲିସ ତା'ଘର ଚାରିପଟେ ମୁତୟନ ହୋଇଥିଲେ। ଆଇଆଇସି ଶ୍ରୀ ଭୂତିଆଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଘର ଭିତରୁ ଅଭିଯୁକ୍ତ ବିକ୍ରମକୁ ଉଠାଇ ଆଣିଥିଲା। ତାକୁ ପୁଲିସ ଓଡ଼ିଶା ବିରାପାନ୍ କହୁଥିବା ବେଳେ ଖୁବଶୀଘ୍ର ସେ ରିମାଣ୍ଡରେ ଆସିବ ବୋଲି ଜଣାପଡ଼ିଛି। କେଉଁମାନେ ତା' ସହିତ ସମ୍ପୃକ୍ତ ରହି ଏହି ଚୋରା କାରବାର କରୁଥିଲେ, ତାହା ପୁଲିସ ଜେରା କରିବା ପରେ ଜଣାପଡ଼ିବ।

# ବ୍ୟାଙ୍କରୁ ୯ ଲକ୍ଷର ଫିକ୍ସଡ୍ ଡିପୋଜିଟ୍ ଗାଏବ

ଭଦ୍ରକ, ୧୨।୫(ସମିସ): ଫିକ୍ସଡ୍ ଡିପୋଜିଟ୍ ଟଙ୍କା ବ୍ୟାଙ୍କ ଖାତାରୁ ଗାଏବ। ୯ଲକ୍ଷ ଟଙ୍କା ରଖିଥିବା ଜଣେ ବ୍ୟବସାୟୀଙ୍କ ସବୁ ଅର୍ଥ ଗାଏବ ହୋଇଯାଇଛି। ଏହି ଘଟଣା ଜାଣିବା ପରେ ସମ୍ପୃକ୍ତ ବ୍ୟବସାୟୀ ହତାଶ ହୋଇପଡ଼ିଛନ୍ତି। ଏଭଳି କାଣ୍ଡ ଭଦ୍ରକ ବାଇପାସ୍‌ସ୍ଥିତ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କରେ ଜଣେ ଜମାକାରୀଙ୍କ କ୍ଷେତ୍ରରେ ଘଟିଥିବା ଅଭିଯୋଗ ହୋଇଛି। ଗତ ଡିସେମ୍ବରରେ ସେ କରିଥିବା ଫିକ୍ସ ଟଙ୍କା ମେ' ମାସରେ ଉଭାନ ହୋଇଯାଇଛି। ବ୍ୟବସାୟୀଙ୍କ ଅଜାଣତରେ ବ୍ୟାଙ୍କରେ ଥିବା ୯ଲକ୍ଷ ଟଙ୍କା କୁଆଡ଼େ ଗଲା? କେମିତି ଖାତା ଶୂନ୍ ହେଲା? ତାକୁ ନେଇ ପୁଲିସ୍ ଖୋଳତାଡ଼ ଆରମ୍ଭ କରିଛି। ଏଥିପାଇଁ ସମ୍ପୃକ୍ତ ଜମାକାରୀ ସିଧାସଳଖ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି।

ସୂଚନାଯୋଗ୍ୟ, ଭଦ୍ରକ ବାଇପାସ୍ ଛକସ୍ଥିତ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କରେ କଦମବେଡ଼ା ଅଞ୍ଚଳର ସେକ୍ ଜହୁର ଅହମ୍ମଦଙ୍କ ବ୍ୟାଙ୍କ ଆକାଉଣ୍ଟ ରହିଛି। ସେହି ଖାତାରେ ଜହୁର ୯ ଲକ୍ଷ ୬୧୦ ଟଙ୍କା ଫିକ୍ସ ଡିପୋଜିଟ୍ କରିଥିଲେ। ଗତ ଡିସେମ୍ବର ୫ରେ ଏହି ଟଙ୍କା ଜମା ରଖିଥିଲେ। ସେହି ମାସ ୧୫ ତାରିଖରେ ତାଙ୍କ ଟଙ୍କା ଗାଏବ ହୋଇଥିବା ଏବେ ଜଣାପଡ଼ିଛି। ଏବେ ଫିକ୍ସ ଡିପୋଜିଟ୍ ଆକାଉଣ୍ଟରେ ଅର୍ଥ ନଥିବା ଜଣାପଡ଼ିବା ପରେ ଗତ ସୋମବାର ବ୍ୟାଙ୍କ ସମ୍ମୁଖରେ ସେ ଓ ତାଙ୍କ ପରିବାର ଯାଇ ହୋହଲ୍ଲା କରିଥିଲେ। ଟଙ୍କା କୁଆଡ଼େ ଗଲା ବୋଲି ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଘଟଣାକୁ ନେଇ ଜହୁର ମହମ୍ମଦ ଭଦ୍ରକ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସି ଲିଖିତ ଅଭିଯୋଗ କରିଛନ୍ତି। ଅତିରିକ୍ତ ଏସ୍‌ପି (ଡିଆଇବି) ଅଂଶୁମାନ ଦ୍ୱିବେଦୀଙ୍କୁ ଭେଟିବା ପରେ ଏହି ମାମଲା ଏବେ ସାଇବର ଥାନାକୁ ଯାଇଛି।

ଅଭିଯୋଗରେ ଜହୁର ଅହମ୍ମଦ ଦର୍ଶାଇଛନ୍ତି, ତାଙ୍କ ଆକାଉଣ୍ଟରୁ ୬ଥର କାରବାରରେ ସବୁ ଅର୍ଥ ଚାଲୁ ହୋଇଛି। ୨ଲକ୍ଷ ୪୦ ହଜାର ୫୨୫ ଟଙ୍କା, ୨ ଲକ୍ଷ ୨୯ ହଜାର ୨୨୫ ଟଙ୍କା, ୯୯ ହଜାର ୯୦୯ ଟଙ୍କା, ୧ ଲକ୍ଷ ୫୦ ହଜାର

### ବ୍ୟବସାୟୀଙ୍କ ଅଭିଯୋଗ ପରେ ସାଇବର ଥାନାରେ ମାମଲା ରୁଜୁ

ଓ ୭୫ ହଜାର ଏଭଳି ଭାବେ ଟଙ୍କା ଅନ୍ୟ ଆକାଉଣ୍ଟକୁ ଟ୍ରାନ୍ସଫର୍ ହୋଇଛି। ୨ଟି ଅନ୍ୟ ବ୍ୟାଙ୍କ ଆକାଉଣ୍ଟକୁ ଏହି ଅର୍ଥ ଟ୍ରାନ୍ସଫର ହୋଇଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି। ଏହା ସାଇବର ଠକେଇ ନା ଆଉ କିଛି ତା'ର ଖୋଳତାଡ଼ ସାଇବର ପୁଲିସ୍ ଦ୍ୱାରା ଆରମ୍ଭ ହୋଇଛି। ଏଏସ୍‌ପି ଶ୍ରୀ ଦ୍ୱିବେଦୀ ଏହି ମାମଲାକୁ ଭଦ୍ରକ ସାଇବର ଥାନାକୁ ପଠାଇଛନ୍ତି। ପରେ ଜହୁର ଅହମ୍ମଦ ସାଇବର ଥାନାରେ ଏତଲା ଦେବା ପରେ ପୁଲିସ୍ ଏକ ମାମଲା (ନଂ-୬/୨୬) ମାମଲା ଦାୟର କରି ବ୍ୟାଙ୍କକୁ ଷ୍ଟେଟ୍‌ମେଣ୍ଟ ମାଗିଛନ୍ତି।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ।

**ବୃଷ:** ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇଙ୍କ ମଧ୍ୟରେ ବିବାଦ ହୋଇପାରେ। ଖର୍ଚ୍ଚ ବଢ଼ିପାରେ।

**ମିଥୁନ:** କୌଣସି କଥାକୁ ନେଇ ହଠାତ୍ ରାଗି ପାରନ୍ତି। ଦୀର୍ଘ ଦିନର ଆଶା ପୂରଣ ହେବ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ। ପରିଶ୍ରମ ଅନୁସାରେ ଫଳ ମିଳିବ।

**କର୍କଟ:** ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରିବେ। ଆୟ ବ୍ୟୟ ସମାନ ରହିବ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ ବିତିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ପିଲାମାନେ ଖେଳମନସ୍କ ହେବେ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ଚକ୍ଷୁ ସମସ୍ୟା ହୋଇପାରେ। ବନ୍ଧୁମିଳନ ଯୋଗ ଅଛି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।


**କୁମ୍ଭ:** ଦୀର୍ଘ ଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଐତିହ୍ୟ

- ୧୮୩୦- ଇକ୍ୱାଡୋର ଗଣରାଜ୍ୟର ସ୍ଥାପନା।
- ୧୯୯୮ - ରାଜସ୍ଥାନର ପୋଖରାନ୍‌ରେ ଦୁଇଟି ପରମାଣୁ ପରୀକ୍ଷା କରାଗଲା।
- ୧୯୬୨- ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଦେଶର ଦ୍ୱିତୀୟ ରାଷ୍ଟ୍ରପତି ହେଲେ।
- ୨୦୦୦- ଲାରା ଦତ୍ତା ବ୍ରହ୍ମାଣ୍ଡ ସୁନ୍ଦରୀ ହେଲେ।
- ୨୦୧୪- ତୁର୍କୀର ଏକ କୋଇଲା ଖଣିରେ ବିସ୍ଫୋରଣ ଯୋଗୁଁ ୩୦୧ ଶ୍ରମିକଙ୍କ ପ୍ରାଣହାନି।

# 'ପୁଷ୍ପା' ଫର୍ମୁଲାକୁ ଦୋହରାଇବେ ଅଲ୍ଲୁ



ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ଅଲ୍ଲୁ ଅର୍ଜୁନ୍‌ଙ୍କ ଫିଲ୍ମ 'ପୁଷ୍ପା: ଦ ରାଇଜ୍' ଓ 'ପୁଷ୍ପା ୨ : ଦ ରୁଲ୍' ଆୟ ମାମଲାରେ ରେକର୍ଡ କରିଥିଲା। ଏହା ବକ୍ସ ଅଫିସ୍‌ରେ ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଥିଲା। ଏବେ ଅଲ୍ଲୁ ତାଙ୍କ ଆଗାମୀ ଫିଲ୍ମ 'ରାକା'କୁ ନେଇ ଚର୍ଚ୍ଚାରେ ଅଛନ୍ତି। 'ପୁଷ୍ପା' ଫିଲ୍ମ ଭଳି ଏଥିରେ ମଧ୍ୟ ଫିଲ୍ମର ଟାଇଟଲ୍ ଅଲ୍ଲୁଙ୍କ ଚରିତ୍ର ନାମରେ ରଖାଯାଇଛି। 'ରାକା'ର ନିର୍ମାତା 'ପୁଷ୍ପା' ଫ୍ରାଞ୍ଚାଇଜ୍‌ର ଅପାର ସଫଳତାକୁ ଦେଖି ଫିଲ୍ମର ନାମ ଅଲ୍ଲୁଙ୍କ ଚରିତ୍ର ନାମରେ ରଖିବା ପାଇଁ ନିଷ୍ପତ୍ତି ନେଇଥିଲେ। ସାରା ଦେଶରେ ପୁଷ୍ପାରାଜ୍‌ର ଯେମିତି କ୍ରେଜ୍ ରହିଥିଲା, ରାକାର ସେମିତି କ୍ରେଜ୍ ରହୁ ବୋଲି ନିର୍ମାତା ଆଶା ବାନ୍ଧିଛନ୍ତି। ଏଟ୍‌ଲିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅଲ୍ଲୁଙ୍କ ବିପକ୍ଷରେ ଦୀପିକା ପାଦୁ୍ୟକୋନ୍ ଦେଖାଯିବେ। ଅବଶ୍ୟ ଏହି ଫିଲ୍ମର କାହାଣୀ ଏବଂ ପୂରା ଷ୍ଟାରକାଷ୍ଟ ବିଷୟରେ ବେଶୀ କିଛି ସୂଚନା ଆସିନାହିଁ। 'ରାକା'ର ଫାଷ୍ଟ ଲୁକ୍ ଅଲ୍ଲୁଙ୍କ ଜନ୍ମଦିନ ( ଏପ୍ରିଲ୍ ୮ )ରେ ଜାରି କରାଯାଇଥିଲା। ଏଥିରେ ଅଲ୍ଲୁଙ୍କ ଲଣ୍ଡା ଲୁକ୍ ଓ କାଜଳ ଲଗାଇଥିବା ଆଖି ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। 'ରାକା'ରେ ଅଲ୍ଲୁ ଓ ଦୀପିକାଙ୍କ ସହ ରଶ୍ମିକା ମନ୍ଦାନା, ମୃଣାଳ ଠାକୁର ଓ ଜାହ୍ନବୀ କପୁର ନଜର ଆସିବେ।


# ଫଳର ଡିଏନ୍‌ଏ ପରିବର୍ତ୍ତନ



ଚୀନ୍‌ର ବୈଜ୍ଞାନିକମାନେ ଫଳ ଏବଂ ଗଛର ଡିଏନ୍‌ଏ ସହିତ ଏମିତି ଏକ କାରନାମା କରିଛନ୍ତି ଯାହାକି ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି। ପାରମ୍ପରିକ ଫଳକୁ ନୂଆ ରୂପ ଦେଇ କୃଷି କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛନ୍ତି। ସେମାନେ ଆଳୁ ଏବଂ ସେଓର ହାଇବ୍ରିଡ୍ ବିକଶିତ କରିଛନ୍ତି। ବୈଜ୍ଞାନିକମାନେ ଆଳୁର ଡିଏନ୍‌ଏକୁ ସେଓର କିଛି ଜିନ୍ ସହିତ ମିଶାଇ ଏକ ନୂଆ ଫଳ ବିକଶିତ କରିଛନ୍ତି। ତେବେ ଏହି ଫଳ ବାହାରୁ ଆଳୁ ଭଳି ଦେଖାଯାଉଥିଲେ ବି କାଟିବା ମାତ୍ରେ ଏହାର ସ୍ୱାଦ ବିଲକୁଲ ସେଓ ଭଳି ହୋଇଥାଏ। ଏହାକୁ କଞ୍ଚା ଖିଆଯାଇପାରିବ ଏବଂ ଏଥିରେ ଭରପୂର ପୌଷ୍ଟିକ ତତ୍ତ୍ୱ ରହିଛି। ସେହିପରି ଗବେଷକମାନେ ବାଉଁଶ ଏବଂ ଆଖୁର ହାଇବ୍ରିଡ୍ ବିକଶିତ କରିଛନ୍ତି। ବାଉଁଶର ଡିଏନ୍‌ଏକୁ ଆଖୁରେ ମିଶାଇ ବୈଜ୍ଞାନିକମାନେ ଏମିତି ନୂଆ ପ୍ରଜାତି ପ୍ରସ୍ତୁତ କରିଛନ୍ତି ଯେ, ଯାହାକି ଦେଖିବାକୁ ମୋଟା ବାଉଁଶ ଭଳି। ହେଲେ ତାହା ଭିତର ଆଖୁଭଳି ମୁଲାୟମ, ରସାଳ ଏବଂ ଅଧିକ ମିଠା। ଅବଶ୍ୟ ସାଧାରଣ ଆଖୁ ତୁଳନାରେ ଏଥିରେ ଅଧିକ ରସ ରହିଛି ଓ ଏହାକୁ ଛେଲିବା ମଧ୍ୟ ସହଜ। ତେବେ ଚୀନର ଅନେକ ସ୍ଥାନରେ ଏହାର ଚାଷ ଆରମ୍ଭ ହେଲାଣି। କେବଳ ସେତିକି ନୁହେଁ, ବୈଜ୍ଞାନିକମାନେ ସବୁଜ ଏବଂ ନାଲି ଅଙ୍ଗୁରର ଡିଏନ୍‌ଏକୁ ମିଶାଇ ଏକ ନୂଆ କିସମର ଅଙ୍ଗୁର ବିକଶିତ କରିଛନ୍ତି। ଏହି ଅଙ୍ଗୁର ଗୋଲାପି ରଙ୍ଗର। ପ୍ରଥମେ ଏହାକୁ ଖାଇଲେ ଖଟା ଲାଗେ। ପରେ ଏହା ଖୁବ୍ ମିଠା ଲାଗିଥାଏ। ଏହି ଅଙ୍ଗୁର କେବଳ ସ୍ୱାଦିଷ୍ଟ ନୁହେଁ, ବରଂ ଏଥିରେ ପୁଷ୍ଟିକର ତତ୍ତ୍ୱ ମଧ୍ୟ ଅଧିକ ରହିଛି। ଚୀନ୍‌ରେ ଏହି ଗବେଷଣା କେବଳ ଫଳ ପର୍ଯ୍ୟନ୍ତ ସୀମିତ ନାହିଁ। ପୂର୍ବରୁ ହାଇବ୍ରିଡ୍ ଆଳୁ, ଶୀଘ୍ର ବଢ଼ୁଥିବା ଫସଲ ଏବଂ ଜଳବାୟୁ ଅନୁକୂଳ ଗଛ ଉପରେ ବୈଜ୍ଞାନିକମାନେ କାମ କରିଛନ୍ତି। ଜନସଂଖ୍ୟା ଅଧିକ ଏବଂ ଚାଷଜମି କମ୍ ଯୋଗୁଁ ଚୀନ୍ ଡିଏନ୍‌ଏ ଟେକ୍ନୋଲୋଜି, ଜିନ୍ ଏଡିଟିଂ ଏବଂ ହାଇବ୍ରିଡାଇଜେସନ ଉପରେ ବହୁ ନିବେଶ କରୁଛି। ବୈଜ୍ଞାନିକଙ୍କ ମତରେ, ଏଭଳି ନୂଆ କିସମରୁ ଅଧିକ ଉତ୍ପାଦନ ହୋଇପାରିବ। ଏହାସହ କମ୍ ପାଣି ଏବଂ ଜମିର ଆବଶ୍ୟକତା ହେବ। ଏହାଦ୍ୱାରା ଫଳଗୁଡ଼ିକରେ ଅଧିକ ପୋଷକ ତତ୍ତ୍ୱ ରହିବା ସହ କୀଟ ଓ ରୋଗରୁ ରକ୍ଷା ମିଳିବ। ତେବେ ଡିଏନ୍‌ଏ ଏଡିଟିଂ ଦ୍ୱାରା ଫଳ ଓ ପନିପରିବାକୁ ନିଜ ହିସାବରେ ବଦଳାଇ ହେବ। ଏହାବାଦ୍ ଫଳ ତଥା ପନିପରିବାର ସ୍ୱାଦ, ରଙ୍ଗ, ଆକାର ଏବଂ ପୋଷକତତ୍ତ୍ୱ ସବୁ କିଛି ପୂରା ନିୟନ୍ତ୍ରଣକୁ ଆସିପାରିବ। ଅବଶ୍ୟ ବିଶେଷଜ୍ଞ ଏକଥା ପରାମର୍ଶ ଦେଇଛନ୍ତି ଯେ, କୌଣସି ନୂଆ ଫଳକୁ ଖାଇବା ପୂର୍ବରୁ ତାହାର ସୁରକ୍ଷାକୁ ନେଇ ପରୀକ୍ଷା କରିବା ଦରକାର। ଅନ୍ୟପଟେ ଚୀନ୍ ଏକଥା ପ୍ରମାଣିତ କରିଛି ଯେ, ନୂଆ ଟେକ୍ନୋଲୋଜି ଦ୍ୱାରା ପ୍ରକୃତିରେ ବି ପରିବର୍ତ୍ତନ ଆଣି ହେବ।

## ଆଜି ଆଉଥରେ

# କବି ସଚ୍ଚିଦାନନ୍ଦ ରାଉତରାୟ



ସଚ୍ଚିଦାନନ୍ଦ ରାଉତରାୟ ଏକାଧାରରେ ଜଣେ ଓଡ଼ିଆ କବି, ଗାଳ୍ପିକ ଓ ଔପନ୍ୟାସିକ ଥିଲେ। 'ମାଟିର ଦ୍ରୋଣ', 'କବିଗୁରୁ', 'ମାଟିର ମହାକବି', 'ସମୟର ସଭାକବି' ପ୍ରଭୃତି ନାମରେ ନାମିତ ସଚ୍ଚି ରାଉତରାୟ ପ୍ରାୟ ସାତ ଦଶନ୍ଧିରୁ ଅଧିକ ସମୟ ଧରି ସାହିତ୍ୟ ରଚନା କରିଥିଲେ। ଓଡ଼ିଆ ସାହିତ୍ୟରେ "ଅତ୍ୟାଧୁନିକତା"ର ପ୍ରବର୍ତ୍ତନର ଶ୍ରେୟ ତାଙ୍କୁ ଦିଆଯାଏ। ତାଙ୍କ ରଚନାସମୂହ ମୁଖ୍ୟତଃ ସାମ୍ରାଜ୍ୟବାଦ, ଫାସିବାଦ ଓ ବିଶ୍ୱଯୁଦ୍ଧ ବିରୋଧରେ ଥିଲା। ତାଙ୍କ ଲେଖାରେ ସମାଜର ନିଷ୍ପେସିତ ଓ ସାଧାରଣ ମଣିଷର ସ୍ୱର ଶୁଣିବାକୁ ମିଳେ। ଓଡ଼ିଆ ଓ ଇଂରାଜୀ ଭାଷାରେ ସେ ଶତାଧିକ କବିତା, କ୍ଷୁଦ୍ର ଗଳ୍ପ, ଉପନ୍ୟାସ ଓ ପ୍ରବନ୍ଧ ଆଦି ଲେଖିଯାଇଛନ୍ତି। ଓଡ଼ିଆ ସାହିତ୍ୟର ଏହି ପ୍ରବାଦ ପୁରୁଷ ୧୯୧୬ ମସିହା ଆଜିର ଦିନରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଗୁରୁଜଙ୍ଗରେ ଜନ୍ମଗ୍ରହଣ କରିଥିଲେ। ଚାଟଶାଳୀରେ ପଢ଼ିବା ଦିନଠାରୁ ସେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। କବିଙ୍କ ଲେଖନୀ ଚାଳନା ହୋଇଥିଲା ୧୧ ବର୍ଷ ବୟସରୁ। ପ୍ରଥମ କବିତା ପୁସ୍ତକ 'ପାଥେୟ' ପ୍ରକାଶ ପାଇଥିଲା ୧୯୩୧ ମସିହାରେ ଏବଂ ପରେ ପରେ ଅନେକ ଗୁଡ଼ିଏ କବିତା, ଗଳ୍ପ ଏବଂ ଉପନ୍ୟାସ ସବୁ ପ୍ରକାଶ ପାଇଥିଲା। ତାଙ୍କର କେତୋଟି ପ୍ରସିଦ୍ଧ କବିତା ଗ୍ରନ୍ଥ ହେଉଛି 'ପାଥେୟ', 'ପଲ୍ଲିଶ୍ରୀ', 'ଅଭିଯାନ', 'ବାଜିରାଉତ', 'ପାଣ୍ଡୁଲିପି', 'ଭାନୁମତୀର ଦେଶ', 'ସ୍ୱାଗତ'। ବାଜି ରାଉତକୁ ନେଇ ତାଙ୍କର କବିତା ପ୍ରତିଟି ପ୍ରାଣକୁ ସ୍ପର୍ଶ କରେ। କବିଙ୍କର କ୍ଷୁଦ୍ରଗଳ୍ପ ମଧ୍ୟରେ 'ମଶାଣିର ଫୁଲ', 'ମାଟିର ତେଜ' 'ଛାଇ' ଆଦି ପ୍ରସିଦ୍ଧ। ସ୍ୱାଧୀନତା ଆନ୍ଦୋଳନ ସମେତ ଗଡ଼ଜାତ ଆନ୍ଦୋଳନ, ଛାତ୍ର ଓ କୃଷକ ଆନ୍ଦୋଳନରେ ଭାଗ ନେଇ ସେ ଅନେକବାର ଜେଲ୍ ଯାଇଥିଲେ। ବ୍ରିଟିଶ୍ ଶାସନ ସମୟରେ ତାଙ୍କର ଅନେକ କବିତାକୁ ନିଷିଦ୍ଧ କରାଯାଇଥିଲା। ତାଙ୍କର ଏକମାତ୍ର ଉପନ୍ୟାସ 'ଚିତ୍ରଗ୍ରୀବ'। ଓଡ଼ିଆ ଭାଷା, ସଂସ୍କୃତି, ଓଡ଼ିଆ ଜୀବନକୁ ସେ ତାଙ୍କ କାବ୍ୟରେ ରୂପ ଦେଇଥିଲେ। ସେଥିପାଇଁ ତାଙ୍କୁ ଅଜସ୍ର ପୁରସ୍କାର ଓ ସମ୍ମାନ ମିଳିଥିଲା। ୧୯୬୨ରେ ତାଙ୍କୁ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରାଯାଇଥିଲା। ୧୯୮୬ରେ ସେ ଜ୍ଞାନପୀଠ ପୁରସ୍କାର ପାଇଥିଲେ। ଓଡ଼ିଆ ଭାଷା, ସଂସ୍କୃତି, ଓଡ଼ିଆ ଜୀବନକୁ ସେ ତାଙ୍କ କାବ୍ୟରେ ରୂପ ଦେଇଥିଲେ। 'ଛୋଟ ମୋର ଗାଁଟି' କବିତାରେ ସେ ଗ୍ରାମ୍ୟ ଜୀବନକୁ ପ୍ରତିଫଳିତ କରିଥିଲେ। ଏବେ ବି ତାଙ୍କର ସେହି କବିତା ସମସ୍ତଙ୍କ ମୁହଁରେ ଗୁଞ୍ଜରିତ ହେଉଛି। ତାଙ୍କର କାବ୍ୟ 'ବାଜି ରାଉତ'କୁ ୧୯୪୨ରେ କବି ହରୀନ୍ଦ୍ରନାଥ ଚାଟାର୍ଜୀ ଇଂରାଜୀରେ ନାମରେ ଅନୁବାଦ କରିଥିଲେ। ଏହାର ପ୍ରକାଶନ ପରେ ସଚ୍ଚି ରାଉତରାୟ ଭାରତର ଜଣେ ଜଣାଶୁଣା କବି ଭାବେ ପ୍ରତିଷ୍ଠିତ ହୋଇଥିଲେ। ସ୍ୱାଧୀନତା ଆନ୍ଦୋଳନ, ଛାତ୍ର ଓ କୃଷକ ଆନ୍ଦୋଳନରେ ଭାଗନେଇ ସେ ଦୁଇଥର କାରାବରଣ କରିଥିଲେ। ଏହି ମହାନ କବିଙ୍କର ୨୧ ଅଗଷ୍ଟ ୨୦୦୪ରେ ଦେହାନ୍ତ ଘଟିଥିଲା।

## ସମ୍ଭାବନା



# ସାକ୍ଷାତକାରକୁ ଯିବା ପୂର୍ବରୁ...



**ଯେକୌଣସି ସାକ୍ଷାତକାର ଲାଗି ଆବଶ୍ୟକ ଉତ୍ତମ ବ୍ୟକ୍ତିତ୍ୱ ଓ ଉନ୍ନତ କମ୍ୟୁନିକେସନ୍ ସ୍କିଲ୍। ବେଳେ ବେଳେ ସାକ୍ଷାତକାର ସମୟରେ ଟିକିଏ ଭୁଲ୍ ବ୍ୟକ୍ତିଙ୍କୁ ପଛରେ ପକାଇ ଦିଏ। ଏଣୁ ସାକ୍ଷାତକାରକୁ ଯିବା ପୂର୍ବରୁ ଭୟ, ଚିନ୍ତା ତଥା ଆତ୍ମବିଶ୍ୱାସ ନିଜ ଭିତରେ କେମିତି ରହିବା ଦରକାର, ସେ ସମ୍ପର୍କରେ ଜାଣି ରଖନ୍ତୁ।**

- ସାକ୍ଷାତକାର ଲାଗି ଦିଆଯାଇଥିବା ସମୟ ପୂର୍ବରୁ ପହଞ୍ଚିଯାଆନ୍ତୁ। ଯେଉଁ ବ୍ୟକ୍ତି ସାକ୍ଷାତକାର ନେଉଛନ୍ତି ତାଙ୍କୁ ପ୍ରଥମେ ଧନ୍ୟବାଦ ଜ୍ଞାପନ କରନ୍ତୁ। ବସିବାକୁ କହିବା ପରେ ନିଜର ସ୍ଥାନ ଗ୍ରହଣ କରନ୍ତୁ। ଅନେକ ସମୟରେ ସାକ୍ଷାତକାର ଆରମ୍ଭରୁ କାହିଁକି ଏହି ଚାକିରି ଆବେଦନ କରିଛନ୍ତି ବୋଲି ପଚରାଯାଇଥାଏ। ଯେଉଁ କାମ ଲାଗି ଆବେଦନ କରୁଛନ୍ତି ସେ ବିଷୟରେ ଏବଂ କମ୍ପାନୀ ବିଷୟରେ ଯଥେଷ୍ଟ ଜ୍ଞାନ ରଖନ୍ତୁ। ସମୟରେ ଗୋଡ଼ ହଲାଇବା ତଥା ଉତ୍ତର ଦେବା ସମୟରେ ତଳକୁ ଚାହିଁବା ଅନୁଚିତ।
- ସାକ୍ଷାତକାର ସମୟରେ ଏଣେତେଣେ ଚାହିଁବାରୁ ବଞ୍ଚିତ ରୁହନ୍ତି। ଏହା ଦ୍ୱାରା ଆତ୍ମବିଶ୍ୱାସ ହ୍ରାସ ପାଏ। ସେଥିପାଇଁ ଆଖିରେ ଆଖି ମିଶାଇ ପ୍ରଶ୍ନର ଉତ୍ତର ଦିଅନ୍ତୁ।
- ସାକ୍ଷାତକାର ସମୟରେ ଯଦି ଆପଣଙ୍କୁ କଫି କିମ୍ବା କୋଲଡ୍ରିଙ୍କ୍ସ ଦିଆ ଯାଉଛି ତାହାକୁ ନିଜ ସମ୍ମୁଖରେ ରଖନ୍ତୁ ନାହିଁ। ଏହାସହ ନିଜର ମୋବାଇଲ ଅଫ୍ କରି ରଖନ୍ତୁ।
- ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ ବୁଝି ବିଚାରି ଉତ୍ତର ଦିଅନ୍ତୁ ଏବଂ ପ୍ରତିଟି ପ୍ରଶ୍ନର ଉତ୍ତର ନିର୍ଦ୍ଦିଷ୍ଟ ସମୟରେ ଦେବାକୁ ଚେଷ୍ଟା କରନ୍ତୁ।
- ନିଜ ପରିଚୟ ଅର୍ଥାତ୍ ନାମ କହିବା ସମୟରେ ପସନ୍ଦ, ନାପସନ୍ଦ ବାବଦରେ ଅଯଥାରେ କୁହନ୍ତୁ ନାହିଁ।
- ନିଜ ମନ ମଧ୍ୟରେ ଥିବା ବିଫଳ ହେବାର ଆଶଙ୍କାକୁ ଦୂର କରନ୍ତୁ।
- ମନ ଭିତରେ କଦାପି ନକାରାତ୍ମକ ଚିନ୍ତାଧାରା ଆଣନ୍ତୁ ନାହିଁ। କାରଣ ନକାରାତ୍ମକ ଚିନ୍ତାଧାରା ହିଁ ଦୁର୍ବଳ କରିଥାଏ।

# କିଭଳି କରିବେ କ୍ୟାରିୟର ଯୋଜନା

**ସଫଳତାର ଶୀର୍ଷରେ ପହଞ୍ଚିବାକୁ ସମସ୍ତେ ଚାହାନ୍ତି। ତେବେ ବିଫଳ ହେବାର ମୁଖ୍ୟ କାରଣ ମଧ୍ୟରୁ ଅନ୍ୟତମ ହେଉଛି ବ୍ୟବସ୍ଥିତ ଢ଼ଙ୍ଗରେ କ୍ୟାରିୟରକୁ ନେଇ ଯୋଜନା ବା କ୍ୟାରିୟର ପ୍ଲାନିଂ ନ କରିବା। କ୍ୟାରିୟରକୁ ନେଇ ଯୋଜନା ପ୍ରସ୍ତୁତ କରିବା ହେଉଛି ଏକ ବ୍ୟବସ୍ଥିତ ପ୍ରକ୍ରିୟା। ଆଉ ଏହାଦ୍ୱାରା ହିଁ ଜଣେ ନିର୍ଦ୍ଦିଷ୍ଟ ଏକ କ୍ୟାରିୟର ଲକ୍ଷ୍ୟରେ ଉପନୀତ ହୋଇଥାନ୍ତି।**

**ନିଜକୁ ବୁଝନ୍ତୁ:** ଏଥିପାଇଁ ନିଜକୁ ବୁଝିବା ତଥା ଜାଣିବା ଖୁବ୍ ଜରୁରି। ଅର୍ଥାତ ନିଜର ପସନ୍ଦ, ନାପସନ୍ଦ, ଦୁର୍ବଳତା, ସାମର୍ଥ୍ୟ ଆଦି ବାବଦରେ ଜାଣିବା ଆବଶ୍ୟକ। ଏ ସବୁ ପାଇଁ ସମୟ ବାହାର କରନ୍ତୁ। ତା' ସହ କେଉଁ କାମ କରିବେ ଓ କାହାକୁ କରିବେ ନାହିଁ ତାହାର ଏକ ତାଲିକା ପ୍ରସ୍ତୁତ କରନ୍ତୁ।

**ପ୍ରାକ୍ ପ୍ରସ୍ତୁତି ଜରୁରି:** ଉଜ୍ଜ୍ୱଳ ଭବିଷ୍ୟତ ଲାଗି ସବୁ କିଛି ପୂର୍ବରୁ ପ୍ରସ୍ତୁତ କରିବା ଜରୁରି। ପରେ ଏହାର ଭଲ ଓ ଖରାପ ଦିଗ ବାବଦରେ ଜାଣି ଆଗକୁ ବଢ଼ି ହେବ। ଏହା ଦ୍ୱାରା ସମୟ ମଧ୍ୟ ନଷ୍ଟ ହୋଇ ନ ଥାଏ।

**ଉତ୍ତମ ବିକଳ୍ପକୁ ପ୍ରାଥମିକତା ଦିଅନ୍ତୁ:** ନିଜ ରୁଚି ଅନୁରୂପ କ୍ୟାରିଅରକୁ ପ୍ରାଥମିକତା ଦିଅନ୍ତୁ। ପରବର୍ତ୍ତୀ ସମୟରେ ଏ ବାବଦରେ ପରିବାର, ସାଙ୍ଗସାଥୀ ତଥା କ୍ୟାରିଅର କାଉନସିଲରଙ୍କ ସହ ଆଲୋଚନା କରନ୍ତୁ ଏବଂ ସେମାନଙ୍କ ପରାମର୍ଶ ନିଅନ୍ତୁ। ଏହା ପରେ ନିର୍ଦ୍ଦିଷ୍ଟ ଏକ କ୍ୟାରିଅରକୁ ଗୁରୁତ୍ୱ ଦେଇ ସେ ଦିଗରେ ଆଗକୁ ବଢ଼ନ୍ତୁ।

**ଆତ୍ମବିଶ୍ୱାସ ବଢ଼ାନ୍ତୁ:** ଜୀବନରେ ଆଗକୁ ବଢ଼ିବା ପାଇଁ ନିଜ ଉପରେ ଭରସା ଓ ଆତ୍ମବିଶ୍ୱାସ ରହିବା ଦରକାର। କୌଣସି କାର୍ଯ୍ୟ ଲାଗି ଅନ୍ୟ ଉପରେ ନିର୍ଭର କରନ୍ତୁ ନାହିଁ। ସବୁବେଳେ ସକାରାତ୍ମକ ମନୋବୃତ୍ତି ରଖନ୍ତୁ। ନିର୍ଦ୍ଦିଷ୍ଟ ଏକ କାମକୁ ଗୁରୁତ୍ୱ ଦେଇ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିଲେ ଉଭୟ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସଫଳତା ମିଳିଥାଏ।



# ବଢ଼ିବ ଡିଜିଟାଲ ସାମ୍ବାଦିକତାର ଚାହିଦା

**ସାମ୍ବାଦିକତା କ୍ଷେତ୍ରରେ ବି ଏଆଇର ବ୍ୟବହାର ଦେଖିବାକୁ ମିଳୁଛି। ବିଶେଷକରି କଣ୍ଟେଣ୍ଟ ଆଦି ଲେଖିବା କ୍ଷେତ୍ରରେ ଲୋକେ ଏହାର ସାହାଯ୍ୟ ନେଉଛନ୍ତି। ଏହି କ୍ରମରେ ଗ୍ଲୋବାଲ ରିପୋର୍ଟ ତଥା ଏମପ୍ଲୟମେଣ୍ଟ ପ୍ରୋଜେକସନର ତଥ୍ୟ ଅନୁସାରେ, ୨୦୩୨ ମସିହା ସୁଦ୍ଧା ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର ଏବଂ ମଲଟିମିଡିଆ ଜର୍ଣ୍ଣାଲିଷ୍ଟ କ୍ଷେତ୍ରରେ ୧୩ ପ୍ରତିଶତ ବୃଦ୍ଧି ଘଟିବ।**




- ରିପୋର୍ଟ ଅନୁସାରେ, ଏବେ ମିଡିଆ କମ୍ପାନିକୁ କେବଳ ପାରମ୍ପରିକ ରିପୋର୍ଟର ନୁହେଁ, ବରଂ ଏମିତି ସାମ୍ବାଦିକ ଆବଶ୍ୟକ, ଯେଉଁମାନେ ଏଆଇ ଏବଂ ଡାଟା ସହିତ କାମ କରିବାକୁ ସକ୍ଷମ ଥିବେ। ଡାଟା ଜର୍ଣ୍ଣାଲିଜମ ଏବଂ ସୋସିଆଲ ମିଡିଆ ସ୍ପେଶାଲିଷ୍ଟଙ୍କ ଚାହିଦା ଦିନକୁ ଦିନ ବଢ଼ୁଛି। ଏହା ପଛରେ ମୁଖ୍ୟ କାରଣ ହେଉଛି ବହୁ ସଂଖ୍ୟକ ଲୋକ ଡିଜିଟାଲ ପ୍ଲାଟଫର୍ମରେ ଯୋଡ଼ି ହେବା।
- ସେହିପରି ଡିଜିଟାଲ କଣ୍ଟେଣ୍ଟ ସ୍ପେଶାଲିଷ୍ଟ ଲାଗି ବିଭିନ୍ନ କମ୍ପାନି ବ୍ରାଣ୍ଡ ଲୟାଲଟି ଏବଂ ସୋସିଆଲ ମିଡିଆ ଅପ୍ଟିମାଇଜେସନ ଲାଗି ଷ୍ଟୋରିଟେଲିଂରେ ପ୍ରବୀଣ ଲୋକଙ୍କର ସନ୍ଧାନ କରୁଛନ୍ତି। କେବଳ ସେତିକି ନୁହେଁ, ମଲ୍ଟିମିଡିଆ ଜର୍ଣ୍ଣାଲିଷ୍ଟ ପାଇଁ ପଡକାଷ୍ଟ, ଭିଡିଓ ଏବଂ ମୋବାଇଲ ଫାଷ୍ଟ ନ୍ୟୁଜ୍ ଯୁଗରେ ସେହି ସାମ୍ବାଦିକଙ୍କ ଚାହିଦା ବଢ଼ୁଛି, ଯେଉଁମାନେ ମଲଟିପଲ ଚ୍ୟାନେଲରେ କାହାଣୀ କହିବାକୁ ସକ୍ଷମ। ସେହିପରି ମିଡିଆ ଆନାଲିଷ୍ଟ ପାଇଁ ବିଗ୍ ଡାଟା ଏବଂ ଏଆଇ ଟୁଲ୍ ମାଧ୍ୟମରେ ଲୋକଙ୍କ ବ୍ୟବହାରକୁ ବୁଝିପାରୁଥିବା ପ୍ରଫେସନାଲ ଏବେ ସମ୍ପାଦକୀୟ ନିଷ୍ପତ୍ତିରେ ବଡ଼ ଭୂମିକା ନିର୍ବାହ କରୁଛନ୍ତି। ଏପରିକି ଟେକ୍ନିକାଲ ରାଇଟରଙ୍କ ଲାଗି ବି ହେଲଥକେୟାର ତଥା ଫାଇନାନ୍ସ ଭଳି ଜଟିଳ କ୍ଷେତ୍ରରେ ସରଳ ଭାଷାରେ ତଥ୍ୟ ପ୍ରଦାନ କରୁଥିବା ସାମ୍ବାଦିକ ଅଧିକ ଖୋଜା ପଡ଼ୁଛନ୍ତି।
- ଅନ୍ୟପଟେ ନିଯୁକ୍ତି ଟ୍ରେଣ୍ଡ ସୂଚାଉଛି ଯେ, ଇନଭେଷ୍ଟିଗେଟିଭ୍ ରିପୋର୍ଟିଂ ଏବଂ ବ୍ରାଣ୍ଡେଡ କଣ୍ଟେଣ୍ଟ ଭଳି ବିଶେଷ କ୍ଷେତ୍ରରେ ଲୋକଙ୍କ ବାର୍ଷିକ ଦରମାରେ ୮ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳୁଛି। ତେଣୁ ଏହା ସ୍ପଷ୍ଟ ଭାବେ ଏକଥା ସୂଚାଉଛି ଯେ, ଯେଉଁ ସାମ୍ବାଦିକ ନିଜ କଳା, କୌଶଳକୁ ବିକଶିତ କରିବେ, ସେମାନଙ୍କ ପାଇଁ କ୍ୟାରିୟର ତଥା ରୋଜଗାରର ରାସ୍ତା ଉନ୍ମୁକ୍ତ ରହିବ।

# ସାଇତି ରଖନ୍ତୁ ସ୍ମାର୍ଟଫୋନ୍ ବକ୍ସ

**ନୂଆ ସ୍ମାର୍ଟଫୋନ୍ କିଣିବା ପରେ ଅଧିକାଂଶ ଲୋକ ତା'ର ବକ୍ସକୁ ବେକାର ଭାବି ଫିଙ୍ଗି ଦିଅନ୍ତି। ହେଲେ ଏଭଳି କରିବା ଆଦୌ ଠିକ୍ ନୁହେଁ। ଫୋନର ବକ୍ସ କେବଳ ପ୍ୟାକିଂ ପର୍ଯ୍ୟନ୍ତ ସୀମିତ ନାହିଁ, ବରଂ ଏହା ଅନେକ ଜରୁରି କାମର ବ୍ୟବହାରରେ ଆସିପାରେ।**

- କିଛି ମାସ ମଧ୍ୟରେ ସ୍ମାର୍ଟଫୋନ୍ ବିକ୍ରି କରିବାକୁ ଚାହୁଁଥିଲେ, ତା'ର ବକ୍ସକୁ ସମ୍ଭାଳି ରଖିବା ଉଚିତ। ସ୍ମାର୍ଟଫୋନ୍ ବକ୍ସ ସହିତ ଫୋନ୍ ବିକ୍ରି କରିବା ଦ୍ୱାରା ତା'ର ରି-ସେଲ୍ ମୂଲ୍ୟ ଅଧିକ ହୋଇଥାଏ। କାରଣ ଅଧିକାଂଶ ଲୋକ ପ୍ୟାକେଜିଂ ଯୁକ୍ତ ଡିଭାଇସକୁ ଅଧିକ ଭରସା କରନ୍ତି। ଏହା ଦ୍ୱାରା ଏକଥା ବୁଝାପଡ଼େ ଫୋନ୍‌କୁ ସୁରକ୍ଷିତ ଭାବେ ରଖାଯାଇଛି।
- ସେହିପରି ବକ୍ସ ଉପରେ ମୁଖ୍ୟତଃ ସିରିଏଲ ନମ୍ବର ଏବଂ ଆଇଏମ୍ଇଆଇ ନମ୍ବର ଭଳି ତଥ୍ୟ ଲେଖା ଯାଇଛି। ଏହି ତଥ୍ୟ ମୋବାଇଲ ମରାମତି ଏବଂ ୱାରେଣ୍ଟି ଲାଗି ସାହାଯ୍ୟକାରୀ ହୋଇପାରେ।
- ବକ୍ସରେ ଥିବା ଅନ୍ୟ ଆସେସରିଜ ବ୍ୟବହାରରେ ନ ଆସିଲେ, ଏହାକୁ ସେହି ବକ୍ସରେ ହିଁ ସୁରକ୍ଷିତ ରଖିପାରିବେ। କେବଳ ସେତିକି ନୁହେଁ, ଏଥିରେ ପୁରୁଣା ଡିଭାଇସ୍‌କୁ ମଧ୍ୟ ସାଇତି ରଖି ହେବ।
- ଏହାବାଦ୍ ମୋବାଇଲ ବକ୍ସକୁ ଉପହାର ପ୍ୟାକେଜିଂ ଲାଗି ବି ଉପଯୋଗ କରାଯାଇ ପାରିବ। କାହାକୁ ନିଜ ସ୍ମାର୍ଟଫୋନ୍ ଉପହାର ଦେବାକୁ ଚାହୁଁଥିଲେ, ଏହାକୁ ତା'ର ପ୍ରକୃତ ବକ୍ସରେ ପ୍ୟାକେଜିଂ କରିକି ଦେବା ଦ୍ୱାରା ଭଲ ଲାଗେ।
- ଏହାକୁ ମୋବାଇଲ ତଥା ଟାବଲେଟ୍ ଷ୍ଟାଣ୍ଡ ଭାବେ ବ୍ୟବହାର କରିପାରିବେ। ଏହାକୁ ଭିଡିଓ କଲ୍ ତଥା ଫିଲ୍ମ ଦେଖିବା ଲାଗି ବ୍ୟବହାର କରାଯାଇପାରିବ।



## ସୁଦର୍ଶନ-ସୁନ୍ଦରଙ୍କ ଅର୍ଦ୍ଧଶତକ; ରାବାଡା-ହୋଲ୍ଡରଙ୍କ ଘାତକ ବୋଲିଂ

# ହାଇଦରାବାଦ୍‌କୁ ହରାଇ ଶୀର୍ଷରେ ଗୁଜରାଟ

ଅହମ୍ମଦାବାଦ୍,୧୨।୫(ଏଜେନ୍ସି)

କାଗିସୋ ରାବାଡା (୩/୨୮), ଜେସନ ହୋଲ୍ଡର (୩/୨୦)ଙ୍କ ଘାତକ ବୋଲିଂ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ଆଇପିଏଲ୍‌ର ୫୬ତମ ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟସ ୮୨ ରନ୍‌ରେ ସନ୍‌ରାଇଜର୍ସ ହାଇଦରାବାଦ୍‌କୁ ପରାସ୍ତ କରିଛି। ଏହି ବିଜୟ ଫଳରେ ଗୁଜରାଟ ୧୨ଟି ମ୍ୟାଚ୍‌ରୁ ୧୬ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ହାସଲ କରିବା ସହ ପ୍ରଥମ ଦଳ ଭାବେ ପ୍ଲେ ଅଫ୍‌ର ଖୁବ୍ ନିକଟତର ହୋଇଛି। ଚଳିତ ଟୁର୍ଣ୍ଣାମେଣ୍ଟରେ ଗୁଜରାଟ ଆଉ ୨ଟି ମ୍ୟାଚ୍ ଖେଳିବ। ଏହା ମଧ୍ୟରୁ ଗୋଟିଏ ବିଜୟ ହାସଲ କଲେ କିମ୍ବା ଦଳ ସପକ୍ଷରେ ସମୀକରଣ ଗଲେ ପ୍ଲେ ଅଫ୍‌ରେ ପ୍ରବେଶ କରିବା ନିଶ୍ଚିତ ହେବ। ଅନ୍ୟ ପକ୍ଷରେ ସମାନ ସଂଖ୍ୟକ ମ୍ୟାଚ୍‌ରୁ ୧୪ପଏଣ୍ଟ ବଜାୟ ରଖି ଟେବୁଲର ତୃତୀୟ ସ୍ଥାନକୁ ଖସି ଆସିଛି। ବେଙ୍ଗାଲୁରୁ ମଧ୍ୟ ସମାନ ପଏଣ୍ଟ ରଖି ଦ୍ୱିତୀୟ ସ୍ଥାନକୁ ଖସି ଆସିଛି।

ପୂର୍ବରୁ ତାମିଲନାଡୁର ଦୁଇ ଖେଳାଳି ଯଥା ଓପନର ସାଇ ସୁଦର୍ଶନଙ୍କ ଧୈର୍ଯ୍ୟପୂର୍ଣ୍ଣ ଓ ଅଲରାଉଣ୍ଡର ୱାଶିଂଟନ ସୁନ୍ଦରଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଜାଏଣ୍ଟସ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୬୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁଦର୍ଶନ ୪୪ ବଲ୍‌ରେ ୫ ଚୌକା ଓ ୨ ଛକା ସହ ସର୍ବାଧିକ ୬୧ ଓ ସୁନ୍ଦର ୩୩ ବଲ୍‌ରେ ୭ ଚୌକା ଓ ୧ ଛକା ସହ ଅପରାଜିତ ୫୦ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ଖେଳାଳି ନିଶାନ୍ତ ସିନ୍ଧୁ ଉପଯୋଗୀ ୨୨ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଦୁଇ ପ୍ରମୁଖ ବ୍ୟାଟର ତଥା ଅଧିନାୟକ ଶୁବମନ ଗିଲ୍ ୫ ଓ ଜୋଶ ବଟଲର ୭ ରନ କରି ଫେଲ୍ ମାରିଥିଲେ। ଶେଷ ଭାଗରେ ସୁନ୍ଦରଙ୍କ ଉପଯୋଗୀ ପାର୍ଟନରସିପ୍ ଯୋଗୁଁ ଦଳ ଏକ ସମ୍ମାନଜନକ ସ୍କୋର କରିଥିଲା। ହାଇଦରାବାଦ୍‌ର ଦୁଇ ଯୁବ ପେସ୍ ବୋଲର ପ୍ରଫୁଲ୍ଲ ହିଙ୍ଗେ ଓ ସାକିବ ହୁସେନ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ୧୬୯ ରନ୍‌ର ଲକ୍ଷ୍ୟକୁ ପିଛା କରି ସନ୍‌ରାଇଜର୍ସ ହାଇଦରାବାଦ୍ ବୋଲରଙ୍କୁ ସହାୟତା ଦେଉଥିବା ପିଚ୍‌ରେ ଆରମ୍ଭରୁ ୱିକେଟ ହରାଇଥିଲା। ଏପରିକି ଦଳର ୩ ପ୍ରମୁଖ ବ୍ୟାଟର ଟ୍ରାଭିସ୍ ହେଡ ୦, ଅଭିଷେକ ଶର୍ମା ୬ ଓ ଇଶାନ କିଷାନ ୧୧ରନ୍‌ରେ ଆଉଟ ହେବା ପରେ ଦଳ ବ୍ୟାକ୍‌ଫୁଟକୁ ଚାଲିଯାଇଥିଲା। କ୍ଲାସେନ ୧୪, ସଲିଲ ଅରୋରା ୧୬ ଓ କମିନ୍ସ ୧୯ ରନ୍ କରି ଦଳର ପରାଜୟକୁ ବିଳମ୍ବିତ କରିଥିଲେ। ଦଳ ୧୪.୫ ଓଭରରେ ୮୬ରନ୍ କରି ଅଲଆଉଟ ହୋଇଥିଲା। ଗୁଜରାଟ ପକ୍ଷରୁ ରାବାଡା ଓ ହୋଲ୍ଡର ୩ଟି ଲେଖାଏଁ, ପ୍ରସିଦ୍ଧ କ୍ରିଷ୍ଣା ୨ଟି, ମହମ୍ମଦ ସିରାଜ ଓ ରସିଦ୍ ଖାନ୍ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।



### ଆଜିର ଆଇପିଏଲ୍ ମ୍ୟାଚ୍

ବେଙ୍ଗାଲୁରୁ ବନାମ କୋଲକାତା
ଭେନ୍ୟୁ-ରାୟପୁର
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

■ ଆଇପିଏଲ୍ ଆଚରଣ ସଂହିତା ଉଲ୍ଲଙ୍ଘନ

## ଦିଲ୍ଲୀ ଅଧିନାୟକ ଅକ୍ଷର ଦଣ୍ଡିତ

ଧର୍ମଶାଳା,୧୨।୫(ଏଜେନ୍ସି): ଏଠାରେ ସୋମବାର ଖେଳାଯାଇଥିବା ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ଆଇପିଏଲ୍ ମୁକାବିଲାରେ ଦିଲ୍ଲୀ କ୍ୟାପିଟାଲ୍ସ ଟିମ୍ ନିର୍ଦ୍ଧାରିତ ସମୟରେ ବୋଲିଂ କୋଟା ପୂରଣ କରିପାରିନାହିଁ। ଏଥିଲାଗି ମ୍ୟାଚ୍ ରେଫରୀ ଦିଲ୍ଲୀ ଅଧିନାୟକ ଅକ୍ଷର ପଟେଲଙ୍କୁ ୧୨ ଲକ୍ଷ ଟଙ୍କାର ଦଣ୍ଡବିଧାନ କରିଛନ୍ତି। ଦିଲ୍ଲୀ ଦଳ ଧାରା ୨.୨୨ ଅନୁଯାୟୀ ଆଇପିଏଲ୍ ଆଚରଣ ସଂହିତା ଉଲ୍ଲଙ୍ଘନ କରିଥିଲା। ଦିଲ୍ଲୀର ଏହା ପ୍ରଥମ ଅପରାଧ ହୋଇଥିବାରୁ ଅଧିନାୟକ ପଟେଲଙ୍କୁ ୧୨ ଲକ୍ଷ ଟଙ୍କାର ଜରିମାନା କରାଯାଇଛି।

## ଡେଭିଡ୍‌ଙ୍କ ୩୦ ଶତକଡ଼ା ମ୍ୟାଚ୍ ଫି କଟିଲା

ରାୟପୁର,୧୨।୫(ଏଜେନ୍ସି): ଏଠାରେ ଅନୁଷ୍ଠିତ ମୁମ୍ବଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ଅଶାଳୀନ ଓ ଅଶୋଭନୀୟ ଆଚରଣ କରି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଟିମ୍ ଡେଭିଡ୍‌ଙ୍କ ୩୦ ଶତକଡ଼ା ମ୍ୟାଚ୍ ଫି ଜରିମାନା ଆକାରରେ କାଟି ନିଆଯାଇଛି। ଏହା ଆଇପିଏଲ୍ ଆଚରଣ ସଂହିତା ଅନୁଯାୟୀ ଲେଭଲ-୧ ଅପରାଧ। ଯାହା ଫଳରେ ତାଙ୍କୁ ମଧ୍ୟ ୨ଟି ଡିମେରିଟ୍ ପଏଣ୍ଟ ମିଳିଛି। ଡେଭିଡଙ୍କ ଦୋଷ ହେଲା, ମୁମ୍ବଇ ବିପକ୍ଷରେ ଶେଷ ବଲରେ ବେଙ୍ଗାଲୁରୁ ଜିତିବା ପରେ ଡେଭିଡ ଯେପରି ପ୍ରତିକ୍ରିୟା ପ୍ରକାଶ କରିଥିଲେ, ତାହା ଅପମାନଜନକ ଓ ଆପରାଧିକ। ଡେଭିଡ୍‌ଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ସେ ସ୍ୱୀକାର କରିନେଇଥିଲେ। ଫଳରେ ମ୍ୟାଚ୍ ରେଫରୀ ଅମିତ ଶର୍ମା ସବୁଠାରୁ କମ୍ ଦଣ୍ଡ ପ୍ରଦାନ କରିଥିଲେ।

■ ୟୁରୋପୀୟ ଟି-୨୦ ପ୍ରିମିୟର ଲିଗ୍

## ଡବ୍‌ଲିନ୍ ଫ୍ରାଞ୍ଚାଇଜ୍ କିଣିଲେ ଦ୍ରାବିଡ



ଧର୍ମଶାଳା,୧୨।୫(ଏଜେନ୍ସି): କ୍ରିକେଟ ଆୟର୍ଲାଣ୍ଡ, କ୍ରିକେଟ ସ୍କଟଲାଣ୍ଡ ଓ ରୟାଲ କ୍ରିକେଟ ଡଚ୍ ଆସୋସିଏସନ (ନେଦରଲାଣ୍ଡସ)ର ୬ଟି ଫ୍ରାଞ୍ଚାଇଜ୍ ଟିମ୍‌କୁ ନେଇ ପ୍ରଥମ ୟୁରୋପୀୟ ଟି-୨୦ ପ୍ରିମିୟର ଲିଗ୍ ଆରମ୍ଭ ହେବାକୁ ଯାଉଛି। ଭାରତୀୟ କିମ୍ବଦନ୍ତୀ ଖେଳାଳି ରାହୁଲ ଦ୍ରାବିଡ୍ ଡବ୍‌ଲିନ୍ ଫ୍ରାଞ୍ଚାଇଜ୍‌ର ମାଲିକ ହେବା ପରେ ଏହି ଲିଗ୍‌ରେ ୬ଟି ଦଳର ଗଠନ ଶେଷ ହୋଇଛି। ଭାରତର ଚଳଚ୍ଚିତ୍ର ତାରକା ଅଭିଷେକ ବଚନ ଏହି ଟୁର୍ଣ୍ଣାମେଣ୍ଟର ପ୍ରମୋଟର ରହିଛନ୍ତି। ଆସନ୍ତା ଅଗଷ୍ଟ ଓ ସେପ୍ଟେମ୍ବରରେ ଏହି ଏହି ଲିଗ୍ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଅନ୍ୟ ଟିମ୍ ମଧ୍ୟରୁ ବେଲଫାଷ୍ଟ ଫ୍ରାଞ୍ଚାଇଜ୍‌ର ମାଲିକାନା ଗ୍ଲେନ୍ ମ୍ୟାକ୍ସୱେଲ ଓ ରୋହନ ଲୁଣ୍ଡଙ୍କ, ଏଡିନବରା ଫ୍ରାଞ୍ଚାଇଜ୍‌ର କାଏଲ ମିଲ୍ସ, ନାଥାନ ମ୍ୟାକ୍‌କୁଲାମ ଓ ରାଚେଲ ୱାଇଜ୍‌ମ୍ୟାନ୍‌ଙ୍କ, ଗ୍ଲାସ୍‌ଗୋ ଫାଞ୍ଚାଇଜ୍ ବିପୁଲ ଅଗରୱାଲ ଓ କ୍ରିସ୍ ଗେଲଙ୍କ, ଆମଷ୍ଟରଡାମ୍ ଫ୍ରାଞ୍ଚାଇଜ୍‌ର ଷ୍ଟିଭ୍ ୱ, ଜାମି ଡାୱେର ଓ ଟିମ ଥୋମାସ, ରୋଟରଡାମ୍ ଫ୍ରାଞ୍ଚାଇଜ୍‌ର ମାଲିକାନା ଜଣ୍ଟି ରୋଡ୍ସ, ଫାଫ୍ ଡୁ ପ୍ଲେସସି, ଗ୍ଲାସିନ୍ ଓ ସମୀର ଶାହଙ୍କ ନିକଟରେ ରହିଛି। ମଧୁକର ଶ୍ରୀ ମ୍ୟାନେଜିଂ ପାର୍ଟନର ରହିଛନ୍ତି।

■ ଫ୍ରେଞ୍ଚ୍ ଓପନ ଟେନିସ

## ଭାରତୀୟ ବଂଶୋଦ୍ଭବ ନିଶେଷ ବାସବ ରେଡ୍ଡୀଙ୍କୁ ୱାଇଲ୍ଡ କାର୍ଡ

ପ୍ୟାରିସ,୧୨।୫(ଏଜେନ୍ସି): ଆସନ୍ତା ମେ ୨୪ ତାରିଖରୁ ଆରମ୍ଭ ହେବାକୁ ଥିବା ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟ ପାଇଁ ୱାଇଲ୍ଡ କାର୍ଡ ପ୍ରାପ୍ତ ଖେଳାଳିଙ୍କ ନାମ ଘୋଷଣା କରାଯାଇଛି। ଏହି ତାଲିକାରେ ଭାରତୀୟ ବଂଶୋଦ୍ଭବ ଆମେରିକୀୟ ଖେଳାଳି ନିଶେଷ ବାସବରେଡ୍ଡୀ ସ୍ଥାନ ପାଇଛନ୍ତି। ନିଶେଷଙ୍କ ପିତାମାତା ମୂଳତଃ ଆନ୍ଧ୍ରପ୍ରଦେଶର ନେଲୋର ଅଞ୍ଚଳର ବାସିନ୍ଦା। ୨୧ ବର୍ଷୀୟ ନିଶେଷ ଚଳିତ ବର୍ଷ ଅଷ୍ଟ୍ରେଲିଆନ ଓପନର ଦ୍ୱିତୀୟ ରାଉଣ୍ଡରେ ପହଞ୍ଚି ଚର୍ଚ୍ଚାକୁ ଆସିଥିଲେ। ନିଶେଷଙ୍କ ବ୍ୟତୀତ ତିନିଥରର ଗ୍ରାଣ୍ଡ ସ୍ଲାମ ବିଜେତା ଷ୍ଟାନିସ୍‌ଲାସ୍ ୱାରିଙ୍କା ଏବଂ ଫ୍ରାନ୍ସର ତାରକା ଖେଳାଳି ଗାଏଲ୍ ମୋନଫିଲ୍ସଙ୍କୁ ମଧ୍ୟ ପୁରୁଷ ସିଙ୍ଗଲ୍ସରେ ୱାଇଲ୍ଡ କାର୍ଡ ପ୍ରଦାନ କରାଯାଇଛି। ୱାରିଙ୍କା ୨୦୧୫ରେ ଫ୍ରେଞ୍ଚ୍ ଓପନ୍ ଟାଇଟଲ୍ ଜିତିଥିଲେ। ଚଳିତ ବର୍ଷ ଏହି ଦୁଇ ଭେଟେରାନ ଖେଳାଳି ଅବସର ନେବାର ସମ୍ଭାବନା ଥିବାରୁ ଏହା ସେମାନଙ୍କର ଶେଷ ଫ୍ରେଞ୍ଚ ଓପନ୍ ହୋଇପାରେ ବୋଲି ଅନୁମାନ କରାଯାଉଛି। ମହିଳା ବିଭାଗରେ କ୍ଲାରା ବୁରେଲ୍ ଏବଂ ଫିଓନା ଫେରୋଙ୍କ ସମେତ ୮ ଜଣ ଖେଳାଳିଙ୍କୁ ୱାଇଲ୍ଡ କାର୍ଡ ମିଳିଛି। ଏହି ସମସ୍ତ ଖେଳାଳି କୌଣସି କ୍ୱାଲିଫାଇଙ୍ଗ୍ ମ୍ୟାଚ୍ ନଖେଳି ସିଧାସଳଖ ମୁଖ୍ୟ ଡ୍ର’ରେ ପ୍ରବେଶ କରିବେ।

## ଭାରତୀୟ ରଗ୍‌ବୀ ଦଳରେ କିସ୍‌ରୁ ଦୁଇ ଜଣ ସାମିଲ



ଭୁବନେଶ୍ୱର,୧୨।୫(ସମିସ): କିସ୍‌ର ଗଣେଶ ଧାଙ୍ଗଡା ମାଝୀ ଓ ଯୁଗଳ କିଶୋର ମାଝୀ କେନ୍ଦ୍ର ଓ ଦକ୍ଷିଣ ଏସିଆ ସେଭେନ-ଏ-ସାଇଡ୍ ରଗ୍‌ବୀ ଲାଗି ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଉଜବେକିସ୍ତାନର ତାସ୍‌କେଣ୍ଟଠାରେ ମେ ୧୬ ଓ ୧୭ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ। ଉଭୟ ଖେଳାଳି ଜାତୀୟ କୋଚିଂ ଶିବିରରେ ସାମିଲ ଥିଲେ। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ଗଣେଶ ଓ ଯୁଗଳଙ୍କୁ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

■ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

## ରାଉରକେଲା, ଭୁବନେଶ୍ୱର-ବି’ ବିଜୟୀ

ଭୁବନେଶ୍ୱର,୧୨।୫(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତାରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ରାଉରକେଲା ୮ ୱିକେଟରେ କଟକ-ବି’କୁ ହରାଇଦେଇଛି। ରାଉରକେଲାର ରେହାନ ଖାନ୍ ଓ ସ୍ୱରୂପ ପୂର୍ତ୍ତି ୩ଟି ଲେଖାଏଁ ୱିକେଟ ନେଇଥିଲେ। ସେହିପରି ଖୋର୍ଦ୍ଧାରେ ଖେଳାଯାଇଥିବା ମ୍ୟାଚ୍‌ରେ ଭୁବନେଶ୍ୱର-ବି’ ୧୪୧ ରନ୍‌ରେ ସମ୍ବଲପୁର-ଏ’କୁ ପରାସ୍ତ କରିଛି। ବିଜୟୀ ଦଳର ଶ୍ଲୋକ ଏସ୍ ନାୟକ ୪ଟି ୱିକେଟ ନେଇଥିଲାବେଳେ ଅନୁରାଗ ସାମନ୍ତରାୟ ୭୯ ଓ ଇଶାନ ମହାପାତ୍ର ୫୮ ରନ୍ କରିଥିଲେ। ଅନ୍ୟ ମୁକାବିଲା ମଧ୍ୟରୁ ନୟାଗଡ ୭ ୱିକେଟରେ ଗଜପତିକୁ, ପାରାଦୀପ ୭ ୱିକେଟରେ କଳାହାଣ୍ଡିକୁ, ସୁନ୍ଦରଗଡ ୧୦ ରନ୍‌ରେ କନ୍ଧମାଳକୁ, କେନ୍ଦ୍ରାପଡ଼ା ୭ ୱିକେଟରେ ନବରଙ୍ଗପୁରକୁ, ସମ୍ବଲପୁର-ବି’ ୨୦ ରନ୍‌ରେ ବୌଦ୍ଧକୁ, ଦେବଗଡ ୯୦ ରନ୍‌ରେ ଯାଜପୁରକୁ ଓ କିଟ୍ ୨୧ ରନ୍‌ରେ ରାୟଗଡ଼ାକୁ ପରାସ୍ତ କରିଛି।

## ରାଣାଙ୍କୁ ୫ ୱିକେଟ, ସାଣ୍ଟୋ ଶ୍ରେଷ୍ଠ ଖେଳାଳି

# ପାକିସ୍ତାନକୁ ପ୍ରଥମ ଟେଷ୍ଟରେ ହରାଇଲା ବାଂଲାଦେଶ



ଢାକା,୧୨।୫(ଏଜେନ୍ସି): ନାହିଦ୍ ରାଣାଙ୍କ ଘାତକ ବୋଲିଂ ବଳରେ ଏଠାରେ ମଙ୍ଗଳବାର ଶେଷ ହୋଇଥିବା ପ୍ରଥମ ଟେଷ୍ଟରେ ବାଂଲାଦେଶ ୧୦୪ ରନ୍‌ରେ ପାକିସ୍ତାନକୁ ପରାସ୍ତ କରିଛି। ଏହା ଫଳରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ବାଂଲାଦେଶ ୧-୦ରେ ଆଗୁଆ ରହିଛି। ବାଂଲାଦେଶର ପ୍ରଥମ ଇନିଂସରେ ୧୦୧ ଓ ଦ୍ୱିତୀୟ ଇନିଂସରେ ୮୭ ରନ୍ କରିଥିବା ନାଜମୋଲ ହୋସେନ ସାଣ୍ଟୋଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସିରିଜ୍‌ର ଦ୍ୱିତୀୟ ତଥା ଶେଷ ଟେଷ୍ଟ ମେ’ ୧୬ରୁ ଆରମ୍ଭ ହେବ। ଏହି ଟେଷ୍ଟରେ ବାଂଲାଦେଶ ଆଜି ଦ୍ରୁତଗତିରେ ରନ୍ ସଂଗ୍ରହ କରିବା ସହ ୯ୱିକେଟରେ ୨୪୦ ରନ୍ କରି ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଫଳରେ ପ୍ରଥମ ଇନିଂସର ୨୭ ରନ୍‌ର ଅଗ୍ରଣୀକୁ ମିଶାଇ ବାଂଲାଦେଶ ଭ୍ରମଣକାରୀ ପାକିସ୍ତାନ ଆଗରେ ୨୬୮ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ପାକିସ୍ତାନ ଦ୍ୱିତୀୟ ଇନିଂସରେ ୧୬୩ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଅବ୍‌ଦୁଲା ଫଜଲଙ୍କ ୬୬ ରନ୍‌କୁ ବାଦ୍ ଦେଲେ ଅନ୍ୟ କେହି ବେଶି ସମୟ ତିଷ୍ଠି ନ ଥିଲେ। ପାକିସ୍ତାନ ଦ୍ୱିତୀୟ ଇନିଂସରେ ବାଂଲାଦେଶ ପକ୍ଷରୁ ନାହିଦ୍ ରାଣା ସର୍ବାଧିକ ୫ଟି, ତାଇଜୁଲ ଇସ୍‌ଲାମ୍ ଓ ତସ୍କିନ ଅହମ୍ମଦ୍ ୨ଟି ଲେଖାଏଁ ୱିକେଟ ପାଇଥିଲେ।

## କ୍ରିକେଟ ଇତିହାସର ଅବିଶ୍ୱସନୀୟ ରେକର୍ଡ

# ଗୋଟିଏ ଦଳ ୮୨୨ ରନ କରି ୭୯୪ ରନରେ ମ୍ୟାଚ୍ ଜିତିଲା

ନୂଆଦିଲ୍ଲୀ,୧୨।୫(ଏଜେନ୍ସି): କ୍ରିକେଟ ମେଇଦାନରେ ଏମିତି ଏକ ଘଟଣା ଘଟିଛି ଯାହାକୁ ବିଶ୍ୱାସ କରିବା କଷ୍ଟକର। ଜିମ୍ବାୱେର ଘରୋଇ କ୍ରିକେଟ ଲିଗ୍‌ରେ ଏକ ଦଳ ନିର୍ଦ୍ଧାରିତ ୫୦ ଓଭରରେ ମାତ୍ର ୪ଟି ୱିକେଟ ହରାଇ ୮୨୨ ରନ୍‌ର ଏକ ବିଶାଳ ସ୍କୋର ଛିଡ଼ା କରିଛି। କେବଳ ସେତିକି ନୁହେଁ, ଏହି ମ୍ୟାଚ୍‌ରେ ବିଜୟୀ ଦଳ ୭୯୪ ରନ୍‌ର ଏକ ବଡ଼ ବ୍ୟବଧାନରେ ଜିତି ଇତିହାସ ରଚିଛି। ଜିମ୍ବାୱେର ଘରୋଇ କ୍ରିକେଟ୍‌ରେ ଏକ ଆଶ୍ଚର୍ଯ୍ୟଜନକ ରେକର୍ଡ ଦେଖିବାକୁ ମିଳିଛି। ‘ସ୍କର୍ପିଅନ କ୍ରିକେଟ୍ କ୍ଲବ୍’ ଏବଂ ‘ମିଥେନ୍ ଲାୟନ୍ସ’ ମଧ୍ୟରେ ଖେଳାଯାଇଥିବା ଏକ ୫୦ ଓଭରିଆ ମ୍ୟାଚ୍‌ରେ ରନ ବର୍ଷା ହୋଇଛି।

ପ୍ରଥମେ ବ୍ୟାଟିଂ କରି ସ୍କର୍ପିଅନ କ୍ଲବ୍ ୪ ଉଇକେଟ୍ ହରାଇ ୮୨୨ ରନ୍‌ର ଏକ ବିଶାଳ ସ୍କୋର ଛିଡ଼ା କରିଛି। ଦଳ ପକ୍ଷରୁ ତାକୁଣ୍ଡା ମାଡେମ୍ବ୍ରୋ ମାତ୍ର ୧୪୩ ବଲ୍‌ରୁ ୩୦୨ ରନ୍‌ର ଏକ ବିସ୍ଫୋରକ ଇନିଂସ ଖେଳିଥିବା ବେଳେ ୱିନଫେଡ୍ ମୁଟେଣ୍ଡେ ୭୫ ବଲ୍‌ରୁ ୨୦୩ ରନ୍ ସଂଗ୍ରହ କରିଥିଲେ। ଦଳର ରନ୍ ହାର ଓଭର ପିଛା ୧୬.୪୪ ରହିଥିଲା। ଏହି ବିଶାଳ ଲକ୍ଷ୍ୟର ପିଛା କରିବାକୁ ଓହ୍ଲାଇଥିବା ମିଥେନ୍ ଲାୟନ୍ସ ମାତ୍ର ୨୮ ରନ୍‌ରେ ୭ଟି ଉଇକେଟ୍ ହରାଇଥିଲା। ଫଳରେ ସ୍କର୍ପିଅନ କ୍ଲବ୍ ୭୯୪ ରନ୍‌ର ଏକ ଐତିହାସିକ ବିଜୟ ହାସଲ କରି ଇତିହାସ ସୃଷ୍ଟି କରିଥିଲା। ଲିଷ୍ଟ-ଏ କ୍ରିକେଟ୍‌ରେ ଏପର୍ଯ୍ୟନ୍ତ ସର୍ବାଧିକ ସ୍କୋର ରେକର୍ଡ ଭାରତୀୟ ଦଳ ବିହାର (୫୭୪/୬) ନାମରେ ରହିଥିଲା, ମାତ୍ର ଏହି ଘରୋଇ ମ୍ୟାଚ୍‌ର ସ୍କୋର ସମସ୍ତ ପୁରୁଣା ରେକର୍ଡକୁ ପଛରେ ପକାଇ ଦେଇଛି।

## ଫିଫା ବିଶ୍ୱକପ୍: ବ୍ରାଜିଲ ଦଳରେ ନେମାର

ବ୍ରାସିଲିଆ,୧୨।୫(ଏଜେନ୍ସି): ଆମେରିକା, ମେକ୍ସିକୋ ଓ କାନାଡାରେ ଆସନ୍ତା ଜୁନ୍ ଓ ଜୁଲାଇ ମାସରେ ଖେଳାଯିବାକୁ ଥିବା ଫିଫା ପୁରୁଷ ବିଶ୍ୱକପ୍ ଲାଗି ବ୍ରାଜିଲ ତାହାର ୫୦ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରିଛି। ଆଘାତ ଜନିତ କାରଣରୁ ଗତ ୩ ବର୍ଷ ହେଲା ଜାତୀୟ ଦଳ ଲାଗି ଖେଳି ନ ଥିବା ଫରୱାର୍ଡ ଖେଳାଳି ନେମାରଙ୍କୁ ଏହି ଦଳରେ ସାମିଲ କରିଛି। ଅନ୍ୟତମ ବରିଷ୍ଠ ଖେଳାଳି ତଥା ପୂର୍ବତନ ଅଧିନାୟକ ଥିଆଗୋ ସିଲ୍‌ଭାଙ୍କୁ ମଧ୍ୟ କୋଚ୍ କାର୍ଲୋ ଆନ୍‌ସେଲୋଟି ସାମିଲ କରିଛନ୍ତି। ବ୍ରାଜିଲ ଫିଫା ବିଶ୍ୱକପ୍ ଗ୍ରୁପ୍-ସି’ରେ ମରକ୍କୋ, ହାଇତି ଓ ସ୍କଟଲାଣ୍ଡ ସହ ସ୍ଥାନ ପାଇଛି। ଜୁନ୍ ୧୬ ତାରିଖରେ ବ୍ରାଜିଲ ତାହାର ପ୍ରଥମ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।

### ଆର୍ଜେଣ୍ଟିନା ଦଳରେ ମେସି

ରିଓ ଡି ଜାନେଇରୋ: ୨୦୨୨ରେ ଦଳର ନେତୃତ୍ୱ ନେଇ ଆର୍ଜେଣ୍ଟିନାକୁ ଚାମ୍ପିଅନ କରାଇଥିବା ଲିଓନେଲ ମେସିଙ୍କୁ ଫିଫା ବିଶ୍ୱକପ୍ ସମ୍ଭାବ୍ୟ ଦଳରେ କୋଚ୍ ଲିଓନେଲ ସ୍କୋଲାନି ସାମିଲ କରିଛନ୍ତି। ତେବେ ମେସି ବିଶ୍ୱକପ୍ ଖେଳିବେ କି ନାହିଁ ତାହା ତାଙ୍କ ଉପରେ ଛାଡିଦିଆଯାଇଛି। ୫୫ଜଣିଆ ଦଳରେ ପାଓଲୋ ଡାଇବାଲାଙ୍କୁ ସ୍ଥାନ ମିଳିନାହିଁ। ଗ୍ରୁପ୍-ଜେ’ରେ ଆଲଜେରିଆ, ଅଷ୍ଟ୍ରିଆ ଓ ଜୋର୍ଡାନ ସହ ସ୍ଥାନ ପାଇଛି ଆର୍ଜେଣ୍ଟିନା। ଜୁନ୍ ୧୬ରେ ଆଲଜେରିଆ ସହ ଖେଳି ଆର୍ଜେଣ୍ଟିନା ତାହାର ଅଭିଯାନ ଆରମ୍ଭ କରିବ।

## ଆଇପିଏଲ୍ ୨୦୨୬

# ପ୍ଲେ-ଅଫ୍‌ରେ ୪ଟି ସ୍ଥାନ ପାଇଁ ୮ ଦଳ ଆଶାୟୀ

ନୂଆଦିଲ୍ଲୀ,୧୨।୫(ଏଜେନ୍ସି)



ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଲିଗ୍ ପର୍ଯ୍ୟାୟର ଶେଷ ହେବାକୁ ଆଉ ମାତ୍ର ୧୫ଟି ମ୍ୟାଚ୍ ବାକି ଥିବାବେଳେ ଏପର୍ଯ୍ୟନ୍ତ କୌଣସି ଦଳ ପ୍ଲେ-ଅଫ୍ ପାଇଁ ନିଜ ସ୍ଥାନ ପକ୍କା କରିନାହାନ୍ତି। କିନ୍ତୁ ଏହା ମଧ୍ୟରେ ଦୁଇଟି ଦଳ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ଏବଂ ଲକ୍ଷ୍ନୌ ସୁପର୍ ଜାଏଣ୍ଟସ (ଏଲ୍‌ଏସ୍‌ଜି) ଏହି ଦୌଡ଼ରୁ ବାଦ୍ ପଡ଼ିଛନ୍ତି। ଟୁର୍ଣ୍ଣାମେଣ୍ଟରେ ଏବେ ତିଷ୍ଠି ରହିଥିବା ୮ଟି ଦଳ ପ୍ଲେ ଅଫ୍‌ର ୪ଟି ସ୍ଥାନ ଲାଗି ପରସ୍ପର ମଧ୍ୟରେ ଲଢ଼େଇ କରିବେ। ଆସନ୍ତା ୧୨ ଦିନ ଆଇପିଏଲ୍‌ର ପ୍ରତ୍ୟେକ ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ। ରନ୍ ରେଟ୍ ଏବଂ ଦଳଗୁଡ଼ିକ ମଧ୍ୟରେ ପରସ୍ପର ବିରୋଧରେ ଥିବା ମ୍ୟାଚ୍ ହିଁ ଚୂଡ଼ାନ୍ତ ଦଳର ଭାଗ୍ୟ ନିର୍ଦ୍ଧାରଣ କରିବ। ବେଙ୍ଗାଲୁରୁ, ଗୁଜରାଟ ଓ ହାଇଦରାବାଦ୍ ବର୍ତ୍ତମାନ ସୁବିଧାଜନକ ସ୍ଥିତିରେ ରହିଥିବା ଜଣାପଡୁଛି। ଅନ୍ୟପଟେ ମେ ୨୪ରେ ହେବାକୁ ଥିବା ଶେଷ ଲିଗ୍ ମ୍ୟାଚ୍ ପର୍ଯ୍ୟନ୍ତ ରୋମାଞ୍ଚ ଜାରି ରହିବ ବୋଲି ଆଶା କରାଯାଉଛି। ଯଦି ପାଞ୍ଚଟି ଦଳ ୧୮ ପଏଣ୍ଟ ଲେଖାଏଁ ପାଆନ୍ତି, ତେବେ ‘ନେଟ୍ ରନ୍ ହାର’ ହିଁ ଭାଗ୍ୟ ନିର୍ଦ୍ଧାରଣ କରିବ। ଏହି କ୍ଷେତ୍ରରେ ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ ଅନ୍ୟ ଦଳ ଅପେକ୍ଷା ଆଗରେ ଅଛନ୍ତି।

### ଆଇପିଏଲ୍ ପଏଣ୍ଟ ଟେବୁଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ଗୁଜରାଟ | ୧୨ | ୮ | ୪ | ୦ | ୧୬ | +୦.୫୫୧ |
| ବେଙ୍ଗାଲୁରୁ | ୧୧ | ୭ | ୪ | ୦ | ୧୪ | +୧.୧୦୩ |
| ହାଇଦରାବାଦ | ୧୨ | ୭ | ୫ | ୦ | ୧୪ | +୦.୩୩୧ |
| ପଞ୍ଜାବ | ୧୧ | ୬ | ୪ | ୧ | ୧୩ | +୦.୪୨୮ |
| ଚେନ୍ନଇ | ୧୧ | ୬ | ୫ | ୦ | ୧୨ | +୦.୧୮୫ |
| ରାଜସ୍ଥାନ | ୧୧ | ୬ | ୫ | ୦ | ୧୨ | +୦.୦୮୨ |
| କୋଲକାତା | ୧୦ | ୪ | ୫ | ୧ | ୯ | -୦.୧୬୯ |
| ଦିଲ୍ଲୀ | ୧୨ | ୫ | ୭ | ୦ | ୧୦ | -୦.୯୯୩ |
| ମୁମ୍ବଇ (ଏ) | ୧୧ | ୩ | ୮ | ୦ | ୬ | -୦.୫୮୫ |
| ଲକ୍ଷ୍ନୌ (ଏ) | ୧୧ | ୩ | ୮ | ୦ | ୬ | -୦.୯୦୭ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

**୧ ବେଙ୍ଗାଲୁରୁ**
ସ୍ଥିତି : ୧୧ ମ୍ୟାଚରୁ ୧୪ ପଏଣ୍ଟ (ପ୍ରଥମ ସ୍ଥାନ)।
ସୁଯୋଗ : ଆରସିବି ବର୍ତ୍ତମାନ ତାଲିକା ଶୀର୍ଷରେ ରହିଛି। ବାକି ୩ଟି ମ୍ୟାଚରୁ ୨ଟି ଜିତିଲେ ପ୍ଲେ-ଅଫ୍ ପ୍ରାୟ ନିଶ୍ଚିତ। ସେମାନଙ୍କର ରନ୍ ରେଟ୍ (+୧.୧୦୩) ସବୁଠାରୁ ଭଲ ଅଛି।

**୨/୩ ହାଇଦରାବାଦ ଓ ଗୁଜରାଟ**
ସ୍ଥିତି : ଉଭୟ ଦଳ ୧୧ ମ୍ୟାଚରୁ ୧୪ ପଏଣ୍ଟ ପାଇଛନ୍ତି।
ସୁଯୋଗ : ଯଦି ଏହି ଦଳଗୁଡ଼ିକ ୧୮ ପଏଣ୍ଟରେ ପହଞ୍ଚନ୍ତି, ତେବେ ପ୍ଲେ-ଅଫ୍ ସୁଯୋଗ ଅଧିକ ରହିବ। ହାଇଦରାବାଦ୍’ର ରନ୍ ରେଟ୍ (+୦.୭୩୭) ଅଧିକ ଥିବାରୁ ସେମାନଙ୍କୁ ଶୀର୍ଷ ୨ରେ ରହିବାରେ ସାହାଯ୍ୟ କରିପାରେ।

**୪ ପଞ୍ଜାବ କିଙ୍ଗ୍‌ସ**
ସ୍ଥିତି : ୧୧ ମ୍ୟାଚରୁ ୧୩ ପଏଣ୍ଟ।
ସୁଯୋଗ : ପ୍ରଥମ ୭ଟି ମ୍ୟାଚ୍ ଜିତିବା ପରେ କ୍ରମାଗତ ୪ଟି ମ୍ୟାଚ୍ ହାରି ପଞ୍ଜାବ ଏବେ ଚତୁର୍ଥ ସ୍ଥାନକୁ ଖସି ଆସିଛି। ବାକି ୩ଟି ମ୍ୟାଚ୍ ମଧ୍ୟରୁ ୨ଟି ଜିତିଲେ ସେମାନେ ୧୭ ପଏଣ୍ଟରେ ପହଞ୍ଚିବେ।

**୫/୬ ଚେନ୍ନଇ ଓ ରାଜସ୍ଥାନ**
ସ୍ଥିତି : ଉଭୟ ଦଳ ୧୧ ମ୍ୟାଚରୁ ୧୨ ପଏଣ୍ଟ ପାଇଛନ୍ତି।
ସୁଯୋଗ : ଚେନ୍ନଇ ସୁପର କିଙ୍ଗ୍‌ସ ଭଲ ଫର୍ମରେ ଥିବା ବେଳେ ରାଜସ୍ଥାନ ରୟାଲ୍ସ କ୍ରମାଗତ ପରାଜୟ ଯୋଗୁଁ ଷଷ୍ଠ ସ୍ଥାନକୁ ଖସିଛି। ଉଭୟ ଦଳକୁ ଯୋଗ୍ୟତା ଅର୍ଜନ ପାଇଁ ବାକି ସମସ୍ତ ୩ଟି ଲେଖାଏଁ ମ୍ୟାଚ୍ ଜିତିବାକୁ ପଡ଼ିବ।

**୭ କୋଲକାତା (କେକେଆର୍)**
ସ୍ଥିତି : ୧୦ ମ୍ୟାଚରୁ ୯ ପଏଣ୍ଟ।
ସୁଯୋଗ : କେକେଆର ହାତରେ ଏବେ ବି ୪ଟି ମ୍ୟାଚ୍ ବାକି ଅଛି। ଯଦି ସେମାନେ ସମସ୍ତ ମ୍ୟାଚ୍ ଜିତି ୧୭ ପଏଣ୍ଟ ପାଆନ୍ତି, ତେବେ ପ୍ଲେ-ଅଫ୍ ସୁଯୋଗ ବହୁତ ଅଧିକ ରହିବ।

**୮ ଦିଲ୍ଲୀ କ୍ୟାପିଟାଲ୍ସ**
ସ୍ଥିତି : ୧୨ ମ୍ୟାଚରୁ ୧୦ ପଏଣ୍ଟ।
ସୁଯୋଗ : ଦିଲ୍ଲୀ ପାଇଁ ପ୍ଲେ-ଅଫ୍ ରାସ୍ତା ସବୁଠାରୁ କଷ୍ଟକର। ସେମାନଙ୍କୁ ବାକି ୨ଟି ମ୍ୟାଚ୍ ବଡ଼ ବ୍ୟବଧାନରେ ଜିତିବା ସହ ଅନ୍ୟ ଦଳର ପରାଜୟ ଉପରେ ନିର୍ଭର କରିବାକୁ ପଡ଼ିବ।

ବି.ଦ୍ର.- ଆଜି ହାଇଦରାବାଦ୍ ଓ ଗୁଜରାଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଫଳାଫଳକୁ ବିଚାରକୁ ନିଆଯାଇନାହିଁ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS